# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୯/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, March 29/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୨୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 123 ମୂଲ୍ୟ ₹୭/-



DSPL-523

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ,
ଓଡ଼ିଶା ସରକାର

WSC WORLD SKILL CENTER
ବିଶ୍ୱ ଦକ୍ଷତା କେନ୍ଦ୍ର

## ବିଶ୍ୱ ସ୍ତରରେ ଟ୍ରେଣ୍ଡ୍ ସେଟର୍ ହୁଅନ୍ତୁ

ଆମର ଉନ୍ନତମାନର ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତୁ । ବିଶ୍ୱ ସ୍ତରରେ ଚାକିରୀ ତଥା ସ୍ୱରୋଜଗାରର ସୁଯୋଗ ଏବେ ଆପଣଙ୍କ ହାତ ମୁଠାରେ ।

## ୨୦୨୩-୨୪ ପାଇଁ ନାମ ଲେଖାନ୍ତୁ



**ପ୍ରଦାନ କରାଯାଉଥିବା ପାଠ୍ୟକ୍ରମ**

- ବିୟୁଟି ୱେଲନେସ୍ ଓ ସ୍ପା
- ହେୟାର୍ ଫେସନ୍ ଓ ଡିଜାଇନ୍

**ଯୋଗ୍ୟତା:** +୨ କିମ୍ବା ଯେକୌଣସି କ୍ଷେତ୍ରରେ ଡିପ୍ଲୋମା

**ଅବଧି:** ୧ ବର୍ଷ

**ସୂଚନା:** ଖାଇବା, ରହିବା ଓ ୟୁନିଫର୍ମ ରାଜ୍ୟ ସରକାରଙ୍କ ଦ୍ୱାରା ବହନ କରାଯିବ ।

OIPR-44009/13/0045/2223

**ବିଶ୍ୱ ଦକ୍ଷତା କେନ୍ଦ୍ର**

- ଆନ୍ତର୍ଜାତିକ ମାନର ଉପକରଣ
- ବିଦେଶରେ କୃତି ଛାତ୍ର ଛାତ୍ରୀଙ୍କ ପାଇଁ ଇଂଟର୍ନଶିପ୍‌ର ସୁଯୋଗ
- ବିସ୍ତୃତ ପାଠ୍ୟକ୍ରମ
- ବୈଦେଶିକ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶିକ୍ଷିତ ଶିକ୍ଷକ
- ଅତ୍ୟାଧୁନିକ ସୁବିଧା

Skilled in ODISHA

ଆବେଦନ ଗ୍ରହଣ
**ଶେଷ ତାରିଖ**
୨୧ ଅପ୍ରେଲ୍ ୨୦୨୩

ନାମଲେଖା ସମ୍ବନ୍ଧିତ କୌଣସି ପ୍ରଶ୍ନ ଥିଲେ, ସଂପର୍କ କରନ୍ତୁ

୧୮୦୦ ୨୬୬ ୬୦୦୨

ଏଥିରେ ଆବେଦନ କରନ୍ତୁ
www.worldskillcenter.org/admissions

ଆବେଦନ ପାଇଁ ଏହାକୁ ସ୍କାନ୍ କରନ୍ତୁ

**ବିଶ୍ୱ ଦକ୍ଷତା କେନ୍ଦ୍ର**
ଟାୱାର ୨୦୧୦, ବ୍ଲକ-ବି, ସେକ୍ଟର-ଏ,
ମଂଚେଶ୍ୱର ଶିଳ୍ପାଂଚଳ, ଭୁବନେଶ୍ୱର,
ଓଡ଼ିଶା-୭୫୧୦୦୭

## ୱେ୍ରର୍ ହାଉସ୍‌ରେ ନିଆଁ: ୧୧ ମୃତ

ଚାଇନାର ହେବେଇ ପ୍ରଦେଶରେ ଥିବା ଏକ ୱେ୍ରର୍ ହାଉସ୍‌ରେ ସୋମବାର ନିଆଁ ଲାଗିବା ଫଳରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଯାଞ୍ଚ କାର୍ଯ୍ୟ ଆରମ୍ଭ ହୋଇଛି।

### ସଂକ୍ଷେପରେ

## ଧନ୍‌କର, ରିଜିଜୁଙ୍କ ବିରୋଧରେ ସୁପ୍ରିମକୋର୍ଟ ଗଲା ବମ୍ବେ ଓକିଲ ସଂଘ

**ନୂଆଦିଲ୍ଲୀ, ୨୮।୩(ପି.ଟି.):** ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ଏବଂ କେନ୍ଦ୍ର ଆଇନମନ୍ତ୍ରୀ କିରେନ ରିଜିଜୁ ଦେଶର ନ୍ୟାୟପାଳିକା ଏବଂ ବିଚାରପତି ନିଯୁକ୍ତି ଲାଗି ରହିଥିବା କଲେଜିୟମ ବ୍ୟବସ୍ଥା ଉପରେ ଦେଇଥିବା ମନ୍ତବ୍ୟ ବିରୋଧରେ ବମ୍ବେ ଓକିଲ ସଂଘ ମଙ୍ଗଳବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ସେମାନେ ଧନ୍‌କର ଏବଂ ରିଜିଜୁଙ୍କ ବିରୋଧରେ ଦାଏର କରିଥିବା ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ବମ୍ବେ ହାଇକୋର୍ଟ ଖାରଜ କରିଦେଇଥିଲେ। ସମ୍ବିଧାନର ଅନୁଚ୍ଛେଦ ୨୨୬ ଅନୁଯାୟୀ ଲିଖିତ ଭାବେ ନ୍ୟାୟାଧିକାର କ୍ଷେତ୍ର ଲାଗୁ କରିବାକୁ ଏହା ଉପଯୁକ୍ତ ମାମଲା ନୁହେଁ ବୋଲି ହାଇକୋର୍ଟ କହିଥିଲେ। ଏହାକୁ ଓକିଲ ସଂଘ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ଧନ୍‌କର ଏବଂ ରିଜିଜୁ ସେମାନଙ୍କ ମନ୍ତବ୍ୟରୁ ସମ୍ବିଧାନ ପ୍ରତି ସେମାନଙ୍କର ବିଶ୍ୱାସ ନ ଥିବା ସ୍ପଷ୍ଟ ହେଉଛି ବୋଲି ଓକିଲ ସଂଘ ଅଭିଯୋଗ କରିଛନ୍ତି। ତେଣୁ ଧନ୍‌କର ଉପରାଷ୍ଟ୍ରପତି ଭାବେ ଏବଂ ରିଜିଜୁ କେନ୍ଦ୍ର ମନ୍ତ୍ରୀ ଭାବେ ଦାୟିତ୍ୱ ନ ତୁଲାଇବା ପାଇଁ ନିର୍ଦ୍ଦେଶ ଦେବାକୁ ପିଟିଶନରେ ନିବେଦନ କରାଯାଇଛି।

## ବସ୍ ଦୁର୍ଘଟଣା: ୨୦ ମୃତ

**ରିଆଧ, ୨୮।୩:** ସାଉଦି ଆରବର ଦକ୍ଷିଣାଞ୍ଚଳରେ ଥିବା ଅସିର ହାଇୱେରେ ତୀର୍ଥଯାତ୍ରୀଙ୍କୁ ନେଇ ଯାଉଥିବା ଏକ ବସ୍ ସୋମବାର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୨୦ ଜଣଙ୍କ ମୃତ୍ୟୁ ଘଟିଛି। ଯାତ୍ରୀମାନଙ୍କୁ ନେଇ ପବିତ୍ର ସହର ମକ୍କା ଯାଉଥିବା ବସ୍‌ଟି ଏକ ବ୍ରିଜ୍‌ରେ ପିଟି ହୋଇଥିଲା। ପରେ ବସ୍‌ରେ ନିଆଁ ଲାଗିବା ଯୋଗୁ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୯ ଜଣ ଆହତ ହୋଇଛନ୍ତି। ମୃତକମାନେ ଅନ୍ୟ ଦେଶର ହୋଇଥିବା ଜଣାପଡ଼ିଛି।

## ଠକ କିରଣ ପଟେଲଙ୍କ ସ୍ତ୍ରୀ ଗିରଫ

**ଅହମଦାବାଦ୍, ୨୮।୩:** ଅହମଦାବାଦର ଶିଲାଜ ଅଞ୍ଚଳରେ ଥିବା ଏକ ବଙ୍ଗଳା ହଡ଼ପ କରିବା ଅଭିଯୋଗରେ ଠକ କିରଣ ପଟେଲଙ୍କ ସ୍ତ୍ରୀ ମାଲିନୀ ପଟେଲଙ୍କୁ ମଙ୍ଗଳବାର ପୋଲିସ ଗିରଫ କରିଛି। କିରଣ ନିଜକୁ ରିୟଲଇଷ୍ଟେଟ୍ ବିଜ୍‌ନେସ୍‌ମ୍ୟାନ୍‌ର ପରିଚୟ ଦେଇ ବଙ୍ଗଳା ମରାମତି ଲାଗି ମାଲିକ ଜଗଦିଶଙ୍କଠାରୁ ୩୫ ଲକ୍ଷ ଟଙ୍କା ନେଇଥିଲେ। ଘର ମରାମତି ଆଳରେ ପଟେଲ ଦମ୍ପତି ବଙ୍ଗଳାରେ ରହିଥିଲେ। ଜଗଦିଶ ବିରୋଧ କରିବା ପରେ ସେମାନେ ଜଗଦିଶଙ୍କୁ ଟଙ୍କା ନ ଫେରାଇ ବଙ୍ଗଳା ଛାଡ଼ି ପଳାଇଥିବା ପୋଲସ କହିଛି। ନିଜକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଉଚ୍ଚାଧିକାରୀ ପରିଚୟ ଦେଇ କିରଣ ଏକାଧିକ ଥର କଡ଼ା ସୁରକ୍ଷା ଭିତରେ ଜମ୍ମୁ-କଶ୍ମୀର ଭ୍ରମଣ କରିଥିବା ଅଭିଯୋଗ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା।

## ଜାପାନରେ ଭୂକମ୍ପ

**ଟୋକିଓ, ୨୮।୩:** ଜାପାନର ଉତ୍ତରାଞ୍ଚଳରେ ମଙ୍ଗଳବାର ୬.୧ ତୀବ୍ରତା ବିଶିଷ୍ଟ ଭୂକମ୍ପ ଅନୁଭୂତ ହୋଇଥିବା ଜାତୀୟ ଜଳବାୟୁ ଏଜେନ୍ସି ପକ୍ଷରୁ କୁହାଯାଇଛି। ଭୂକମ୍ପ ପରେ ସ୍ଥାନୀୟ ଅଞ୍ଚଳରେ ସୁନାମି ଆଶଙ୍କା ନ ଥିବା ଜଣାପଡ଼ିଛି। ସକାଳ ୬ଟା ୧୮ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିବାବେଳେ ଏହାର ଗଭୀରତା ୨୦ କି.ମି. ବୋଲି ଜାପାନ ପାଣିପାଗ ଏଜେନ୍ସି ସୂଚନା ଦେଇଛି। ପ୍ରଶାସନ ପକ୍ଷରୁ ଏମର୍ଜେନ୍ସି ଡ୍ରିଲ୍ ସାଙ୍ଗକୁ ଭୂକମ୍ପ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

## ୟୁକ୍ରେନ୍‌ଫେରନ୍ତା ଡାକ୍ତରୀ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସୁଯୋଗ

**ନୂଆଦିଲ୍ଲୀ, ୨୮।୩:** ବିନା କୌଣସି ମେଡିକାଲ କଲେଜ୍‌ରେ ନାମ ନ ଲେଖାଇ ୟୁକ୍ରେନ୍ ଫେରନ୍ତା ଭାରତୀୟ ମେଡିକାଲ ଛାତ୍ରୀଛାତ୍ରଙ୍କୁ ଫାଇନାଲ୍ ପରୀକ୍ଷା କ୍ଲିୟର୍ କରିବାକୁ ଥରୁଟିଏ ସୁଯୋଗ ମିଳିବ। ଛାତ୍ରୀଛାତ୍ର ଉଭୟ ଥିଓରି ଏବଂ ପ୍ରାକ୍ଟିକାଲ୍ ପରୀକ୍ଷା ଦେଇପାରିବେ ବୋଲି ମଙ୍ଗଳବାର କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଯୋଗୁ ପାଖାପାଖି ୧୮,୦୦୦ ଛାତ୍ରୀଛାତ୍ର ଭାରତ ଫେରିଛନ୍ତି। ତେବେ ନିଜ ଦେଶରେ ମେଡିକାଲ ଡିଗ୍ରୀ ପୂର୍ଣ୍ଣ କରିବା ଲାଗି ସେମାନେ ଆଗ୍ରହୀ ଥିବା କହିଛନ୍ତି।

# ୧୮ ଫାର୍ମା କମ୍ପାନୀ ଲାଇସେନ୍ସ ରଦ୍ଦ

### ବିଷାକ୍ତ, ଅପମିଶ୍ରିତ ଔଷଧ ପ୍ରସ୍ତୁତି



ବିଷାକ୍ତ, ଅପମିଶ୍ରିତ ଔଷଧ ପ୍ରସ୍ତୁତି ଏବଂ ଗୁଡ୍ ମାନୁଫାକ୍ଚରିଂ ପ୍ରାକ୍ଟିସ୍ (ଜିଏମ୍‌ପି) ଉଲ୍ଲଂଘନ ଅଭିଯୋଗରେ ମଙ୍ଗଳବାର ଭାରତର ୧୮ଟି ଫାର୍ମା କମ୍ପାନୀର ଲାଇସେନ୍ସ ରଦ୍ଦ କରାଯାଇଛି। ଏହାବାଦ୍ ୨୬ଟି ଔଷଧ ପ୍ରସ୍ତୁତକାରୀ କମ୍ପାନୀକୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଥିବା ସରକାରୀ ସୂତ୍ରରୁ ପ୍ରକାଶ। ୨୦ ରାଜ୍ୟରେ ଥିବା ୭୬ଟି କମ୍ପାନୀର ଔଷଧକୁ ନେଇ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିଜିସିଆଇ) ପକ୍ଷରୁ ୧୫ ଦିନ ଧରି ଆକସ୍ମିକ ପରିଦର୍ଶନ ଓ ଯାଞ୍ଚ ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ତେବେ ଲାଇସେନ୍ସ ରଦ୍ଦ ହୋଇଥିବା କମ୍ପାନୀଗୁଡ଼ିକର ନାମ ଅଦ୍ୟାବଧି ପ୍ରକାଶ କରାଯାଇ ନାହିଁ। ସୂତ୍ରରୁ ଜଣାପଡ଼ିଛି ଯେ, ଏକ ସ୍ୱତନ୍ତ୍ର ଅଭିଯାନରେ ଔଷଧ ନିୟନ୍ତ୍ରକମାନେ ୨୦୩ଟି କମ୍ପାନୀକୁ ଚିହ୍ନଟ କରିଥିଲେ। ସେଗୁଡ଼ିକରୁ ଅଧିକାଂଶ ହିମାଚଳ ପ୍ରଦେଶ (୭୦), ଉତ୍ତରାଖଣ୍ଡ (୪୫) ଓ ମଧ୍ୟପ୍ରଦେଶ (୨୩)ରେ ଅବସ୍ଥିତ। ନିକଟରେ ଭାରତରେ ଥିବା କମ୍ପାନୀଗୁଡ଼ିକରେ ନିର୍ମିତ ଔଷଧର ମାନକୁ ନେଇ ପ୍ରଶ୍ନବାଚୀ ଉଠିଥିଲା। ତାମିଲନାଡୁର ଗ୍ଲୋବାଲ ଫାର୍ମା ହେଲ୍‌ଥକେୟାର ନିର୍ମିତ ଆଇ ଡ୍ରପ୍ ଯୋଗୁ କେତେଜଣ ଦୃଷ୍ଟିଶକ୍ତି ହରାଇଥିବା ଅଭିଯୋଗ ଆସିଥିଲା। ଫଳରେ ଗତ ଫେବୃୟାରୀରେ ଉକ୍ତ କମ୍ପାନୀ ବଜାରରୁ ନିଜ ସମସ୍ତ ଆଇଡ୍ରପ୍‌କୁ ପ୍ରତ୍ୟାହାର କରିନେଇଥିଲା। ସେହିପରି ଗତବର୍ଷ ଭାରତରେ ପ୍ରସ୍ତୁତ କଫ୍ ସିରପ୍ ପିଇ ଗାମ୍ବିଆର ଅନେକ ଶିଶୁଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆସିଥିଲା। ଏହା ପରେ ଭାରତୀୟ କଫ୍ ସିରପ୍‌ଗୁଡ଼ିକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ମଧ୍ୟ ଚିନ୍ତାବ୍ୟକ୍ତ କରିଥିଲା।

# ବଲିଉଡ୍‌ରେ ସୁଯୋଗ ମିଳୁ ନ ଥିଲା


ପ୍ରିୟଙ୍କା ଚୋପ୍ରା

ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ମିଳୁ ନ ଥିବା ହଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି। ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ କାମ କରିବା ପରେ ମଧ ପ୍ରଯୋଜକମାନେ କାମ ନ ଦେବା କାରଣରୁ ସେ ଇଂଲିଶ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରିବା ନେଇ ନିଷ୍ପତ୍ତି ନେଇଥିଲେ। ବଲିଉଡ୍‌ରେ କାମକୁ ନେଇ କରାଯାଉଥିବା ଅଯଥା ରାଜନୀତି ପ୍ରିୟଙ୍କାଙ୍କୁ ନିରାଶ କରିଥିଲା। କାମ ପାଇଁ ତାଙ୍କୁ ଗୋମାଂସ ଖାଇବାକୁ ପଡ଼ିଥିବା ସେ କହିଛନ୍ତି। କମେଡି ପଡ୍‌କାଷ୍ଟ 'ଆର୍ମଚେୟାର ଏକ୍ସପର୍ଟ' କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ପୁରସ୍କାର ବିଜେତା ପ୍ରିୟଙ୍କା କହିଥିଲେ, ଜଣେ ସିରିୟସ୍ ଆକ୍ଟ୍ରେସ୍ ହେବା ସତ୍ତ୍ୱେ ତାଙ୍କୁ ମେଗା ଫିଲ୍ମରେ କାମ କରିବାର ସୁଯୋଗ ମିଳୁ ନ ଥିଲା। ଶେଷରେ ସେ ଅଭିନୟ ଛାଡ଼ି ହଲିଉଡ୍ ସଙ୍ଗୀତ ଦୁନିଆରେ କ୍ୟାରିୟର୍ ଆରମ୍ଭ କରିବା କଥା ଚିନ୍ତା କଲେ। ୨୦୧୨ରେ ଏସ୍‌ଏଞ୍ଜେଲ୍ସରେ ସେ ତାଙ୍କ ମ୍ୟୁଜିକାଲ୍ କ୍ୟାରିୟର ଆରମ୍ଭ କଲେ। 'ଇନ୍ ମାଇ ସିଟି' ଏବଂ 'ଏଜୋଟିକ୍' ମ୍ୟୁଜିକ୍ ଭିଡିଓ ହିଟ୍ ହେବା ପରେ ପ୍ରିୟଙ୍କା ହଲିଉଡ୍‌ରେ କାମ କରିବାକୁ ଆଗ୍ରହ ବଳାଇଥିଲେ। ତେବେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରି ଲୋକଙ୍କ ଅପେକ୍ଷା ହଲିଉଡ୍ ଲୋକଙ୍କ ନିକଟରେ ସେ ଅଧିକ ନିରାପଦ ଅନୁଭବ କରିଥିବା କହିଛନ୍ତି।

# ବାଚସ୍ପତିଙ୍କ ବିରୋଧରେ ଆସିପାରେ ଅନାସ୍ଥା ପ୍ରସ୍ତାବ

### କଂଗ୍ରେସର ମନ୍ତ୍ରଣା


ଲୋକ ସଭା ବାଚସ୍ପତି ଓମ୍ ବିର୍ଲା

**ନୂଆଦିଲ୍ଲୀ, ୨୮।୩**

ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ କରାଯିବା ପରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ କଂଗ୍ରେସ ଯୋଜନା ଚଳାଇଛି। ଏଥିପାଇଁ ବିରୋଧୀ ଦଳଗୁଡ଼ିକ ସହ କଂଗ୍ରେସ ଆଲୋଚନା କରିବ। କଂଗ୍ରେସ ଏମ୍‌ପିମାନଙ୍କ ବୈଠକରେ ଏହି ପ୍ରସ୍ତାବ ରଖାଯାଇଥିଲା ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସୋମବାର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ବିରୋଧୀ ଦଳ ନେତାମାନଙ୍କ ବୈଠକ ଡାକିଥିଲେ। ଉଦ୍ଧବ ଠାକ୍‌ରେଙ୍କ ଶିବସେନା ସହ ୧୯ଟି ବିରୋଧୀ ଦଳ କଂଗ୍ରେସ ସହ ରହିଥିବା ଏହାର ସାଧାରଣ ସମ୍ପାଦକ ଜୟରାମ ରମେଶ ମଙ୍ଗଳବାର କହିଛନ୍ତି।

### ଘରଛାଡ଼ ନୋଟିସକୁ ଅନୁପାଳନ କରିବି: ରାହୁଲ

ଅନ୍ୟପକ୍ଷେ ରାହୁଲଙ୍କୁ ସରକାରୀ ବଙ୍ଗଳା ଛାଡ଼ିବା ପାଇଁ ଲୋକ ସଭା ସଚିବାଳୟ ନୋଟିସ୍ ପଠାଇଥିବାବେଳେ ମଙ୍ଗଳବାର ସେ ଏହାର ଜବାବ ଦେଇଛନ୍ତି। ସେ ନୋଟିସକୁ ଅନୁପାଳନ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏଭଳି ନୋଟିସ ପାଇଁ ସରକାରଙ୍କୁ କଂଗ୍ରେସ ସମାଲୋଚନା କରିଛି। ତାଙ୍କ ନେତାଙ୍କୁ ଅପମାନିତ କରାଯାଇଥିବା କଂଗ୍ରେସ ଅଭିଯୋଗ କରିଛି। ଏକ ମାନହାନି ମାମଲାରେ ରାହୁଲ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ହୋଇଯାଇଛି। ଏପ୍ରିଲ ୨୨ ସୁଦ୍ଧା ସରକାରୀ ବଙ୍ଗଳା ଖାଲି କରିବାକୁ ସୋମବାର ତାଙ୍କୁ ନୋଟିସ ଜାରି କରାଯାଇଥିଲା। ୨୦୦୫ରୁ ରାହୁଲ ୧୨, ତୋଗଲକ୍ ଲେନ୍‌ସ୍ଥିତ ସରକାରୀ ବଙ୍ଗଳାରେ ରହିଆସୁଥିଲେ।

## ସାବରକର ମନ୍ତବ୍ୟ: ହସ୍ତକ୍ଷେପ କଲେ ପାୱାର


ରାହୁଲ ଗାନ୍ଧୀ


ଶରଦ ପାୱାର

**ନୂଆଦିଲ୍ଲୀ, ୨୮।୩(ପି.ଟି.)**

ବିନାୟକ ଦାମୋଦର ସାବରକରଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମାଲୋଚନାକୁ ନେଇ ମହାରାଷ୍ଟ୍ର ବିକାଶ ଅଘାଡ଼ି ମେଣ୍ଟ ଭାଙ୍ଗିବା ଆଶଙ୍କା ପ୍ରକାଶ ପାଇଥିଲା। ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ଏଥିରେ ହସ୍ତକ୍ଷେପ କରିବା ସହ ଶିବସେନାର ଅସନ୍ତୋଷ ସମ୍ପର୍କରେ କଂଗ୍ରେସ ନେତୃତ୍ୱକୁ ଜଣାଇ ଦେଇଥିଲେ। ସାବରକର ମନ୍ତବ୍ୟକୁ ନେଇ ମହାରାଷ୍ଟ୍ର ମେଣ୍ଟ ସହଯୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବାରୁ କଂଗ୍ରେସ ଏଭଳି ସମାଲୋଚନା ନ କରିବାକୁ ରାଜି ହୋଇଛି। ସୋମବାର ସନ୍ଧ୍ୟାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଡାକିଥିବା ବିରୋଧୀ ନେତାଙ୍କ ବୈଠକରେ ପାୱାର ଉପରୋକ୍ତ ପ୍ରସଙ୍ଗ ଉଠାଇଥିଲେ। ସାବରକରଙ୍କୁ ଟାର୍ଗେଟ କରାଯିବା ମହାରାଷ୍ଟ୍ରରେ ବିରୋଧୀ ମେଣ୍ଟ ପାଇଁ ସହାୟକ ହେବନାହିଁ ବୋଲି ସେ ସ୍ପଷ୍ଟ କହିଥିଲେ। ବୈଠକରେ ବିରୋଧୀ ନେତାମାନଙ୍କ ସହ ସୋନିଆ ଗାନ୍ଧୀ ଓ ରାହୁଲ ଉପସ୍ଥିତ ଥିଲେ। ବିରୋଧୀ ଦଳଗୁଡ଼ିକର ପ୍ରକୃତ ଲଢ଼େଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ସହିତ। ସାବରକର ଆର୍‌ଏସ୍‌ଏସ୍ ସଦସ୍ୟ ନ ଥିଲେ ବୋଲି ରାହୁଲଙ୍କୁ ଏନ୍‌ସିପି ନେତା କହିଥିଲେ। ସୂଚନାଯୋଗ୍ୟ, ଲଣ୍ଡନରେ ରାହୁଲ ଭାରତର ଗଣତନ୍ତ୍ରକୁ ନେଇ ଦେଇଥିବା ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ବୋଲି ଭାଜପା ଦାବି କରିଥିଲା। ସେ ସାବରକର ନୁହନ୍ତି ଯେ କ୍ଷମା ମାଗିବେ ବୋଲି ରାହୁଲ କହିଥିଲେ। ସ୍ୱାଧୀନତା ସଂଗ୍ରାମୀ ସାବରକରଙ୍କ ପ୍ରତି କୌଣସି ଅପମାନକୁ ତାଙ୍କ ଦଳ ବରଦାସ୍ତ କରିବ ନାହିଁ ବୋଲି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କହିବା ସହ ରାହୁଲଙ୍କୁ ସମାଲୋଚନା କରିଥିଲେ।

## ରାହୁଲଙ୍କ ମାମଲା ଉପରେ ଆମେରିକାର ନଜର


ବେଦାନ୍ତ ପଟେଲ

**ୱାଶିଂଟନ୍, ୨୮।୩**

ଭାରତୀୟ ଅଦାଲତରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମାମଲା ଉପରେ ଆମେରିକାର ନଜର ରହିଛି। ଅଭିବ୍ୟକ୍ତି ସ୍ୱାଧୀନତା, ଗଣତାନ୍ତ୍ରିକ ସିଦ୍ଧାନ୍ତ ଓ ମାନବାଧିକାର ସୁରକ୍ଷା ସମ୍ପର୍କିତ ପ୍ରତିଶ୍ରୁତିବଦ୍ଧତା ଉପରେ ଭାରତ ସହ ଆମେରିକା ଯୋଗସୂତ୍ର ରଖିଛି। ଆମେରିକାର ପରରାଷ୍ଟ୍ର ବିଭାଗ ଉପମୁଖପାତ୍ର ବେଦାନ୍ତ ପଟେଲ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। 'ସବୁ ମୋଦି ଚୋର' ମନ୍ତବ୍ୟ ସମ୍ପର୍କିତ ଆପରାଧିକ ମାମଲାରେ ୨ ବର୍ଷ ଜେଲ ଦଣ୍ଡାଦେଶ ପାଇ ରାହୁଲ ଲୋକ ସଭା ସଦସ୍ୟତା ହରାଇବା ପ୍ରସଙ୍ଗରେ ଗୁଜରାଟ ଜନ୍ମିତ ବେଦାନ୍ତ ଆହୁରି କହିଛନ୍ତି, ଦେଶର ଆଇନ ଓ ନ୍ୟାୟପାଳିକାର ସ୍ୱାଧୀନତା ହେଉଛି ଗଣତନ୍ତ୍ରର ଆଧାରଶିଳା। ରାହୁଲଙ୍କ ବିରୋଧରେ ଚାଲିଥିବା ମାମଲା ଉପରେ ଆମେ ନଜର ରଖିଛୁ ଏବଂ ଭାରତ ସରକାରଙ୍କ ସହ ଯୋଗାଯୋଗ କରୁଛୁ।

# ପ୍ରବାସୀ ଅଟକ କେନ୍ଦ୍ରରେ ନିଆଁ: ୩୯ ମୃତ


ଜଣେ ଆହତ ପ୍ରବାସୀଙ୍କୁ ଉଦ୍ଧାରକାରୀ ଦଳ ହସ୍ପିଟାଲକୁ ନେଉଛନ୍ତି।

**ମେକ୍ସିକୋ ସିଟି, ୨୮।୩**

ଆମେରିକା ସୀମା ନିକଟରେ ଥିବା ମେକ୍ସିକୋ ପ୍ରବାସୀ ଅଟକ କେନ୍ଦ୍ରରେ ନିଆଁ ଲାଗି ୩୯ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରବାସୀ ଅଟକ କେନ୍ଦ୍ରରେ ଏଭଳି ଅଗ୍ନି ଦୁର୍ଘଟଣା ପ୍ରଥମ ବୋଲି କୁହାଯାଉଛି। ସୋମବାର ବିଳମ୍ବିତ ରାତିରେ ଅଟକ କେନ୍ଦ୍ର ଶୟନ କକ୍ଷରେ ନିଆଁ ଲାଗିଥିଲା। ୩୯ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୨୯ ଜଣ ଗୁରୁତର ଆହତ ହୋଇଥିବା ଜାତୀୟ ପ୍ରବାସୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଅଗ୍ନିକାଣ୍ଡ ବେଳେ ଉକ୍ତ କେନ୍ଦ୍ରରେ କେନ୍ଦ୍ରୀୟ ଓ ଦକ୍ଷିଣ ଆମେରିକାରୁ ୬୮ ଜଣ ପ୍ରବାସୀ ଅଟକ ଥିଲେ। ନିଆଁ ଲାଗିବାର କାରଣ ସମ୍ପର୍କରେ ତଦନ୍ତ ଚାଲିଛି। ପ୍ରବାସୀମାନଙ୍କୁ ସହାୟତା ଯୋଗାଇଦେବା ଲାଗି ଜାତୀୟ ମାନବାଧିକାର ଆୟୋଗ ଆହ୍ୱାନ ଦେଇଛନ୍ତି।

# ଅତିକ୍ ଅହମଦଙ୍କୁ ଆଜୀବନ ଜେଲ

### ଉମେଶ ପାଲ୍ ଅପହରଣ ମାମଲା



**ଲକ୍ଷ୍ନୌ, ୨୮।୩**

ବିଏସ୍‌ପି ବିଧାୟକ ରାଜୁ ପାଲ୍ ହତ୍ୟା ମାମଲାର ସାକ୍ଷୀ ଉମେଶ ପାଲ୍‌ଙ୍କୁ ଅପହରଣ ମାମଲାରେ ଗ୍ୟାଙ୍ଗଷ୍ଟରରୁ ରାଜନେତା ପାଲଟିଥିବା ଅତିକ୍ ଅହମଦ ଓ ତାଙ୍କର ଦୁଇ ସହଯୋଗୀଙ୍କୁ ଆଜୀବନ ଜେଲଦଣ୍ଡାଦେଶ ହୋଇଛି। ପ୍ରୟାଗରାଜର ଏମ୍‌ପି/ଏମ୍‌ଏଲ୍‌ଏ କୋର୍ଟ ମଙ୍ଗଳବାର ଏହି ଦଣ୍ଡ ଶୁଣାଇଛନ୍ତି। ଏଥିସହିତ ସେମାନଙ୍କ ଉପରେ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଲାଗୁ କରାଯାଇଛି। ତଥ୍ୟ ପ୍ରମାଣ ଅଭାବରୁ ଅତିକ୍‌ଙ୍କ ଭାଇ ଅଶ୍ରଫ୍‌ଙ୍କ ସମେତ ଅନ୍ୟ ୭ ଅଭିଯୁକ୍ତଙ୍କୁ ଅଦାଲତ ଦୋଷମୁକ୍ତ କରିଦେଇଛନ୍ତି। ୨୦୦୭ରେ ଉମେଶ ପାଲ୍‌ଙ୍କୁ ଅପହରଣ କରାଯାଇଥିଲା। ଏନେଇ ଅତିକ୍‌ଙ୍କ ସମେତ ଦିନେଶ ପାସି ଓ ଖାନ୍ ଶୌକତ ହନିଫ୍‌ଙ୍କୁ କୋର୍ଟ ଦୋଷୀସାବ୍ୟସ୍ତ କରିଥିଲେ। ପୂର୍ବରୁ ଏହି ମାମଲାରେ ସୁରକ୍ଷା ପାଇଁ ଅତିକ୍ କରିଥିବା ଆବେଦନରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଥିଲେ। ତାଙ୍କୁ ଉତ୍ତରପ୍ରଦେଶର ଏକ ଜେଲକୁ ସ୍ଥାନାନ୍ତର କରାଯାଇଥିବାରୁ ଏଥିରେ ଭୟ ଆଶଙ୍କା କରି ସେ ସୁରକ୍ଷା ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଆପତ୍ତି ଅଭିଯୋଗ ସହ ହାଇକୋର୍ଟରେ ପିଟିଶନ ଦାଏର କରିବାକୁ ସର୍ବୋଚ୍ଚ ଅଦାଲତ ଅତିକ୍‌ଙ୍କ ଓକିଲଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ବିଏସ୍‌ପି ନେତା ରାଜୁ ପାଲ୍‌ଙ୍କୁ ୨୦୦୫ରେ ହତ୍ୟା କରାଯାଇଥିଲା। ଉମେଶ ଏହାର ପ୍ରତ୍ୟକ୍ଷଦର୍ଶୀ ଥିଲେ। ଉମେଶଙ୍କୁ ଅପହରଣ ଘଟଣାରେ ଅତିକ୍, ତାଙ୍କ ଭାଇ ଅଶ୍ରଫ୍ ମୁଖ୍ୟ ଅଭିଯୁକ୍ତ ଥିବାବେଳେ ଅତିକ୍‌ଙ୍କ ସ୍ତ୍ରୀ ଶୈଷ୍ଟା, ପୁଅ ଅସାଦ ଓ ଅନ୍ୟ ସହଯୋଗୀ ସମ୍ପୃକ୍ତ ଥିଲେ। ଉମେଶଙ୍କ ହତ୍ୟା ପରଠୁ ଶୈଷ୍ଟା ଓ ଅସାଦ୍ ଫେରାର ହୋଇଯାଇଛନ୍ତି। ରାୟକୁ ଉମେଶଙ୍କ ପରିବାର ସ୍ୱାଗତ କରିଛି।

ADMISSION OPEN ADMISSION OPEN
MARUTI PHARMACY COLLEGE
BARGARH
(Kurla Road, Barahgoda)
COURSE OFFERED
D.PHARMA
(Management Seat)
SESSION-2022-23
CONTACT: 9438066954/ 7605930501
Sd./- Principal

### ଘୃଣା ମନ୍ତବ୍ୟ

# କେବଳ ଏଫ୍‌ଆଇଆର୍ ସମାଧାନ ନୁହେଁ

**ନୂଆଦିଲ୍ଲୀ, ୨୮।୩**



ଘୃଣା ମନ୍ତବ୍ୟକୁ ଶପଥ ପୂର୍ବକ ପରିତ୍ୟାଗ କରିବା ଦେଶରେ ସାମ୍ପ୍ରଦାୟିକ ସହାବସ୍ଥାନ ପାଇଁ ମୌଳିକ ଆବଶ୍ୟକତା। କେବଳ ଏଫ୍‌ଆଇଆର୍ କରିଦେଲେ ଘୃଣା ମନ୍ତବ୍ୟର ସମାଧାନ ହେବନାହିଁ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଥିସହ ଏହି ପ୍ରସଙ୍ଗରେ କ'ଣ ସବୁ ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ବି.ଭି. ନାଗରତ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଘୃଣା ମନ୍ତବ୍ୟ ବିରୋଧରେ ଦାଖଲ ଏକ ଆବେଦନର ଶୁଣାଣି କରି କହିଛନ୍ତି, କେବଳ ଏଫ୍‌ଆଇଆର୍ କରିଦେଲେ ଏଭଳି ସମସ୍ୟାର ସମାଧାନ ହୋଇପାରିବ ନାହିଁ। ମାମଲା ରୁଜୁ ପରେ କି ପଦକ୍ଷେପ ନିଆଯାଇଛି ବୋଲି କେନ୍ଦ୍ର ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ଖଣ୍ଡପୀଠ ଜବାବ ମାଗିଛନ୍ତି। ତୁଷାର କହିଥିଲେ, ହେଟ୍ ସ୍ପିଚ୍ ସମ୍ପର୍କିତ ୧୮ଟି ଏଫ୍‌ଆଇଆର୍ ହୋଇଛି। ତୁଷାର ଓ ଅତିରିକ୍ତ ସଲିସିଟର ଜେନେରାଲ କେ.ଏମ୍. ନଟରାଜଙ୍କ ଆପତ୍ତି ସତ୍ତ୍ୱେ ଖଣ୍ଡପୀଠ ଏହା ଉପରେ ଆସନ୍ତା ବୁଧବାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଛନ୍ତି।

### କେନ୍ଦ୍ରକୁ ପଦକ୍ଷେପ ରିପୋର୍ଟ ମାଗିଲେ ସୁପ୍ରିମକୋର୍ଟ



DHARITRI
ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୨୯/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, March 29/2023 | Page 16 | ପୃଷ୍ଠା-୧



## ଚନ୍ଦନ କୁମାରଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀରେ ଅନୁଷ୍ଠିତ ୨୦ତମ ଜାତୀୟ ସିନିୟର ପାରା ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ଚନ୍ଦନ କୁମାର ବେହେରା ବ୍ରୋଞ୍ଜ ପଦକ ଜିତିଛନ୍ତି।

୧୨

୦୮

## ୧୦ କୋଟିର କାର୍ କିଣିଲେ ଶାହରୁଖ

ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ ନିକଟରେ ମହଙ୍ଗା କାର୍ ରୋଲ୍ସ-ରୋଏସ କୁଲିନାନ ବ୍ଲାକ ବ୍ୟାଜ କିଣିଥିବା ଏକ ଭିଡିଓ ସାମ୍ନାକୁ ଆସିଛି।



# କୋଭିଡ୍ ଟିକା ନେଇ ଓଡ଼ିଶାରେ ୫୦ ମୃତ୍ୟୁ

ନୂଆଦିଲ୍ଲୀ,୨୮।୩

ମହାମାରୀ କୋଭିଡ୍ ମୁକାବିଲା ପାଇଁ ଟିକାକରଣ ଉପରେ କେନ୍ଦ୍ର ସରକାର ଜୋର୍ ଦେଉଥିଲେ। କିନ୍ତୁ କୋଭିଡ୍-୧୯ ଟିକା ନେବା ପରେ ଭାରତରେ ୧୧୫୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୫୦ ଜଣ ହେଉଛନ୍ତି ଓଡ଼ିଶାର। କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଭାରତୀ ପ୍ରବୀଣ ପାୱାର ଗତ ୨୪ ତାରିଖରେ ଲୋକ ସଭାକୁ ଏହି ମୃତ୍ୟୁସଂଖ୍ୟା ଅବଗତ କରାଇଛନ୍ତି। ଏହା ପୂର୍ବରୁ ଗତ ନଭେମ୍ବର ୨୯ରେ ସୁପ୍ରିମ୍‌କୋର୍ଟଙ୍କୁ ସତ୍ୟପାଠ ଜରିଆରେ କେନ୍ଦ୍ର ଜଣାଇଥିଲା ଯେ, କୋଭିଡ୍ ଟିକା ନେଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ସରକାରଙ୍କୁ ଦାୟୀ କରାଯାଇପାରିବ ନାହିଁ। 'କୋୱିନ୍' ପୋର୍ଟାଲ ସମେତ ବିଭିନ୍ନ ମାଧ୍ୟମରେ ଟିକା ନେବାକୁ ପ୍ରଚାର ପ୍ରସାର କରାଗଲା। ହେଲେ ଟିକା ନେବା ବ୍ୟକ୍ତିଙ୍କଠାରେ ଏକାଧିକ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେବା ଓ ମୃତ୍ୟୁ ଘଟିବା ପରେ ଥାର୍ଡ ପାର୍ଟି ଦ୍ୱାରା ତାହା ପ୍ରସ୍ତୁତ ହେଉଥିବା ଦର୍ଶାଇ ସରକାର ନିଜ ଉପରୁ ଦୋଷ ଖସାଇଦେଇଥିଲେ।

୨୦୨୦ ଜାନୁୟାରୀ ୨୭ରେ କେରଳସ୍ଥିତ ଥ୍ରିସୁରର ଜଣେ ୨୦ ବର୍ଷୀୟା ଛାତ୍ରୀ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଚାଇନାର ଉହାନ୍‌ରୁ ଫେରିଥିବା ଏହି ଯୁବତୀ ହେଉଛନ୍ତି ଭାରତର ପ୍ରଥମ କୋଭିଡ୍ ସଂକ୍ରମିତ। ସେବେଠୁ ଅଦ୍ୟାବଧି ଦେଶରେ ମହାମାରୀର ୩ଟି ଲହର ଆସିଲାଣି। କୋଭିଡ୍ ସଂକ୍ରମଣ ରୋକିବା ପାଇଁ ପ୍ରଥମେ ପ୍ରଭାବଶାଳୀ ଉପାୟ ନ ଥିଲା। ୨୦୨୧ ଜାନୁୟାରୀ ୨ରେ ଭାରତ ବାୟୋଟେକ୍‌ର କୋଭାକ୍ସିନ ବଜାରକୁ ଆସିଥିଲା। ଏହା ପରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିକଶିତ କୋଭିଶିଲ୍ଡ ସମେତ ଅନ୍ୟ ଟିକାଗୁଡ଼ିକ ଦେଶରେ ଉପଲବ୍ଧ ହୋଇଥିଲା। ସେବେଠୁ ୨୦୨୩ ମାର୍ଚ୍ଚ ୧୫ ସୁଦ୍ଧା ଦେଶରେ ଟିକା ନେଇଥିବା ଲୋକଙ୍କ ମଧ୍ୟରୁ ୧,୧୫୬ ଜଣଙ୍କ ମୃତ୍ୟୁ ଘଟିଲାଣି। ଟିକା ନେଇ ମୃତ୍ୟୁମୁଖରେ ପଡ଼ିଥିବା ଲୋକଙ୍କ ମଧ୍ୟରେ ଓଡ଼ିଶାର ୫୦ ଜଣ ଅଛନ୍ତି। ଏଥିସହ ଟିକାକରଣ ପରେ ଓଡ଼ିଶାର ଅନ୍ୟ ୧,୫୫୨ ଜଣ ଆଡ୍‌ଭର୍ସ ଇଭେଣ୍ଟସ୍ ଫଲୋଇଙ୍ଗ୍ ଇମ୍ୟୁନାଇଜେଶନ୍ (ଏଇଏଫ୍‌ଆଇ) ଦ୍ୱାରା ପ୍ରଭାବିତ ହୋଇଛନ୍ତି। ମାତ୍ର ୮୦ ଜଣଙ୍କଠାରେ ଟିକାର ଗମ୍ଭୀର ପାର୍ଶ୍ୱପ୍ରତିକ୍ରିୟା ଦେଖିବାକୁ ମିଳିଛି ବୋଲି ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ପାୱାର ଉତ୍ତରରେ ଦର୍ଶାଇଛନ୍ତି। ଟିକାକରଣ ପରେ ସର୍ବାଧିକ ମୃତ୍ୟୁ କେରଳରେ ଘଟିଛି। ଦକ୍ଷିଣ ଭାରତର ☞ପୃଷ୍ଠା-୨

## ଆଧାର-ପାନ୍ ଲିଙ୍କ୍ ସମୟସୀମା ଜୁନ୍ ୩୦କୁ ବୃଦ୍ଧି

ନୂଆଦିଲ୍ଲୀ, ୨୮।୩

ପାନ୍ କାର୍ଡ ସହ ଆଧାର ଲିଙ୍କ୍ ପାଇଁ ରହିଥିବା ସମୟସୀମାକୁ କେନ୍ଦ୍ର ସରକାର ମଙ୍ଗଳବାର ଚଳିତବର୍ଷ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ଏହି ସମୟସୀମା ୨୦୨୩ ମାର୍ଚ୍ଚ ୩୧ ଧାର୍ଯ୍ୟ ହୋଇଥିଲା। ଟିକସଦାତାମାନଙ୍କୁ ଅଧିକ କିଛି ସମୟ ଦେବା ଲାଗି ଆଧାର-ପାନ୍ ଲିଙ୍କ୍ ସମୟସୀମା ବୃଦ୍ଧି କରାଯାଇଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) କହିଛି। ଏହି ସମୟ ମଧ୍ୟରେ ପାନ୍ ସହ ଆଧାର ନମ୍ବର ସଂଯୋଗ ନ କଲେ ଏହାକୁ ଅକାମୀ କରିଦିଆଯିବ ବୋଲି ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଆୟକର ଆଇନର ସେକ୍ସନ ୧୩୯(ଏ)(ଏ) ଏବଂ ଆଧାର ଆଇନକୁ ଅନୁଧ୍ୟାନ କଲେ ସରକାର ଆଧାର-ପାନ୍ ସଂଯୋଗ ବାଧ୍ୟତାମୂଳକ କରିପାରିବେ ନାହିଁ। ଅନ୍ୟପକ୍ଷରେ ୨୦୨୨ ମାର୍ଚ୍ଚ ୩୧ ପୂର୍ବରୁ ଆଧାର-ପାନ୍ ଲିଙ୍କ୍ ମାଗଣାରେ କରାଯାଉଥିଲା। ୨୦୨୨ ଏପ୍ରିଲ ୧ରୁ ଏହିସଂଯୋଗ ପାଇଁ ୫୦୦ ଟଙ୍କା ଦେୟ ଧାର୍ଯ୍ୟ ହୋଇଥିଲା। ୨୦୨୨ ଜୁଲାଇ ୧ରୁ ଉକ୍ତ ଦେୟକୁ ୧,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା।

ଆଜିର ସମ୍ପାଦକୀୟ
ସାଶା

ମାଟି ଅତଡ଼ା ଧସି
୨ ମୃତ, ୨ ଗୁରୁତର
ପୃଷ୍ଠା ୨






## ପୁରୀରେ ଯାତ୍ରୀବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

ପୁରୀ ଅଫିସ,୨୮।୩

ପୁରୀ ରେଳ ଷ୍ଟେଶନ ନିକଟରେ ସୋମବାର ଅପରାହ୍ନରେ ଏକ ଅଘଟଣ ଘଟିଛି। ଗୁଣପୁର-ପୁରୀ ଏକ୍ସପ୍ରେସ ଟ୍ରେନଟି ସଂଟିଙ୍ଗ କରୁଥିବା ସମୟରେ ଦୁଇଟି ବଗି ଲାଇନ୍‌ଚ୍ୟୁତ ହୋଇଛି। ଅପରାହ୍ନ ପ୍ରାୟ ୨ଟା ୫୦ରେ ଗୁଣପୁର-ପୁରୀ ଏକ୍ସପ୍ରେସ ଟ୍ରେନ ନଂ. ୧୮୪୧୮ଟି ରେଳ ଷ୍ଟେଶନରେ ପହଞ୍ଚିବା ପରେ ଯାତ୍ରୀମାନେ ସବୁ ଓହ୍ଲାଇ ପଡ଼ିଥିଲେ। ପରେ ପ୍ରାୟ ଅପରାହ୍ନ ୩ଟାରୁ ୩ଟା ୩୦ମଧ୍ୟରେ ☞ପୃଷ୍ଠା-୨

## ଇପିଏଫ୍ ସୁଧହାର ୮.୧୫%କୁ ବୃଦ୍ଧି

**ନୂଆଦିଲ୍ଲୀ, ୨୮।୩:** କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ଭବିଷ୍ୟ ନିଧି ଜମା ଉପରେ ସୁଧହାର ୮.୧୫ ପ୍ରତିଶତ ଧାର୍ଯ୍ୟ କରିଛନ୍ତି। ୨୦୨୧-୨୨ ବର୍ଷରେ ଏହି ସୁଧହାର ୮.୧ ପ୍ରତିଶତ ଥିଲା, ଯାହାକି ୪ ଦଶନ୍ଧି ମଧ୍ୟରେ ସର୍ବନିମ୍ନ। ଇପିଏଫ୍‌ଓର ଶୀର୍ଷ ନୀତି ନିର୍ଦ୍ଧାରଣ ସଂସ୍ଥା କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ବୈଠକ ମଙ୍ଗଳବାର ବସି ୨୦୨୨-୨୩ ବର୍ଷ ଲାଗି ଇପିଏଫ୍ ସୁଧହାର ୮.୧୫ ପ୍ରତିଶତ ରଖିବା ଲାଗି ନିଷ୍ପତ୍ତି ନିଆଯାଇଛି। ୨୦୧୮-୧୯ରେ ଇପିଏଫ୍ ସୁଧହାର ୮.୬୫ ପ୍ରତିଶତ ଥିବାବେଳେ ୨୦୧୯-୨୦ରେ ତାହା ୮.୫ ପ୍ରତିଶତକୁ ହ୍ରାସ ପାଇଥିଲା। ଅବସରପ୍ରାପ୍ତ କର୍ମଚାରୀଙ୍କୁ ଅଧିକ ପେନ୍‌ସନ ଦେବା ଉପରେ ପଦକ୍ଷେପ ନେବା ଲାଗି ସୁପ୍ରିମକୋର୍ଟ ୨୦୨୨ ନଭେମ୍ବର ୪ରେ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ନିର୍ଦ୍ଦେଶନାମାର କାର୍ଯ୍ୟକାରିତା ସମ୍ପର୍କରେ ଇପିଏଫ୍‌ଓ ସୋମବାର ବୈଠକର ପ୍ରଥମ ଦିନରେ ଷ୍ଟାଟସ୍ ରିପୋର୍ଟ ଉପସ୍ଥାପନ କରିଥିଲା। ଅଦାଲତଙ୍କ ରାୟ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରମମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୋର୍ଡକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ରାଜ୍ୟରେ ୧୦ ବର୍ଷରେ ୨୯ ବାଘ ଶିକାର

ଭୁବନେଶ୍ୱର,୨୮।୩ (ବ୍ୟୁରୋ)

ଓଡ଼ିଶାରେ ଗତ ୧୦ ବର୍ଷ ଅର୍ଥାତ୍ ୨୦୧୨-୧୩ରୁ ୨୦୨୧-୨୨ ଭିତରେ ୨୯ ବାଘଙ୍କୁ ଶିକାରୀ ମାରିଛନ୍ତି। ସେଥିମଧ୍ୟରେ ୩ଟି ମହାବଳ, ୨୬ଟି କଲରାପତରିଆ ବାଘ ରହିଛନ୍ତି। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ ମଙ୍ଗଳବାର ବିଧାନସଭାରେ ଏହି ତଥ୍ୟ ଦେଇଛନ୍ତି। ଓଡ଼ିଶାରେ ବନ୍ୟଜନ୍ତୁଙ୍କ ଶିକାର କରି ଛାଲ, ଦାନ୍ତ, ନଖ ଆଦି ଚୋରାଚାଲାଣ ପାଇଁ ର୍‍ୟାକେଟ୍ ସକ୍ରିୟ ରହିଛି। ବନବିଭାଗ କାଁ ଭାଁ ଶିକାରୀଙ୍କୁ ଗିରଫ କରୁଥିବାବେଳେ ର୍‍ୟାକେଟ୍ ଚଳାଇଥିବା ବ୍ୟକ୍ତିଙ୍କଠାରେ ପହଞ୍ଚିପାରୁ ନ ଥିବା ବନ୍ୟପ୍ରାଣୀ ପ୍ରେମୀମାନେ ଅଭିଯୋଗ କରିଆସୁଛନ୍ତି। ୧୦ ବର୍ଷରେ ଯେଭଳି ବାଘଙ୍କ ମୃତ୍ୟୁ ଘଟିଛି ତା' ଜାରି ରହିଲେ ରାଜ୍ୟର ଚିଡ଼ିଆଖାନାରେ ସେମାନଙ୍କ ସଂଖ୍ୟା ସୀମିତ ରହିବ ବୋଲି କ୍ଷୋଭ ପ୍ରକାଶ ପାଇଛି।

ରାଜ୍ୟରେ ୨୮ଟି ମହାବଳ ଓ ୭୬୦ଟି କଲରାପତରିଆ ବାଘ ଅଛନ୍ତି। ୧୦ ବର୍ଷ ମଧ୍ୟରେ ୬ଟି ମହାବଳ ବାଘ ଓ ୪୯ କଲରାପତରିଆ ବାଘ ମରିଛନ୍ତି। ସେଥିରୁ ୩ଟି ମହାବାଘ ଏବଂ ୨୬ଟି କଲରାପତରିଆ ଶିକାରୀ ଦ୍ୱାରା ମରିଛନ୍ତି। ସେହିପରି ୧୦ ବର୍ଷରେ ୪୯ କଲରାପତରିଆ ବାଘ ମରିଥିବା ବେଳେ ୨୬ଟି ଶିକାରୀ ଦ୍ୱାରା ମରିଛନ୍ତି। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମଙ୍ଗଳବାର ବିଧାନସଭାରେ ମନ୍ତ୍ରୀ ଅମାତ ଏହି ସୂଚନା ଦେଇଛନ୍ତି। ତାରା ପଚାରିଥିଲେ, ରାଜ୍ୟରେ କେତେ ପ୍ରଜାତିର ବାଘ ରହିଛନ୍ତି, କେତେ ସଂଖ୍ୟକ ବାଘ ଗତ ୧୦ ବର୍ଷରେ ମୃତ୍ୟୁବରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ କେତୋଟି ବାଘ ଶିକାରୀଙ୍କ ଦ୍ୱାରା ଶିକାର ହୋଇଛନ୍ତି। ଏହାର ଜବାବରେ ମନ୍ତ୍ରୀ କହିଛନ୍ତି, ୨୦୧୮ ତଥ୍ୟ ଅନୁଯାୟୀ ଓଡ଼ିଶା ଜଙ୍ଗଲରେ ୨୮ଟି ମହାବଳ ବାଘ ଓ ୭୬୦ଟି କଲରାପତରିଆ ବାଘ ଅଛନ୍ତି। ବ୍ୟାଘ୍ରଙ୍କ ବଂଶବୃଦ୍ଧି ଓ ସୁରକ୍ଷା ପାଇଁ ୨ ଗୋଟି ବ୍ୟାଘ୍ର ପ୍ରକଳ୍ପ ଓ ଶିକାର ନିରୋଧକ ଶିବିର ପ୍ରତିଷ୍ଠା କରାଯାଇଥିବା ବେଳେ ସ୍ୱେଶାଲ ସ୍କ୍ୱାଡ୍ ମୁତୟନ, ଜଙ୍ଗଲରେ ପାଦଚଲା ପଇଁତରା, ତୃଣଭୋଜି ପ୍ରାଣୀଙ୍କ ବୃଦ୍ଧି ପାଇଁ ଚାରଣ ଭୂମିର ବିକାଶ, ଜଙ୍ଗଲ ନିଆଁର ପ୍ରତିରୋଧ ଭଳି ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ କହିଛନ୍ତି।

# ଗ୍ରୀଷ୍ମରେ ଦୁର୍ବିଷହ ହେବ ଜୀବନ

ନୂଆଦିଲ୍ଲୀ, ୨୮।୩

ଗତ ଫେବୃୟାରୀର ତାପମାତ୍ରା ୧୯୦୧ରୁ ସବୁଠାରୁ ଉତ୍ତପ୍ତମାସ ଭାବେ ରେକର୍ଡ କରାଯାଇଛି। ତେବେ ଆସନ୍ତା ସପ୍ତାହରୁ ଦେଶରେ ଗ୍ରୀଷ୍ମ ଲହରି ଆରମ୍ଭ ହେବା ସହ ତାପମାତ୍ରା ୫୦ ଡିଗ୍ରୀ ସେଲ୍‌ସିୟସ୍ ଛୁଇଁବ। ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ଜାତୀୟ ପାଣିପାଗ ବିଭାଗ ପକ୍ଷରୁ ଏହା କୁହାଯାଇଛି। ବଢୁଥିବା ତାପମାତ୍ରା ଯୋଗୁ ଜନଜୀବନ କଲବଲ ହେବା ସାଙ୍ଗକୁ ବ୍ୟାପକ ଫସଲହାନି ହେବା ନେଇ ଆଶଙ୍କା ଥିବା ବିଭାଗ କହିଛି।

ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଦେଶରେ ଗ୍ରୀଷ୍ମ ଲହରି ବଢ଼ିବା ନେଇ ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଯେଉଁମାନଙ୍କ ଘରେ ବାୟୁ ଚଳାଚଳ ନେଇ ସୁବ୍ୟବସ୍ଥା ନାହିଁ ଏବଂ ଏୟାର କଣ୍ଡିଶନ୍‌ର ସୁବିଧା ନାହିଁ ସେହିମାନେ ଗ୍ରୀଷ୍ମ ପ୍ରବାହଜନିତ ଅସୁବିଧାରେ ଅଧିକ ସମ୍ମୁଖୀନ ହେବେ। ଗୁଳୁଗୁଳି ଏବଂ ତାପମାତ୍ରା ବୃଦ୍ଧି ଜନସାଧାରଣଙ୍କ ପାଇଁ ଚିନ୍ତାର କାରଣ ପାଲଟିବ ବୋଲି ଜଳବାୟୁ ବିଜ୍ଞାନୀ କିରନ ହଣ୍ଟ କହିଛନ୍ତି। ଅଧିକ ଗରମ ଅନୁଭୂତ ହେଉଥିବା ଅଞ୍ଚଳଗୁଡ଼ିକ



- ତାପମାତ୍ରା ୫୦ ଡିଗ୍ରୀ ସେଲ୍‌ସିୟସ ଟପିବ
- ଫସଲହାନି, ଜଳ ସଙ୍କଟ ଦେଖାଯିବ
- ବିଳମ୍ବରେ ଆସିବ ମୌସୁମୀ

ସାହାରା ମରୁଭୂମି ଭଳି ଉତ୍ତପ୍ତ ହେବେ। ଗ୍ଲୋବାଲ୍ ୱାର୍ମିଂ ପାଇଁ ଖାଲି ଭାରତ ନୁହେଁ, ସାରା ବିଶ୍ୱବାସୀଙ୍କୁ ଗ୍ରୀଷ୍ମ ଲହରିଜନିତ ପୀଡ଼ା ଭୋଗିବାକୁ ପଡ଼ିବ। ଅନ୍ୟପକ୍ଷେ ବହୁ ସଂଖ୍ୟାରେ କଳକାରଖାନା ସ୍ଥାପନ ଏବଂ ଜଙ୍ଗଲ କ୍ଷୟ ତାପମାତ୍ରା ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଇପାରିବ। ଗ୍ରୀଷ୍ମ ଋତୁରେ ପ୍ରବାହିତ ଉତ୍ତପ୍ତ ଲହରି ଦୀର୍ଘ ସମୟ ପର୍ଯ୍ୟନ୍ତ ପ୍ରବାହିତ ହେବା ଯୋଗୁ ମୃତ୍ୟୁ ସଂଖ୍ୟା ବଢୁଥିବା ଜଣାପଡ଼ିଛି। ଲଗାତର କିଛି ବର୍ଷ ହେବ ଦେଶରେ ତାପମାତ୍ରା କ୍ରମାଗତ ଭାବେ ବଢ଼ିଚାଲିଛି। ଗତବର୍ଷ ମେ'ରେ ଉତ୍ତର ଭାରତରେ ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଥିଲା। ତାପମାତ୍ରା ବଢ଼ିବା ଯୋଗୁ ଅନେକ ଅଞ୍ଚଳରେ ମୃତ୍ତିକା ଶୁଖିଲା ପଡ଼ିବ। ଫସଲ ନଷ୍ଟ ହେବା ସାଙ୍ଗକୁ ଜଳ ସଙ୍କଟ ଦେଖାଯିବ। ଏଥିସହ ମୌସୁମୀ ବିଳମ୍ବରେ ଆସିବା ନେଇ ଅଶଙ୍କା ପ୍ରକଟ କରିଛନ୍ତି ବିଶେଷଜ୍ଞ।



**ଆଜିର ମନ୍ତବ୍ୟ**

"ପରିବାର ଦ୍ୱାରା ପରିଚାଳିତ ରାଜନୈତିକ ଦଳ ପରିବର୍ତ୍ତେ ଦେଶରେ ଭାଜପା ପାନ୍-ଇଣ୍ଡିଆ ପାର୍ଟି ହେବାକୁ ଚାହେଁ। ଲୋକଙ୍କ ଅସୁବିଧା ଦୂର କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ।"

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଡଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଡଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏକ ପୁଅରେ ଆଶ**
**ନଇକୂଳରେ ଚାଷ।**

ସାଧାରଣତଃ ଯେଉଁ ପିତାମାତାଙ୍କର ଗୋଟିଏ ପୁତ୍ର ସନ୍ତାନ ରହିଥାଏ, ସେମାନେ ସର୍ବଦା ଉକ୍ତ ସନ୍ତାନର ଭଲମନ୍ଦ ଦିଗ ପ୍ରତି ଆଶଙ୍କା ଗ୍ରସ୍ତ ହୋଇପଡ଼ିଥାନ୍ତି। ସେହିପରି ନଇକୂଳରେ ଚାଷ କରୁଥିବା ବ୍ୟକ୍ତିଙ୍କ ମନରେ ସର୍ବଦା ବନ୍ୟା ଆଶଙ୍କା ଲାଗି ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଏକା ଧାକଡ଼ ମଲା**
**ବାରଖଣ୍ଡ ପାଲି ବୁଡ଼ିଲା।**

ପ୍ରତିଷ୍ଠିତ ତଥା ବେଶ୍ ଜଣାଶୁଣା ମୁଖିଆ ବୋଲାଉଥିବା ଜଣେ ଲୋକର ମୃତ୍ୟୁ ପରେ ତାଙ୍କ ଅନୁଗତମାନେ ଅସହାୟ ହୋଇପଡ଼ିଥାନ୍ତି। ଅନୁଷ୍ଠାନର ମୁଖ୍ୟଙ୍କ ଅବର୍ତ୍ତମାନରେ ଅନ୍ୟ ସଦସ୍ୟମାନେ କିଂକର୍ତ୍ତବ୍ୟବିମୂଢ଼ ହେଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଡଗଡମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମାଟି ଅତଡ଼ା ଧସି ୨ ମୃତ, ୨ ଗୁରୁତର

କୋରାପୁଟ/ନନ୍ଦପୁର,୨୮।୩ (ସ୍ୱ.ପ୍ର)

ଘର ଲିପାପୋଛା ପାଇଁ ଆବଶ୍ୟକ ମାଟି ସଂଗ୍ରହ କରୁଥିବା ୪ ମହିଳାଙ୍କ ଉପରେ ଅତଡ଼ା ଧସିଯାଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ହୋଇଛନ୍ତି। କୋରାପୁଟ ଜିଲା ନନ୍ଦପୁର ଥାନା ହିକମପୁଟ ନିକଟ ଲେଞ୍ଜିପୁଟ ନାଳ ନିକଟରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ ଦଇମତି ହନ୍ତାଳ ଓ ଶଶି ହନ୍ତାଳ। ଆହତ ମୁକ୍ତା କିରିସାନି ଓ ଜ୍ୟୋତି ବଡ଼ନାୟକଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ଚିକିତ୍ସା କରାଯାଉଛି। ମୃତାହତ ମହିଳାଙ୍କ ଘର ଘଟଣାସ୍ଥଳ ନିକଟ ଘାଗଡ଼ାପଣ୍ଡି ଗାଁରେ।

ଖବରରୁ ଜଣାପଡିଛି, ମାଟି ଖୋଳୁଥିବା ବେଳେ ହଠାତ୍ ମାଟି ଅତଡା ଧସିବାରୁ ଶଶି ଓ ଦଇମତି ମାଟି ଭିତରେ ପୋତି ହୋଇ ଯାଇଥିଲେ। ଗୁରୁତର ହୋଇଥିବା ମୁକ୍ତା ଓ ଜ୍ୟୋତି ପାଟି କରିଥିଲେ। ସେମାନଙ୍କ ପାଟି ଶୁଣି ଆଖପାଖରେ ଥିବା ଲୋକେ ଘଟଣାସ୍ଥଳକୁ ଦୌଡ଼ି ଆସି ମାଟି ଭିତରୁ ଉଭୟଙ୍କୁ ବାହାର କରିଥିଲେ। ସେତେବେଳକୁ ଶଶି ଓ ଦଇମତୀଙ୍କ ମୃତ୍ୟୁ ହୋଇସାରିଥିଲା। ଖବର ପାଇ ନନ୍ଦପୁର ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତକ ଓ ଗୁରୁତରଙ୍କୁ ଉଦ୍ଧାରକରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ମୁକ୍ତା ଓ ଜ୍ୟୋତିଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ଲାଗି ପଠାଇଛି। ଅନ୍ୟପକ୍ଷରେ ଖବର ପାଇ ନନ୍ଦପୁର ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ଆରଆଇ ପାଣ୍ଡେଇ ମହାନ୍ତି, ବିଡିଓ ସୁଜିତ କୁମାର ମିଶ୍ର, ଜିପିଓ ବେଦାନ୍ତ ମାଝୀ, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର,ନନ୍ଦପୁର ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମୃତକଙ୍କ ପରିବାରକୁ ଭେଟି ଦଇମତିଙ୍କ ସ୍ୱାମୀ ଆଦୁ କନ୍ତେରି ଓ ଶଶୀଙ୍କ ଭାଇଙ୍କୁ ରେଡକ୍ରସ ତରଫରୁ ୧୦ ହଜାର ଲେଖାଏ ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଲେଖାଏ ସହାୟତା ପ୍ରଦାନ କରାଯାଇଛି। ନନ୍ଦପୁର ଥାନାରେ ଦୁଇ ପରିବାରର ଏତଲାକ୍ରମେ ୨ଟି ଅପମୃତ୍ୟୁ ମାମଲା ୬/୨୩ ଓ ୭/୨୩ ରୁଜୁ ହୋଇଛି।



ନାଳ ନିକଟରୁ ଅଗ୍ନିଶମ କର୍ମଚାରୀ ମହିଳାମାନଙ୍କୁ ଉଦ୍ଧାର କରି ନେଉଛନ୍ତି।

# ୩୦ରୁ ବଢ଼ିବ ବର୍ଷାର ପରିମାଣ

**ଭୁବନେଶ୍ୱର,୨୮।୩(ବ୍ୟୁରୋ):** ରାଜ୍ୟରେ ମଙ୍ଗଳବାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ବର୍ତ୍ତମାନ ବାୟୁମଣ୍ଡଳରେ ଦୁଇ ପ୍ରକାର ପାଣିପାଗ ନିୟାମକ ନଜରକୁ ଆସିଛି। ମରାଠାୱାଡ଼ାରୁ ଦକ୍ଷିଣ ତାମିଲନାଡୁ ଦେଇ ତେଲଙ୍ଗାନା ଓ ଆଭ୍ୟନ୍ତରୀଣ କର୍ଣାଟକ ଦେଇ ଏକ ନିମ୍ନଚାପରେଖା ସମୁଦ୍ର ପତ୍ତନରୁ ୦.୯ କି.ମି. ଉପରେ ଲମ୍ବିଥିବାବେଳେ ଆଉ ଏକ ନିମ୍ନଚାପରେଖା ବିହାରରୁ ବାହାରି ଦକ୍ଷିଣ ଛତିଶଗଡ଼ ଦେଇ ଝାଡ଼ଖଣ୍ଡ ଯାଏ ଲମ୍ବିଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଲାଗିରହିଛି। ଏହି କ୍ରମରେ ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ୮.୮ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, କଟକ, ପୁରୀ, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, ରାୟଗଡ଼ା ଓ ବୌଦ୍ଧ ଜିଲାରେ ବର୍ଷା ହୋଇଛି। ଆସନ୍ତା ୫ ଦିନ ଯାଏ ରାଜ୍ୟ ପାଣିପାଗରେ କିଛି ବିଶେଷ ପରିବର୍ତ୍ତନ ହେବ ନାହିଁ। ଦିନର ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀରୁ ୩୯ ଡିଗ୍ରୀ ମଧ୍ୟରେ ରହିବା ସମ୍ଭାବନା ଥିବାବେଳେ ପାଗ ମୁଖ୍ୟତଃ ଶୁଖିଲା ରହିବ। ୩୦ ତାରିଖରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବା ସହ ୩୧ରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷିପାରେ। ଉତ୍ତର ଉପକୂଳବର୍ତ୍ତୀ ୫ ଜିଲାରେ ବର୍ଷା ପରିମାଣ ୭ରୁ ୧୧ ସେମି ଯାଏ ରେକର୍ଡ ହେବା ସମ୍ଭାବନା ଥିବାବେଳେ ବାକି ସମସ୍ତ ଜିଲାରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ କିମି ଯାଏ ରହିବା ସମ୍ଭାବନା ଥିବାବେଳେ ସମୟ ସମୟରେ ଝଟକା ପବନ ୫୦ କିମି ଛୁଇଁପାରେ। ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଜାରି କରାଯାଇଥିବା ବୁଲେଟିନରୁ ପ୍ରକାଶ ଯେ, ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା କଟକ, ଜଗତସିଂହପୁର, ମୟୂରଭଞ୍ଜ, ଢ଼େଙ୍କାନାଳ ଓ ଖୋର୍ଦ୍ଧା ଆଦି ୧୦ ଜିଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି।

# କେନ୍ଦୁଝରରେ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର, (ବ୍ୟୁରୋ)/କେନ୍ଦୁଝର (ଡି.ଏନ୍.ଏ.) ୨୮।୩:** କେନ୍ଦୁଝରରେ କର୍ମଚାରୀ ଭବିଷ୍ୟନିଧି ସଙ୍ଗଠନ(ଇଏସ୍‌ଆଇସି)ର ନୂତନ କାର୍ଯ୍ୟାଳୟ କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ ଏବଂ ରୋଜଗାର ମନ୍ତ୍ରୀ ରାମେଶ୍ୱର ତେଲି, ସଚିବ ଆରତି ଆହୁଜା, କେନ୍ଦ୍ରୀୟ ଭବିଷ୍ୟନିଧି କମିଶନର ନିଲମ ସାମିରାଓ ଏବଂ କେନ୍ଦ୍ରୀୟ ନ୍ୟାସ ବୋର୍ଡର ସଦସ୍ୟଗଣ ଉପସ୍ଥିତ ଥିଲେ।

ଉଦ୍‌ଘାଟନ ପରେ ନୂତନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସଭାରେ କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ନୂତନ ଭବିଷ୍ୟନିଧି ଭବନ ସ୍ଥାନୀୟ ଉପଭୋକ୍ତା ଏବଂ ନିଯୁକ୍ତିଦାତାମାନଙ୍କର ଆର୍ଥିକ ତଥା ସାମାଜିକ ବିକାଶରେ ସାହାଯ୍ୟ କରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଭାରୀ ତଥା ଅତିରିକ୍ତ କେନ୍ଦ୍ରୀୟ ଭବିଷ୍ୟନିଧି ଆୟୁକ୍ତ ପି. ବୀରଭଦ୍ର ସ୍ୱାମୀ, ଆଞ୍ଚଳିକ ଭବିଷ୍ୟନିଧି କମିଶନର-୧ ପି.ବି. ବର୍ମା, ଆଞ୍ଚଳିକ ଭବିଷ୍ୟନିଧି କମିଶନର-୨ ତଥା କେନ୍ଦୁଝର କାର୍ଯ୍ୟାଳୟର ପ୍ରଭାରୀ ବିକାଶ ଆନନ୍ଦ ଏବଂ ସହାୟକ ଭବିଷ୍ୟନିଧି କମିଶନର ସଞ୍ଜୟ କୁମାର ରଥ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରବର୍ତ୍ତନ ଅଧିକାରୀ ଅଲେଖ ଚନ୍ଦ୍ର ସାହୁ ସଂଯୋଜନା କରିଥିବାବେଳେ ଲେଖା ଅଧିକାରୀ ଉତ୍ସବ ଚାନ୍ଦ ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କଠାରୁ ରାଜ୍ୟ ସରକାର ନୁହେଁ ଏଫ୍‌ସିଆଇ ଧାନ କିଣୁ

**ଭୁବନେଶ୍ୱର,୨୮।୩(ବ୍ୟୁରୋ):** ରାଜ୍ୟ ସରକାର ଧାନ କାହିଁକି କିଣୁଛନ୍ତି। ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଭାରତୀୟ ଖାଦ୍ୟ ନିଗମ(ଏଫ୍‌ସିଆଇ) ଧାନ କିଣିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଧାନ କିଣି ଚାଉଳ ନେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ କାହିଁକି ଚିଠି ଲେଖୁଛନ୍ତି। ମଙ୍ଗଳବାର ବିଧାନସଭା ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଚାଉଳ ପ୍ରସଙ୍ଗ ଉଠାଇ କହିଛନ୍ତି, ୨୦ ଲକ୍ଷ ମେଟ୍ରିକ ଟନ୍ ଚାଉଳ କିଣିବା ପାଇଁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କୁ ଧାନ କିଣିବା ପାଇଁ କିଏ କହିଲା। ଏଫ୍‌ସିଆଇକୁ ଧାନ କିଣିବା ପାଇଁ କାହିଁକି କୁହାଯାଉ ନାହିଁ। ରାଜ୍ୟ ସରକାରଙ୍କର କେଉଁଠି ଗୁଡ଼ କି ଚିନି ରହିଗଲା ଆଗେଇ ଆସୁଛନ୍ତି କିଣିବା ପାଇଁ। ଆଉ ପାଟି କରୁଛନ୍ତି କେନ୍ଦ୍ର କିଣିଲା ନାହିଁ। ରାଜ୍ୟରେ ଏକର ପିଛା ୩୦ରୁ ୩୫ କୁଇଣ୍ଟାଲ ଧାନ ଉତ୍ପାଦନ ହେଉଥିବା ବେଳେ ସରକାର ଜଳସେଚିତ ଜମିରୁ ୧୯ କୁଇଣ୍ଟାଲ ଏବଂ ଅଣଜଳସେଚିତ ଜମିରୁ ୧୩ କୁଇଣ୍ଟାଲ କିଣୁଛନ୍ତି। ତେବେ ବାକି ଧାନ ଚାଷୀ କରିବ କ'ଣ। ଯାହା କିଣାଯାଉଛି ସେଥିରେ କଟନୀଛଟନୀ କରାଯାଉଛି। ବିଧାନସଭାରେ ମନ୍ତ୍ରୀ ଉତ୍ତର ଦେଇପାରୁନାହାନ୍ତି। ଚାଷୀଙ୍କୁ ଶୋଷଣ କରାଯାଉଛି। ଏଫ୍‌ସିଆଇକୁ ଧାନ କିଣିବା ପାଇଁ ସରକାର ଚିଠି ଲେଖୁନାହାନ୍ତି କାହିଁକି। ନିଜେ କିଣିବେନି କିମ୍ବା ଏଫ୍‌ସିଆଇକୁ କିଣିବାକୁ ଦେବେ ନାହିଁ, ତେବେ ଚାଷୀଙ୍କ ଧାନ ନେବ କିଏ। ଏମ୍‌ଓୟୁ ପ୍ରତ୍ୟାହାର କରି ରାଜ୍ୟ ସରକାର ତୁରନ୍ତ ଧାନ କିଣିବା ପାଇଁ ଏଫ୍‌ସିଆଇକୁ ଚିଠି ଲେଖନ୍ତୁ ବୋଲି ନରସିଂହ ଦାବି କରିଛନ୍ତି।

**ମହାନଦୀ ଜଳ ବିବାଦ ପ୍ରସଙ୍ଗ**

# ସରକାରଙ୍କୁ ଘେରିଲେ ବିରୋଧୀ

- ୨ଟି ଗୃହ କମିଟି ଗଠନ ହେଲା, ଥରେ ବି ବୈଠକ ହେଲାନି
- କମିଟି ରିପୋର୍ଟ ଗୃହରେ ଦାଖଲ ହେଉ: ଜୟନାରାୟଣ
- ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଗୃହରେ ରୁହନ୍ତୁ: ନରସିଂହ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ମହାନଦୀ ଜଳ ବିବାଦକୁ ନେଇ ବିରୋଧୀ ସରକାରଙ୍କୁ ଘେରିଛନ୍ତି। ମହାନଦୀକୁ ନେଇ ସରକାରଙ୍କ ଆନ୍ତରିକତା ନାହିଁ। ଗୃହର ନେତା ଓ ବାଚସ୍ପତିଙ୍କ ଅଧକ୍ଷତାରେ ୨ଟି ଗୃହ କମିଟି ଗଢ଼ାହେଲା। ଦିନକ ପାଇଁ ବୈଠକ ବସିଲା ନାହିଁ। କମିଟି ମହାନଦୀ ବିବାଦ ପାଇଁ କ'ଣ କରିଛି। ଗୃହରେ କମିଟି ରିପୋର୍ଟ ରଖାଯାଉ ବୋଲି ବିରୋଧୀ ଦଳ ଦାବି କରିଛନ୍ତି। ମଙ୍ଗଳବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଲେ, ମହାନଦୀ ପ୍ରସଙ୍ଗରେ ଆଲୋଚନା ପାଇଁ ସବୁ ଦଳ ସହମତ ହୋଇଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ଏନେଇ ମୋଶନ ଦେଇଛନ୍ତି। ୨୦୧୭ ଡିସେମ୍ବର ୭ ତାରିଖରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଏବଂ ବାଚସ୍ପତିଙ୍କ ଅଧକ୍ଷତାରେ ଦୁଇଟି ଗୃହ କମିଟି ଗଠନ କରାଯାଇଥିଲା। ସେ କମିଟି ମହାନଦୀ ଜଳ ବିବାଦ ସମାଧାନ ଦିଗରେ କି ପଦକ୍ଷେପ ନେଇଛନ୍ତି। ଗୃହରେ କମିଟି ରିପୋର୍ଟକୁ ଉପସ୍ଥାପନ କରାଯାଉ। ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ତାରିଖ ବାରମ୍ବାର କାହିଁକି ଘୁଞ୍ଚୁଛି। ସେ ନେଇ ଜଳ ସମ୍ପଦ ମନ୍ତ୍ରୀ ଗୃହରେ ଏକ ବିବୃତି ରଖନ୍ତୁ ବୋଲି ଜୟ ନାରାୟଣ ଦାବି କରିଛନ୍ତି।

ବିରୋଧୀ ଦଳ ନେତାଙ୍କ ଦାବିକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରିବା ସହ କହିଛନ୍ତି ଯେ ମହାନଦୀ ଜଳ ଆଜିର ସମସ୍ୟା ନୁହେଁ। ୨୦୦୦ ମସିହାର ସମସ୍ୟା। ମହାନଦୀ ବିବାଦ ପାଇଁ ସର୍ବଦଳୀୟ ବୈଠକ ହୋଇଥିଲା। ୨ଟି ଗୃହ କମିଟି ମଧ୍ୟ ଗଠନ ହୋଇଛି। ଗୋଟିଏ କମିଟି ମୁଖ୍ୟମନ୍ତ୍ରୀ ଓ ଅନ୍ୟଟି ବାଚସ୍ପତିଙ୍କ ଅଧକ୍ଷତାରେ ଗଢ଼ାଯାଇଛି। ସେହି କମିଟିଗୁଡ଼ିକର ବୈଠକ କେବେ ବି ବସିନାହିଁ। ମୋଶନ ଆଲୋଚନା ହେବ ବୋଲି ଆଶା କରାଯାଉଛି। ବିଧାନସଭାରେ ମହାନଦୀ ସମ୍ପର୍କରେ ଜଳ ସମ୍ପଦ ମନ୍ତ୍ରୀ ବିବୃତି ଦେଇନାହାନ୍ତି। ମୋଶନ ଆଲୋଚନା ହେବାର ଥିବାରୁ ମନ୍ତ୍ରୀ ବିବୃତି ଦେବା ଠିକ୍ ହେବ ନାହିଁ ବୋଲି ବାଚସ୍ପତି କହିଥିଲେ। ନରସିଂହ କହିଲେ, ବିବୃତି ଦେଲେ କିଛି ଅନୁଚିତ ହେବ ନାହିଁ। କେନ୍ଦ୍ର ଜଳ ସମ୍ପଦ ରାଷ୍ଟ୍ର ମନ୍ତ୍ରୀ ମଧ୍ୟ ଓଡ଼ିଶାର। କିନ୍ତୁ ସେ ଏଥିରେ ହସ୍ତକ୍ଷେପ କରୁନାହାନ୍ତି। ଏ ପ୍ରସଙ୍ଗକୁ ଗୁରୁତର ସହ ସରକାର ନିଅନ୍ତୁ। ମୁଖ୍ୟମନ୍ତ୍ରୀ ୩ ତାରିଖରୁ ଜାପାନ ଯିବେ। ଅନୁପସ୍ଥିତ ରହିଲେ ଆଲୋଚନାର ମୂଲ୍ୟ କ'ଣ ରହିବ। ୬ ତାରିଖ ଯାଏ ବିଧାନସଭା ଅଛି। ଏହା ପରେ ରାଜ୍ୟର ସ୍ୱାର୍ଥ ପାଇଁ ମୁଖ୍ୟମନ୍ତ୍ରୀ ଯୁଆଡ଼େ ଯିବା କଥା ଯାଆନ୍ତୁ। ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ପାଇଁ ରହିଛି। ମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ ବୋଲି ନରସିଂହ ଆଶା କରିଛନ୍ତି।

# ୪୦ ପ୍ରତିଶତ ଡାକ୍ତର ପଦବୀ ଖାଲି: କଂଗ୍ରେସ

- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅର୍ଥ ହରିଲୁଟ ହେଉଛି: ଭାଜପା
- ମେଡିକାଲ ସିଟ୍ ୨୫ ଶହକୁ ବଢ଼ିବ: ମନ୍ତ୍ରୀ

ଭୁବନେଶ୍ୱର,୨୮।୩(ବ୍ୟୁରୋ)

ରାଜ୍ୟର ବିଭିନ୍ନ ସରକାରୀ ଡାକ୍ତରଖାନା ଓ ମେଡିକାଲ କଲେଜଗୁଡ଼ିକରେ ୪୦ ପ୍ରତିଶତରୁ ଅଧିକ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ସମେତ ଅନ୍ୟାନ୍ୟ ପଦବୀ ଖାଲି ପଡ଼ିଛି। ସ୍ୱାସ୍ଥ୍ୟ ବିଭାଗ ଏହି ପଦବୀଗୁଡ଼ିକ ପୂରଣ ଦିଗରେ ସେପରି ଆଖିଦୃଶିଆ ପଦକ୍ଷେପ ନେଉନାହିଁ। ସରକାରୀ ମେଡିକାଲ କଲେଜ ଓ ଡାକ୍ତରଖାନାରେ ରୋଗୀ ହନ୍ତସନ୍ତ ହେଉଛନ୍ତି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଅର୍ଥ ହରିଲୁଟ ହେଉଛି। ମଙ୍ଗଳବାର ବିଧାନସଭାରେ 'ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ' ଶୀର୍ଷକ ମୁଲତବୀ ପ୍ରସ୍ତାବ ଆଣି ବିରୋଧୀ ଦଳ ସଦସ୍ୟମାନେ ସରକାରଙ୍କୁ ଜୋରଦାର ଆକ୍ରମଣ କରିଛନ୍ତି।

ମୁଲତବୀ ପ୍ରସ୍ତାବ ଆରମ୍ଭ କରି କଂଗ୍ରେସ ସଦସ୍ୟ ସିଏସ୍ ରାଜନ ଏକ୍କା କହିଥିଲେ, ସରକାରୀ ମେଡିକାଲ କଲେଜ ଓ ଅନ୍ୟ ଡାକ୍ତରଖାନାଗୁଡ଼ିକରେ ୪୦ ପ୍ରତିଶତ ଡାକ୍ତର ପଦବୀ ଖାଲିପଡ଼ିଛି। ସିଏଚ୍‌ସି, ପିଏଚ୍‌ସିରେ ୭ହଜାର ସ୍ୱାସ୍ଥ୍ୟକର୍ମୀ, ୧୦ହଜାର ଷ୍ଟାଫ୍‌ନର୍ସ, ୬ ହଜାର ଫାର୍ମାସିଷ୍ଟ ପଦବୀ ଖାଲି ରହିଛି। ପଶ୍ଚିମ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଭିମ୍‌ସାରରେ ୧୨ ପ୍ରଫେସର ପଦବୀ, ୩୦ ଆସୋସିଏଟ ପ୍ରଫେସର ପଦବୀ ଖାଲି ରହିଛି। ଭିମ୍‌ସାରରେ ସମୁଦାୟ ଶଯ୍ୟା ସଂଖ୍ୟା ୧୦୧୮। ସେହି ଅନୁସାରେ ୫ରୁ ୮ ପ୍ରତିଶତ ଆଇସିୟୁ ବେଡ୍ ରହିବା କଥା। ମାତ୍ର ୨୦ ଶଯ୍ୟା ବିଶିଷ୍ଟ ଆଇସିୟୁ ରହିଛି। ସୁନ୍ଦରଗଡ଼ରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲା। ପ୍ରଥମ ବ୍ୟାଚ୍ ଛାତ୍ରୀଛାତ୍ର ନାମଲେଖାଇଲେ। କିନ୍ତୁ ୫ ଶହ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ଏଯାଏ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ଭାଜପା ସଭ୍ୟ ମୁକେଶ ମହାଲିଙ୍ଗ କହିଲେ, କଟକ ଜିଲା ବଡ଼ମ୍ବା ନରସିଂହପୁର ପରେ ବଲାଙ୍ଗୀର ଲୋଇସିଂହା ଏବେ କିଡ୍‌ନୀ ରୋଗର ହଟ୍‌ସ୍ପଟ୍ ପାଲଟିଛି। ସରକାର ସହାୟ ନାମରେ ମାଗଣା ଡାୟଲିସିସ ବ୍ୟବସ୍ଥା ହୋଇଛି। ହେଲେ ସବୁଆଡ଼େ ସେ ସୁବିଧା ନାହିଁ। ଶିଶୁ ମୃତ୍ୟୁହାର ହ୍ରାସ କରିଛନ୍ତି ବୋଲି ସରକାର ବାହାବା ନେଉଛନ୍ତି। ମାତ୍ର ୨୦୧୬-୧୭ରୁ ୨୦୨୧-୨୨ ମଧ୍ୟରେ ପାଞ୍ଚ ବର୍ଷରୁ କମ୍ ୯୨ହଜାର ଶିଶୁଙ୍କ ମୃତ୍ୟୁ ହୋଇଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଠକେଇ ର୍‍ୟାକେଟ ଚାଲିଛି। ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହେଉଛି। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ଯୋଜନାରେ ୩ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାହିଁକି ଲାଗୁ ହେଉନି ବୋଲି ସେ ପ୍ରଶ୍ନ କରିଥିଲେ। କଂଗ୍ରେସ ସଭ୍ୟ ତାରା ପ୍ରସାଦ ବାହିନୀପତି କହିଲେ, ରାଜ୍ୟରେ ୭ଟି ମେଡିକାଲ କଲେଜ କରିବାକୁ ତତ୍କାଳୀନ ଉପା ସରକାର ନିଷ୍ପତ୍ତି ନେଇଥିଲେ। ରାଜ୍ୟକୁ ପ୍ରତି କଲେଜ ପାଇଁ ୧୦୦ କୋଟି ଲେଖାଏ ଦେଇଥିଲେ। ତ୍ସେ ପଇସା କୁଆଡ଼େ ଗଲା। ରାଜ୍ୟର ବିଭିନ୍ନ ମେଡିକାଲରେ ୧୦ ହଜାର ପଦବୀ ଖାଲି ପଡ଼ିଛି ବୋଲି ବାହିନୀପତି ପ୍ରଶ୍ନ କରିଥିଲେ। ସେହିପରି ଭାଜପା ସଭ୍ୟ ବୁଢ଼ାନ ମୁର୍ମୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ଶାସକ ଦଳର ସଦସ୍ୟ ନୃସିଂହ ସାହୁ, ପ୍ରମୋଦ ମଲ୍ଲିକ ଏବଂ ଧ୍ରୁବଚରଣ ସାହୁ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ବ୍ୟାପକ କରିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାଠାରୁ ଆରମ୍ଭ କରି ଅନେକ ଯୋଜନା କରିଥିବା କହିଥିଲେ।

ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୃହରେ ଉତ୍ତର ରଖି କହିଥିଲେ, ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ସରକାର ସ୍ୱାସ୍ଥ୍ୟସେବା ପାଇଁ ସର୍ବଭାରତୀୟ ସ୍ତରରେ ଆଦୃତ ହୋଇଛନ୍ତି। ସ୍ୱାସ୍ଥ୍ୟ ବଜେଟର ୩୦ ପ୍ରତିଶତ ଔଷଧ ବାବଦରେ ଖର୍ଚ୍ଚ ହେଉଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ରାଜ୍ୟର ୯୬.୫ ଲକ୍ଷ ପରିବାର ଲାଭବାନ ହେଉଛନ୍ତି। ୮ଲକ୍ଷ ୨୫ ହଜାର ୩୪୨ ହିତାଧିକାରୀ ଚିକିତ୍ସିତ ହୋଇଛନ୍ତି। ଚିକିତ୍ସା ବାବଦରେ ସରକାର ୧୪୪୩.୭୮କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସରକାରୀ ଚିକିତ୍ସାଳୟ ଉନ୍ନତି ପାଇଁ ଆମ ହସ୍ପିଟାଲ ଯୋଜନା ଆରମ୍ଭ ହୋଇଛି। ୯ମାସ ମଧ୍ୟରେ ୧୪୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ରୂପାନ୍ତରଣ ହେବ। ଆୟୁଷ ଚିକିତ୍ସାକୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏବେ ରାଜ୍ୟରେ ୨୧୨୫ ମେଡିକାଲ ସିଟ୍ ଥିବାବେଳେ ଆସନ୍ତା ବର୍ଷ ୨୫ ଶହକୁ ବୃଦ୍ଧି କରାଯିବ। ଚଳିତ ବର୍ଷ ୨୭୪ଟି ଆସିଷ୍ଟାଣ୍ଟ ପ୍ରଫେସର ପଦ ପୂରଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟରେ ମୋଟ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ୧୦,୭୭୪ ଥିବାବେଳେ ସେଥିରୁ ୭୮୮୦ ପଦବୀ ପୂରଣ ହୋଇଛି। ଖାଲି ପଦବୀଗୁଡ଼ିକରେ ଆଡ୍‌ହକ ଡାକ୍ତର ନିଯୁକ୍ତି ଦିଆଯାଇଥିବା ବେଳେ ୯୧୮ ଜଣ ଡାକ୍ତରଙ୍କୁ କଣ୍ଟ୍ରାକ୍ଚୁଆଲ ନିଯୁକ୍ତି ଦିଆଯାଇଛି। ସେହିପରି ୭ ଜଣ ଡାକ୍ତରଙ୍କୁ କର୍ପସ ଫଣ୍ଡ ଓ ୭୧ ଜଣ ଡାକ୍ତରଙ୍କୁ ଡିଏମ୍‌ଏଫ୍ ଫଣ୍ଡରେ ନିଯୁକ୍ତି ଦିଆଯାଇଛି। ଅର୍ଥ ବିଭାଗର ମଞ୍ଜୁରୀ ପରେ ୨ ହଜାର କନିଷ୍ଠ ଡାକ୍ତର ପଦବୀ ସୃଷ୍ଟି କରି ଚଳିତ ବର୍ଷ ୩୪୮୧ ପଦବୀ ପୂରଣ ପାଇଁ ଓଡ଼ିଶା ଲୋକସେବା ଆୟୋଗଙ୍କୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପୁରୀରେ ଯାତ୍ରୀବାହୀ...

ଏହି ଟ୍ରେନଟି ପଛକୁ ଫେରି ବହି ର୍ବିଭାଗ ସ୍ଥାନରେ ସଂଟିଙ୍ଗ କରୁଥିବା ସମୟରେ ହଠାତ୍ ଟ୍ରେନ୍‌ର ଶେଷ ଦୁଇ ବଗି(ନଂ.୧୪୪୭୭୨ ଏବଂ ୧୫୪୨୪୨) ଲାଇନ୍‌ଚ୍ୟୁତ ହୋଇଯାଇଥିଲା। ଖବରପାଇ ତତ୍‌କ୍ଷଣାତ ରେଳ କର୍ମଚାରୀ ଓ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଟ୍ରେନ ସୁରକ୍ଷିତ ଥିବା ଅନ୍ୟ ୧୦ଟି ବଗିକୁ ଲାଇନ୍‌ଚ୍ୟୁତ ହୋଇଥିବା ୨ବଗିରୁ ସୁରକ୍ଷିତ ଭାବେ ଅଲଗା କରି ସେଠାରୁ ସ୍ଥାନାନ୍ତର କରାଯାଇଥିଲା। ପରେ ଦୁର୍ଘଟଣାଗ୍ରସ୍ତ ୨ଟି ବଗିକୁ ସ୍ଥାନାନ୍ତର ପାଇଁ ଖୋର୍ଦ୍ଧା ରେଳ ଡିଭିଜନରୁ କ୍ରେନ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ମଗାଯାଇଥିଲା। ଅପରପକ୍ଷେ ଡାଉନ ଲାଇନ ନିକଟରେ ଏହି ରେଳ ବଗି ଲାଇନଚ୍ୟୁତ ହୋଇଥିବା ସତ୍ତ୍ୱେ ରେଳ ଚଳାଚଳରେ କୌଣସି ପ୍ରଭାବ ପଡ଼ି ନଥିବା ଜଣାପଡିଛି। ଦୁର୍ଘଟଣାଗ୍ରସ୍ତ ଟ୍ରେନରେ ସୌଭାଗ୍ୟବଶତଃ କୌଣସି ପାସେଞ୍ଜର ନ ଥିବା ହେତୁ ବଡ଼ଧରଣର ଦୁର୍ଘଟଣାରୁ ବର୍ତ୍ତିଯାଇଛି। ପରେ ଖୋର୍ଦ୍ଧା ଡିଭିଜନର ଡିଏନ୍ ହେଡକ୍ୱାର୍ଟର ଚନ୍ଦ୍ରଭାନୁ ନାୟକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ତାଙ୍କର କହିବା ଅନୁଯାୟୀ, ଟ୍ରେନ୍‌ର ଗୋଟିଏ ବଗି ସମ୍ପୂର୍ଣ୍ଣ ଭାବେ ଲାଇନଚ୍ୟୁତ ହୋଇଛି ଏବଂ ଅନ୍ୟ ଏକ ବଗି ସାମାନ୍ୟ ଲାଇନଚ୍ୟୁତ ହୋଇଛି। ଟ୍ରେନ୍ ଚଳାଚଳରେ ଯେପରି କୌଣସି ଅସୁବିଧା ନହେବ, ସେଥିପାଇଁ ରେଳ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଅନ୍ୟ ଲାଇନ ଦେଇ ଅନ୍ୟ ସମସ୍ତ ଗାଡିଗୁଡିକ ନିର୍ଦ୍ଧାରିତ ସମୟରେ ଯାତାୟାତ କରୁଛି। ତେବେ କିଭଳି ଓ କେଉଁ ପରିସ୍ଥିତିରେ ଟ୍ରେନର ବଗି ଲାଇନଚ୍ୟୁତ ହୋଇଛି ତାହା ତଦନ୍ତ ହେବ। ଏଥିପାଇଁ ଟିମ୍ ଆସି ଅନୁସନ୍ଧାନ କରିବେ ବୋଲି ନାୟକ କହିଛନ୍ତି। ଅପରପକ୍ଷେ ଘଟଣା ଘଟିବାର ପ୍ରାୟ ୩ ଘଣ୍ଟା ପରେ ଖୋର୍ଦ୍ଧା ରୋଡରୁ ଟୁଲ କିଟ୍ ରେଳ ଭ୍ୟାନ ବିଭିନ୍ନ ସରଞ୍ଜାମ ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ଲାଇନ୍‌ଚ୍ୟୁତ ହୋଇଥିବା ୨ବଗିକୁ କିପରି ଲାଇନକୁ ଅଣାଯିବ, ସେନେଇ ପ୍ରୟାସ ଆରମ୍ଭ କରିଛି। ଏଥିପାଇଁ କର୍ମଚାରୀମାନଙ୍କ ପକ୍ଷରୁ ଟ୍ରେନ ଲାଇନର ମାପଚୁପ କରାଯିବା ସହ ବିଭିନ୍ନ ଯନ୍ତ୍ର ସଂଯୋଗ କରାଯାଇ କାର୍ଯ୍ୟ ଆରମ୍ଭ କରାଯାଇଛି। ବଗିଗୁଡିକୁ ଲାଇନକୁ ଆଣିବା ପାଇଁ ଘଟଣାସ୍ଥଳରେ ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ମେକାନିକାଲ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି।

## କୋଭିଡ୍ ଟିକା...

ଏହି ରାଜ୍ୟରେ ଟିକା ନେବା ପରେ ୨୪୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି କ୍ଷେତ୍ରରେ ମହାରାଷ୍ଟ୍ର (୧୦୨) ଦ୍ୱିତୀୟ ସ୍ଥାନରେ ଥିବାବେଳେ ଉତ୍ତର ପ୍ରଦେଶ (୮୬) ଓ ମଧ୍ୟପ୍ରଦେଶ (୮୫) ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛି। ଏଇଏଫ୍ଆଇ ଯୋଗୁ କେଉଁ ରାଜ୍ୟରେ କେତେଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ବୋଲି ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ କଂଗ୍ରେସ ଏମ୍‌ପି କୁରୁବା ଗୋରନ୍ତଲା ମାଧବ ପ୍ରଶ୍ନ କରିଥିଲେ। ଲିଖିତ ଉତ୍ତରରେ କେନ୍ଦ୍ରମନ୍ତ୍ରୀ ପାୱାର ଆହୁରି କହିଛନ୍ତି ଯେ, କୋଭିଡ୍ ଟିକାର ଏଇଏଫ୍ଆଇ ମାମଲାଗୁଡ଼ିକୁ ନେଇ ୟୁନିଭର୍ସାଲ ଇମ୍ୟୁନାଇଜେଶନ୍ ପ୍ରୋଗ୍ରାମ ଅନ୍ତର୍ଗତ ସର୍ଭିଲାନ୍ସ ସିଷ୍ଟମ୍ ଅଧୀନରେ ରିପୋର୍ଟ ଏବଂ ଅନୁଧ୍ୟାନ କରାଯାଇଛି। କୋଭିଡ ଟିକାକରଣଜନିତ ଏଇଏଫ୍ଆଇଗୁଡ଼ିକର ରିପୋର୍ଟିଂ ଲାଗି ୱେବ୍‌ଆପ୍ଲିକେଶନ୍ ଏସ୍‌ଏଏଫ୍‌ଇଭିଏସି ବା ସେଫ୍‌ଭାକ୍‌କୁ କୋ-ୱିନ୍ ସହ ସମନ୍ୱିତ କରାଯାଇଥାଏ। ସେହିପରି ଜିଲା ପ୍ରତିଷେଧନ ଅଧିକାରୀ ଏବଂ ହିତାଧିକାରୀମାନେ ଏଇଏଫ୍ଆଇର ରିପୋର୍ଟିଂ କୋ-ୱିନ୍ ଏବଂ ସେଫ୍‌ଭାକ୍ ଜରିଆରେ କରିଥାଆନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାହୁଜନିତ ସମସ୍ୟା ମଧ୍ୟରେ ଚଳିବା କାରଣରୁ ଅନେକ ମାନସିକ ଦ୍ୱନ୍ଦ୍ୱ ମଧ୍ୟଦେଇ ଗତି କରିବାକୁ ପଡ଼ିବ। ଶନିଙ୍କ ପ୍ରଭାବରୁ ପ୍ରତ୍ୟେକ କାମ ବିଳମ୍ବ ହେବାରୁ ବ୍ୟସ୍ତତା ଅନୁଭବ କରିବେ। ଆଲୋଚନା ଓ ସମାଲୋଚନା ଭିତରେ ପରିବାରରେ ଶାନ୍ତି ଫେରି ଆସିବ। ଅସାବଧାନତା ହେତୁ ଦ୍ରବ୍ୟନଷ୍ଟ ହୋଇପାରେ।

**ବୃଷ**
ଉଚ୍ଚସ୍ଥ ଚନ୍ଦ୍ର ପ୍ରଭାବରୁ ସମ୍ପର୍କୀୟଙ୍କୁ ନିଜ ସପକ୍ଷରେ ନେଇ କାମ ହାସଲ କରିବେ। ପ୍ରକାଶନ, ପ୍ରଶାସନ, କ୍ରୀଡ଼ା, ଚଳଚ୍ଚିତ୍ର ସାହିତ୍ୟ କ୍ଷେତ୍ର ବିଶେଷ ମନ୍ଦ ହେବନି। ସାଙ୍ଗସାଥୀ କିମ୍ବା ବନ୍ଧୁ ହୁଅନ୍ତୁ, ସେମାନେ କହିବେ ବହୁତ କିନ୍ତୁ କାମ କଲା ବେଳକୁ ଜିରୋ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଲାଭବାନ ହେବେ।

**ମିଥୁନ**
ଶନିଙ୍କ ଦୃଷ୍ଟିରେ ଶୁକ୍ର ଯୋଗୁ ସନ୍ତାନଙ୍କ କୌଣସି ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। କର୍ମକ୍ଷେତ୍ରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ଆଶଙ୍କା ରହିଛି। ପରିବହନ, ବ୍ୟବସାୟ, ସଭାସମିତି, ଜମିଜମା କାରବାର କ୍ଷେତ୍ରରେ ଉନ୍ନତ ମାନର ଫଳ ମିଳିବ। ଆଜି ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟରୁ ମନ ଖୁସି ରହିବ।

**କର୍କଟ**
ଏକାଦଶସ୍ଥ ତିନୋଟିଗ୍ରହ ପ୍ରଭାବରୁ ଅନୁକୂଳ ବାତାବରଣ ମଧ୍ୟରେ କାର୍ଯ୍ୟ ହାସଲ କରିପାରିବେ। ବନ୍ଧୁଙ୍କ ନିକଟରୁ ବକେୟା ଅର୍ଥ ପାଇବା ପାଇଁ ଯୁକ୍ତିତର୍କ କରିବାକୁ ପଡ଼ିପାରେ। ପାପଗ୍ରହ ଦୃଷ୍ଟ ପଞ୍ଚମଭାବ ହେତୁ ପ୍ରତ୍ୟେକ କ୍ଷେତ୍ରରେ ଠିକ୍ ସିଦ୍ଧାନ୍ତ ନେଇପାରିବେ ନାହିଁ। ପରିବାର ଲୋକଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ସିଂହ**
ଆଜିର ପରିସ୍ଥିତି ଓ ରହୁଥିବା ପରିବେଶରେ କୌଣସି ଅଶାନ୍ତ ସ୍ଥିତି ଉତ୍ପନ୍ନ ହୋଇପାରେ। କର୍ମ କ୍ଷେତ୍ରରେ ବାଧା ଉପୁଜିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ଅନାବଶ୍ୟକ ଭାବରେ ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହି ନ ପାରେ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**କନ୍ୟା**
ଦୀର୍ଘଦିନର ଚେଷ୍ଟା ପରେ ଋଣ ସୂତ୍ରରେ ଆଜି ହିଁ ଅର୍ଥଲାଭର ସମ୍ଭାବନା ରହିଛି। ଚନ୍ଦ୍ର ସହ ମଙ୍ଗଳଙ୍କ ସଂଯୋଗରୁ କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଓ ଯାତ୍ରାରେ ଦୁଶ୍ଚିନ୍ତା ବଢିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ। ସହକର୍ମୀଙ୍କ ସହଯୋଗ ଫଳରେ ମାନସିକ ଦ୍ୱନ୍ଦର ଅବସାନ ଘଟିବ।

**ତୁଳା**
ଅବହେଳା ସଙ୍ଗକୁ କାଳ କ୍ଷେପଣ ନୀତି ହେତୁ ସଫଳତା ପାଇବା କଷ୍ଟକର ହେବ। ନିଜର କାମରେ ମନଦେଇ କାମଟିକୁ ପୂରା ନ କରିବା ଯାଏଁ ଛାଡିବେ ନାହିଁ। ଆପଣଙ୍କ ଅତି ନିଜର ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଇପାରନ୍ତି। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**ବିଛା**
ଭୁଲ୍ ବୁଝାମଣାରୁ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ। ବନ୍ଧୁମାନଙ୍କ ସହ କୌଣସି ସାଧାରଣ ଘଟଣାରେ ଉଚ୍ଚବାଚ ଘଟିପାରେ। ଅବଶ୍ୟ ଜ୍ୟେଷ୍ଠା ନକ୍ଷତ୍ର ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରି ଆପଣ ବିଜୟୀ ହେବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ଧନୁ**
ବିବାଦ କାରଣରୁ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପାରେ। ଶାରୀରିକ ସୁସ୍ଥତା ଫେରିପାଇବାରୁ ଆଶ୍ୱସ୍ତି ଲଭିବେ। ରାଜନୈତିକ କ୍ଷେତ୍ରରେ ଲୋକସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ, ପରିବହନ, ଛୋଟ ଦୋକାନ, ହୋଟେଲ ପ୍ରଭୃତିରୁ ଆଶାଜନକ ସୁଫଳ ମିଳିବ। କୌଣସି ଆଗନ୍ତୁକଙ୍କ ସକାଶେ ମୁଣ୍ଡବ୍ୟଥା ହୋଇପାରେ।

**ମକର**
ପରିବାରରେ ଭୁଲ୍ ବୁଝାମଣାଜନିତ ଅଶାନ୍ତି ସୃଷ୍ଟି ହେବା ସୂଚନା ରହିଛି। ଆକସ୍ମିକ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। କାର୍ଯ୍ୟ ଦକ୍ଷତା କାରଣରୁ ପଡ଼ୋଶୀମାନେ ଭୂରିଭୂରି ପ୍ରଶଂସା କରିପାରନ୍ତି।

**କୁମ୍ଭ**
କଠିନଶ୍ରମ ଓ ବିଶେଷ ଭ୍ରମଣ କାରଣରୁ ସାମୟିକ ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ନିଜର ଲୋକମାନଙ୍କ କାର୍ଯ୍ୟ କଳାପ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ଭାଇଙ୍କ ସ୍ୱାସ୍ଥ୍ୟ ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସକାଳ ସମୟରେ କୌଣସି ଶୁଭ ଖବର ପାଇପାରନ୍ତି।

**ମୀନ**
ବନ୍ଧୁଙ୍କ ସହ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନାନ୍ତର ସୃଷ୍ଟି ହୋଇପାରେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ହିତୈଷୀଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। ଆର୍ଥିକ ସ୍ୱଚ୍ଛଳତା ଆସିବ ଓ ପ୍ରିୟ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହେବେ।

ଆଜି ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ ବୁଧବାର, ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ଶ୍ରୀମନ୍ଦିରରେ ଜେଉଡ ଭୋଗ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ, ମାର୍ଚ୍ଚ ୨୯ ତାରିଖ, ରାଶି ନକ୍ଷତ୍ର-ଆର୍ଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୪୭ମି. ଗତେ ଘ.୦୭.୨୪ମି. ମଧ୍ୟେ, ଘ.୧୦.୨୦ମି. ଗତେ ଘ.୧୧.୨୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୫୧ମି. ଗତେ ଘ.୦୧.୨୨ମି. ମଧ୍ୟେ ରାହୁକାଳ।




# ମୁକ୍ତା ଯୋଜନା,ଜାଗା ମିଶନରେ ବ୍ୟାପକ ଦୁର୍ନୀତି ହେଉଛି:ବିରୋଧୀ

**ଭୁବନେଶ୍ୱର,୨୮।୩(ବ୍ୟୁରୋ**

■ ପୁରୀରେ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ମିଛ: ଜୟନ୍ତ
■ ୨୩ ବସ୍ତିବାସିନ୍ଦା ୫୦ ଏକର ଜାଗାରେ ଅଛନ୍ତି ସେମାନଙ୍କୁ ବ୍ୟବସ୍ଥିତ ଭାବେ ଥଇଥାନ କରାଯାଉ:ରାଜେନ୍ଦ୍ର
■ ସହରରେ ଲାଗିଥିବା ଷ୍ଟ୍ରିଟ୍‌ଲାଇଟ୍ ଆଉ ଜଳୁନି: ସାଲୁଜା

ବିଧାନସଭାରେ ମଙ୍ଗଳବାର ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ ଖର୍ଚ୍ଚଦାବି ଗୃହୀତ ହୋଇଛି। ଖର୍ଚ୍ଚଦାବି ଆଲୋଚନାରେ ଭାଗନେଇ ବିରୋଧୀ ସଦସ୍ୟମାନେ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ନିଜ ନିଜର ନିର୍ବାଚନମଣ୍ଡଳୀରେ ଜାଗା ମିଶନ ଏବଂ ମୁକ୍ତା ଯୋଜନା ଅନ୍ତର୍ଗତ ହେଉଥିବା ଦୁର୍ନୀତି କଥା ଉଠାଇ ବିରୋଧୀ ପ୍ରବଳ ବର୍ଷିଛନ୍ତି। ହେଲେ ମୁକ୍ତା ଯୋଜନା ମୁଖ୍ୟମନ୍ତ୍ରୀ କୋଭିଡ୍ ଭଳି ମହାମାରୀ ସମୟରେ କରିବା ଯୋଗୁ କେତେ ଲାଭ ହୋଇଛି ସେକଥା ବର୍ଣ୍ଣନା କରିବା ଆଳରେ ଶାସକ ଦଳ ସଦସ୍ୟମାନେ ବିରୋଧୀଙ୍କୁ ପାଲଟା ଟାର୍ଗେଟ କରିଛନ୍ତି।

ଏହି ଆଲୋଚନାରେ ପ୍ରଥମେ ଭାଗନେଇ ଭାଜପା ସଦସ୍ୟ ସୁକାନ୍ତ ନାଏକ ରାଜ୍ୟ ସରକାରଙ୍କ ମୁକ୍ତା ଏବଂ ଜାଗା ମିଶନକୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଜାଗା ମିଶନରେ ବ୍ୟାପକ ଏପଟସେପଟ କରାଯାଉଛି। ମୁକ୍ତା ଯୋଜନାରେ ଦୁର୍ନୀତି ସୀମା ଲଙ୍ଘିଲାଣି। ସହରାଞ୍ଚଳରେ ଯେଉଁ ଷ୍ଟ୍ରିଟ୍‌ଲାଇଟ୍ ଲାଗୁଛି ସେଗୁଡ଼ିକ ଖରାପ ହେବାପରେ ତା'ର ରକ୍ଷଣାବେକ୍ଷଣ ହେଉ ନାହିଁ ବୋଲି ସେ କହିବା ସହିତ ସରକାରଙ୍କୁ ଗୁଡ଼େଇ ତୁଡ଼େଇ ଟାର୍ଗେଟ କରିଛନ୍ତି। ଶାସକ ଦଳ ସଦସ୍ୟ ପ୍ରତାପ ଜେନା କିନ୍ତୁ ସରକାର ଏହି ବିଭାଗ ମାଧ୍ୟମରେ ଅନେକ ବସ୍ତିବାସିନ୍ଦାଙ୍କୁ ଜାଗା ମିଶନ ଜରିଆରେ ଜମିପଟ୍ଟା ପ୍ରଦାନ କରୁଥିବା ସେ କହିଛନ୍ତି। ଏହାପରେ କଂଗ୍ରେସ ସଦସ୍ୟ ମହମ୍ମଦ ମୋକିମ ଏହି ବିଭାଗର ବଜେଟକୁ ସମର୍ଥନ କରି ନ ଥିବାବେଳେ କହିଛନ୍ତି, କଟକ ଭଳି ପୁରୁଣା ସହରରେ ଜାଗା ମିଶନ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଡ୍ରେନେଜ ସମସ୍ୟା ଦୂରକରିବାରେ ମଧ୍ୟ ଏ ସରକାର ବିଫଳ। ଏହାସହ ମୁକ୍ତା ଯୋଜନାକୁ ମଧ୍ୟ ସେ ଟାର୍ଗେଟ କରିଛନ୍ତି। ଭାଜପା ସଦସ୍ୟ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ପୁରୀରେ ୪୫ ହଜାର ହୋଲ୍ଡିଂ ବାଲା ଅଛନ୍ତି। ପୁରୀ ସହରରେ ବ୍ୟାପକ ମାତ୍ରାରେ ସ୍ୱେରେଜ ସମସ୍ୟା ରହିଛି। ଯେଉଁ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ସରକାର କରିଛନ୍ତି ତାହା କାମ ଦେଉନାହିଁ। ଫଳରେ ସହର ଭିତରେ ବସବାସ କରୁଥିବା ଅନେକ ପରିବାର ସ୍ୱେରେଜ ସମସ୍ୟା ଭିତରେ ଛନ୍ଦିହୋଇ ରହିଛନ୍ତି। ପ୍ରତିଦିନ ପୁରୀକୁ ୪ ଲକ୍ଷରୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି। ସେମାନେ ଆସିବା ଦ୍ୱାରା ପୁରୀରେ ଥିବା ହୋଟେଲ, ଲଜ୍ ଆଦି ବିଭିନ୍ନ ସ୍ଥାନ ଫୁଲ୍ ହୋଇ ରହୁଛି। ଯଦି ସରକାର ସବୁ ସ୍ଥାନରେ ସ୍ୱେରେଜ ସମସ୍ୟା ଦୂର ନ କରନ୍ତି ତେବେ ଆଗକୁ ଭୟଙ୍କର ସ୍ଥିତି ହେବ। ସମସ୍ତେ କିପରି ସ୍ୱେରେଜ ସଂଯୋଗ କରିବେ ସେଥିପ୍ରତି ଧ୍ୟାନଦେବା ଦରକାର। ସେହିପରି ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନାରେ ଗୋଟିଏ ସ୍ଥାନରେ ୪୦ କୋଟି ଟଙ୍କାର ଟେଣ୍ଡର ହୋଇଛି। ହେଲେ ସେହି କାମ ପାଇଥିବା କଣ୍ଟ୍ରାକ୍ଟରଙ୍କୁ ଏ ପର୍ଯ୍ୟନ୍ତ ୮ କୋଟି ଟଙ୍କା ସରକାର ଦେଇଛନ୍ତି। ସେଥିଲାଗି କଣ୍ଟ୍ରାକ୍ଟର କାମ ମଧ୍ୟ କରିପାରୁ ନାହିଁ। ସେହିପରି ଏସ୍‌ଏଚ୍‌ଜି ମହିଳାଙ୍କୁ ୧୦ ଲକ୍ଷ ଟଙ୍କାରୁ ତଳକୁ ହେଲେ କାମ ଦିଆଯାଉଛି। ହେଲେ ଯେଉଁ ଉଦ୍ଦେଶ୍ୟରେ ଏସ୍‌ଏଚ୍‌ଜିଙ୍କୁ ସାମିଲ କରାଯାଉଛି ସେଥିରେ ସେମାନେ ସ୍ୱାବଲମ୍ବୀ ହୋଇପାରିବେ ନାହିଁ। ପୁରୀରେ ଅନେକ ପାର୍କ କରାଗଲା। ହେଲେ କିଛିଦିନ ମଧ୍ୟରେ ସେହି ପାର୍କଗୁଡ଼ିକର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇଗଲାଣି। ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯାଉନାହିଁ। ସରକାର ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଜରିଆରେ ପୁରୀକୁ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଉଛନ୍ତି ବୋଲି ଯାହା କହୁଛନ୍ତି ତାହା ମଧ୍ୟ ବାସ୍ତବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଦିନରେ ୩ ଘଣ୍ଟା, ଅପରାହ୍ନରେ ୩ ଘଣ୍ଟା ପାଣି ଆସୁଛି। ନ ହେଲେ କେତେବେଳେ କହୁଛନ୍ତି ଲାଇନ ନାହିଁ ତ ଆଉ କେତେବେଳେ କହୁଛନ୍ତି ଅନ୍ୟ କିଛି ସମସ୍ୟା ହେଲା। ସେହିପରି ବସ୍ତିବାସିନ୍ଦାଙ୍କଠାରୁ ଟଙ୍କା ଆଦାୟକରି ଜମିପଟ୍ଟା ବଣ୍ଟାଯାଉଥିବା ସେ କହିଛନ୍ତି। ଶାସକ ଦଳ ସଦସ୍ୟ ରାଜେନ୍ଦ୍ର ସାହୁ କହିଛନ୍ତି, ଜାଗା ମିଶନରେ ଲକ୍ଷେ ୭୩ ହଜାର ଲୋକ ସରକାରୀ ପ୍ରମାଣପତ୍ର ପାଇଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ କେଉଁ ବସ୍ତିବାସିନ୍ଦାଙ୍କ ଘର ଉପରେ ବୁଲ୍‌ଡୋଜର ଚଢ଼ାଇ ନାହାନ୍ତି କି କେଉଁଠି ଏଭିକସନ୍ କରିନାହାନ୍ତି। ପ୍ରଥମେ ବସ୍ତିବାସିନ୍ଦାଙ୍କ ଲାଗି ଥଇଥାନ ବ୍ୟବସ୍ଥା କରାଯାଇଛି, ତା'ପରେ ଆଉ ଯାହା ହୋଇଛି। ତେବେ ଖୋର୍ଦ୍ଧା ଜିଲାରେ ୨୩ଟି ବସ୍ତି ୫୦ ଏକର ଜମି ଉପରେ ରହିଛନ୍ତି। ସେମାନଙ୍କ ଲାଗି ବ୍ୟବସ୍ଥା କରିଦେଲେ ୧୦ ଏକର ଜାଗାରେ ସେମାନେ ଥଇଥାନ ହୋଇଯିବେ। ଏହା କଲେ ଭଲ ହେବ ବୋଲି ସେ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ କୋଭିଡ୍ ମହାମାରୀ ସମୟରେ ମୁକ୍ତା ଯୋଜନା ଆରମ୍ଭ କରି ଅନେକ କର୍ମନିଯୁକ୍ତି ସୃଷ୍ଟି କରିଥିବା ସେ କହିଛନ୍ତି। କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ଏହି ବିଭାଗ ୨୩ ବର୍ଷ ହେଲା ଏକ୍‌ଜୁକ୍ୟୁଟିଭ ଅଫିସରଙ୍କୁ କ୍ୟାଡର କରିପାରି ନାହାନ୍ତି। ଅନ୍ୟ ରାଜ୍ୟରେ ଏହା କାର୍ଯ୍ୟକାରୀ କରାଯାଇସାରିଛି। ହେଲେ ଅନ୍ୟ ରାଜ୍ୟରୁ ଆଇଏଏସ୍ ଅଫିସର ମାଗି ଆଣି ଚଳାଉଛନ୍ତି। ମନ୍ତ୍ରୀଙ୍କୁ ଗଣମାଧ୍ୟମ ଯେତେବେଳେ ପଚାରୁଛି ଆଜି କ୍ୟାବିନେଟ୍ ନିଷ୍ପତ୍ତି କ'ଣ ହେଲା ସେ ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ପଚାରି କହିବେ ବୋଲି କହୁଛନ୍ତି। ଗାର୍ବେଜ ଲିଫ୍ଟିଂରେ ବ୍ୟାପକ ଦୁର୍ନୀତି ହୋଇଛି। ବନ୍ଦରରେ ଦଳ ସଫା ଦାୟିତ୍ୱ ମହିଳାମାନଙ୍କୁ ଦିଆଗଲା। ଏହା କିପରି ସମ୍ଭବ। ଏହି ଦୁର୍ନୀତିର ତଦନ୍ତ ହେଲା ନାହିଁ। ଡିଏଲ୍‌ଆର୍‌ଙ୍କୁ ସ୍ଥାୟୀ କରାଯାଉନାହିଁ। କଣ୍ଟାବାଞ୍ଜି ସହରରେ ଷ୍ଟ୍ରିଟ୍ ଲାଇଟ୍ ଖରାପ ହେବା ସତ୍ତ୍ୱେ ସେଗୁଡିକର ମରାମତି କରୁନାହାନ୍ତି ବୋଲି ସେ କହିଛନ୍ତି। ଭାଜପା ସଦସ୍ୟ ସୁବାସ ପାଣିଗ୍ରାହୀ ଦେବଗଡ଼ ମ୍ୟୁନିସିପାଲିଟି ଅଧ୍ୟକ୍ଷ ବିନା କାହା ସହ ଆଲୋଚନାରେ ଯାହା ଚାହୁଁଛନ୍ତି କରୁଛନ୍ତି। କାହା ସହିତ ଆଲୋଚନା ମଧ୍ୟ କରୁନାହାନ୍ତି। ସେ କ'ଣ ଏତେ କ୍ଷମତାଶାଳୀ କି ବୋଲି ସୁବାସ ପ୍ରଶ୍ନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ତାରାପ୍ରସାଦ ବାହିନୀପତି, ନାଉରି ନାଏକ, ସଞ୍ଜୀବ କୁମାର ମଲିକ, ଅଧୀରାଜ ପାଣିଗ୍ରାହୀ, କୁସୁମ ଟେଟେ, ଧ୍ରୁବ ଚରଣ ସାହୁ, ନବଚରଣ ମାଝି, କିଶୋର ଚନ୍ଦ୍ର ନାଏକ, ନିତ୍ୟାନନ୍ଦ ଗଣ୍ଡ, ପ୍ରକାଶ ଚନ୍ଦ୍ର ସୋରେନ ପ୍ରମୁଖ ଭାଗ ନେଇଥିଲେ।

# ସର୍ଭିସ ବନ୍ଧୁକରୁ ଗୁଳିକରି ଯବାନଙ୍କ ଆତ୍ମହତ୍ୟା

**ଝାରବନ୍ଧ/ପଦ୍ମପୁର,୨୮।୩(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଜଗଦଲପୁର ଥାନା ପରିସରରେ ଥିବା ସି/୧୮୯ ବାଟାଲିୟନ ସିଆର୍‌ପିଏଫ୍ କ୍ୟାମ୍ପର ଜଣେ ଯବାନ ସୋମବାର ବିଳମ୍ବିତ ରାତିରେ ନିଜ ସର୍ଭିସ ବନ୍ଧୁକରୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ମୃତ ଯବାନ ହେଲେ ପଶ୍ଚିମବଙ୍ଗ ରାଜ୍ୟ ଶକ୍ତିପୁର ଥାନା ବତ୍ରା ଗ୍ରାମର ପ୍ରସନ୍ନଜିତ୍ ପାଲ(୩୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇଛି। ଏ ନେଇ ଜଗଦଲପୁର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୦୧।୨୩) ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଜଗଦଲପୁର ଥାନା ପରିସରରେ ଥିବା ସିଆର୍‌ପିଏଫ କ୍ୟାମ୍ପରେ ଯବାନମାନେ ରହି ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ସୋମବାର ରାତିରେ ସିଆର୍‌ପିଏଫ ଯବାନ ପ୍ରସନ୍ନଜିତ୍ ସୁରକ୍ଷା ଟାୱାରରେ ଡ୍ୟୁଟି କରୁଥିଲେ। ଏହି ସମୟରେ ଗୁଳି ଶବ୍ଦ ଶୁଣି କ୍ୟାମ୍ପରେ ଥିବା ଅନ୍ୟ ଯବାନମାନେ ଟାୱାର ଉପରକୁ ଯାଇ ପ୍ରସନ୍ନଜିତ୍‌ଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିଥିଲେ ଏବଂ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଉକ୍ତ ଯବାନ କାହିଁକି ଆତ୍ମହତ୍ୟା କଲେ କାରଣ ଜଣାପଡିନାହିଁ ଏବଂ ମୃତଦେହକୁ ଯବାନଙ୍କ ଗାଁରେ ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି ବୋଲି ଥାନାଧିକାରୀ ସୁଷମା କୁଅଁର କହିଛନ୍ତି।

# ଜାଲ୍ ସାର୍ଟିଫିକେଟକୁ ନେଇ ବିଧାନସଭାରେ ଉଦ୍‌ବେଗ

## ଶାସକ ଦଳର ସମ୍ପୃକ୍ତି ଥିବା ଅଭିଯୋଗ ଆଣିଲେ ସାଲୁଜା

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

## ଗଧ ପିଲା ଚାକିରି କରିବେ, ମେଧାବୀ ବେକାର

ପାଠ ପଢ଼ିଥିବା ପିଲା ଚାକିରି ପାଉନାହାନ୍ତି। କିଛି ଜାଣି ନ ଥିବା ପିଲା ୯୯% ମାର୍କ ରଖିଥିବା ଜାଲ୍ ସାର୍ଟିଫିକେଟରେ ଚାକିରି କରୁଛନ୍ତି। ରାଜ୍ୟରେ ଜାଲ୍ ସାର୍ଟିଫିକେଟ ଓ ମାର୍କଶିଟ୍ ହାଉଯାଉ ହେଉଛି। ଏଥିରେ ବିଜେଡି ନେତାଙ୍କର ସମ୍ପୃକ୍ତି ରହିଛି ବୋଲି କଂଗ୍ରେସ ସଦସ୍ୟ ସନ୍ତୋଷ ସିଂ ସାଲୁଜା ଅଭିଯୋଗ କରିଛନ୍ତି। ମଙ୍ଗଳବାର ବିଧାନସଭାର ଶୂନ୍ୟକାଳରେ ସେ ଏହି ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ, ବଲାଙ୍ଗୀରରେ ଜାଲ୍ ସାର୍ଟିଫିକେଟ କାରବାର ନେଇ ଧରିତ୍ରୀ ଓ ଅନ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଫେକ୍ ସାର୍ଟିଫିକେଟ ର୍ୟାକେଟ ରାଜ୍ୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାର କରିଛି। ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ମାମଲାରେ ମାଷ୍ଟର ମାଇଣ୍ଡ ମନୋଜ ମିଶ୍ର ଓ ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମନୋଜଙ୍କ କୋଚିଂ ସେଣ୍ଟର ହିଁ ନକଲି ସାର୍ଟିଫିକେଟ ତିଆରିର ମୁଖ୍ୟ କେନ୍ଦ୍ର। ପୋଷ୍ଟାଲ ପରୀକ୍ଷା ବେଳେ ଜଣେ ପ୍ରାର୍ଥୀ ୯୮ ପ୍ରତିଶତ ନମ୍ବର ରଖିଥିବା ବେଳେ ଇଂଲିଶରେ କିଛି ଜାଣି ନ ଥିବା ଜଣାପଡ଼ିବା ପରେ ଏ ନେଇ ଖୋଳତାଡ଼ ହୋଇଥିଲା। ଶାସକ ଦଳ ନେତାମାନଙ୍କର ଏହି ର୍ୟାକେଟରେ ସମ୍ପୃକ୍ତି ରହିଥିବା ସାଲୁଜା ଅଭିଯୋଗ କରିଛନ୍ତି। ମେଧାବୀ ପିଲା ଚାକିରି ପାଇବେନି, ଗଧ ପିଲା ଜାଲ୍ ସାର୍ଟିଫିକେଟ ନେଇ ଚାକିରି କରିବେ। ଏଥିରେ କେଉଁମାନଙ୍କର ସମ୍ପୃକ୍ତି ରହିଛି ତାହାର ତଦନ୍ତ କରାଯାଉ। ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସାଲୁଜା ଦାବି କରିଥିଲେ।

# ତଦନ୍ତ ପାଇଁ ୪ ସ୍ୱତନ୍ତ୍ର ଟିମ୍ ଗଠିତ

**ବଲାଙ୍ଗୀର ଅଫିସ, ୨୮।୩**

### ଡାକ ପଦବୀ ପାଇଁ ନକଲି ସାର୍ଟିଫିକେଟ୍ ମାମଲା

■ ରାଜ୍ୟ ବାହାରକୁ ଯିବ ତଦନ୍ତକାରୀ ଟିମ୍
■ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ରଙ୍କ ଆର୍ଥିକ କାରବାର ଖୋଳତାଡ଼ ଜାରି
■ ସହ ଅଭିଯୁକ୍ତ ଆଲୋକ ଉଦ୍‌ଗାତା କରୁଥିଲେ ସାର୍ଟିଫିକେଟ୍ ଡିଜାଇନ
■ ଚାକିରିଠୁ ଅଧିକ ସାର୍ଟିଫିକେଟ୍ ଆଡ୍‌ମିଶନରେ ବ୍ୟବହାର ହୋଇଛି

ବଲାଙ୍ଗୀର ଡାକ ମଣ୍ଡଳରେ ଜାଲ୍ ସାର୍ଟିଫିକେଟ୍ ଧରାପଡିବା ମାମଲାରୁ ଆରମ୍ଭ ହୋଇଥିବା ସାର୍ଟିଫିକେଟ୍ ଜାଲିଆତି ଘଟଣା ଏକ ଆନ୍ତଃ ରାଜ୍ୟ ରାକେଟ୍ ବୋଲି ସ୍ପଷ୍ଟ ହୋଇଛି। ସାର୍ଟିଫିକେଟ୍ ଜାଲିଆତିର ମାଷ୍ଟର ମାଇଣ୍ଡ ମନୋଜ ମିଶ୍ର ଏବଂ ସହଯୋଗୀ ଆଲୋକ ଉଦ୍‌ଗାତାଙ୍କ ସମେତ ୧୯ ଜଣଙ୍କୁ ବଲାଙ୍ଗୀର ପୋଲିସ ଗିରଫ କରିବା ପରେ ସେମାନଙ୍କଠାରୁ ଦେଶର ୪୧ଟି ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ୫ ହଜାରରୁ ଊର୍ଦ୍ଧ୍ୱ ଜାଲ୍ ସାର୍ଟିଫିକେଟ୍ ଜବତ କରାଯାଇଛି। ଏହି ଘଟଣା ରାଜ୍ୟ ତଥା ଜାତୀୟ ସ୍ତରରେ ଚର୍ଚ୍ଚାର ବିଷୟ ହୋଇଛି। ଘଟଣାର ଗୁରୁତ୍ୱକୁ ଉପଲବ୍ଧିକରି ବଲାଙ୍ଗୀର ଏସ୍‌ପି ନୀତିନ୍ କୁଶଲକର ଏହା ଏକ ଜାତୀୟ ସ୍ତରର ସ୍କାମ୍ ବୋଲି କହିବା ସହ ଏହାର ମୂଳ ଖୋଜିବାକୁ ୪ଟି ସ୍ୱତନ୍ତ୍ର ଟିମ୍ ଗଠନ କରିଥିବା ଜଣାପଡ଼ିଛି। ଏହି ୪ଟି ଟିମ୍‌କୁ ଏସ୍‌ପି କୁଶଲକର ସ୍ୱତନ୍ତ୍ର ଦାୟିତ୍ୱ ଦେଇଥିବା ଜଣାପଡ଼ିଛି। ଗୋଟିଏ ଟିମ୍ ସାର୍ଟିଫିକେଟ୍ ଜାଲିଆତିରେ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ କେଉଁ ସ୍ଥାନରୁ କିଭଳି ଭାବେ ପରିଚାଳନା କରୁଛନ୍ତି ତାହା ନିରୀକ୍ଷଣ କରିବେ। ଆଉ ଗୋଟିଏ ଟିମ୍ ସାର୍ଟିଫିକେଟ୍ ଜାତିଆତିରେ କିଭଳି ଏବଂ କେତେ ପରିମାଣର ଆର୍ଥିକ କାରବାର ହୋଇଛି ସେ ଦିଗରେ ତଦନ୍ତ କରିବେ। ଅନ୍ୟ ଏକ ଟିମ୍ ଜାଲ୍ ସାର୍ଟିଫିକେଟ୍‌ରେ କେଉଁମାନେ ଚାକିରି କରୁଛନ୍ତି ଏବଂ ବିଭିନ୍ନ କଲେଜ ଏବଂ ବିଶ୍ୱବିଦ୍ୟାଳୟରେ ପାଠ ପଢୁଛନ୍ତି ତାକୁ ଛାନ୍‌ଭିନ୍ କରିବେ। ଚତୁର୍ଥ ଟିମ୍ ଭାବେ ଏକ ସାଇବର ଟିମ୍ ମଧ୍ୟ ଗଠନ କରାଯାଇଛି। ଏହି ଟିମ୍ ସାଇବର ଆପରାଧିକ କ୍ଷେତ୍ରକୁ ଛାନ୍‌ଭିନ୍ କରି ଉପରୋକ୍ତ ୩ଟି ଟିମ୍‌କୁ ସହଯୋଗ କରିବେ ବୋଲି ଜଣାପଡ଼ିଛି। ଏହି ଜାଲ୍ ସାର୍ଟିଫିକେଟ୍ ରାକେଟ୍ ପଡ଼ୋଶୀ କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ସୋନପୁର ଓ ବରଗଡ଼ ଜିଲା ସମେତ ଢେଙ୍କାନାଳ, କେନ୍ଦ୍ରାପଡ଼ା, କନ୍ଧମାଳ ଜିଲାକୁ ବ୍ୟାପିଥିବା ଜଣାପଡିଲାଣି। ଏହା ସହିତ ରାଜ୍ୟ ବାହାରେ ଉତ୍ତର ପ୍ରଦେଶ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣାଟକ, ସିକ୍କିମ, ରାଜସ୍ଥାନ, ମେଘାଳୟ, ମଧ୍ୟପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଗୁଜରାଟରେ ଜାଲ୍ ସାର୍ଟିଫିକେଟ୍ ରାକେଟ ସକ୍ରିୟ ରହିଥିବା ଜଣାପଡୁଥିବାରୁ ଏହି ଟିମ୍ ଆବଶ୍ୟକ ସ୍ଥଳେ ରାଜ୍ୟ ବାହାରକୁ ବିଶେଷକରି ଉତ୍ତରପ୍ରଦେଶ ଯିବ ବୋଲି ମଧ୍ୟ ଏସ୍‌ପି କୁଶଲକର କହିଛନ୍ତି। କୁଶଲକର ସୋମବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ ଯେ, ଜାଲ୍ ସାର୍ଟିଫିକେଟ୍ ପିଛା ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଟଙ୍କା କାରବାର କରାଯାଉଥିଲା। ତେବେ କେଉଁ ସାର୍ଟିଫିକେଟ୍ ପାଇଁ ୫୦ ହଜାର ଏବଂ କେଉଁ ସାର୍ଟିଫିକେଟ୍ ପାଇଁ ୫ ଲକ୍ଷ ଟଙ୍କା ନିଆଯାଇଛି ସେନେଇ ନିର୍ଦ୍ଦିଷ୍ଟ ସୂଚନା ଦେଇନାହାନ୍ତି। ତଦନ୍ତ ଚାଲିଛି ଏବଂ ଏହା ଏକ ବଡ଼ଧରଣର ଜାଲିଆତି ହୋଇଥିବାରୁ ଅଧିକ ତଦନ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବହୁ ଛାତ୍ରୀଛାତ୍ର ଅଭିଯୁକ୍ତ ମନୋଜ ଏବଂ ଆଲୋକଙ୍କ ଠାରୁ ସିଧାସଳଖ ଟଙ୍କା ଦେଇ ସାର୍ଟିଫିକେଟ୍ ନେଇ ବଡ ବଡ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟରେ ବୈଷୟିକ ପାଠ ପଢୁଥିବା ମଧ୍ୟ ଆଲୋଚନାର ବିଷୟ ହୋଇଛି। ମନୋଜଙ୍କର ଶାସକ ଦଳର ବଡ଼ବଡ଼ିଆ ନେତାଙ୍କ ସହ ଘନିଷ୍ଠ ସମ୍ପର୍କ ରହିଥିଲା। ଏଣୁ ବିରୋଧୀ ସିଧାସଳଖ ଏବେ ସେଇ ପ୍ରସଙ୍ଗକୁ ଇଙ୍ଗିତ କରି ସୋସିଆଲ ମିଡିଆରେ ଚର୍ଚ୍ଚା ଆରମ୍ଭ କରିଦେଲେଣି। ଅନେକ ଯୁବତୀ ଯୁବକ ବଲାଙ୍ଗୀର ଜିଲାର ବିଭିନ୍ନ ସ୍ଥାନରୁ କୁଆଡ଼େ ଚାଲିଯାଇଥିବାରୁ ସାର୍ଟିଫିକେଟ ଜାଲିଆତି ଘଟଣା ସହ ସେମାନଙ୍କ ଭୂମିକା ରହିଥିବା ଚର୍ଚ୍ଚାର ବିଷୟ ହୋଇଛି। କିଛି ବର୍ଷ ହେଲା ଡାକ ମଣ୍ଡଳରେ ଏଭଳି ଜାଲ୍ ସାର୍ଟିଫିକେଟ ଦେଇ ଅନେକ ଚାକିରି କରୁଥିବା ଏବେ ଚର୍ଚ୍ଚାର ବିଷୟ ହୋଇଛି। ସେ ଭିତରୁ ୪ଜଣ ପୋଷ୍ଟମାଷ୍ଟର ମଧ୍ୟ ଫେରାର ଥିବା କୁହାଯାଉଛି। ସେହିପରି ଏମ୍‌ସିଏଲ୍‌ରେ ଚାକିରି କରାଇଦେବା ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆଶାୟୀଙ୍କ ଠାରୁ ସଂଗ୍ରହ କରିଥିଲେ ଏବଂ ଏ ବାବଦରେ ପ୍ରାୟ ୮୦ ଲକ୍ଷର ବାଉନ୍ସ ଚେକ୍ ଜବତ ହୋଇଥିବା ଏସ୍‌ପି କୁଶଲକର ସୂଚନା ଦେଇଥିଲେ। ଜଣେ ଯୁବକଙ୍କଠାରୁ ଏମ୍‌ସିଏଲ୍‌ରେ ଚାକିରି କରାଇଦେବା ନାଁରେ ୫ ଲକ୍ଷ ଟଙ୍କା ଅଭିଯୁକ୍ତ ମନୋଜ ନେଇଥିବା ଅଭିଯୋଗ ହୋଇଛି। ଏହା ସହିତ ଏହି ସାର୍ଟିପିକେଟ୍ ଜାଲିଆତିରୁ ସଂଗୃହୀତ ଟଙ୍କାରେ ଜମି କିଣାବିକା ହୋଇଥିବା ନେଇ ଏସ୍‌ପି ସୂଚନା ଦେଇଥିବାରୁ ଏଦିଗରେ ମଧ୍ୟ ସ୍ୱତନ୍ତ୍ର ତଦନ୍ତ ହେବା ଜଣାପଡ଼ିଛି। ଜାଲ୍ ସାର୍ଟିଫିକେଟ୍‌ଗୁଡିକର ଡିଜାଇନ ସବୁ ଆଲୋକ ଉଦ୍‌ଗାତା କରୁଥିଲେ ଏବଂ ସେ ଜଣେ କମ୍ପ୍ୟୁଟର ଏକ୍ସପର୍ଟ ବୋଲି ଏସ୍‌ପି ସୂଚନା ଦେଇଥିଲେ।

## ୬ ଜଣଙ୍କ ନାଁରେ ମାମଲା

**ଫୁଲବାଣୀ ଅଫିସ, ୨୮।୩**

କନ୍ଧମାଳ ଜିଲାରେ ଡାକ ବିଭାଗରେ ଚାକିରି ପାଇଁ ଜାଲ୍ ପ୍ରମାଣପତ୍ର ଦାଖଲ କରାଯାଇଛି । ଏହି ଚେର ବଲାଙ୍ଗିରରୁ ଫୁଲବାଣୀ ଲମ୍ବିଥିବା ଜଣାପଡିଛି। ଘଟଣା ଜଣାପଡିବା ପରେ ଫୁଲବାଣୀ ଡାକ ମଣ୍ଡଳ ଅଧୀକ୍ଷକ ଫୁଲବାଣୀ ଟାଉନ ଥାନାରେ ୬ ଜଣଙ୍କ ନାମରେ ଏତଲା ଦେଇଛନ୍ତି । ପୋଲିସ ତଦନ୍ତ ଆରମ୍ଭ କରିଛି । ଫୁଲବାଣୀ ଡାକ ମଣ୍ଡଳରେ ୮୫ଟି ପଦବୀ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ବିପିଏମ୍, ଏବିପିଏମ୍, ଜିଡିଏସ୍ ପଦବୀ ରହିଥିଲା। ଏହି ପଦବୀ ପାଇଁ ସର୍ବନିମ୍ନ ଯୋଗ୍ୟତା ମାଟ୍ରିକ ପାସ ରହିଥିଲା । ନିଯୁକ୍ତି ପାଇଁ ସମସ୍ତ ପ୍ରକ୍ରିୟା ଅନ୍‌ଲାଇନରେ ହୋଇଥିଲା। ମାଟ୍ରିକ ପରୀକ୍ଷା ମାର୍କ ଭିତ୍ତିରେ ଯୋଗ୍ୟ ପ୍ରାର୍ଥୀ ଚୟନ ପାଇଁ ବ୍ୟବସ୍ଥା ରହିଥିବା ବେଳେ ୮୫ ଜଣ ମନୋନୀତ ପ୍ରାର୍ଥୀଙ୍କ ମଧ୍ୟରୁ ୫୭ଜଣ ସୋମବାର ଉପସ୍ଥିତ ଥିଲେ । ଏ ସମସ୍ତ ପ୍ରାର୍ଥୀଙ୍କ ମାଟ୍ରିକ ପ୍ରମାଣପତ୍ର ଯାଞ୍ଚ ପରେ ୬ ଜଣଙ୍କ ପ୍ରମାଣପତ୍ର ଜାଲ୍ ବୋଲି ଜଣାପଡିଥିଲା। ସେଥିରୁ ୫ ଜଣ ଆହ୍ଲାବାଦ ବୋର୍ଡରୁ ସାର୍ଟିଫିକେଟ ଆଣିଥିବା ବେଳେ ଜଣଙ୍କ ପାଖରେ ଜାତୀୟ ମୁକ୍ତ ବିଦ୍ୟାଳୟର ପ୍ରମାଣପତ୍ର ରହିଥିଲା। ଏହି ଜାଲିଆତି ବିଷୟ ଜଣାପଡିବା ପରେ ଫୁଲବାଣୀ ଡାକ ମଣ୍ଡଳ ଅଧୀକ୍ଷକ ଦେବୀ ପ୍ରସାଦ ନାୟକ ସୋମବାର ସନ୍ଧ୍ୟାରେ ଫୁଲବାଣୀ ଟାଉନ ଥାନାରେ ଏତଲା ଦେଇଛନ୍ତି। ଜାଲ ପ୍ରମାଣପତ୍ର ଦାଖଲ ଫୁଲବାଣୀ, ବଲାଙ୍ଗୀର ଏବଂ ଭଦ୍ରକର ପ୍ରାର୍ଥୀ କରିଥିବା ଜଣାପଡିଛି। ଥାନାରେ ୮୬/୨୩ ରେ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଛି ବୋଲି ଥାନାଧିକାରୀ ଅଶୋକ କୁମାର ଗିରି ସୂଚନା ଦେଇଛନ୍ତି।

# ଆଇଇଡି ବୋମା ବିସ୍ଫୋରଣ, ୨ ଯବାନ ଗୁରୁତର

**ମାଲକାନଗିରି,୨୮।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ପୁଣି ମାଓବାଦୀ ହିଂସା ଦେଖିବାକୁ ମିଳିଛି। ସେମାନଙ୍କ ଦ୍ୱାରା ଖଞ୍ଜାଯାଇଥିବା ଆଇଇଡି ବୋମା ବିସ୍ଫୋରଣରେ ମଙ୍ଗଳବାର ୨ଜଣ ଯବାନ ଆହତ ହୋଇଛନ୍ତି। ଛତିଶଗଡ଼ର କଙ୍କେର ଅଞ୍ଚଳରେ ଥିବା ଚିଲପାରାସ୍ ନିକଟରେ ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିଲେ। ଏହି ସମୟରେ ମାଓବାଦୀମାନେ ପୂର୍ବରୁ ଏଠାରେ ଖଞ୍ଜିଥିବା ଏକ ଆଇଇଡି ବୋମା ବିସ୍ଫୋରଣ ହୋଇଥିଲା। ୨ ଯବାନ ଗୁରତର ହୋଇଥିଲେ। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବା କଙ୍କେର ଏସ୍‌ପି ସଲଭ ସିହ୍ନା କହିଛନ୍ତି।

# ପ୍ରଥମ ଦିନରେ ଧରାହେଲେ ୮୪ ନାବାଳକ


ରାଉରକେଲା ଏସ୍‌ଟିଆଇ ଛକଠାରେ ଗାଡ଼ି ଯାଞ୍ଚ କରାଯାଉଛି।

**କଟକ ଅଫିସ୍,୨୮।୩**

### ଆରମ୍ଭ ହେଲା ସ୍ୱତନ୍ତ୍ର ଡ୍ରାଇଭ୍

## ୨୫ ହଜାର ଲେଖାଏ ଚାଲାଣ, ଗାଡ଼ି ଜବତ

ରାଜ୍ୟରେ ଦୁର୍ଘଟଣା ରୋକିବାକୁ ମଙ୍ଗଳବାରଠାରୁ ସ୍ୱତନ୍ତ୍ର ଡ୍ରାଇଭ୍ ଆରମ୍ଭ ହୋଇଛି। ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ ପୋଲିସର ମିଳିତ ସହଯୋଗରେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ପ୍ରଥମ ଦିନରେ ୮୪ଜଣ ନାବାଳକ ଚାଳକ ଧରାପଡ଼ିଛନ୍ତି। ସବୁ ଜିଲାରେ ସକାଳୁ ରାତିଯାଏ ଧରପଗଡ଼ ଚାଲିଥିଲା। ସମସ୍ତ ୮୪ ଜଣ ନାବାଳକଙ୍କ ଗାଡ଼ି ଜବତ କରାଯାଇଛି। ଗାଡ଼ି ମାଲିକଙ୍କ ନାମରେ ୨୫ ହଜାର ଟଙ୍କା ଲେଖାଏ ଜରିମାନା ଆଦାୟ ପାଇଁ ଚାଲାଣ କଟାଯାଇଛି। କେତେକ ଗାଡ଼ି ମାଲିକ ୨୫ ହଜାର ଟଙ୍କା ଜରିମାନା ଦାଖଲ କରି ମଙ୍ଗଳବାର ଗାଡ଼ି ନେଇଥିବା ବେଳେ ଅନ୍ୟମାନଙ୍କ ଗାଡ଼ି ବୁଧବାର ଅଦାଲତଙ୍କୁ ହସ୍ତାନ୍ତର କରାଯିବ ବୋଲି ରାଜ୍ୟ ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଅତିରିକ୍ତ କମିଶନର ଲାଲମୋହନ ସେଠୀ ସୂଚନା ଦେଇଛନ୍ତି।

ସୂଚନାନୁସାରେ, ରାଜ୍ୟର ବିଭିନ୍ନ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ପୋଲିସ ସହାୟତାରେ ଚଢ଼ାଉ କରାଯାଇଥିଲା। ବେଆଇନ ଗାଡ଼ି ଚାଳକଙ୍କ ସମେତ ନାବାଳକ ଗାଡ଼ି ଚାଳକଙ୍କୁ ଧରିବା ଉପରେ ଜୋର୍ ଦିଆଯାଇଥିଲା। ଧରାପଡ଼ିଥିବା ୮୪ ଜଣ ନାବାଳକଙ୍କ ମଧ୍ୟରୁ ରାଉରକେଲାରେ ୧୧, ଝାରସୁଗୁଡ଼ାରେ ୫, ସମ୍ବଲପୁର ୩, ସୁନ୍ଦରଗଡ଼ ୧, ବାଲେଶ୍ୱର ୯, ଯାଜପୁର ୩, ଚଣ୍ଡିଖୋଲ ୨, ବରଗଡ଼ ୧, ଢେଙ୍କାନାଳ ୩, ଅନୁଗୋଳ ୧, ତାଳଚେର ୧, ବଡ଼ବିଲ ୫, କୋରାପୁଟ ୨, ନବରଙ୍ଗପୁର ୧, ରାୟଗଡ଼ା ୩, କଳାହାଣ୍ଡି ୫, ନୂଆପଡ଼ା ୧, ଗଞ୍ଜାମ ୧୨, ଭଞ୍ଜନଗର ୨, କଟକ ୭, ଭୁବନେଶ୍ୱର(୧) ୫ ଏବଂ ଭୁବନେଶ୍ୱର(୨) ଜଣେ ମିଶି ମୋଟ ୮୪ ଜଣ ଅଛନ୍ତି। କଟକର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବେଆଇନ ଗାଡ଼ି ଚାଳକଙ୍କୁ ଧରାଯାଇଛି। ମଦ୍ୟପାନ କରି ଗାଡ଼ି ଚଳାଇବା ଅଭିଯୋଗରେ ୩ଜଣ ଚାଳକ ଧରାପଡ଼ିଛନ୍ତି। ସେମାନଙ୍କ ଗାଡ଼ିଗୁଡ଼ିକୁ ଜବତ କରାଯିବା ସହ ଜରିମାନା ବାବଦରେ ଚାଲାଣ କଟାଯାଇଛି। ଏହାବାଦ୍ ବସ୍ ଓ ଟ୍ରକ୍ ଚାଳକମାନଙ୍କୁ ସଚେତନ କରାଇବା ଲାଗି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସଞ୍ଜୟ କୁମାର ବେହେରା ସୂଚନା ଦେଇଛନ୍ତି। ଅଲ୍ ଓଡ଼ିଶା ଟ୍ରକ ଓନର୍ସ ଫେଡେରେଶନର ସଭାପତି ଶରତ ପ୍ରଧାନ, ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ଶତପଥୀ, ମାଲଗୋଦାମ ଟ୍ରକ ମାଲିକ ସଂଘ ସଭାପତି ସୁଜିତ ସେନାପତିଙ୍କ ସମେତ ଚାଳକ, ମାଲିକ ଓ ଏନ୍‌ଜିଓ ପ୍ରତିନିଧିମାନେ ଯୋଗଦେଇ ଜିରୋ ଫାଟାଲିଟି(ଶୂନ ମୃତ୍ୟୁ) ସପ୍ତାହ ପାଳନ ଉପରେ ଚାଳକମାନଙ୍କୁ ସଚେତନ କରାଇବା ନିମନ୍ତେ ଅବଗତ ହୋଇଥିଲେ। ସେହିପରି ଅଲ୍ ଓଡ଼ିଶା ବସ୍ ଓନର୍ସ ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କଟକ ଘରୋଇ ବସ୍ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ସାଧାରଣ ସମ୍ପାଦକ ନିରଞ୍ଜନ ସାହୁ, ଟ୍ରାଫିକ ଏସିପି ସୁଶାନ୍ତ ସିଂହ, ଏମ୍‌ଭିଆଇ ବିଶ୍ୱଜିତ ଦାଶ ପ୍ରମୁଖ ବସ୍ ପରିବହନ କ୍ଷେତ୍ରରେ ଜିରୋ ଫାଟାଲିଟି ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରକାଶ ଯେ, ନାବାଳକ ଗାଡ଼ି ଚଳାଇବା ଧରାପଡ଼ିଲେ ସେମାନଙ୍କୁ ୨୫ବର୍ଷ ହେବା ପର୍ଯ୍ୟନ୍ତ ଲାଇସେନ୍ସ ପ୍ରଦାନ ଉପରେ ରୋକ ଲଗାଯିବା ସହ ଅଭିଭାବକଙ୍କ ଠାରୁ ୨୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି ସୋମବାର ରାଜ୍ୟ ପରିବହନ ବିଭାଗର ଏନ୍‌ଫୋର୍ସମେଣ୍ଟ ଅତିରିକ୍ତ କମିଶନର ଲାଲ୍ ମୋହନ ସେଠୀ ସୂଚନା ଦେଇଥିଲେ।

ସବୁ ଅଭ୍ୟାସ ଭିତରେ- ମୃତ୍ୟୁ ହେଉଛି ସବୁଠାରୁ ଅବାଧ ଅଭ୍ୟାସ । .. କିନ୍ତୁ ଭୟ କରନା । ଭଗବାନ ମୃତ୍ୟୁଠାରୁ ଅଧିକ ଶକ୍ତିଶାଳୀ ଏବଂ ସେ ତୁମ ପାଖେ ପାଖେ ଅଛନ୍ତି । ... ମୃତ୍ୟୁକୁ ଇଚ୍ଛା କରନା କି ମୃତ୍ୟୁକୁ ସମ୍ମତି ଦିଅନା ଏବଂ ମୃତ୍ୟୁକୁ ଭୟ ମଧ୍ୟ କରନା । -ଶ୍ରୀମା



# ସାଶା

ଭାରତରେ ଥିବା ବିଭିନ୍ନ ବିଲୁପ୍ତପ୍ରାୟ ଅଧିକାଂଶ ଜୀବଜନ୍ତୁ ବିପନ୍ନଜନକ ପରିସ୍ଥିତିରେ ଅଛନ୍ତି ବୋଲି କୁହାଯାଉଛି, ଜନସଂଖ୍ୟା ବୃଦ୍ଧି ଯୋଗୁ ମଣିଷ ତାଙ୍କର ଚରାଭୂଇଁରେ ପ୍ରବେଶ କରୁଥିବା ଫଳରେ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିହେଉଛି। ଏଭଳି ମତ କେତେକାଂଶରେ ସତ ହୋଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଛବି ନୁହେଁ। ହାତୀଠାରୁ ଆରମ୍ଭ କରି ଅନ୍ୟସବୁ ଜୀବଜନ୍ତୁଙ୍କର ଜୀବନ ଭାରତରେ ଆଜି ଯଦି ବିପନ୍ନ ତେବେ ତାହାର ମୁଖ୍ୟ କାରଣ ହେଉଛି ଖଣି ଖନନ କାର୍ଯ୍ୟ, ଶିଳ୍ପ ପ୍ରତିଷ୍ଠା ଏବଂ ରାସ୍ତା ଓ ରେଳ ଲାଇନ ନିର୍ମାଣ। ଅର୍ଥାତ୍ ଅନ୍ଧାଧୁନ୍ଦ ପ୍ରଗତି ଏହି ଉପମହାଦେଶର ପ୍ରାକୃତିକ ସମ୍ପଦକୁ ଧ୍ୱଂସ କରିଦେଉଛି। ଏଠାରେ ମନେରଖିବାକୁ ହେବ ଯେ,ଶିଳ୍ପାୟନ ଓ ପ୍ରଗତିକୁ ରୋକିବା ସମ୍ଭବପର ନୁହେଁ। ଅନ୍ୟପଟେ ହାତୀ ଭଳି ଜୀବ ଯଦି ଲୋପ ପାଇଯାଏ ତେବେ ମଣିଷ ବଞ୍ଚିବା କଷ୍ଟକର ହୋଇପଡ଼ିବ। ସେଥିପାଇଁ ଉଭୟ ପ୍ରଗତି ଓ ପ୍ରାକୃତିକ ପରିବେଶର ଏକ ସମନ୍ୱୟ ସୃଷ୍ଟି କରିବା ଅତ୍ୟନ୍ତ ଆବଶ୍ୟକ। ଏହା ଅସମ୍ଭବ ନୁହେଁ, କାରଣ ଆଫ୍ରିକା ମହାଦେଶର ଅନେକ ଦେଶ ଏହି ସମନ୍ୱୟ ସୃଷ୍ଟି କରିବାରେ ସଫଳ ହେଲେଣି। ଏଥିପାଇଁ ଦରକାର ସରକାରୀ ସ୍ତରରେ ବାସ୍ତବ ପ୍ରଚେଷ୍ଟା ସହିତ ଜନସାଧାରଣଙ୍କ ସଚେତନତା ଓ ସହଯୋଗ।

ସେପ୍ଟେମ୍ବର ୨୦୨୨ରେ ଆଫ୍ରିକୀୟ ଦେଶ ନାମିବ୍ୟାରୁ ପ୍ରଥମ ପର୍ଯ୍ୟାୟରେ ଅଣାଯାଇଥିବା ୮ଟି ଚିତାବାଘ ମଧ୍ୟରୁ ଗୋଟିକର ମାର୍ଚ୍ଚ ୨୭ରେ ମୃତ୍ୟୁ ହୋଇଛି। ୫ ବର୍ଷ ବୟସ୍କା ସାଶା ନାମ୍ନୀ ଉକ୍ତ ବାଘୁଣୀର ମୃତ୍ୟୁ କିଡ୍‌ନୀ ସଂକ୍ରମଣ ଯୋଗୁ ହୋଇଥିବା ମଧ୍ୟପ୍ରଦେଶ ବନ ବିଭାଗ ଜଣାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଡ଼ ଆଡମ୍ବରରେ ଏବଂ ଅନେକ ଫଟୋ ଉଠିବା ପରେ ତାଙ୍କ ଜନ୍ମ ଦିନରେ ୩ ଚିତାବାଘକୁ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନର ନିରୀକ୍ଷଣ ବଳୟରେ ଥିବା ସୀମିତ ଅଞ୍ଚଳ ମଧ୍ୟକୁ ଛାଡ଼ିଥିଲେ। ପରେ ଅନ୍ୟ କେତେକ ଚିତାବାଘ ମଗାଯାଇ ସେହିଠାରେ ରଖାଯାଇଥିଲା। ନିରୀକ୍ଷଣ ବଳୟରେ ଥିବା ସୀମିତ ଅଞ୍ଚଳ ମଧ୍ୟରେ ଦୀର୍ଘ ୭ ମାସ ରହିବା ପରେ ଚଳିତ ମାସରେ ଚିତାମାନଙ୍କ ମଧ୍ୟରୁ ୪ଟିକୁ ଜଙ୍ଗଲ ମଧ୍ୟକୁ ଛଡ଼ାଯାଇଛି ଓ ସୁସ୍ଥ ଥିବା ଆଉ ଗୋଟିକୁ ଖୁବ୍ ଶୀଘ୍ର ମୁକ୍ତ କରାଯିବ ବୋଲି କୁହାଯାଇଛି। ସାଶା ସହ ଆଉ ଦୁଇଟି ଚିତା ଖୋଲା ଜଙ୍ଗଲରେ ବଞ୍ଚିବା ସମ୍ଭାବନା କମ୍ ବୋଲି ବିଶେଷଜ୍ଞ ଜଣାଇବା ପରେ ସେମାନଙ୍କୁ ହଣ୍ଟିଂ ଏନ୍‌କ୍ଲୋଜରରେ ରଖାଯାଇଥିଲା । ତେବେ ଭାରତକୁ ଆସିବା ପୂର୍ବରୁ ସାଶା ଏହି ରୋଗରେ ଆକ୍ରାନ୍ତ ଥିଲା ବୋଲି ବନ ବିଭାଗ କହୁଥିଲାବେଳେ ଚିତା ପ୍ରୋଜେକ୍ଟର ଭାଗୀଦାରି ଥିବା ନାମିବ୍ୟା ସ୍ଥିତ ୱାଇଲ୍ଡ ଲାଇଫ୍ ଏନ୍‌ଜିଓ ଚିତା କଞ୍ଜରଭେଶନ ଫଣ୍ଡର ସଂଯୋଜକ ଏହାକୁ ଖଣ୍ଡନ କରିଛନ୍ତି। ଅପରପକ୍ଷରେ ମଧ୍ୟପ୍ରଦେଶ ବନ ବିଭାଗ କହିଛି ଯେ ଏହି ରୋଗ ଜାନୁୟାରୀ ୨୨ରେ ଠାବ କରାଯାଇ ଚିକିତ୍ସା ଆରମ୍ଭ କରାଯାଇଥିଲା। ଏହା ଜଣାଶୁଣା ଯେ, ଭାରତରେ ସରକାରୀ ବିଭାଗ ଓ ତାହାର କର୍ମଚାରୀମାନେ କେବେହେଲେ କୌଣସି ବିଫଳତା ପାଇଁ ନିଜ ଉପରକୁ ଦାୟିତ୍ୱ ନିଅନ୍ତି ନାହିଁ। ସେଥିପାଇଁ କୁନୋ ଜାତୀୟ ଉଦ୍ୟାନର କର୍ମଚାରୀମାନେ ସ୍ୱାଭାବିକ ଭାବେ ସାଶା ପୂର୍ବରୁ କିଡ୍‌ନୀ ଯୋଗରେ ଆକ୍ରାନ୍ତ ଥିଲା ବୋଲି କହିଦେଲେ। ନିଜ ହାତ ଧୋଇଦେବାବେଳେ ସେମାନେ ଭାବିବା ଉଚିତ ଥିଲା ଯେ, ପ୍ରଧାନମନ୍ତ୍ରୀ ମୋଦି ଯେତେବେଳେ ଏହି ଜନ୍ତୁ କିଣିବାର ନିର୍ଦ୍ଦେଶ ଦେଇଥିବେ ସେତେବେଳେ ପଶୁ ଚିକିତ୍ସକମାନେ ପ୍ରତ୍ୟେକ ଜନ୍ତୁର ସ୍ୱାସ୍ଥ୍ୟାବସ୍ଥାକୁ ନିରୀକ୍ଷଣ କରି ଆଣିଥିବେ।

ଚିତା ପ୍ରୋଜେକ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ଚଳିତ ବର୍ଷ ଫେବୃୟାରୀ ୧୮ରେ ଦକ୍ଷିଣ ଆଫ୍ରିକାରୁ ଆଉ ୧୨ଟି ଚିତା ଅଣାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୧୯୪୭ରେ ଶେଷ ଚିତାର ମୃତ୍ୟୁ ହେବା ପରେ ୧୯୫୨ ମସିହାରେ ଏହି ଜୀବକୁ ବିଲୁପ୍ତ ଘୋଷଣା କରାଯାଇଥିଲା। ତେବେ ଭାରତକୁ ଚିତା ଫେରାଇ ଆଣିବା ଲାଗି ୨୦୦୯ରେ ଉପା ସରକାର ଅମଳରେ ଚିତା ପ୍ରୋଜେକ୍ଟ ଆରମ୍ଭ କରାଯାଇଥିଲା। ଚିତାବାଘର ବଂଶ ବୃଦ୍ଧି କରି ଭାରତରେ ସ୍ଥିତି ମଜଭୁତ କରିବା ଲାଗି ପାଖାପାଖି ଏକ ଦଶନ୍ଧି ପରେ ଏହି ପଦକ୍ଷେପ ନିଆଯାଇଛି। ତେବେ ପ୍ରୋଜେକ୍ଟ ଆରମ୍ଭ ହେବାର ୭ ମାସ ମଧ୍ୟରେ ଚିତାବାଘୁଣୀ ସାଶାର ମୃତ୍ୟୁ ଏକ ଆହ୍ୱାନ ସୃଷ୍ଟି କରିଛି । ଚିତାଙ୍କୁ ନାମିବ୍ୟାରୁ ଆଣିବାବେଳେ ବନ୍ୟଜନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଥିଲେ ଯେ, ସ୍ଥାନାନ୍ତର ଜନିତ ଚାପ ଓ ଅଜଣା ସ୍ଥାନ ସେମାନଙ୍କୁ ରୋଗଗ୍ରସ୍ତ କରିପାରେ। ଏହାବ୍ୟତୀତ ଇଣ୍ଟରନ୍ୟାଶନାଲ ୟୁନିୟନ୍ ଫର୍ କଞ୍ଜରଭେଶନ ଅଫ୍ ନେଚର (ଆଇୟୁସିଏନ୍)ର ମାର୍ଗଦର୍ଶିକା ସୂଚିତ କରେ ଯେ, ଗୋଟିଏ ସ୍ଥାନରୁ ଅନ୍ୟ ଏକ ଅଞ୍ଚଳକୁ ଜୀବମାନଙ୍କୁ ନିଆଗଲେ ସେମାନେ ଜୀବାଣୁ ଓ ଭୂତାଣୁ ସଂକ୍ରମଣ ମୁକ୍ତ ରହିବେ ନାହିଁ। ଗୋଟିଏ ପକ୍ଷେ ଶିକାରୀ ଭୟ ଓ ଅନ୍ୟପଟେ ଆହାର ଅଭାବ ସହିତ ଜୈବବିବିଧତା ସଙ୍କଟ ଏମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ସମ୍ଭାବନା ଅଧିକ। ଅତୀତକୁ ଦେଖିଲେ ଭାରତୀୟ ଚିତାଙ୍କ ଆଶ୍ରୟସ୍ଥଳୀ ଭାବେ ଜଣାଶୁଣା କୁନୋ ଜଙ୍ଗଲରୁ ଏମାନେ ଲୋପ ପାଇଯାଇଥିଲେ। ଅନ୍ୟପକ୍ଷରେ ଭାରତରେ ଅନ୍ୟ ବାଘମାନଙ୍କ ମୃତ୍ୟୁ ଉପରେ ଅଙ୍କୁଶ ଲାଗି ପାରୁନାହିଁ କିମ୍ବା ସେମାନଙ୍କ ସଂରକ୍ଷଣରେ ଆଶାଜନକ ଫଳାଫଳ ମିଳିପାରୁନାହିଁ। ଏସବୁକୁ ବିଚାରକଲେ ଭାରତରୁ ଚିତା ବିଲୁପ୍ତ ହେବାର ୭୦ ବର୍ଷ ପରେ କୁନୋ ଜାତୀୟ ଉଦ୍ୟାନରେ ସେମାନଙ୍କ ସଂରକ୍ଷଣ ଯୋଜନା ସାମ୍ପ୍ରତିକ ସ୍ଥିତିରେ ଏକ କଠିନ ବ୍ୟାପାର ବୋଲି ମନେହୁଏ। ଏଥିସହିତ ଭାରତରେ ଥିବା ବନ୍ୟଜନ୍ତୁଙ୍କୁ ସୁରକ୍ଷିତ ରଖିବାର ଏବଂ ତାଙ୍କର ବଂଶବୃଦ୍ଧି ପାଇଁ ଅର୍ଥ ଖର୍ଚ୍ଚ କରାଯିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାନ୍ତା। କିନ୍ତୁ ତାହା କଲେ ପ୍ରଚାର କରିବା ସମ୍ଭବପର ହେବ ନାହିଁ। ତେଣୁ ଭାରତୀୟଙ୍କୁ ନିଷ୍ପତ୍ତି ନେବାକୁ ହେବ ସେମାନେ ପରିବେଶ ସୁରକ୍ଷା ଚାହାନ୍ତି ନା ପ୍ରଚାର ଖୋଜୁଛନ୍ତି।

# ବଜେଟ: ମୁଣ୍ଡ ପିଛା ୬୦ ହଜାର ଟଙ୍କା



ସହଦେବ ସାହୁ

ଦାଦନ ଶ୍ରମିକ ଓ ଚାଷୀ ଆତ୍ମହତ୍ୟା ସମସ୍ୟାର ଅନ୍ତ ହେଲେ ହିଁ ଏକ ନୂଆଯୁଗ ଆସିପାରିବ- ଏ ଚିନ୍ତା ବିଜେଡି କରିବାର ବେଳ ଆସିଛି। ୨୦୨୩-୨୪ର ବଜେଟ ଏ ସୁଯୋଗ ଆଣିଦେଇଛି। ୪ କୋଟି ୨୦ ଲକ୍ଷ ଲୋକଙ୍କ ପାଇଁ ୨ ଲକ୍ଷ ୩୦ ହଜାର କୋଟି ଟଙ୍କାର ବଜେଟ ଅଟକଳ: ମୁଣ୍ଡପିଛା ୫୯୫୨୩.୮୧ ଟଙ୍କା, ପ୍ରାୟ ୬୦ ହଜାର ଟଙ୍କା। ଯଥାଯଥ ବାଣ୍ଟିପାରିଲେ ଓଡ଼ିଶା ରାଜ୍ୟରେ ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଯିବ। ଆମ ରାଜ୍ୟର 'ବିଲୋ ପଭର୍ଟି ଲାଇନ' (ବିପିଏଲ୍) ଲୋକସଂଖ୍ୟା ୩୦% ବା ୧.୪ କୋଟି, ସେମାନଙ୍କ ଉପରେ ସାମାନ୍ୟ ପରିମାଣରେ ବେଶି ଆୟକାରୀ 'ଏବଭ୍ ପଭର୍ଟି ଲାଇନ' (ଏପିଏଲ୍)ଙ୍କ ସଂଖ୍ୟା ୧୫% ବା ୭୨ ଲକ୍ଷ ଧରିଲେ ଦୁଃଖରେ ଦିନ କାଟୁଥିବା ଲୋକସଂଖ୍ୟା ମୋଟରେ ୨କୋଟି ୧୦ ଲକ୍ଷ ହେବ- ସେମାନଙ୍କ ଭିତରୁ ୧୮ ବର୍ଷରୁ କମ୍ ସଂଖ୍ୟା ସରକାରୀ ହିସାବରେ ୮.୭% ବା ୧୮ ଲକ୍ଷ ୨୭ ହଜାର (ଧରନ୍ତୁ ୧୮ ଲକ୍ଷ)। ଯଦି ବଡ଼ମାନଙ୍କୁ ମାସିକ ୪୫୦୦ ଟଙ୍କା ଓ ସାନମାନଙ୍କୁ ମାସିକ ୧୫୦୦ ଟଙ୍କା ବିନାସର୍ତ୍ତରେ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ଦିଆଯାଏ, ତେବେ ବଡ଼ଙ୍କ ପାଇଁ ୧୦୩ କୋଟି ୬୮ ଲକ୍ଷ ଏବଂ ସାନଙ୍କ ପାଇଁ ୩୨ କୋଟି ୪୦ ଲକ୍ଷ ଟଙ୍କା – ମୋଟ ୧,୩୬,୦୦୦ କୋଟି ୮ ଲକ୍ଷ ବର୍ଷକୁ ଖର୍ଚ୍ଚ ହେବ। ବାକି ୧,୧୪,୦୦୦ କୋଟିରୁ ବଜେଟରେ ଥିବା କର୍ମଚାରୀ ଓ ଅନ୍ୟମାନଙ୍କ ପାଇଁ ଦରମା ବାବଦ ୯୮,୦୦୦ କୋଟି ଭରଣା କରିସାରି ୧୬,୦୦୦କୋଟି ଟଙ୍କା ବିକାଶମୂଳକ କାର୍ଯ୍ୟ ତଥା ପୁଞ୍ଜିନିବେଶକାରୀ କାର୍ଯ୍ୟ ପାଇଁ ବଳିବ। ଚଳିତ ବଜେଟରେ କୁହାଯାଇଛି ରାଜ୍ୟ ନିଜ ସାଧନରେ ପ୍ରାୟ ୧ଲକ୍ଷ କୋଟି ଟଙ୍କା ଆଦାୟ କରିବ- ଉଭୟ ଟିକସ ଓ ଅଣଟିକସ କ୍ଷେତ୍ରରୁ। କେନ୍ଦ୍ର ସରକାରଙ୍କଠାରୁ ଟିକସ ବାବଦରେ ପ୍ରାୟ ୭୫ହଜାର କୋଟି ପାଉଥିଲା ବେଳେ ଅଣଟିକସ ୯୫ ହଜାର କୋଟି ପାଇବ। ଆଗାମୀ ବର୍ଷଗୁଡ଼ିକରେ କେନ୍ଦ୍ରରୁ ମିଳୁଥିବା ଟିକସ ପରିମାଣ ପ୍ରତିବର୍ଷ ୧୦%ରୁ ୨୫% ବଢ଼ି ଚାଲିବ। ରାଜ୍ୟର ରେଭିନ୍ୟୁ ରିସିପ୍ଟ ବା ରାଜସ୍ୱ ଆଦାୟ ବଢ଼ି ବଢ଼ି ଏବର୍ଷ ୧ ଲକ୍ଷ ୮୦ ହଜାର କୋଟି ହେବ, ଗତ ବର୍ଷ ତୁଳନାରେ ୧୫% ବେଶି। ସରକାର କହୁଛନ୍ତି ପ୍ରତିବର୍ଷ ରାଜସ୍ୱ ବୃଦ୍ଧି ୬% ରୁ ୭% ହେଉଛି। ତେଣୁ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ୭% ଲେଖାଏ ଆସନ୍ତା ଦୁଇବର୍ଷ ଯାଏ ବଢ଼ାଯାଇ ପାରିବ। ୨୦୨୪-୨୫ରେ ବଡ଼ଙ୍କୁ ମାସିକ ୫୦୦୦ ଓ ସାନଙ୍କୁ ମାସିକ ୨୦୦୦ ଲେଖାଏ ଏବଂ ୨୦୨୫-୨୬ରେ ଯଥାକ୍ରମେ ୫୫୦୦ ଓ ୨୫୦୦ ଏବଂ ୨୦୨୬-୨୭ରେ ୬୦୦୦ ଓ ୩୦୦୦ ହୋଇପାରେ।



୨୦୨୪ର ନିର୍ବାଚନ ପୂର୍ବର ଏହି ପୂର୍ଣ୍ଣ ବଜେଟକୁ ନୂଆ ମୋଡ଼ ଦେଲେ ରାଜ୍ୟର ହାପିନେସ୍ ଇଣ୍ଡେକ୍ସ ସବା ଉପରକୁ ଉଠିଯାଆନ୍ତା। ଭାବାବେଗ ଉପରେ ପର୍ଯ୍ୟବସିତ ଟଙ୍କିକିଆ ଚାଉଳ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ବା କାଳିଆ ଭଳି ଯୋଜନା ରାଜ୍ୟର ଜନଜୀବନକୁ ଏବଂ ସବୁ ସଂସ୍ଥାକୁ ଭ୍ରଷ୍ଟାଚାର-ଭିତ୍ତିକ ଓ ଦୁର୍ନୀତିଗ୍ରସ୍ତ କରିଦେଲାଣି। ଭୋକଶୋଷରେ ହନ୍ତସନ୍ତ ଓ ଚାଷରେ କ୍ଷତିଗ୍ରସ୍ତ ଲୋକ ଦାଦନ ଯିବା ବା ଆତ୍ମହତ୍ୟା କରିବା ଯାଏ ସରକାରଙ୍କ ନୂଆ ଯୁଗ ଇତିହାସରେ ରହିଯିବ, କେତେକ କମ୍ୟୁନିଟି ୱର୍ଶିପ୍‌ରେ ବିଶ୍ୱାସ କରୁଥିବା ଧର୍ମାଳୁଙ୍କୁ ସନ୍ତୁଷ୍ଟ କରିବା ପାଇଁ ମନ୍ଦିର ମସ୍‌ଜିଦ ନବୀକରଣ କଲେ (ଓଡ଼ିଶା ବାହାରର କଣ୍ଟ୍ରାକ୍ଟରମାନଙ୍କୁ ଓଡ଼ିଶାର ଧନ ଟେକିଦେଲେ) ପ୍ରାୟଶ୍ଚିତ୍ତ ହେବ ନାହିଁ। ସ୍ୱର୍ଣ୍ଣ ଯୁଗ ଆରମ୍ଭ କରିବାର ବଡ଼ ମଉକା ହେଉଛି ସାର୍ବଜନୀନ ମୌଳିକ ଆୟ, ୟୁନିଭର୍ସାଲ ବେସିକ୍ ଇନ୍‌କମ୍ (ୟୁବିଆଇ) ଚାଲୁ କରିବା। ସରକାରୀ ଓ ବେସରକାରୀ କାର୍ଯ୍ୟକ୍ଷେତ୍ରରେ ଅଟୋମେଶନ୍ (କମ୍ପ୍ୟୁଟର ଚାଳିତ ନଥିପତ୍ର) ଆସ୍ତେ ଆସ୍ତେ ବଢୁଥିବାରୁ ଯେପରି କର୍ମନିଯୁକ୍ତି କମି କମି ଯାଉଛି ଓ ବେକାରି ବଢୁଛି ତାହାର ଏକମାତ୍ର ସମାଧାନ ହେଉଛି ୟୁବିଆଇ।

ଯେଉଁ ଲକ୍ଷାଧିକ କୋଟି ଟଙ୍କା ଦରିଦ୍ରମାନଙ୍କ ହାତକୁ ଯିବ, ତାହା ବିଭିନ୍ନ ପାରିବାରିକ ଖର୍ଚ୍ଚରେ ଓ ସେବା-ପାଇବା ଖର୍ଚ୍ଚରେ ଲାଗିଯିବ, ତେଣୁ ରାଜ୍ୟର ଜିଏସ୍‌ଟି ଓ ଭାଟ୍ ଅତି କମ୍‌ରେ ପ୍ରତିବର୍ଷ ୫% ବଢ଼ିବ, ଅର୍ଥାତ୍ ପରବର୍ଷ ରାଜ୍ୟର ବଜେଟ ଅଟକଳ ୨୫୦ ଲକ୍ଷର ୧୦୫% ମାନେ ୨୬୨.୫୦ ଲକ୍ଷ କୋଟି, ତା' ପର ବର୍ଷ ୨୭୫.୬୨୫ କୋଟି ଟଙ୍କା ହୋଇଯିବ। କୌଣସି ପ୍ରକାର ସର୍ତ୍ତ ନ ଥାଇ ଗ୍ୟାରେଣ୍ଟିଡ୍ ଇନ୍‌କମ, ପ୍ରକୃତ ନାଁ ୟୁନିଭର୍ସାଲ ବେସିକ୍ ଇନ୍‌କମ୍ ଚାଲୁ କଲେ ବର୍ତ୍ତମାନର ବିଭିନ୍ନ ସାମାଜିକ ନିରାପତ୍ତା କାର୍ଯ୍ୟ ଦରକାର ହେବନାହିଁ, ତହିଁରେ ନିଯୁକ୍ତ କର୍ମଚାରୀ ଛଟେଇ ହେବେ, ତେଣୁ ଦରମା ବାବଦ ଖର୍ଚ୍ଚ କମିବ, (ୟୁବିଆଇ ମିଳିବା ଯୋଗୁ କମ୍ ଦରମା ପାଉଥିବା ଆଉଟସୋର୍ସିଂ କର୍ମଚାରୀମାନେ ଆଉ ଆଶାକର୍ମୀ ବା ଅଙ୍ଗନୱାଡିରେ ନିଯୁକ୍ତ ଭଉଣୀମାନେ ଏପରି କି ସେଲ୍ଫ ହେଲ୍ପ ଗ୍ରୁପ୍ (ଏସ୍‌ଏଚ୍‌ଜି)ର ଭଉଣୀମାନେ ସ୍ୱଚ୍ଛନ୍ଦରେ ଚଳିପାରିବେ। ଅଭାବ ଚିନ୍ତା ହ୍ରାସ ପାଇଲେ ନିଜେ ନିଜର ଅଧିକ ରୋଜଗାରର ପନ୍ଥା ବାହାର କରିନେବେ। ଯେଉଁମାନଙ୍କର ଆୟକର ଦେବା ଅବସ୍ଥା ଆସିଯିବ ସେମାନେ ୟୁବିଆଇରୁ ବଞ୍ଚିତ ହେବେ, ଯେମିତି ରନ୍ଧନଗ୍ୟାସ୍ ସବ୍‌ସିଡି କଟିଯାଉଛି। ଗୋଟିଏ ନିଶ୍ଚିତ ରୋଜଗାର ତ ଭଲ ସମୟରେ ନୂଆ ନୂଆ ବୃତ୍ତି ବା ବ୍ୟବସାୟ ଆରମ୍ଭ କରିବାର ବାଟ ଫିଟାଏ, କୋଭିଡ୍-୧୯ ଭଳି ମହାମାରୀ ଆସିଗଲେ ବି ବିପଦର ମାତ୍ରା କମାଇଦିଏ। ବିପଦ ଗରିବ ଲୋକକୁ ଡରାଏ ନାହିଁ କାରଣ କିଛି ନ ହେଲେ ତ ଗାରେଣ୍ଟିଡ୍ ଇନ୍‌କମ ଅଛି, ସେ ଭୋକିଲା ରହିବ ନାହିଁ, ବିପଦ ଟଳିଗଲା ପରେ କମିଯାଇଥିବା ବୃତ୍ତି ପୁଣି ତେଜି ଉଠିବ, ଖୋଲା ବଜାର ବୃଦ୍ଧି ପାଇବ, ପ୍ରତ୍ୟେକ ବ୍ୟକ୍ତି ବାଛି ବାଛି ଚାଉଳ ଡାଲି ଆଦି ଘର ସଉଦା କିଣିବ, ପଚାଶଢ଼ା ଚାଉଳ ନେବାକୁ ବାଧ୍ୟ ହେବ ନାହିଁ କି ଟଙ୍କାକିଆ ଚାଉଳ ପାଇଁ ଦିନକର ମଜୁରି ହରାଇ ଫେଆର୍ ପ୍ରାଇସ୍ ଦୋକାନ ଆଗରେ ଗୋଡ଼ ମୋଡ଼ି ଠିଆହେବ ନାହିଁ, ନାହୁଲି ମାହୁଲି ହେବ ନାହିଁ। ଗରିବ ଲୋକର ମାନ ମର୍ଯ୍ୟାଦା ବଢ଼ିଯିବ। ସବୁଠୁ ବଡ କଥା- ସମାଜରେ ଦୁର୍ନୀତି ଓ ଅନୈତିକତା ଦୂର ହୋଇଯିବ । ବିପିଏଲ୍ ଓ ଏପିଏଲ୍ ରାଶନ କାର୍ଡ ବ୍ୟବସ୍ଥାରେ ରାଜ୍ୟସାରା ଜନଜୀବନ ଭ୍ରଷ୍ଟାଚାରଗ୍ରସ୍ତ ହୋଇଥିଲା, ସେ ପ୍ରକାରର କାର୍ଡ ବ୍ୟବସ୍ଥା ଉଠିଗଲା ପରେ ଏକ ନୀତିସମ୍ପନ୍ନ ସମାଜ ଗଢ଼ିଉଠିବ, ବହୁ ମାତ୍ରାରେ ବିଶୃଙ୍ଖଳା ଓ ପରଧନ-ଲୁଟ୍‌ତରାଜ କମିଯିବ। ୟୁବିଆଇ ସବୁ ସମସ୍ୟାର ସମାଧାନ କରି ନ ପାରେ, କିନ୍ତୁ ଜୀବନଯାତ୍ରାକୁ ସହଜ କରିଦେବ। ଗ୍ଲୋବାଲ୍ ୱାର୍ମିଂଠୁ ଆରମ୍ଭ କରି ମହାମାରୀ ଯାଏ ଯେ କୌଣସି ବିପଦର ମୁକାବିଲା କରିପାରିବ ଓଡ଼ିଶାର ଦରିଦ୍ରତମ ବ୍ୟକ୍ତି। ସବୁ ମହିଳା ତ ମାସକୁ ମାସ ଗ୍ୟାରେଣ୍ଟିଡ୍ ଇନ୍‌କମ୍ ପାଇବେ ତ ଏସ୍‌ଏଚ୍‌ଜି ଭଳିକି ଭଳି ଫ୍ରିବି ବା ଭୋଟକିଣା କାରବାର ଲୋକଙ୍କୁ ପ୍ରଭାବିତ କରିବା ହ୍ରାସ ପାଇବ।

ଗତ ୧୦ ବର୍ଷ ହେଲା ଓଡ଼ିଶାର ଜିଡିପି ବର୍ଷକୁ ହାରାହାରି ୬.୫% ବୃଦ୍ଧି ଘଟୁଥିବା ବେଳେ କର୍ମଚାରୀଙ୍କୁ ଯଥାଯଥ ସଂଗଠିତ କରି ବ୍ୟୟର ଯୁକ୍ତିଯୁକ୍ତତା ଉପରେ ନଜର ରଖିପାରିଲେ ରାଜକୋଷରେ ବଳକା ଧନକୁ ନିବେଶଯୋଗ୍ୟ କରିବାରେ ରାଜ୍ୟ ସରକାର ସମର୍ଥ ହୋଇପାରିବେ ; ଓଡ଼ିଶାରେ ମାନବ ସମ୍ବଳର ଅଭିବୃଦ୍ଧି ଅତୁଳନୀୟ ହେବ। ଫିସ୍କାଲ୍ ରେସ୍ପନସିବିଲିଟି ଆଣ୍ଡ ବଜେଟ ମାନେଜମେଣ୍ଟ ଆକ୍ଟ ଅନାବଶ୍ୟକ ହୋଇପଡ଼ିବ। ସୁଖୀ ଓଡ଼ିଶା ବିଶ୍ୱକୁ ଉଦାହରଣ ହୋଇପାରିବ ।

sahadevas@yahoo.com

# ତପୋଭୂମି ପଣ୍ଡିଚେରୀରେ ଶ୍ରୀମା



ବିମଳ ପ୍ରସନ୍ନ ଦାସ

ପବିତ୍ର ତପୋଭୂମି ପଣ୍ଡିଚେରୀରେ ଶ୍ରୀମା ୨୯ ମାର୍ଚ୍ଚ ୧୯୧୪ରେ ପ୍ରଥମେ ପଦାର୍ପଣ କଲେ। କାଳ ବକ୍ଷରେ ଏହି ଦିବସ ଏକ ମହାର୍ଘ ଭୂମିକା ଗ୍ରହଣ କରିଛି। ମା'ଙ୍କ ଆଗମନ ପୂର୍ବରୁ ୧୯୧୦,ଏପ୍ରିଲ ୪ରେ ଭବିଷ୍ୟତ ଜୀବନ ଓ ଜଗତର ରୂପକାର ମହାଯୋଗୀ ଶ୍ରୀଅରବିନ୍ଦ ଏଠି ପଦାର୍ପଣକରି ସାରିଥିଲେ। ମାତ୍ର ଚାରୋଟି ବର୍ଷର ବ୍ୟବଧାନରେ ମା' ସେହି ପୁଣ୍ୟପୀଠରେ ପ୍ରଥମେ ପଦାର୍ପଣ କଲେ। ପ୍ରଥମ ବିଶ୍ୱ ମହାଯୁଦ୍ଧ ହେତୁ ମା' ଫେରିଯାଇ ୧୯୨୦ ଏପ୍ରିଲରେ ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନ କରି ସାରା ଜୀବନ ଅତିବାହିତ କଲେ।

୧୯୧୪, ମାର୍ଚ୍ଚ ୨୯, ରବିବାର ସମୟ ଅପରାହ୍ନ ପ୍ରାୟ ୩.୩୦ ମିନିଟ୍ ଗେଷ୍ଟ ହାଉସ୍‌ର ଖୋଲା ଅଗଣାରେ ଶ୍ରୀଅରବିନ୍ଦଙ୍କର ଜଣେ ବିଶିଷ୍ଟ ଅନ୍ତରଙ୍ଗ ଅନୁଗାମୀ ନୀରବରେ ବସିଥିଲେ। ଅନ୍ୟ କେହି ସାଧକ ବା ଅନୁଗାମୀ ସେଠାରେ ନ ଥିଲେ। ସେ ପରିସର ଥିଲା ସତେ ଯେପରି ଧ୍ୟାନ ଗମ୍ଭୀର ଓ ସମ୍ପୂର୍ଣ୍ଣ ନୀରବ। ଉପସ୍ଥିତ ରହି ପ୍ରତୀକ୍ଷାରେ ଯିଏ ବସି ରହିଥିଲେ ସେ ଥିଲେ ରାମସ୍ୱାମୀ ଆୟେଙ୍ଗାରଙ୍କ ଅନ୍ୟତମ ଅନ୍ତରଙ୍ଗ ଅନୁଗତ। ସୁଦୂର ପ୍ୟାରିସ୍‌ରୁ ଦୁଇଜଣ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କରିବାକୁ ଆସିଛନ୍ତି। ଭଦ୍ରବ୍ୟକ୍ତି ଜଣକ ଶ୍ରୀଅରବିନ୍ଦଙ୍କୁ ସକାଳେ ସାକ୍ଷାତ କରିଛନ୍ତି। ଭଦ୍ର ମହିଳା ବର୍ତ୍ତମାନ ସାକ୍ଷାତ କରିବାକୁ ଆସିବେ। ଅନ୍ୟ ଜଣେ ଅନ୍ତେବାସୀଙ୍କୁ ଶ୍ରୀ ଆୟେଙ୍ଗାର ଏତିକି ଇସାରାରେ ଜଣାଇଦେଲେ।

ଏହି ଘଟଣାକୁ ଶ୍ରୀମା ୨୦ ଡିସେମ୍ବର, ୧୯୬୧ରେ ବର୍ଣ୍ଣନା କରିଛନ୍ତି- ''ମୁଁ ପଣ୍ଡିଚେରୀରେ ଆସି ପହଞ୍ଚିଲି। ମୋ ଅନ୍ତର ଭିତରୁ ମୁଁ ଚାହୁଁଥିଲି ଶ୍ରୀଅରବିନ୍ଦଙ୍କୁ ଏକୁଟିଆ ସାକ୍ଷାତ କରିବା ସକାଶେ।'' ଅନୁରୂପ ଭାବରେ ମୋର ଏକାନ୍ତ ସାକ୍ଷାତର ବନ୍ଦୋବସ୍ତ ହୋଇଥିଲା। ଶ୍ରୀଅରବିନ୍ଦ ସେତେବେଳେ ଗେଷ୍ଟ ହାଉସ୍‌ରେ ରହୁଥିଲେ। ମୁଁ ଭିତରକୁ ପ୍ରବେଶକରି ପାହାଚ ଚଢ଼ିବାକୁ ଆରମ୍ଭ କଲି। ଶିଡ଼ିର ଶେଷରେ ଉପର ମହଲାର ବାରଣ୍ଡାରେ ସେ ମୋ ଅପେକ୍ଷାରେ ଦଣ୍ଡାୟମାନ ଥିଲେ। ମୋର ପୂର୍ବରୁ ହୋଇଥିବା ସୂକ୍ଷ୍ମ ଦର୍ଶନରେ ତାଙ୍କୁ ଯେମିତି 'ନିର୍ଭୁଲ୍ ଭାବରେ' ଦେଖିଥିଲି ଅବିକଳ ସେମିତି ଦେଖିଲି। ସେଇ ସମାନ ଭାବରେ ତାଙ୍କର ପୋଷାକ, ପରିଚ୍ଛଦ, ସେଇ ସମାନ ଭଙ୍ଗୀ, ସମାନ ପାର୍ଶ୍ୱଦୃଶ୍ୟ, ଉନ୍ନତ ଶିର। ସେ ମୋ ଆଡ଼କୁ ଦୃଷ୍ଟି ଫେରାଇଲେ.... ଏବଂ ମୁଁ ତାଙ୍କ ଚକ୍ଷୁକୁ ଅନାଇ ଦେଖିଲି ଯେ ଇଏ ହେଉଛନ୍ତି ମୋର ସେହି ଦିବ୍ୟ ପୁରୁଷ। ଯୁଗପତ୍ ଦୁଇଟି କଥା ସ୍ପଷ୍ଟ ବୋଧଗମ୍ୟ ହେଲା। ମୋର ସେଇ ସୂକ୍ଷ୍ମ ଦର୍ଶନ ବା ଆନ୍ତର ଅଭିଜ୍ଞତା ମୁହୂର୍ତ୍ତକ ଭିତରେ ବର୍ତ୍ତମାନର ଦର୍ଶନର ଅଭିଜ୍ଞତା ସହିତ ମିଶିଯାଇ ଏକାକାର ହୋଇ ଉଠିଲା- ଏହା ଥିଲା ନିଶ୍ଚିତ ଏକ ଆଶ୍ଚର୍ଯ୍ୟବୋଧ।

ଶ୍ରୀଅରବିନ୍ଦଙ୍କ ସହିତ ସ୍ଥୂଳ ସ୍ତରରେ ଦର୍ଶନ କରିବା ପୂର୍ବରୁ ମା'ଙ୍କର ଯେଉଁ ସୂକ୍ଷ୍ମ ଦର୍ଶନ ହୋଇଥିଲା ସେ ସମ୍ପର୍କରେ ତାଙ୍କର ଅନୁପମ ଭକ୍ତି ହେଉଛି – ''ମୁଁ ଯେତେବେଳେ ପ୍ରଥମ ଗୂଢ଼ ବିଦ୍ୟା ଆରମ୍ଭ କଲି, ବ୍ୟକ୍ତିଗତ ଭାବରେ ତେଓଁଙ୍କ ସହିତ ନୁହେଁ, କିନ୍ତୁ ଫ୍ରାନ୍ସରେ ଥିବା ତାଙ୍କର ଜଣେ



ପରିଚିତ ଯୁବକ, ଯିଏକି ମୋ ଭାଇଙ୍କର ବନ୍ଧୁ ଥିଲେ। ତାଙ୍କ ସହିତ ଗୂଢ଼ ବିଦ୍ୟା ଆରମ୍ଭ କଲି, ସେତେବେଳେ ପର୍ଯ୍ୟାୟ କ୍ରମେ ମୋର କେତେଥର ସୂକ୍ଷ୍ମ ଦର୍ଶନ ହୋଇଥିଲା। ଭାରତବର୍ଷ ସମ୍ବନ୍ଧରେ ମୁଁ କିଛି ଜାଣି ନ ଥିଲି। ଯାହାହେଉ ପର୍ଯ୍ୟାୟକ୍ରମେ ଘଟିଥିବା ମୋର ସେହି ସୂକ୍ଷ୍ମ ଦର୍ଶନରେ ବେଶ୍ କେତେଥର ମୁଁ ଶ୍ରୀଅରବିନ୍ଦଙ୍କୁ ଦେଖିଥିଲି। ସେ ସ୍ଥୂଳ ଶରୀରରେ ଯେମିତି ଦେଖିବାକୁ, ପରମ ପୂଜନୀୟ ସମ୍ମାନାସ୍ପଦ, ଅର୍ଥାତ୍ ମୁଁ ତାଙ୍କୁ ପ୍ରଥମ ସାକ୍ଷାତରେ ଯେମିତି ଦର୍ଶନ କଲି, ସେ ଥିଲେ ଠିକ୍ ସେମିତି, ପ୍ରାୟ ଶୀର୍ଣ୍ଣ, ସ୍ୱର୍ଣ୍ଣାଭ ତାମ୍ରବର୍ଣ୍ଣ, ଅନେକାଂଶରେ ସୁନିର୍ଦ୍ଦିଷ୍ଟ ପାର୍ଶ୍ୱଦୃଶ୍ୟ, ଅନିୟନ୍ତ୍ରିତ ଶ୍ମଶ୍ରୁ, ଦୀର୍ଘ କେଶଗୁଚ୍ଛ, ପରିଧାନରେ ଧୋତି, ଯାହାର ଗୋଟିଏ ପ୍ରାନ୍ତ ସ୍କନ୍ଧୋପରି ନିକ୍ଷେପିତ, ଅନାବୃତ୍ତ ବକ୍ଷ ଓ ବାହୁଯୁଗଳ ଏବଂ ପାଦପଦ୍ମ ମଧ୍ୟ ନଗ୍ନ, ମୁଁ ସେତେବେଳେ ଭାବି ନେଇଥିଲି ଏହା ହେଉଛି ସୂକ୍ଷ୍ମ ଦର୍ଶନର। 'ପୋଷାକ', ମୋର କହିବାର ଅର୍ଥ, ମୁଁ ସେତେବେଳେ ଭାରତବର୍ଷ ସମ୍ବନ୍ଧରେ କିଛି ବି ଜାଣି ନ ଥିଲି। ଭାରତୀୟ ପୋଷାକରେ କୌଣସି ଭାରତୀୟଙ୍କୁ ମୁଁ ସେତେବେଳେ ଦେଖି ନ ଥିଲି। ଯାହାହେଉ ସୂକ୍ଷ୍ମ ଦର୍ଶନରେ ମୁଁ ତାଙ୍କୁ ଦେଖୁଥିଲି। ଏହି ପ୍ରକାର ଦର୍ଶନରେ ମୋର ଏମିତି ସବୁ ଅନୁଭୂତି ହେଲା ଯାହାକି ଥିଲା ଯୁଗପତ୍ ପ୍ରତୀକାତ୍ମକ ସୂକ୍ଷ୍ମଦର୍ଶନ ଓ ଆଧ୍ୟାତ୍ମିକ 'ବାସ୍ତବତା', ସମ୍ପୂର୍ଣ୍ଣ ଭାବରେ ଚୂଡ଼ାନ୍ତ ଆଧ୍ୟାତ୍ମିକ ଅନୁଭୂତି ସକଳ ତଥା ତାଙ୍କ ସହିତ ମିଳିତ ହେବାର ବାସ୍ତବ ତଥ୍ୟରାଜି ଏବଂ ଆମ ଦୁଇଜଣଙ୍କୁ ନେଇ ଯେଉଁ ମହାନ୍ ଦିବ୍ୟକର୍ମ ସମ୍ପାଦିତ ହେବ ତା'ର ଏକ ସମ୍ମିଳିତ ଦିବ୍ୟ ଉପଲବ୍ଧି। ଏହିସବୁ ସୂକ୍ଷ୍ମ ଦର୍ଶନରେ ମୁଁ ଏପରି କିଛି କରୁ ନ ଥିଲି ଯାହାକି ମୁଁ ଶାରୀରିକ- ଭୌତିକ ଭାବରେ କେବେ ବି କରି ନ ଥିଲି। ମୁଁ ତାଙ୍କ ପାଦପଦ୍ମରେ ହିନ୍ଦୁରୀତିରେ ସାଷ୍ଟାଙ୍ଗ ପ୍ରଣାମ କରୁଥିଲି। ଏହି କ୍ରିୟା ମୋ ଛୋଟିଆ ମସ୍ତିଷ୍କର କୌଣସି ବୋଧଶକ୍ତି ବ୍ୟତୀତ ଘଟୁଥିଲା। ମୋର କହିବାର ଅର୍ଥ ମୁଁ କ'ଣ କରୁଥିଲି ବା କିପରି ଭାବରେ ଏହା କରୁଥିଲି- ଏ ସମ୍ବନ୍ଧରେ ପ୍ରକୃତରେ କିଛି ବି ଜାଣୁ ନ ଥିଲି। ମୁଁ ଭୂମିଷ୍ଠ ପ୍ରଣାମ କରୁଥିଲି ଏବଂ ଯୁଗପତ୍ ମୋର ବାହ୍ୟସା ପ୍ରଶ୍ନ କରୁଥିଲା। ଏ ସବୁ କ'ଣ ହେଉଛି ?

ଏହି ସୂକ୍ଷ୍ମଦର୍ଶନ ଘଟଣା ହୁଏତ ତତ୍କ୍ଷଣାତ ଲେଖିଥିଲି ଅଥବା ଏହିସବୁ ମୁଁ ପରେ ଲିପିବଦ୍ଧ କରିଥିଲି। ମାତ୍ର ଏସବୁ କେବେ ବି କାହାକୁ କହିନାହିଁ। କାରଣ ସାଧାରଣତଃ ଏପରି ଘଟଣା କେହି କାହାରିକୁ କହନ୍ତି ନାହିଁ। ମୋର କିନ୍ତୁ ଦୃଢ଼ ଉପଲବ୍ଧି ହେଉଥିଲା ଯେ ଏହା ଏକ ପୂର୍ବାଭାସ, ଅର୍ଥାତ୍ ଭବିଷ୍ୟତରେ ଦିନେ ନା ଦିନେ ଠିକ୍ ଏମିତି କିଛି ନିଶ୍ଚୟ ଘଟିବ ଏବଂ ମୋର ଜାଗ୍ରତ ଚେତନାର ପଶ୍ଚାତରେ ଏହି ଦୃଢ଼ ପ୍ରତ୍ୟୟବୋଧ ରହିଥିଲା। କ୍ରିୟାଶୀଳ ନ ଥିଲା ସତ କିନ୍ତୁ ନିରବଧି ରହିଥିଲା। (୨୦ଡିସେମ୍ବର, ୧୯୧୪), ଶ୍ରୀଅରବିନ୍ଦ ସ୍ୱୀକାର କରିଥିଲେ ଯେ ଶରୀରର ପ୍ରତ୍ୟେକ କୋଷାଣୁ ମଧ୍ୟ ସମର୍ପିତ ହୋଇପାରେ ଏହା ଥିଲା ତାଙ୍କର ପ୍ରଥମ ଅନୁଭୂତି।

୨୯ ମାର୍ଚ୍ଚ, ୧୯୧୪ ବିବର୍ତ୍ତନର ଇତିହାସରେ ମହମ ମୁହୂର୍ତ୍ତ। ସେଇ ମୁହୂର୍ତ୍ତରେ (ଦିନ ୩ଟା ୩୦ ମିନିଟ୍ ପ୍ରାୟ) ସେ (ମା) ହୃଦୟଙ୍ଗମ କରିଥିଲେ ପୃଥିବୀର ଅସଂଖ୍ୟ ଲୋକ ଅଜ୍ଞାନ ତିମିରରେ ରହିଥାନ୍ତୁ ନା କାହିଁକି ଭୂପୃଷ୍ଠରେ ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ହିଁ ଦିନେ ସେ ଅଜ୍ଞାନ ଆଲୋକରେ ରୂପାନ୍ତରିତ ହେବାର ତଥା ଦିବ୍ୟ ଯୁଗର ଆଗମନର ନିଶ୍ଚିତ ପ୍ରତିଶ୍ରୁତି। ବିଶ୍ୱାସର ଏ ଦଲିଲ ଅନନ୍ୟ। ସେହି ମୁହୂର୍ତ୍ତରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସ୍ୱରୂପ ନିର୍ଣ୍ଣୟ କରିପାରିଲେ ବୋଲି ଆମେ ଆଜି ତାହା ଜାଣୁଛୁ।

ମୋ : ୯୪୩୮୧୮୬୨୨୬

## ଏଇ ଭାରତରେ

ଭାରତର ରାସ୍ତାକଡ଼ରେ ରହୁଥିବା ପିଲାଙ୍କ ଭବିଷ୍ୟତ କଥା ଚିନ୍ତା କରୁଥିବା ଅନେକଙ୍କ ମଧ୍ୟରେ ଗୋରଖପୁରର ରନ୍ନେଶ ତିୱାରୀ ଅନ୍ୟତମ। ସେ ଏକ କମ୍ପାନୀ ଚଳାଇବା ସହ ରାସ୍ତାକଡ଼ରେ ରହୁଥିବା ଗରିବ ପିଲାଙ୍କ ଶିକ୍ଷା ପାଇଁ କାମ କରୁଛନ୍ତି ଓ ଏଯାବତ ୩୦୦ରୁ ଅଧିକ ପିଲାଙ୍କୁ ସ୍କୁଲରେ ପହଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ୨୦୧୬ରେ ୟଙ୍ଗ ଇଣ୍ଡିଆ ସଂସ୍ଥା ଗଢି ତା'ମାଧ୍ୟମରେ ଗତ ୭ ବର୍ଷ ହେଲା ସେ ଏହି କାମ କରୁଛନ୍ତି। ରନ୍ନେଶ ପେସାରେ ଜଣେ ଇଞ୍ଜିନିୟର। ପ୍ରଥମେ ସେ ହାଇଦ୍ରାବାଦରେ କାମ କରୁଥିଲେ ଓ ସେଠାରେ ରାସ୍ତାକଡ଼ରେ ଥିବା ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ଗୋରଖପୁର ଫେରି ନିଜେ କମ୍ପାନୀ ଖୋଲିବା ସହ ରାସ୍ତାକଡ଼ ପିଲାଙ୍କୁ ପଢ଼ାଇବା ପାଇଁ ଅକ୍ଷର ପାଠଶାଳା ଖୋଲି ୪-୫ ଜଣ ପିଲାଙ୍କୁ ପଢାଇବା ଆରମ୍ଭ କରିଥିଲେ। ଏହି ପିଲାମାନେ ପଢା ଶେଷ କରି ସହରର ଅନ୍ୟ ସ୍ଥାନରେ ଗରିବ ପିଲାଙ୍କୁ ପଢାଇବା ସହ ସ୍କୁଲରେ ପହଞ୍ଚାଉଛନ୍ତି। କେବଳ ଏତିକି ନୁହେଁ ପିଲାମାନଙ୍କ ପରିବାରର ମହିଳାମାନଙ୍କୁ ସଶକ୍ତ କରିବା ଲାଗି ଯୋଜନା କରୁଛନ୍ତି ରନ୍ନେଶ। ଏବେ ରନ୍ନେଶଙ୍କ ଟିମ୍‌ରେ ଡାକ୍ତର, ଇଞ୍ଜିନିୟର ଓ ଏମ୍‌ବିଏ ଡିଗ୍ରୀଧାରୀ ସାମିଲ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମାର୍ଚ୍ଚ ୧୯୯୮

- ସମସ୍ତ କଳ୍ପନାଜଳ୍ପନା, ରାଜନୈତିକ ଅଙ୍କକଷାର ଅବସାନ ଘଟାଇ କେନ୍ଦ୍ରରେ ଗଠିତ ବିଜେପି ମେଣ୍ଟ ସରକାର ଲୋକସଭାରେ ଆସ୍ଥା ଭୋଟରେ ବିଜୟୀ।
- ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ ତାମିଲ ମାନିଲା କଂଗ୍ରେସ (ଟିଏମ୍‌ସି)ର ସଂସଦୀୟ ଦଳୀୟ ନେତା ଭାବେ ନିର୍ବାଚିତ।
- ପୁଣେରେ ଥିବା କମ୍ପ୍ୟୁଟର ନିର୍ମାଣ କେନ୍ଦ୍ର ସିଡିଏସିଠାରେ ଏସିଆ ମହାଦେଶର ସର୍ବବୃହତ୍ ସୁପର କମ୍ପ୍ୟୁଟର 'ପରମ-୧୦୦୦୦' ଉନ୍ମୋଚିତ।

## ଚିରନ୍ତନୀ

ଦେହର ତୃଷା ଯେବେ ପୀଡ଼ଇ
ରୂପର ମୋହ ପୁଣି ଭିଡ଼ଇ
ପୁରୁଷ ନାରୀ ହୋଇ ଜନମ ଲଭି ସହି
ଜୀବନ ଗୋଟା ଖାଲି ପୋଡ଼ଇ।
-(ବ୍ୟାଖ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| | | | | | | | 5 | |
| | 7 | 1 | | 9 | 3 | | 4 | |
| 6 | | | 1 | 2 | | | | |
| | 4 | | | | | | | |
| | | | | 8 | | 7 | 9 | 5 |
| | | 2 | | | | | | |
| | | 9 | | 5 | 4 | | | |
| 8 | | | 7 | | | 3 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 7 | 3 | 6 | 5 | 2 | 4 | 8 |
| 3 | 4 | 6 | 2 | 8 | 7 | 9 | 5 | 1 |
| 2 | 5 | 8 | 1 | 9 | 4 | 6 | 3 | 7 |
| 1 | 9 | 5 | 4 | 2 | 8 | 3 | 7 | 6 |
| 7 | 2 | 4 | 6 | 1 | 3 | 8 | 9 | 5 |
| 6 | 8 | 3 | 7 | 5 | 9 | 1 | 2 | 4 |
| 5 | 3 | 2 | 8 | 4 | 1 | 7 | 6 | 9 |
| 4 | 6 | 1 | 9 | 7 | 2 | 5 | 8 | 3 |
| 8 | 7 | 9 | 5 | 3 | 6 | 4 | 1 | 2 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସ୍ୱଚ୍ଛ ଜଳ, ଶୁଦ୍ଧ ବାୟୁ ମିଳିବା ଅସମ୍ଭବ

ମହାଶୟ,

ଆଜି ମାଟି, ବାୟୁ, ଜଳ ପ୍ରଦୂଷଣ ବୃଦ୍ଧିପାଉଛି। ବିଶ୍ୱରେ ୫୦,୦୦୦ରୁ ଊର୍ଦ୍ଧ୍ୱ ତାପଜ କେନ୍ଦ୍ର ପରିବେଶ ପ୍ରଦୂଷଣ ପାଇଁ ଦାୟୀ ବୋଲି ଥିଙ୍କର୍ସ କ୍ଲବର ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯାନବାହନ, କୋଇଲା, ପେଟ୍ରୋଲ ଏବଂ ପ୍ରାକୃତିକ ବାଷ୍ପ ଦହନରୁ ଅଙ୍ଗାରକାମ୍ଳ ବାଷ୍ପ ସୃଷ୍ଟି ହେଉଛି ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଜଙ୍ଗଲ ନଷ୍ଟ ହେଉଥିବାରୁ ଅଙ୍ଗାରକାମ୍ଳ ବାଷ୍ପ ବିଭାଜନ ହୋଇପାରୁନାହିଁ। ବାୟୁମଣ୍ଡଳରେ ଏହି ବାଷ୍ପ ଉତ୍ତାପ ବୃଦ୍ଧିକରୁଛି। ଫଳରେ ଉଚ୍ଚ ପର୍ବତ ଉପରେ ସଞ୍ଚିତ ବରଫ ତରଳି ଜଳ ପତ୍ତନ ବୃଦ୍ଧିକରୁଛି। ଯମୁନା ନଦୀକୁ ପ୍ରଦୂଷଣମୁକ୍ତ କରିବା ପାଇଁ ୩୬୦୦୦କୋଟି ଟଙ୍କା ଖର୍ଚ୍ଚ ହୋଇ ସରିଲା ପରେ ମଧ୍ୟ ଯଥା ପୂର୍ବଂ ତଥା ପରମ୍ ଅବସ୍ଥାରେ ଅଛି। ପରିବେଶ ପ୍ରଦୂଷଣ ଯୋଗୁ ନାଇଟ୍ରୋଜେନ ଅକ୍ସାଇଡ ଏବଂ ସଲ୍‌ଫର୍ ଅକ୍ସାଇଡ ବାଷ୍ପ ଜଳୀୟ ବାଷ୍ପ ସଂସ୍ପର୍ଶରେ ଆସି ଅମ୍ଳବର୍ଷା କରୁଛି। ଅମ୍ଳବର୍ଷା ପ୍ରଭାବରେ ଉଦ୍ଭିଦ ପ୍ରାଣୀ ସମ୍ପଦ ପ୍ରଭାବିତ ହେଉଛି। ରେଫ୍ରିଜରେଟରରୁ ନିର୍ଗତ ବାଷ୍ପ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟି କରିଥାଏ। ଶବ୍ଦ ଆଲୋକ ପ୍ରଦୂଷଣ ଓ ପ୍ଲାଷ୍ଟିକ ପ୍ୟାକିଂ ମ୍ୟାଟେରିଆଲ ଏବଂ ଜରି ବ୍ୟବହାର ଦ୍ୱାରା ମଣିଷ ଜୀବନର ଅଶେଷ କ୍ଷତି ହେଉଛି।

-ବରଦା ଦାସ, ସଭାପତି, ଥିଙ୍କର୍ସ କ୍ଲବ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

#### ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଦେଓଗାଁ,୨୮।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନାଇକେନଶିରା ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ଦୁଇ ବର୍ଷ ତଳେ ଶିକାଛିଡା ପଞ୍ଚାୟତ ବନ୍ଧକେଡା ଗ୍ରାମର ମମତା ବଗର୍ତ୍ତି (୨୩)ନାଇକେନଶିରା ଗ୍ରାମର କାର୍ତ୍ତିକ ବଗର୍ତ୍ତି ଓରଫ ଡାକ୍ତରଙ୍କୁ ବିବାହ କରିଥିଲେ। ଗତ ଦୁଇ ଦିନ ତଳେ କୌଣସି କାର୍ଯ୍ୟରେ ଉଭୟ ସ୍ୱାମୀ ସ୍ତ୍ରୀ ବନ୍ଧକେଡାସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହେବା ପରେ ମମତାଙ୍କ ସ୍ୱାମୀ ସେଠାରୁ ଏକାକୀ ଚାଲି ଆସିଥିଲେ। ପରେ ବଡଭାଇ ତାଙ୍କ ଭଉଣୀଙ୍କୁ ଆଣି ଶାଶୁଘର ନାଇକେନଶିରାରେ ଛାଡି ଫେରି ଯାଇଥିଲେ। ଏହାର କିଛି ସମୟ ପରେ ମମତା ଆତ୍ମହତ୍ୟା କରିଥିବା କାର୍ତ୍ତିକ ତାଙ୍କ ଭାଇକୁ ଫୋନ କରି ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି। ଘଟଣାକୁ ନେଇ ମମତାଙ୍କ ବାପଘର ଲୋକେ ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଲାଇଥିବା ଥାନାଧିକାରୀ ତାରାବତୀ ପଧାନ ସୂଚନା ଦେଇଛନ୍ତି।

### ଜନ୍ମ ମୃତ୍ୟୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ

ଲୋଇସିଂହା,୨୮।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ବିଳମ୍ବ ଯୋଗୁ ଆବେଦନକାରୀଙ୍କୁ ନିରାଶ ହେବାକୁ ପଡିଛି। ପିଲାଙ୍କ ନାମ ଲେଖାଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ଏବେ ଜନ୍ମ ପ୍ରମାଣପତ୍ର ଲାଗୁଛି। ସେହିପରି ମୃତ ବ୍ୟକ୍ତିଙ୍କର ମଧ ବ୍ୟାଙ୍କରେ ଜମା ଟଙ୍କା ହେଉ କି ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇଁ ମୃତ୍ୟୁ ପ୍ରମାଣପତ୍ର ବାଧ୍ୟତାମୂଳକ କରାଯାଇଛି। ଏଥିପାଇଁ ଶିଶୁଙ୍କ ଅଭିଭାବକ ଓ ମୃତକଙ୍କ ଉତ୍ତରାଧିକାରୀମାନେ ସ୍ଥାନୀୟ ଟ୍ରେଜେରିରେ ଆବଶ୍ୟକ ଫି ଭରିବା ପରେ ସିଏଚସି ରେ ଆବେଦନ କରିଥାନ୍ତି। ଆବେଦନର ୪୫ ଦିନ ମଧ୍ୟରେ ସେମାନଙ୍କୁ ପ୍ରମାଣପତ୍ର ମିଳିବା କଥା। କିନ୍ତୁ ଲୋଇସିଂହା ସିଏଚସିରେ ନିର୍ଦ୍ଧାରିତ ସମୟରେ ପ୍ରମାଣପତ୍ର ମିଳି ପାରୁନାହିଁ। ପ୍ରମାଣପତ୍ର ମିଳିବାରେ ବିଳମ୍ବକୁ ନେଇ ଆବେଦନକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପୁରୁଷ ସ୍ୱାସ୍ଥ୍ୟକର୍ମୀ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି, ଅତିରିକ୍ତ ଦାୟିତ୍ୱରେ ରହିଛି। ଯଥାଶୀଘ୍ର କାମ ସାରି ନିର୍ଦ୍ଧାରିତ ସମୟରେ ଦେବାକୁ ପ୍ରଚେଷ୍ଟା ଜାରି ରଖିଥାଉ ବୋଲି ସେ କହିଥିଲେ।

### ନମୁନା ସଂଗ୍ରହ କଲା ଭୂତତ୍ତ୍ୱ ବିଶେଷଜ୍ଞ ଦଳ

#### ଗଭୀର ନଳକୂପରୁ ସୁନା ଭଳି ପଦାର୍ଥ ବାହାରିବା ଘଟଣା

ଖପ୍ରାଖୋଲ,୨୮।୩(ଡି.ଏନ.ଏ.): ବାଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ ଛଞ୍ଚାଣବାହାଲି ଗାଁ ନିକଟ ଏକ ଗଭୀର ନଳକୂପରୁ ସୁନା ଭଳି ପଦାର୍ଥ ବାହାରିବା ଘଟଣାରେ ଭୂତତ୍ତ୍ୱ ବିଭାଗ ତରଫରୁ ସୋମବାର ତଦନ୍ତ ଆରମ୍ଭ ହୋଇଛି। ବଲାଙ୍ଗୀର ଜିଲା ଭୂତତ୍ତ୍ୱ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ନିର୍ମଳେନ୍ଦୁ ନାରାୟନ ସିଂଦେଓଙ୍କ ନେତୃତ୍ୱରେ ଏକ ଦଳ ଘଟଣାସ୍ଥଳରେ ପହଞ୍ଚି ଗଭୀର ନଳକୂପରୁ ବାହାରିଥିବା ବାଲି ସଂଗ୍ରହ କରିଛନ୍ତି। ବାଲିର ନମୁନା ପରୀକ୍ଷା ହେବା ପରେ ପ୍ରକୃତରେ ଏହା ସୁନା କିମ୍ବା ଅନ୍ୟ କୌଣସି ଧାତୁ ଜଣାପଡ଼ିବ ବୋଲି ଯୁଗ୍ମ ନିର୍ଦ୍ଦେଶକ ସିଂଦେଓ ପ୍ରକାଶ କରିଛନ୍ତି। ଏହି ଅବସରରେ ଭୂତତ୍ତ୍ୱ ବିଭାଗର ଭୂତତ୍ତ୍ୱବିତ୍ ଆଲୋକ ରଞ୍ଜନ ନାଏକ, ଶିବାଶିଷ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନାନ୍ଦୁପଲା ଗାଁର ଯାବେଦ ମହମ୍ମଦ ନାମକ ଜଣେ ଚାଷୀ ଛଞ୍ଚାଣବାହାଲି ଗାଁ ନିକଟ ନିଜ ଚାଷ ଜମିରେ ଏକ ମାସ ପୂର୍ବେ ଏକ ଗଭୀର ନଳକୂପ ଖୋଳାଇ ଥିଲେ। ହେଲେ ଗତ ଶୁକ୍ରବାର ମୋଟର ଖଞ୍ଜି ଗଭୀର ନଳକୂପରୁ ପାଣି ବାହାର କଲା ବେଳେ ସୁନା ଭଳି ଦିଶୁଥିବା ପଦାର୍ଥ ବାହାରୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ସ୍ଥାନୀୟ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରି ପଦାର୍ଥର ନମୁନା ସଂଗ୍ରହ କରି ଭୂତତ୍ତ୍ୱ ବିଭାଗକୁ ପଠାଇ ଥିଲେ। ଏବେ ଭୂତତ୍ତ୍ୱ ବିଭାଗ ନିଜେ ନମୁନା ସଂଗ୍ରହ କରିଛି।

# ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ସତର୍କ ରହିବା ଉପରେ ଗୁରୁତ୍ୱ

ଟିଟିଲାଗଡ଼,୨୮।୩ (ଡି.ଏନ.ଏ.)

ଚଳିତ ଗ୍ରୀଷ୍ମଋତୁରେ ଗ୍ରୀଷ୍ମ ପ୍ରବାହର ମୁକାବିଲା ତଥା ଲୋକଙ୍କ ସୁରକ୍ଷା ନେଇ ଟିଟିଲାଗଡ ଉପଖଣ୍ଡ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଉପଜିଲାପାଳଙ୍କ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଦୟାମୟ ପାଢୀ ବୈଠକରେ ଉପସ୍ଥିତ ରହି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ୍ୟ ତଥା ଆରଡବ୍ଲ୍ୟୁଏସଏସ ଅଧିକାରୀଙ୍କୁ ଏନେଇ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଅଧିକାରୀ ସତର୍କ ରହିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଏନେଇ ବ୍ଲକ ତଥା ପୌର ଓ ଏନଏସି ସ୍ତରରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରଖି ବ୍ୟାପକ ସତର୍କତା ପାଳନ, କଣ୍ଟ୍ରୋଲ ରୁମ ସ୍ଥାପନ, ଜଳଛତ୍ର ବ୍ୟବସ୍ଥା, ଅଚଳ ନଳକୂପଗୁଡିକୁ ସଜାଡିବାକୁ ପ୍ରାଥମିକତା, ସାମାଜିକ ସଂଗଠନ ସହାୟତାରେ ମାଣ୍ଡିଆ ତୋରାଣି ବଣ୍ଟନ, ଶ୍ରମିକଙ୍କ କାର୍ଯ୍ୟକ୍ଷେତ୍ରରେ ଆଶ୍ରୟସ୍ଥଳୀ, ପ୍ରାଣୀ ସମ୍ପଦର ସୁରକ୍ଷା, ବିଦ୍ୟୁତ କାଟ ବନ୍ଦ, ପ୍ରତ୍ୟେକ ସିଏଚସି ତଥା ଉପଖଣ୍ଡ ମୁଖ୍ୟ ଡାକ୍ତରଖାନାରେ ଶୀତତାପ ନିୟନ୍ତ୍ରିତ ଅଂଶୁଘାତ କକ୍ଷ ସୁନିଶ୍ଚିତ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୂର୍ବବର୍ଷ ତୁଳନାରେ ଚଳିତବର୍ଷ ତାପମାତ୍ରା ଆହୁରି ବୃଦ୍ଧି ହେବା ସମ୍ଭାବନା ଥିବା ନେଇ ପ୍ରଶାସନିକ ଅଧିକାରୀ, କର୍ମଚାରୀ ଆଗୁଆ ସତର୍କ ରହିବା ସହ ଅଂଶୁଘାତରେ ଶୂନ୍ୟ ଜୀବନହାନି ପାଇଁ ଉଦ୍ୟମ କରିବାକୁ ଉପଜିଲାପାଳ ପରାମର୍ଶ ଦେଇଥିଲେ। ଅଂଶୁଘାତରୁ ରକ୍ଷା ନେଇ ପ୍ରଚାରପତ୍ର ବଣ୍ଟନ ସହ ବ୍ଲକରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ ସଭା କରି ସଚେତନ କରାଯିବ। ଆସନ୍ତା ୩ରେ ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକ ତଥା ଟିଟିଲାଗଡ ପୌର ପରିଷଦ ଏବଂ କଣ୍ଟାବାଞ୍ଜି ଏନଏସିରେ ସଚେତନତା ସୃଷ୍ଟି ନେଇ ଛତା ଶୋଭାଯାତ୍ରା ଅନୁଷ୍ଠିତ ହେବ।



ଉପଜିଲାପାଳ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ବୈଠକରେ ଟିଟିଲାଗଡ ତହସିଲଦାର ଡ. ଲଳିତ ବାଗ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝୀ, କଣ୍ଟାବାଞ୍ଜି ତହସିଲଦାର ଅମୃତଲାଲ ବେହେରା, ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ , ବିଡିଓ ମୁରିବାହାଲ ପୂର୍ଣ୍ଣାନନ୍ଦ ପୁଟେଲ, ସିଡିପିଓ ସୁପ୍ରଭା ମହାପାତ୍ର, ବିଡିଓ ତୁରେକେଲା ଦେବାଶିଷ ସାମଲ, ବିଡିଓ ସଇଁତଲା ଚନ୍ଦ୍ରମଣୀ ନାଗ, ତହସିଲଦାର ଏମ କେରକେଟ୍ଟା, ସିଡିପିଓ ସବିତା ଦାଶ, ବିଡିଓ ବଙ୍ଗୋମୁଣ୍ଡା ରିପୁନାଥ ସୁନା, ତହସିଲଦାର ଯୋଗେଶ୍ୱର ଧରୁଆ, ସିଡିପିଓ ପି. ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ଟିଟିଲାଗଡ ଆର୍ତ୍ତତ୍ରାଣ ରଥ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଡା. ଆଭାମଞ୍ଜରି ନାୟକ, ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ବିନାୟକ ରାଉତ, ଆଇଆଇସି ରଞ୍ଜନ ବରିହା, ଜନସ୍ୱାସ୍ଥ୍ୟ ସହକାରୀ ନିର୍ବାହି ଯନ୍ତ୍ରୀ ଜୟାନନ୍ଦ ଜଗତ, ଆରଡବ୍ଲ୍ୟୁଏସଏସ ସହକାରୀ ନିର୍ବାହି ଯନ୍ତ୍ରୀ ଓମପ୍ରକାଶ ଦେହୁରୀ, ବେଲଗାଁ ସ୍ୱାସ୍ଥ୍ୟ ଅଧିକାରୀ ଡା. ମାଧବୀଲତା ଦାଶ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ପୂର୍ବାହ୍ନରେ ସ୍ଥାନୀୟ ପୌର ପରିଷଦ ପକ୍ଷରୁ ଅଧ୍ୟକ୍ଷା ମମତା ଜୈନଙ୍କ ସଭାପତିତ୍ୱରେ ପୌର ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାଇପ ଯୋଗେ ଜଳ ଯୋଗାଣ ସହ ୨୫ଟି ପାଣି ଟ୍ୟାଙ୍କର ଯୋଗେ ସହରବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଏହାସହ ୧୭ଟି ଜଳଛତ୍ର ସହରର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠା କରାଯିବ ବୋଲି ପୌର ନିର୍ବାହି ଅଧିକାରୀ ବିପିନ ବିହାରି ଦୀପ ସୂଚନା ଦେଇଛନ୍ତି। ବୈଠକରେ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରୀ ଜାଲ, ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ଇନ୍ଦ୍ରଜିତ ସାହୁ, ଟିଟିଲାଗଡ ସହକାରି ନିର୍ବାହୀ ଯନ୍ତ୍ରୀ ଜୟାନନ୍ଦ ଜଗତ ପ୍ରମୁଖ ଉପସ୍ଥିତ ଥିଲେ।

# ମେଶିନରେ ଚେକ୍‌ଡ୍ୟାମ୍ କାମ, କ୍ଷେତ୍ର ପରିଦର୍ଶନ କଲେ ବିଡିଓ

ଲୋଇସିଂହା,୨୮।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀଡୁଙ୍ଗରୀ ଗାଁରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ଦୁଇଟି ଚେକଡ୍ୟାମ କାମ କରାଯାଉଛି। ବିନା ସୂଚନା ଫଳକରେ ଏବଂ ଶ୍ରମିକ ବଦଳରେ ବେଆଇନ ଭାବେ ଜେସିବି ମେଶିନ ଲଗାଇ କାମ କରାଯାଇଥିବାରୁ ଗ୍ରାମାବାସୀ ଏହାକୁ ବିରୋଧ କରି କାମ ବନ୍ଦ କରି ଦେଇଥିଲେ। ଏହି ଘଟଣାରେ ମଙ୍ଗଳବାର ଲୋଇସିଂହା ବିଡିଓ ଆକାଶ ରଞ୍ଜନ ସାହୁ, ଏବିଡିଓ ବିଜୟ କୁମାର ହୋତା ପ୍ରମୁଖ କ୍ଷେତ୍ର ପରିଦର୍ଶନରେ ଯାଇଥିଲେ। ଏଠାରେ ଜଣେ ୱାର୍ଡସଭ୍ୟାଙ୍କ ସ୍ୱାମୀ ଏବଂ ସରପଞ୍ଚଙ୍କ ଜଣେ ସମର୍ଥକ ଉପସ୍ଥିତ ଥିଲେ। ମେଶିନରେ ନିଅଁ ଖୋଳା ଯାଇଛି। ସରପଞ୍ଚ, ଜିଆରଏସ, ପିଇଓଙ୍କୁ ପଚାରିବାରୁ କେହି କାମ କରୁ ନ ଥିବା କହିଥିଲେ। ପିଇଓ ଏବଂ ଜିଆରଏସଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ବିଡିଓ ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ୨୦୧୮-୧୯ ଆର୍ଥିକ ବର୍ଷରୁ ବ୍ରାହ୍ମଣୀଡୁଙ୍ଗରୀ ଗାଁର ବନ୍ଧତଲ ଓ ବ୍ରାହ୍ମଣୀଡୁଙ୍ଗରୀ ନାଳାରେ ଦୁଇଟି ଚେକ ଡ୍ୟାମ ନିର୍ମାଣ ପାଇଁ ଡିଆରଡିଏରୁ ମଞ୍ଜୁରୀ ମିଳିଛି। ଏଥିପାଇଁ ୭ ଲକ୍ଷ ଟଙ୍କା ମଧ୍ୟ ଅନୁମୋଦନ ହୋଇଛି। ଇତମଧ୍ୟରେ ୪ ବର୍ଷ ବିତି ଯାଇଥିଲେ ବି ବିଭିନ୍ନ କାରଣରୁ ତାହା ନିର୍ମାଣ ହୋଇପାରିନାହିଁ। ଏବେ ପଞ୍ଚାୟତ ପକ୍ଷରୁ ଚେକଡ୍ୟାମ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। କିଛିଦିନ ତଳେ ପଞ୍ଚାୟତ ଦାୟିତ୍ୱରେ ଥିବା ଯନ୍ତ୍ରୀ ଯୁଧିଷ୍ଠିର ଦେହୁରୀ କ୍ଷେତ୍ରକୁ ଯାଇ ଲେ ଆଉଟ ଦେଲା ପରେ ମେଶିନରେ ନିଅଁ ଖୋଳା ଆରମ୍ଭ କରାଯାଇଥିଲା। ବିନା ସୂଚନା ଫଳକରେ ବନ୍ଧତଲ ଚେକଡ୍ୟାମ ପାଇଁ ନିଅଁ ଖୋଳା ସରିଯାଇଛି । ସେହିପରି ବ୍ରହ୍ମଣୀଡୁଙ୍ଗରୀ ନାଳା ଠାରେ ନିଅଁ ଖୋଳାଯାଉଥିବା ଗ୍ରାମବାସୀ ଜାଣିବାକୁ ପାଇଥିଲେ। ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ବିନା ସୂଚନା ଫଳକ ଏବଂ ଶ୍ରମିକ ବଦଳରେ ମେଶିନରେ କାମ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

WANTED
Teachers Male/Female for ODIA & ENGLISH Medium School in Bhubaneswar.
Contact:
9337119851
7978084379

REQUIRED
ମିଶନ ରୋଜଗାର ଯୋଜନା (Odisha 2023) ସମସ୍ତ ଜିଲ୍ଲା ପାଇଁ ସହଯୋଗୀ ପୋଷ୍ଟ ଆବଶ୍ୟକ କରୁଅଛି।
ଯୋଗ୍ୟତା- 8th to Graduate
ଦରମା- ୪୦,୦୦୦ ରୁ ୮୫,୦୦୦
(ବର୍ତ୍ତମାନ ପଞ୍ଜିକରଣ ଚାଲୁଅଛି) ଯୋଗାଯୋଗ :
9643414970 / 9821554920

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଡ୍ରାଇଭର ଜଣକ କଟକ ଚାଉଳିଆଗଞ୍ଜ, ମହାନଦୀ ବିହାର କିମ୍ବା ନୂଆବଜାର ଅଞ୍ଚଳର ହୋଇଥିଲେ ଉତ୍ତମ । ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଆଗ୍ରହୀ ବ୍ୟକ୍ତି ନିଜ ଅଭିଜ୍ଞତା Whatsapp କିମ୍ବା SMS ମାଧ୍ୟମରେ ପଠାଇପାରିବେ।
Whatsapp/SMS: 9937077222

# ପରିତ୍ୟକ୍ତ ଇଟାଗଦାରୁ ୪ର୍ଥ ଶ୍ରେଣୀ ଛାତ୍ରୀ ଉଦ୍ଧାର

#### ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରରେ ରହି ପାଠ ପଢୁଛନ୍ତି

ଲାଠୋର,୨୮।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଚୋରମୁଣ୍ଡା ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ରହିଥିବା ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରର ଜଣେ ଛାତ୍ରୀ ସୋମବାର ନିଖୋଜ ରହିଥିଲେ। ବହୁ ଖୋଜାଖୋଜି କରି ଶେଷରେ ରାତିରେ ତାଙ୍କୁ ଏକ ପରିତ୍ୟକ୍ତ ଇଟାଗଦାରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ତେବେ ସେ ଭୟଭିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ୧୫ ନଭେମ୍ବର ୨୦୨୨ରେ ଖୋଲିଥିବା ଏହି ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରରେ ସମୁଦାୟ ୪୭ ଜଣ ଛାତ୍ରୀଛାତ୍ର ରହି ପାଠ ପଢୁଛନ୍ତି। ଶିଶୁମାନଙ୍କ ଯତ୍ନ ଏବଂ ସୁରକ୍ଷା ଦୃଷ୍ଟିରୁ କେନ୍ଦ୍ରରେ ଦୁଇ ଜଣ କେୟାର ଟେକର ନିଯୁକ୍ତି କରାଯାଇଛି। ଚୋରମୁଣ୍ଡା ଗ୍ରାମର ବ୍ରିଜଲାଲ ବନଛୋର ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିବା ନିଜ ଝିଅକୁ ଏହି ଆବାସିକ ପ୍ରଯତ୍ନ କେନ୍ଦ୍ରରେ ଛାଡ଼ି ସ୍ତ୍ରୀ ଫୁଲବାଇଙ୍କୁ ନେଇ ୪ ମାସ ପୂର୍ବେ ଆନ୍ଧ୍ରପ୍ରଦେଶକୁ ଦାଦନ ଖଟି ଯାଇଛନ୍ତି। ଘରେ ବ୍ରିଜଲାଲଙ୍କ ମା’ ବାପା ରହୁଛନ୍ତି। ଏଣୁ ସଂପୃକ୍ତ ଛାତ୍ରୀ ଜଣକ ସୋମବାର ଅପରାହ୍ନ ୫ଟା ବେଳେ ନିଜ ଘରେ ଥିବା ଅଜାଆଈଙ୍କ ପାଖକୁ ଯାଇ ଆଉ ପ୍ରଯତ୍ନ କେନ୍ଦ୍ରକୁ ଫେରି ନ ଥିଲେ। ସ୍କୁଲରେ ଛାତ୍ରୀ ନ ଥିବା ଜଣାପଡିବା ପରେ କେୟାର ଟେକରମାନେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ଛାତ୍ରୀଙ୍କ ବାପାଙ୍କୁ ଖବର ଦେଇଥିଲେ। ଖବରପାଇ ରାତିରେ ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ଆସିଥିଲେ । ପରେ ବିଦ୍ୟାଳୟ କର୍ମଚାରୀ ଓ ଗ୍ରାମବାସୀ ଛାତ୍ରୀଙ୍କୁ ଖୋଜାଖୋଜି କରି ନ ପାଇବାରୁ ପୋଲିସକୁ ଖବର ଦେବା ପାଇଁ ନିଷ୍ପତ୍ତି ନେଇଥିଲେ। ତେବେ ରାତି ପ୍ରାୟ ସାଢେ ୯ଟାରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ସଂପୃକ୍ତ ଛାତ୍ରୀଙ୍କୁ ଗ୍ରାମ ନିକଟସ୍ଥ ଏକ ପରିତ୍ୟକ୍ତ ଇଟାଗଦାରୁ ଉଦ୍ଧାର କରି ଗ୍ରାମବାସୀଙ୍କ ଜିମା ଦେଇଥିଲେ। ଛାତ୍ରୀ ଜଣକ ଭୟଭୀତ ଅବସ୍ଥାରେ ଥିବାରୁ କିଛି କହିପାରୁ ନ ଥିବା ବେଳେ ସେ କେଉଁ ପରିସ୍ଥିତିରେ ସ୍କୁଲ ବାହାରକୁ ଗଲେ ଓ କେମିତି ପରିତ୍ୟକ୍ତ ଇଟାଗଦାକୁ ଉଦ୍ଧାର ହେଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବର୍ତ୍ତମାନ ଛାତ୍ରୀ ଜଣକ ନିଜ ଅଜା ଆଈ ପାଖରେ ଥିବା ଜଣାପଡିଛି।

ଋତୁକାଳୀନ ଆବାସିକ ପ୍ରଯତ୍ନ କେନ୍ଦ୍ରରେ ରହୁଥିବା ଶିଶୁମାନଙ୍କ ସୁରକ୍ଷା ପ୍ରତି କର୍ମଚାରୀମାନେ ଅବହେଳା ପ୍ରଦର୍ଶନ କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଛି। ଏପରିକି ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲେ ସୁଦ୍ଧା ଶିଶୁମାନଙ୍କ ସୁରକ୍ଷା ପ୍ରତି ଉପଯୁକ୍ତ ଧ୍ୟାନ ଦିଆଯାଉ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ପୁରୋହିତଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ନ ପାରିବାରୁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ଏହି ଘଟଣାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଶିଶୁମାନଙ୍କର ସୁରକ୍ଷା ଦୃଷ୍ଟିରୁ ଏହାର ତଦନ୍ତ କରି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ମାରୱାଡି ସମ୍ମେଳନର ଜିଲାସ୍ତରୀୟ ବୈଠକ



ନୂତନ କମିଟିର ଶପଥ ଗ୍ରହଣ।

ଭବାନୀପାଟଣା,୨୮।୩(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ ଅଗ୍ରସେନ ଭବନଠାରେ କଳାହାଣ୍ଡି ମାରୱାଡି ସମ୍ମେଳନର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ବିଭିନ୍ନ ଦିଗ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ସେହିପରି ଜିଲାସ୍ତର ପରିଚାଳନା ପାଇଁ ନୂତନ କମିଟି ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁବାଷ ଚନ୍ଦ୍ର ଅଗ୍ରୱାଲ, ଉପସଭାପତି ଶଙ୍କରଲାଲ ଅଗ୍ରୱାଲ, ସନ୍ତୋଷ ଅଗ୍ରୱାଲ, ଦୁର୍ଗାପ୍ରସାଦ ଅଗ୍ରୱାଲ, ନବୀନ ଅଗ୍ରୱାଲ, କୋଷାଧ୍ୟକ୍ଷ ପବନ କୁମାର ଅଗ୍ରୱାଲ, ସାଧାରଣ ସମ୍ପାଦକ ଶଙ୍କର ଲାଲ ଅଗ୍ରୱାଲ, ସଙ୍ଗଠନ ସମ୍ପାଦକ ଲାଲଚାନ୍ଦ ଚୌଧୁରୀ ପ୍ରମୁଖ ମନୋନୀତ ହୋଇଥିଲେ। ଏହାସହ ୪ଜଣ ଯୁଗ୍ମ ସମ୍ପାଦକଙ୍କ ସମେତ ବିଭିନ୍ନ ବିଭାଗ ଅନୁସାରେ କମିଟି ପଦ,ପଦବୀ ଚୟନ କରାଯାଇଥିଲା। ପରେ ନୂତନ କମିଟି କାର୍ଯ୍ୟକର୍ତ୍ତାମାନେ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଜୁନାଗଡ ନଗରପାଳ ମୁକେଶ ଅଗ୍ରୱାଲ ଯୋଗଦେଇଥିଲେ।

# ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା

ଗୋଲାମୁଣ୍ଡା,୨୮।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ତୁମୁରା ମଣ୍ଡିଠାରେ ପଞ୍ଚାୟତସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ପ୍ରମୋଦିନି ରାଉତ, ସମ୍ମାନିତ ଅତିଥି ଜିଲା ପରିଷଦ ସଦସ୍ୟା ହେମାଙ୍ଗିନି ରାଉତ, ଗୋଲାମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ସଭାପତି ଜଗୁ ପ୍ରସାଦ ରାଉତ, ସମ୍ପାଦକ କିରଟି ପଧାନ, ଗଣ୍ଡାମେର ସମିତି ସଭ୍ୟ ଦୈତାରି ରାଉତ, ଡାଇରେକ୍ଟର ଦୀନବନ୍ଧୁ ରାଉତ, ପରୀକ୍ଷିତ ନାଏକ, ମାୟାଧର ମାଝି, ହେତୁରାମ ମାଝି, ନରସିଂହ ମୁଣ୍ଡ, ବ୍ୟାଙ୍କ ପ୍ରତିନିଧି ବିରଞ୍ଚି ନେଗି, ପାକ୍ସ କର୍ମଚାରୀ ନିକାଶ ଖମାରୀ, ଯୁଗେଶ୍ୱର ପୁଟେଲ, ମାନଝରି ସରପଞ୍ଚ ଜଗଜୀବନ ଅଘରିଆ, ଉଦେଶୃଙ୍ଗ ସରପଞ୍ଚ ନାରାୟଣ ଅଘରିଆ ପ୍ରମୁଖ ମଞ୍ଚାସୀନ ଥିବା ବେଳେ ସୋସାଇଟି ଡାଇରେକ୍ଟର ପ୍ରସନ୍ନ ରାଉତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଉପସ୍ଥିତ ଚାଷୀମାନଙ୍କୁ ରାଜ୍ୟ ସରକାରଙ୍କ ସହଜ ସମବାୟ ବ୍ୟାଙ୍କିଙ୍ଗ ସୁବିଧା, କୃଷି ଋଣ ଓ ବିନା ସୁଧରେ କୃଷି ଋଣ ବିଷୟରେ ଆଲୋକପାତ କରାଯାଇଥିଲା।

# ମୃତଦେହ ରଖି ଗ୍ରାମବାସୀଙ୍କ ବିକ୍ଷୋଭ

#### ଚାଉଳ ଆଣିବାକୁ ଯାଇ ଯୁବକଙ୍କ ମୃତ୍ୟୁ

ମୁରିବାହାଲ,୨୮।୩(ଡି.ଏନ.ଏ.)

କଣ୍ଟ୍ରୋଲ ଚାଉଳ ଆଣିବାକୁ ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅଞ୍ଚଳ ପ୍ରଧାନୀ (୪୦)। ତାଙ୍କ ଘର ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଚଲକି ଗ୍ରାମ ପଞ୍ଚାୟତ ଅଧୀନ ରାମବାଞ୍ଜି ଗ୍ରାମରେ। ତେବେ ମଙ୍ଗଳବାର ଦିନ ଗ୍ରାମବାସୀ ଓ ପରିବାର ଲୋକେ କ୍ଷତିପୂରଣ ଦାବି କରି ଉକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ମୃତଦେହ ରଖି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ପ୍ରକାଶ ଯେ, ରାମବାଞ୍ଜି ଗ୍ରାମର ଅଞ୍ଚଳ ଗତ ସୋମବାର ଅପରାହ୍ନ ପ୍ରାୟ ୩ ଟା ସମୟରେ ରାଶନ କାର୍ଡରେ ଚାଉଳ ନେବା ପାଇଁ ମୋଟର ସାଇକେଲରେ ଚଲକି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ.। ସେ ଚାଉଳ ନେବା ପାଇଁ ଲମ୍ବା ଧାଡିରେ ଦୀର୍ଘ ସମୟ ଛିଡା ହୋଇଥିଲେ। କିଛିସମୟ ଛିଡା ହେବା ପରେ ପାଣି ପିଇବା ପାଇଁ ଯାଇଥିଲେ। ଏହାପରେ ଚାଉଳ ନେଇ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାରି ଗାଡି ପାଖକୁ ଆସୁଥିବା ବେଳେ ହଠାତ୍ ଅଚେତ ହୋଇ ପଡି ଯାଇଥିଲେ। ତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକ ଙ୍କୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ମଙ୍ଗଳବାର ଦିନ ଗ୍ରାମବାସୀ ଓ ପରିବାର ଲୋକେ ଚଲକି ଗ୍ରାମ ପଞ୍ଚାୟତ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ଖବର ପାଇ ସରପଞ୍ଚ ମମତା ପ୍ରଧାନୀ ଓ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରକାଶ ପନିକା ଉପସ୍ଥିତ ରହି. ବୁଝାଶୁଝା କରିଥିଲେ। ଏଥିସହ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦେବା ସହ ମୁରିବାହାଲ ଗୋଷ୍ଠୀ. ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ସହିତ ଆଲୋଚନା କରି ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ବିକ୍ଷୋଭରୁ ଓହରି ଯାଇଥିଲେ। ମୃତ ଯୁବକଙ୍କ ୪ ଜଣ ପୁଅ ଝିଅ ଥିବା ବେଳେ ଦୁଇ ଜଣ ଦିବ୍ୟାଙ୍ଗ ବୋଲି ଜଣାଯାଇଛି।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
सिजुवा, पोस्ट : डुमुडुमा, भुवनेश्वर -751019
Sijua, Post-Dumuduma, Bhubaneswar-751019

No. AIIMS/BBSR/RECT/DEPUTATION/2022/947/7978 Dated:27.03.2023

VACANCY NOTICE ON DEPUTATION

**All India Institute of Medical Sciences, Bhubaneswar**, an autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim of correcting regional imbalance in quality tertiary level healthcare in the country, and attaining self-sufficiency in graduate, postgraduate and higher medical education and training.
Applications are being invited in prescribed pro-forma **(Hard Copy Only)** from eligible Officers/ Officials of Central/State/U. T. Government/Universities/Statutory/Autonomous Bodies/Public Sector Undertaking/ Research and Development Organisations/Police Departments of Central/ State/U.T/Armed Forces including Para Military Forces as applicable for filling up of Group 'A' and 'B' posts on Deputation Basis at All India Institute of Medical Sciences, Bhubaneswar.
**The details of vacant posts at All India Institute of Medical Sciences, Bhubaneswar.**

| Sl. | Name of the post | Group | Pay Scale | Vacancy |
|---|---|---|---|---|
| 1 | Assistant Account Officer | B | Level 7 as per 7th CPC | 02 |
| 2 | Assistant Controller of Examination | A | Level 11 as per 7th CPC | 01 |
| 3 | Assistant Engineer for Vigilance Cell (Civil) | B | Level 7 as per 7th CPC | 01 |
| 4 | Assistant Engineer (AC&R) | B | Level 7 as per 7th CPC | 02 |
| 5 | Chief Dietician (Nutrition Officer) | A | Level 11 as per 7th CPC | 01 |
| 6 | Chief Librarian | A | Level 13 as per 7th CPC | 01 |
| 7 | Chief Medical Social Service Officer | A | Level 11 as per 7th CPC | 01 |
| 8 | Chief Nursing Officer | A | Level 12 as per 7th CPC | 01 |
| 9 | Chief Pharmacist | B | Level 7 as per 7th CPC | 01 |
| 10 | Deputy Chief Security Officer | A | Level 11 as per 7th CPC | 01 |
| 11 | Hospital Architect | A | Level 11 as per 7th CPC | 01 |
| 12 | Junior Administrative Officer | B | Level 6 as per 7th CPC | 15 |
| 13 | Librarian Selection Grade | A | Level 11 as per 7th CPC | 01 |
| 14 | Medical Superintendent | A | Level14 as per 7th CPC | 01 |
| 15 | Nursing Superintendent | A | Level 11 as per 7th CPC | 03 |
| 16 | Principal Private Secretary | A | Level 11 as per 7th CPC | 01 |
| 17 | Private Secretary | B | Level 7 as per 7th CPC | 05 |
| 18 | Security Officer | A | Level 10 as per 7th CPC | 01 |
| 19 | Senior Procurement Cum Store Officer | A | Level 11 as per 7th CPC | 01 |
| 20 | Senior Sanitation Officer | B | Level 7 as per 7th CPC | 01 |
| 21 | Superintending Engineer | A | Level 13 as per 7th CPC | 01 |

**Note:**
i) Maximum age limit for applying for the aforesaid posts on deputation is 56 years as on last date of receipt of applications.
ii) The period of deputation will be for a period of 3 (three) years and extendable for maximum period of seven years as per DoPT guidelines.
iii) The Officers/Officials, fulfill the specified eligibility criteria may submit their application in the prescribed proforma at **Annexure-I** through proper channel to **"The Assistant Administrative Officer, Recruitment Cell, All India Institute of Medical Sciences, At- Sijua, Po - Dumuduma, Patrapara, Bhubaneswar-751019".**
iv) The last date of receipt of complete application on the prescribed proforma along with required documents through proper channel is **30 days after publication of this advertisement in the Employment News.** The interested candidate may also forward an advance copy of the application alongwith necessary papers, however, their original application should be forwarded by their present employer and the same should reach this office within a period of 15 days from the closing date of the application. Application received after the stipulated time period shall summarily be rejected and in this regard no request shall be entertained.
v) For detailed advertisement including educational qualifications, age and eligibility criteria etc., kindly visit the Institute's website **https://aiimsbhubaneswar.nic.in.**

Sd/-
Executive Director
AIIMS, Bhubaneswar

# ଭିଜିଲାନ୍ସ ପକ୍ଷରୁ ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟରେ ଚଢାଉ

**ବୌଦ୍ଧ,୨୮।୩ (ସ୍ୱ.ପ୍ର)**

ବୌଦ୍ଧ ଜଳଛାୟା ପ୍ରକଳ୍ପ କାର୍ଯ୍ୟାଳୟରେ ଫାର୍ମ ଫଣ୍ଡ କାମରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହେବା ପରେ ମଙ୍ଗଳବାର ଭିଜିଲାନ୍ସ ବିଭାଗର ଏକ ଟିମ୍ ଜଳଛାୟା କାର୍ଯ୍ୟାଳୟକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ବିଭାଗରେ ବିଭିନ୍ନ ଫାଇଲକୁ ଛାନଭିନ କରି ତଦନ୍ତ ଆରମ୍ଭ କରାଯାଇଛି ବୋଲି ଡିଏସ୍‌ପି ଅରୁଣ କୁମାର ନାୟକ ସୂଚନା ଦେଇଛନ୍ତି।

# ନିର୍ମାଣ ହୋଇପାରୁନି ଯାତ୍ରୀ ବିଶ୍ରାମାଗାର, ଅନୁଦାନ ଫେରୁଛି

**ବାଉଁଶୁଣୀ, ୨୮।୩(ଡି.ଏନ.ଏ.)**

ବୌଦ୍ଧ ମନମୁଣ୍ଡା ମଝିରେ ବାଉଁଶୁଣୀ ଅବସ୍ଥିତ। ଏହା ହେଉଛି ୧୦ଟି ପଞ୍ଚାୟତର ବ୍ୟବସାୟର ପେଣ୍ଠସ୍ଥଳୀ। ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, କନିଷ୍ଠ ମହାବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ, ଶିଶୁ ବିଦ୍ୟା ମନ୍ଦିର, ଉଚ୍ଚ ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଥାନା, ଘରୋଇ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାଳୟ ଆଦି ଅନୁଷ୍ଠାନ ଅଛି। ଦୈନିକ ଶହ ଶହ ଛାତ୍ରୀଛାତ୍ର କଲେଜ ପଢି ଆସୁଥିବା ବେଳେ ଯାତ୍ରୀ ବିଶ୍ରାମାଗାର ନ ଥିବାରୁ ଯିବା ପାଇଁ ଖରା, ବର୍ଷାରେ ବସକୁ ଅପେକ୍ଷା କରିବାକୁ ପଡେ। ସେହିପରି ଭୁବନେଶ୍ୱର, ବ୍ରହ୍ମପୁର, କଟକ, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର, ଭବାନୀପାଟଣା, ରାଉରକେଲା ଆଦି ଦୂର ଦୁରାନ୍ତକୁ ଯିବାପାଇଁ ବସକୁ ଅପେକ୍ଷା କରିବାକୁ ପଡ଼େ। ବିଶେଷକରି ବର୍ଷା ଦିନେ ଯାତ୍ରୀ ତଥା ଛାତ୍ରୀଛାତ୍ର ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହୁଅନ୍ତି। ଏଠାରେ ଯାତ୍ରୀ ବିଶ୍ରାମାଗାର ପାଇଁ ବାଉଁଶୁଣି ନାଗରିକ କମିଟି ପକ୍ଷରୁ ଦୀର୍ଘ ବର୍ଷ ହେଲା ଦାବି ହୋଇଆସୁଥିଲା। ଯାତ୍ରୀ ବିଶ୍ରାମାଗାର ପାଇଁ ୨୦୧୮-୧୯ ଆର୍ଥିକ ବର୍ଷରେ କନ୍ଧମାଳ ବିଧାୟକ ୨ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ।ତେବେ ଜବର ଦଖଲ ସମସ୍ୟା ଯୋଗୁ ଏହା ନିର୍ମାଣ ହୋଇ ନ ପାରି ୨୦୨୧ ମସିହାରେ ଟଙ୍କା ଫେରି ଯାଇଥିଲା। ତେବେ ନାଗରିକ କମିଟି ଏଥିପାଇଁ ଦାୟୀ କରିଛି ଜିଲା ପ୍ରଶାସନକୁ। ତେବେ ଏଠାରେ ପରିସ୍ରାଗାର ନ ଥିବାରୁ ବିଶେଷକରି ମହିଳା ଓ ଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଃଖର ବିଷୟ ବାଉଁଶୁଣୀଠୁ ଅତି ଛୋଟ ଛକଗୁଡିକରେ ଯାତ୍ରୀ ବିଶ୍ରାମଗାର ନିର୍ମାଣ ହୋଇଛି। ଆଉ କେତେକ ଛକରେ ବିଶ୍ରାମାଗାର ନିର୍ମାଣ ହୋଇ ଯାତ୍ରୀମାନଙ୍କ କାର୍ଯ୍ୟରେ ଲାଗୁନାହିଁ। ଜିଲା ପ୍ରଶାସନ ଏହି ଗୁରୁତ୍ୱପୂର୍ଣ୍ଣ ଛକରେ ତୁରନ୍ତ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ପାଇଁ ବାଉଁଶୁଣୀ ନାଗରିକ କମିଟି ଦାବି କରିଛି।

# ବିକାଶରେ ଇଣ୍ଡିଆ ଏଟ୍ ଓସ୍କାର୍ସ



ବିକାଶରେ ଇଣ୍ଡିଆ ଏଟ୍ ଓସ୍କାର୍ସ କାର୍ଯ୍ୟକ୍ରମ ।

**ବରଗଡ଼ ଅଫିସ୍,୨୮।୩**

ବରଗଡ଼ର ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ କ୍ୟାମ୍ପସ ପରିସରରେ ଛାତ୍ରୀଛାତ୍ରମାନେ 'ଇଣ୍ଡିଆ ଏଟ୍ ଓସ୍କାର୍ସ' ଶୀର୍ଷକ କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ଚଳଚ୍ଚିତ୍ର ଜଗତର ଓସ୍କାର ବିଜୟକୁ ଉତ୍ସାହ ସହିତ ନିଆରା ଢ଼ଙ୍ଗରେ ପାଳନ କରିଛନ୍ତି। ସ୍ଥାନୀୟ ଖେଳ ପଡ଼ିଆରେ ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକାଠି ହୋଇ ଏସ୍. ଏସ୍ ରାଜମୌଳିଙ୍କ ନିର୍ଦ୍ଦେଶିତ ଆର୍‌ଆର୍‌ଆର୍ ଚଳଚ୍ଚିତ୍ରରୁ ବିଶ୍ୱବିଖ୍ୟାତ ଏବଂ ଓସ୍କାର ପୁରସ୍କୃତ ନାଟୁ ନାଟୁ ଗୀତର ଉକ୍ତ ଷ୍ଟେପ୍‌କୁ ସାମୂହିକ ଭାବେ ପ୍ରଦର୍ଶିତ କରିଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଅଧ୍ୟକ୍ଷ ଇଂ. ଅଜୟ ମହାପାତ୍ର, ଡଃ କ୍ଷୀରୋଦ ପ୍ରଧାନ, ଡଃ ବି. କେ. ଦାଶ, ପ୍ରଫେସର ଷ୍ଟେଲା, ଉପାଧ୍ୟକ୍ଷା ଦୀପାଞ୍ଜଳି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଇଣ୍ଡିଆ ଏଟ୍ ଓସ୍କାର୍ସ ଶୀର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉପାଧ୍ୟକ୍ଷ ଆର.ଏସ. ଭି କ୍ରୀଷ୍ଣା ଏବଂ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିତୁ ଗଣାତ୍ରୀ ଏବଂ ଶୁଭକାନ୍ତ ତ୍ରିପାଠୀ ସହଯୋଗ କରିଥିଲେ।

# ନାଟକ ଗାନ୍ଧୀଛକ, ପବିତ୍ର ସମ୍ପର୍କ ମଞ୍ଚସ୍ଥ

**ସୋହେଲା,୨୮।୩(ଡି.ଏନ.ଏ.)**

ଚୈତ୍ର ନବରାତ୍ର ବାସନ୍ତୀକ ଦୁର୍ଗାପୂଜା ଉପଲକ୍ଷେ ସୋହେଲାରେ ଚାଲିଥିବା ସାଂସ୍କୃତିକ କାର୍ଯ୍ୟକ୍ରମ 'ଉଛବ'ରେ ମଙ୍ଗଳବାର ଦୁଇଟି ନାଟକ ପରିବେଷଣ କରାଯାଇଛି। ଚେତନା ମଣ୍ଡପରେ ଚାଲିଥିବା ଏହି ନାଟ୍ୟ ଉତ୍ସବର ପ୍ରଥମ ନାଟକ 'ଗାନ୍ଧୀଛକ' ଥିଲା । ପଦ୍ମପୁରର 'ଲୁ' ନାଟ୍ୟାନୁଷ୍ଠାନ ଏହାକୁ ମଞ୍ଚସ୍ଥ କରିଥିଲା। ଏନ୍‌ଏସ୍‌ଡିରୁ ଉତ୍ତୀର୍ଣ୍ଣ ଅଶୋକ ମିଶ୍ର ଏହି ନାଟକର ମୂଳ ରଚୟିତା ହୋଇଥିବା ବେଳେ ନାଟ୍ୟକାର କେଶରଞ୍ଜନ ପଧାନ ଏହାର କୋଶଲି ଅନୁବାଦ କରିଛନ୍ତି। ଏନ୍‌ଏସ୍‌ଡି ଉତ୍ତୀର୍ଣ୍ଣ କଳାକାର ଜଗନ୍ନାଥ ସେଠ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ହାସ୍ୟ ରସାତ୍ମକ ଏହି ନାଟକ ଅନେକ ସାମାଜିକ ବାର୍ତ୍ତା ଦେଇଛି। ସେହିପରି ସମ୍ବଲପୁରର ଶବ୍ଦ ସାସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ନାଟକ 'ପବିତ୍ର ସମ୍ପର୍କ' ମଞ୍ଚସ୍ଥ ହୋଇଥିଲା। ଏହି ନାଟକକୁ ବିରୁପାକ୍ଷ ପଧାନ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି। ଭୁଲ ବୁଝାମଣା ମଣିଷକୁ ଭୁଲ ବାଟ ବତାଏ । ଫେରିବାର ଅଭିପ୍ରାୟ ଥିଲେ ବି ଆମର ଅହଂ ତାକୁ ସୁଯୋଗ ଦେଇ ନ ଥାଏ। ଏହିପରି ଏକ ବିଷୟ ବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଛି।


ମଙ୍ଗଳବାର ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

# ବରଗଡ଼ରେ ବିଶ୍ୱ ନାଟ୍ୟ ଦିବସ

**ବରଗଡ଼ ଅଫିସ୍,୨୮।୩**

ବରଗଡ଼ର ସମର୍ପଣ ନାଟ୍ୟ ଅନୁଷ୍ଠାନ ଏବଂ ସୌଖୀନ କଳାକାର ସଂଘର ମିଳିତ ଆନୁକୂଲ୍ୟରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସୌଖୀନ ରଙ୍ଗମଞ୍ଚରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ହ୍ୟୁମାନ ପ୍ରାଇଡ୍‌ର ରାଜ୍ୟ ସଭାପତି ନନ୍ଦ କିଶୋର ଅଗ୍ରୱାଲ, ଶିକ୍ଷାବିତ୍ ରାଜେନ୍ଦ୍ର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ସମର୍ପଣ ନାଟ୍ୟ ଅନୁଷ୍ଠାନ ଦ୍ୱାରା ସୁମନ୍ତ ଭୋଇଙ୍କ ରଚିତ ଏବଂ ସଞ୍ଜୟ କୁମାର ବେହେରାଙ୍କ ନିର୍ଦ୍ଦେଶିତ ସମ୍ବଲପୁରୀ ନାଟକ ଗୁଟେ ରାତିର୍ କଥା ମଞ୍ଚସ୍ଥ ହୋଇଥିଲା। ସାଂସାରିକ ଜୀବନରେ ଯେତେ ଝଡ଼ଝଞ୍ଜା ଆସିଲେ ମଧ୍ୟ ଉତ୍ତମ ବୁଝାମଣା ହିଁ ଏହାର ପ୍ରକୃତ ସମାଧାନ ବୋଲି ନାଟକଟି ବାର୍ତ୍ତା ପ୍ରଦାନ କରିଥିଲା। ଏହି ନାଟକର ବିଭିନ୍ନ ଚରିତ୍ରରେ ସଞ୍ଜୟ କୁମାର ବେହେରା, ସଞ୍ଜୟ ପାଢ଼ୀ, ପ୍ରୟାସ ରଞ୍ଜନ ବିର୍ତ୍ତିଆ, କନକ ଦଣ୍ଡସନା, ସରିତ ମିଶ୍ର, ବେଣୁଧର ଦଣ୍ଡସନା, ସୁରଜ ପାତ୍ର, ବିଶାଳ ନାଗ, ସୁମିତ ଜୟକାର, ରାକେଶ ବାଗ ଅଭିନୟ କରିଥିଲେ। ନାଟକରେ ଧୀରେନ ଭୋଇ ଗୀତ ରଚନା କରିଥିବାବେଳେ ଗୋପାଳ ମିଶ୍ର ଏବଂ ପରିତୋଷ ବେହେରା ସଙ୍ଗୀତ ସଂଯୋଜନା କରିଥିଲେ। ରାଜା ସୁନା କଣ୍ଠଦାନ ଏବଂ ଆଦିତ୍ୟ ପ୍ରସାଦ ଦୀପ ମଞ୍ଚ ପରିଚାଳନା କରିଥିଲେ।



ନାଟକ ଗୁଟେ ରାତିର୍ କଥାର ଦୃଶ୍ୟାଭିନୟ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

WANTED
Teachers Male/Female for ODIA & ENGLISH Medium School in Bhubaneswar.
Contact:
9337119851
7978084379

REQUIRED
ମିଶନ ରୋଜଗାର ଯୋଜନା (Odisha 2023) ସମସ୍ତ ଜିଲ୍ଲା ପାଇଁ ସହଯୋଗୀ ପୋଷ୍ଟ ଆବଶ୍ୟକ କରୁଅଛି ।
ଯୋଗ୍ୟତା- 8th to Graduate
ଦରମା- ୪୦,୦୦୦ ରୁ ୮୫,୦୦୦
(ବର୍ତ୍ତମାନ ପଞ୍ଜିକରଣ ଚାଲୁଅଛି) ଯୋଗାଯୋଗ :
9643414970 / 9821554920

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଡ୍ରାଇଭର ଜଣକ କଟକ ଚାଉଳିଆଗଞ୍ଜ, ମହାନଦୀ ବିହାର କିମ୍ବା ନୂଆବଜାର ଅଞ୍ଚଳର ହୋଇଥିଲେ ଉତ୍ତମ । ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଆଗ୍ରହୀ ବ୍ୟକ୍ତି ନିଜ ଅଭିଜ୍ଞତା Whatsapp କିମ୍ବା SMS ମାଧ୍ୟମରେ ପଠାଇପାରିବେ।
Whatsapp/SMS: 9937077222

# ରୋଗୀ କଲ୍ୟାଣ ସମିତିର ଜିଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ

**ବୌଦ୍ଧ, ୨୮।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ରୋଗୀ କଲ୍ୟାଣ ସମିତି କମିଟି ପକ୍ଷରୁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟ ସମସ୍ୟାର ସମୀକ୍ଷା କରିଥିଲେ। ଉପଜିଲାପାଳ ରବୀନ୍ଦ୍ରନାଥ କହଁରଙ୍କ ନେତୃତ୍ୱରେ କମିଟି ମୁଖ୍ୟ ଚିକିତ୍ସାଳୟ ସହିତ କୋଭିଡ୍ କେୟାର ସେଣ୍ଟର, ଅକ୍ସିଜେନ ପ୍ଲାଣ୍ଟ ଓ ପୁରୁଣାଜେଲ ପରିସରରେ ଚାଲୁଥିବା ନୂତନ ଡାକ୍ତରଖାନାର କୋଠା ଆଦି ଉନ୍ନୟନ କାର୍ଯ୍ୟ ପରିଦର୍ଶନ କରିଥିଲେ । ମୁଖ୍ୟ ଡାକ୍ତରଖାନାରେ ରୋଗୀ ସେବା, ରୋଗୀ ମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା, ନିରାୟମ ଯୋଜନାର ସମୀକ୍ଷା କରିଥିଲେ। ଏହି ଅବସରରେ ରୋଗୀମାନଙ୍କ ସହ ଆଲୋଚନା କରି ସମସ୍ୟା ଉପରେ ବୁଝିଥିଲେ। କମିଟିର ବରିଷ୍ଠ ସଦସ୍ୟ ତାରେଣି ମହାପାତ୍ର, ଏନଏସି କାର୍ଯ୍ୟ ନିବାହୀ ଅଧିକାରୀ ମନରଞ୍ଜନ ପଣ୍ଡା ପ୍ରମୁଖ ସାମିଲ ଥିଲେ।



କମିଟିର ମେଡିକାଲ ପରିଦର୍ଶନ।

# ଗାନ୍ଧୀ ମୂର୍ତ୍ତି ତଳେ କଂଗ୍ରେସର ସତ୍ୟାଗ୍ରହ

## ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦର ପ୍ରତିବାଦ



ଗାନ୍ଧୀ ପ୍ରତିମୂର୍ତ୍ତି ତଳେ କଂଗ୍ରେସ ନେତୃବୃନ୍ଦ ସତ୍ୟାଗ୍ରହ କରୁଛନ୍ତି।

**ବରଗଡ ଅଫିସ,୨୮।୩**

ରାହୁଲ ଗାନ୍ଧୀଙ୍କ ସଭ୍ୟପଦ ରଦ୍ଦ ନିଷ୍ପତ୍ତିର ପ୍ରତିବାଦ କରିଛି ବରଗଡ଼ ଜିଲା କଂଗ୍ରେସ। ଏହି କ୍ରମରେ ମଙ୍ଗଳବାର ଜିଲା କଂଗ୍ରେସ କମିଟି ପକ୍ଷରୁ ସଭାପତି ନିହାର ରଞ୍ଜନ ମହାନନ୍ଦଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଗାନ୍ଧୀ ଛକ ସ୍ଥିତ ଗାନ୍ଧୀ ମୂର୍ତ୍ତି ତଳେ ସତ୍ୟାଗ୍ରହ କରିଥିଲେ। ସକାଳ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ଅନୁଷ୍ଠିତ ହୋଇଥିଲା। ଏହି ସତ୍ୟାଗ୍ରହରେ ଯୁଗଳ ପ୍ରସାଦ ସିଂହ, ସରୋଜ କୁମାର ଷଡଙ୍ଗୀ, ପ୍ରଦୀପ ଦେବତା, ନିପନ କୁମାର ଦାଶ, ସରୋଜ କୁମାର ମହାପାତ୍ର, ହରଦୀପ ସିଂହ, ମୋତୀଲାଲ ଦାଶ, ଗୌରାଙ୍ଗ ନାୟକ, ବ୍ରହ୍ମାନନ୍ଦ ମହାକୁଡ଼, ଶୁଭେନ୍ଦୁ କୁମାର ସାହୁ, ମୌସୁମୀ ସାହୁ, ଅନନ୍ତ ତାଣ୍ଡି, ସୁଧୀର ଜେନା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଜିଲାସ୍ତରୀୟ ଇକୋ ପ୍ରଦର୍ଶନୀ

**ବୌଦ୍ଧ, ୨୮।୩(ସ୍ୱ.ପ୍ର.)**

ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଜିଲାସ୍ତରୀୟ ଇକୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଓ ଭୁବନେଶ୍ୱର ସେଣ୍ଟର ଫର ଇନଭରମେଣ୍ଟ ଷ୍ଟଡିଜ ସହଯୋଗରେ ଅନୁଷ୍ଠିତ ଏହି ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଉଦୟନାଥ ମାଝୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ମଦନମୋହନ ପ୍ରଧାନ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ବେହେରା, ଅଧ୍ୟାପକ ପ୍ରବୀର ଦାସ ଯୋଗଦେଇଥିଲେ। ଆମର ଜୀବନ ଶୈଳୀରେ ସୁଧାର ଆଣିବା ସହ ପ୍ରକୃତିରୁ ସର୍ବନିମ୍ନ ଜିନିଷର ବ୍ୟବହାର କରିବା ଉଚିତ। ଆମେ ପ୍ରକୃତି ପ୍ରତି ସମନ୍ୱୟ ରକ୍ଷା କରିବା, ପ୍ରଦୂଷଣ ସୃଷ୍ଟିକରୁଥିବା ଜିନିଷ ବ୍ୟବହାର କମ କରିପାରିଲେ ମଣିଷ ଓ ପ୍ରକୃତିକୁ ଆମେ ସାହାଯ୍ୟ କରିପାରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଦର୍ଶନୀରେ ପ୍ରକୃତି, ପରିବେଶ, ମାନବ ଜୀବନ ଶୈଳୀକୁ ନେଇ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ ହୋଇଥିଲା।

# ଶ୍ରୀରଘୁନାଥଜୀଉ ମନ୍ଦିର ପ୍ରତିଷ୍ଠା: ମହିଳାଙ୍କ କଳସ ଶୋଭାଯାତ୍ରା

**କନ୍ଧମାଳ, ୨୮।୩(ଡି.ଏନ.ଏ.)**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ବନ୍ଧପାଲି ସ୍ଥିତ ନବନିର୍ମିତ ଶ୍ରୀଶ୍ରୀ ରଘୁନାଥଜିଉ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୋମବାର ମହିଳାମାନଙ୍କ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସୁଦୁର ଗଙ୍ଗା ନଦୀରୁ ଅଣାଯାଇଥିବା ପବିତ୍ର ଗଙ୍ଗାଜଳ ପରିପୂର୍ଣ୍ଣ ଏକ ହଜାର ଆଠ ଶୁଭ କଳସ ମୁଣ୍ଡରେ ଧରି ମହିଳାମାନେ କନ୍ଧମାଳ ଗିରି ଗୋବର୍ଦ୍ଧନ ପୀଠରୁ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା। କନ୍ଧମାଳରେ ପ୍ରଥମ ଥର ପାଇଁ ଗଙ୍ଗାଜଳ ପରିପୂର୍ଣ୍ଣ କଳସ ଶୋଭାଯାତ୍ରା ଆୟୋଜନକୁ ନେଇ ମହିଳାମାନେ ବେଶ ଉତ୍ସାହିତ ଥିଲେ। ମନ୍ଦିର ପ୍ରତିଷ୍ଠାତା ସୁଧର ଗୁରୁ ସ୍ୱାମୀ ଅନ୍ନପୂର୍ଣ୍ଣା ଗୁରୁ କର୍ତ୍ତାଭାବେ କାର୍ଯ୍ୟ ତୁଲାଇଥିବାବେଳେ ଆଚାର୍ଯ୍ୟ କ୍ଷମାନିଧି ମିଶ୍ର, ଯଜ୍ଞସେନ ମିଶ୍ର, ଭାଗ୍ୟଧର ମିଶ୍ର, ସାନୁର୍ଯ୍ୟ ନନ୍ଦ, ସରୋଜ ପାଣିଗ୍ରାହୀ ଓ ଚୈତନ୍ୟ ମିଶ୍ର ଓ ବ୍ରାହ୍ମଣ ପଣ୍ଡିତ ଗଣ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କରିଥିଲେ । ଏହି ଅବସରରେ ପଶ୍ଚିମ ଓଡିଶାର ବିଭିନ୍ନ ମଠର ମଠାଧିଶ ବାବା ଅଭିରାମ ଦାଶ, ରଘୁନାଥ ଦାଶ, ଭଗବାନ ଦାଶ, ଅଖୁଡା ଦାଶ, ଗୋପିନାଥ ଦାଶ, ବାବାଜୀ ଦାଶ, କିଶନ ଦାଶ, ଲକ୍ଷ୍ମଣ ଦାଶ, ଦାମୋଦର ଦାଶ , ପଞ୍ଚାନନ ଦାଶ, ଆଦି ସାଧୁସନ୍ଥ ମାନେ ଯୋଗ ଦେଇଥିଲେ। ଉତ୍ସବରେ ବରିଷ୍ଠ ଭାଜପା ନେତା କହ୍ନେଇ ଚରଣ ଡାଙ୍ଗଳ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଜିଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନଙ୍କ ସହ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଓ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ।


ମହିଳାଙ୍କ କଳସ ଶୋଭାଯାତ୍ରା।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
सिजुवा, पोस्ट : डुमुडुमा, भुवनेश्वर -751019
Sijua, Post-Dumuduma, Bhubaneswar-751019

No. AIIMS/BBSR/RECT/DEPUTATION/2022/947/7978 Dated:27.03.2023

VACANCY NOTICE ON DEPUTATION

**All India Institute of Medical Sciences, Bhubaneswar**, an autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim of correcting regional imbalance in quality tertiary level healthcare in the country, and attaining self-sufficiency in graduate, postgraduate and higher medical education and training.

Applications are being invited in prescribed pro-forma **(Hard Copy Only)** from eligible Officers/ Officials of Central/State/U. T. Government/Universities/Statutory/Autonomous Bodies/Public Sector Undertaking/ Research and Development Organisations/Police Departments of Central/ State/U.T/Armed Forces including Para Military Forces as applicable for filling up of Group 'A' and 'B' posts on Deputation Basis at All India Institute of Medical Sciences, Bhubaneswar.

**The details of vacant posts at All India Institute of Medical Sciences, Bhubaneswar.**

| Sl. | Name of the post | Group | Pay Scale | Vacancy |
|---|---|---|---|---|
| 1 | Assistant Account Officer | B | Level 7 as per 7th CPC | 02 |
| 2 | Assistant Controller of Examination | A | Level 11 as per 7th CPC | 01 |
| 3 | Assistant Engineer for Vigilance Cell (Civil) | B | Level 7 as per 7th CPC | 01 |
| 4 | Assistant Engineer (AC&R) | B | Level 7 as per 7th CPC | 02 |
| 5 | Chief Dietician (Nutrition Officer) | A | Level 11 as per 7th CPC | 01 |
| 6 | Chief Librarian | A | Level 13 as per 7th CPC | 01 |
| 7 | Chief Medical Social Service Officer | A | Level 11 as per 7th CPC | 01 |
| 8 | Chief Nursing Officer | A | Level 12 as per 7th CPC | 01 |
| 9 | Chief Pharmacist | B | Level 7 as per 7th CPC | 01 |
| 10 | Deputy Chief Security Officer | A | Level 11 as per 7th CPC | 01 |
| 11 | Hospital Architect | A | Level 11 as per 7th CPC | 01 |
| 12 | Junior Administrative Officer | B | Level 6 as per 7th CPC | 15 |
| 13 | Librarian Selection Grade | A | Level 11 as per 7th CPC | 01 |
| 14 | Medical Superintendent | A | Level14 as per 7th CPC | 01 |
| 15 | Nursing Superintendent | A | Level 11 as per 7th CPC | 03 |
| 16 | Principal Private Secretary | A | Level 11 as per 7th CPC | 01 |
| 17 | Private Secretary | B | Level 7 as per 7th CPC | 05 |
| 18 | Security Officer | A | Level 10 as per 7th CPC | 01 |
| 19 | Senior Procurement Cum Store Officer | A | Level 11 as per 7th CPC | 01 |
| 20 | Senior Sanitation Officer | B | Level 7 as per 7th CPC | 01 |
| 21 | Superintending Engineer | A | Level 13 as per 7th CPC | 01 |

**Note:**
i) Maximum age limit for applying for the aforesaid posts on deputation is 56 years as on last date of receipt of applications.
ii) The period of deputation will be for a period of 3 (three) years and extendable for maximum period of seven years as per DoPT guidelines.
iii) The Officers/Officials, fulfill the specified eligibility criteria may submit their application in the prescribed proforma at **Annexure-I** through proper channel to **"The Assistant Administrative Officer, Recruitment Cell, All India Institute of Medical Sciences, At- Sijua, Po - Dumuduma, Patrapara, Bhubaneswar-751019".**
iv) The last date of receipt of complete application on the prescribed proforma along with required documents through proper channel is **30 days after publication of this advertisement in the Employment News.** The interested candidate may also forward an advance copy of the application alongwith necessary papers, however, their original application should be forwarded by their present employer and the same should reach this office within a period of 15 days from the closing date of the application. Application received after the stipulated time period shall summarily be rejected and in this regard no request shall be entertained.
v) For detailed advertisement including educational qualifications, age and eligibility criteria etc., kindly visit the Institute's website **https://aiimsbhubaneswar.nic.in.**

Sd/-
Executive Director
AIIMS, Bhubaneswar

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଦେଓଗାଁ,୨୮।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ନାଇକେନଶିରା ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପ୍ରକାଶ ଯେ, ଗତ ଦୁଇ ବର୍ଷ ତଳେ ଶିକାଛିଡା ପଞ୍ଚାୟତ ବନ୍ଧକେଡା ଗ୍ରାମର ମମତା ବଗର୍ତ୍ତି (୨୩)ନାଇକେନଶିରା ଗ୍ରାମର କାର୍ତ୍ତିକ ବଗର୍ତ୍ତି ଓରଫ ଡାକ୍ତରଙ୍କୁ ବିବାହ କରିଥିଲେ। ଗତ ଦୁଇ ଦିନ ତଳେ କୌଣସି କାର୍ଯ୍ୟରେ ଉଭୟ ସ୍ୱାମୀ ସ୍ତ୍ରୀ ବନ୍ଧକେଡାସ୍ଥିତ ଶ୍ୱଶୁର ଘରକୁ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହେବା ପରେ ମମତାଙ୍କ ସ୍ୱାମୀ ସେଠାରୁ ଏକାକୀ ଚାଲି ଆସିଥିଲେ। ପରେ ବଡଭାଇ ତାଙ୍କ ଭଉଣୀଙ୍କୁ ଆଣି ଶାଶୁଘର ନାଇକେନଶିରାରେ ଛାଡି ଫେରି ଯାଇଥିଲେ। ଏହାର କିଛି ସମୟ ପରେ ମମତା ଆତ୍ମହତ୍ୟା କରିଥିବା କାର୍ତ୍ତିକ ତାଙ୍କ ଭାଇକୁ ଫୋନ କରି ଜଣାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗୀର ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି। ଘଟଣାକୁ ନେଇ ମମତାଙ୍କ ବାପଘର ଲୋକେ ଝିଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଅଭିଯୋଗ କରିଛନ୍ତି।

# ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଞ୍ଚାୟତବାସୀଙ୍କ ଧାରଣା

## କମ୍ୟୁନିଟି ହେଲଥ ଅଫିସରଙ୍କ ବଦଳି ବାତିଲ ଦାବି

ଦେବଗଡ଼, ୨୮।୩(ଡି.ଏନ.ଏ.)



ଜିଲା ମୁଖ୍ୟ ଚିକିତ୍ସାଧୀକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ବାରକୋଟ ବ୍ଲକ ବସାଲଇ ଗ୍ରାମ ପଞ୍ଚାୟତରେ ଥିବା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର କମ୍ୟୁନିଟି ହେଲଥ୍ ଅଫିସର କିଶୋର କୁମାର ସାହୁଙ୍କର ଇତି ମଧ୍ୟରେ ଅନ୍ୟତ୍ର ବଦଳି ହୋଇଯାଇଛି। ଫଳରେ ସ୍ୱାସ୍ଥ୍ୟ ସେବା ପାଇଁ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବାସହ ତାଙ୍କର ବଦଳି ବାତିଲ ପାଇଁ ମଙ୍ଗଳବାର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍‌ଓ)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶ ଧାରଣା ସ୍ଥଳକୁ ଆସି ଦାବି ପୂରଣ ପାଇଁ ଏକ ସପ୍ତାହ ସମୟ ମାଗିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମଙ୍ଗଳବାର ପୂର୍ବାହ୍ନରେ ବସାଲଇ ଗ୍ରାମ ପଞ୍ଚାୟତର ସମିତି ସଦସ୍ୟା ପ୍ରଭାତୀ ନାଏକ ଓ ୱାର୍ଡ ସଦସ୍ୟ ଗଣନାଥ ଧଳଙ୍କ ନେତୃତ୍ୱରେ ବସାଲଇ ଗ୍ରାମ ପଞ୍ଚାୟତର ବହୁ ଜନସାଧାରଣ ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଏହା ପରେ ସେଠାରେ ସେମାନେ ସମୂହ ଧାରଣାରେ ବସିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଜିଦ ଧରିଥିଲେ। ଏହି ଧାରଣାରେ ଦେବଗଡ ଉପନଗରପାଳ ପ୍ରଜିତ କୁମାର ଭୋଜ, ସୁଧିର କୁମାର ବ୍ରହ୍ମା, ବିଜୟ ସାମଲ, ଅମୃତ ସାମଲ, ଦୁଷ୍ମନ୍ତ ସାମଲ, ଭକ୍ତବନ୍ଧୁ ସାହୁ, ଝସକେତନ ମହାକୁଳ, ଲାଲା ସାମଲ, ପ୍ରଫୁଲ୍ଲ ସାହୁ, ବିଷ୍ଣୁଚରଣ ସାହୁ, ଦୁଖୁନୁ ଗୁମାନ ସିଂ ଓ ଶୁକଦେବ ବେହେରାଙ୍କ ସମେତ ବସାଲଇ ଗ୍ରାମ ପଞ୍ଚାୟତର ବହୁ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ସୂଚନା ଯୋଗ୍ୟ ଯେ, ଗତ ୨୧ ତାରିଖ ଅଞ୍ଚଳବାସୀ ବସାଲଇ ଗ୍ରାମ ପଞ୍ଚାୟତର ସରପଞ୍ଚ ତେଜସ୍ୱିନୀ ସାହୁ, ସମିତି ସଦସ୍ୟା ପ୍ରଭାତୀ ନାଏକ ଓ ୱାର୍ଡ ସଦସ୍ୟ ଗଣନାଥ ଧଳଙ୍କ ନେତୃତ୍ୱରେ ଦେବଗଡ ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସାଧନା ଦାଶଙ୍କୁ ସାକ୍ଷାତ କରି କମ୍ୟୁନିଟି ହେଲଥ୍ ଅଫିସର ସାହୁଙ୍କ ବଦଳି ବାତିଲ ଦାବିରେ ସ୍ମାରକପତ୍ର ପ୍ରଦାନ କରିଥିଲେ।

# ପୂର୍ବତନ ବରିଷ୍ଠ କିରାଣିଙ୍କୁ ୪ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼,୨୮।୩(ଡି.ଏନ୍.ଏ)

ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ମଙ୍ଗଳବାର ଏକଲାଞ୍ଚ ମାମଲାର ଶୁଣାଣି କରି ଲେଫ୍ରିପଡ଼ା ତହସିଲର ପୂର୍ବତନ ବରିଷ୍ଠ କିରାଣୀ ସୁରେନ୍ଦ୍ର କୁମାର ପଟେଲଙ୍କୁ ୪ବର୍ଷ ଜେଲଦଣ୍ଡ ଓ ୧ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ମାସ ଜେଲଦଣ୍ଡ ପାଇଁ ଅଦାଲତ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଅଭିଯୁକ୍ତ ବରିଷ୍ଠ କିରାଣୀ ପଟେଲ ୨୦୧୪ମସିହାରେ ଲେଫ୍ରିପଡା ତହସିଲରେ କାର୍ଯ୍ୟରତ ଥିବା ବେଳେ ଜମିପଟ୍ଟାରେ ନାମ ସଂଲଗ୍ନ ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ଏସମ୍ପର୍କରେ ଅଭିଯୋଗକାରୀ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ। ସମ୍ପୃକ୍ତ କିରାଣୀ ଏହି ଲାଞ୍ଚ ଟଙ୍କା ତାଙ୍କ ଠାରୁ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନା କେସ ନଂ. ୮୭ ତା୨୮।୧୧।୨୦୧୪ରେ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଦଫାରେ ମାମଲା ରୁଜୁ କରାଯାଇଥିଲା। ଭିଜିଲାନ୍ସ ଅଦାଲତ ଦ୍ୱାରା ଦଣ୍ଡିତ ହେବାପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ପଟେଲ ବର୍ତ୍ତମାନ ବଡଗାଁ ତହସିଲ କାର୍ଯ୍ୟାଳୟରେ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ କରୁଥିବା ବେଳେ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ପଟେଲଙ୍କୁ ଚାକିରୀରୁ ବହିଷ୍କୃତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି। ସମ୍ବଲପୁର ଭିଜିଲାନ୍ସ ଡିଭିଜନର ତତ୍କାଳୀନ ଇନ୍‌ସପେକ୍ଟର ତଥା ବର୍ତ୍ତମାନ ରାଉରକେଲା ଡିଭିଜନର ଡିଏସପି ଭାବେ କାର୍ଯ୍ୟ କରୁଥିବା ସୁଧାଂଶୁ ଶେଖର ପୂଜାରୀ ଏହି ମାମଲାର ତଦନ୍ତକାରୀ ଅଫିସର ଥିଲେ। ସରକାରଙ୍କ ତରଫରୁ ସମ୍ବଲପୁରର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗୌରମୋହନ ଦାସ ଓ ସୁନ୍ଦରଗଡ଼ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମସୁନ୍ଦର ମିଶ୍ର ମିଳିତ ଭାବେ ଏହି ମାମଲାର ପରିଚାଳନା କରିଥିଲେ।

# ବାମଣ୍ଡା କଳାକାର ସଂଘ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ




ବିଶ୍ୱ ନାଟ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଦେବଗଡ, ୨୮।୩(ଡି.ଏନ.ଏ)

ବାମଣ୍ଡା କଳାକାର ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ବିପିନ ବିହାରୀ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ତମ୍ଭକାର ସୁଜିତ ନାଥ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅତୁଲ୍ୟ ପୂଜାରୀ, ମାର୍କଣ୍ଡେଶର ଶତପଥୀ, ହେମନ୍ତ କୁମାର ମହାପାତ୍ର, ପ୍ରଦୀପ କୁମାର ଅମାତ, ମନୋଜ କୁମାର ପାଢ଼ୀ ମଞ୍ଚାସୀନ ଥିବାବେଳେ କୁମୁଦଚନ୍ଦ୍ର ଶତପଥୀ ମଞ୍ଚ ସଞ୍ଚାଳନ କରିଥିଲେ। ଦିଲ୍ଲୀପ ଗୁରୁ ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ରର ବିଷୟବସ୍ତୁ ଥିଲା 'ସାମାଜିକ ପରିବର୍ତ୍ତନରେ ନାଟକର ଭୂମିକା'। ଏଥିରେ ସଞ୍ଜିବ କୁମାର ଦାଶ, ଚିତ୍ତରଞ୍ଜନ ଦାସ, ପ୍ରଶାନ୍ତ କୁମାର ଦ୍ୱିବେଦୀ, ଉପେନ୍ଦ୍ର ଭଞ୍ଜ, ହିମାଂଶୁ ଶେଖର ପ୍ରଧାନ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ସମ୍ପାଦକ ରୋମିଓ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଅରୁନ୍ଧତୀ ଦାଶ, ମନୋଜ ଶତପଥୀ, ଶିବାଶୀଷ ଝାଙ୍କର, ରାହୁଲ ଟାଲି ପ୍ରମୁଖ ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହାକୁ ଅବନୀକାନ୍ତ ମିଶ୍ର ସଞ୍ଚାଳନ କରିଥିଲେ। ଅଙ୍କୁର ଓ ମୁକେଶ ନୃତ୍ୟ ପରିବେଷଣ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ସୁଶାନ୍ତ ନନ୍ଦ, ଯଦୁମଣି ନାୟକ, ସନ୍ତୋଷ ସାହୁ, ପ୍ରିତମ, ଚିନୁ ଦାଶ, ଶ୍ରବଣ କୁମାର ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବର୍ଷିୟାନ କଳାକାର ତଥା ଈଶ୍ୱର ଚନ୍ଦ୍ର ଚିତ୍ରାଳୟର ପ୍ରତିଷ୍ଠାତା ନେତ୍ରାନନ୍ଦ ସାହୁଙ୍କୁ ଜୀବନ ବ୍ୟାପୀ କଳା ପ୍ରତି ସମର୍ପଣକୁ ସମ୍ମାନ ଜଣାଇ ବାମଣ୍ଡା କଳାକାର ସମ୍ମାନ ପ୍ରଦାନ କରାଯାଇଥିଲା। ସାହୁ ଦୀର୍ଘ ୫୦ ବର୍ଷ ଧରି ସାର୍ବଜନୀନ ଗଣେଶ ପୂଜା ମଣ୍ଡପର କଳାକୁଞ୍ଜର ବିଷୟବସ୍ତୁ ଓ ସାଜସଜ୍ଜା କରି ଆସୁଛନ୍ତି।

# ଜଙ୍ଗଲରେ ନିଆଁ ଲଗାଇ ୨ ଗିରଫ

ଦେବଗଡ଼, ୨୮।୩(ଡି.ଏନ୍.ଏ.)

ସୋମବାର ରାତିରେ ଦେବଗଡ ବନାଞ୍ଚଳ ତିଲେଇବଣି ଫରେଷ୍ଟ ସେକ୍ସନ ଅଧିନସ୍ଥ ବେଲମରା ନିକଟସ୍ଥ ଝାଡେଶ୍ୱର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ପ୍ରାଣୀ ଶିକାର ଉଦ୍ଦେଶ୍ୟରେ ନିଆଁ ଲଗାଉଥିବାବେଳେ ବନ ବିଭାଗ ପକ୍ଷରୁ ୨ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ସେମାନଙ୍କ ନିକଟରୁ ପ୍ରାଣୀ ଶିକାର ପାଇଁ ଉଦ୍ଦିଷ୍ଟ ଏକ ଦେଶୀ ବନ୍ଧୁକ, ଏକ ଟାଙ୍ଗିଆ, ଛୁରୀ, ଗ୍ୟାସ ଲାଇଟର ଓ ବାରୁଦ ଜବତ କରାଯାଇଛି। ଦେବଗଡ ବନାଞ୍ଚଳ ଅଧିକାରୀ ଦେବଦତ୍ତ ନନ୍ଦଙ୍କ ନିର୍ଦ୍ଦେଶରେ ତିଲେଇବଣି ଫରେଷ୍ଟର କାର୍ତ୍ତିକେୟ ପ୍ରଧାନ ଓ ଫରେଷ୍ଟ ଗାର୍ଡ ଭୋଳେଶ୍ୱର ସାହୁ ଝାଡେଶ୍ୱର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ରାତ୍ରିକାଳୀନ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଉକ୍ତ ଘଞ୍ଚ ଜଙ୍ଗଲ ମଧ୍ୟରେ ପ୍ରାଣୀ ଶିକାର ନିମନ୍ତେ ୨ ଜଣ ନିଆଁ ଲଗାଉଥିଲେ। ଉଭୟଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଉକ୍ତ ଦେଶୀ ବନ୍ଧୁକ, ଟାଙ୍ଗିଆ, ଛୁରୀ, ଲାଇଟର ଓ ବାରୁଦ ଆଦି ଜବତ କରି ଦେବଗଡ ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ପଚରା ଉଚରା ସମୟରେ ଜଣେ ବାଲମରା ଗ୍ରାମର ଖଗେଶ୍ୱର ମୁଣ୍ଡା ଓ ଅନ୍ୟ ଜଣେ ଗୁଣ୍ଡୁରିପୋଶି ଗ୍ରାମର ସୁବଳ ଧିବର ବୋଲି ଜଣାପଡିଥିଲା। ଉଭୟଙ୍କୁ ଗିରଫ କରାଯାଇ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିଲା। ମାତ୍ର ଅଦାଲତରେ ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ଜେଲ ପଠାଯାଇଛି।



ଜବତ ଦେଶୀ ବନ୍ଧୁକ, ବାରୁଦ, ଟାଙ୍ଗିଆ ଓ ଛୁରି।

# ଲ୍ୟାମ୍ପସ୍‌ର ବାର୍ଷିକ ସାଧାରଣ ବୈଠକ

କୁଆଁରମୁଣ୍ଡା,୨୮।୩(ଡି.ଏନ.ଏ)



ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ରାଏବୋଗା ଲ୍ୟାମ୍ପସ ୨୦୨୨-୨୩ ବର୍ଷରେ ୨୮୪୩ ଜଣ ଚାଷୀ, ୭୪ ଏସଏଚଜି, ଜେଏଲଜିଙ୍କୁ ଚାଷ ଓ ଚାଷ ସମ୍ବନ୍ଧୀୟ କାର୍ଯ୍ୟ ପାଇଁ ପ୍ରାୟ ୪୦ କୋଟି ଋଣ ପ୍ରଦାନ କରାଯାଇଥିବା ଏହାର ବାର୍ଷିକ ସାଧାରଣ ବୈଠକରେ ଆଗତ ହୋଇଛି। ଏହି ବୈଠକ ଗତ ଗୁରୁବାର ସୀମାନ୍ତବର୍ତ୍ତୀ ଦଲକି ପଞ୍ଚାୟତର ମୁଗଦାଣ୍ଡଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଜିଲା ଅତିରିକ୍ତ ସହକାରୀ ନିବନ୍ଧକ ଆର.ପି.ବେକ୍, ରାଏବୋଗା ଲ୍ୟାମ୍ପସର ସଭାପତି ଗୋରେଟି କିରୋ, ଉପସଭାପତି ଲକ୍ଷ୍ମୀଧର ସା, ପୁରୁଣାପାଣି ଶାଖା ପ୍ରବନ୍ଧକ ଅବିନାଶ ମହାପାତ୍ର, ସମବାୟବିତ ବିଭାଗ ଅଧିକାରୀ ଘନଶ୍ୟାମ ପାଣି ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ରାଏବୋଗା ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତି ଅତିଥି ପରିଚୟ ସହ ସ୍ୱାଗତ ଭାଷଣ, ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁରୂପଭାବେ ଚଳିତବର୍ଷ ୨୧୩ ଜଣ ନୂତନ ସଭ୍ୟଙ୍କୁ ଗ୍ରହଣ କରାଯାଇଛି ବୋଲି ବୈଠକରେ ଗୃହୀତ ହୋଇଥିଲା। ସେହିପରି ରବି ଋଣ ଲଗାଣ ୧୨କୋଟି ୮୪ ଲକ୍ଷ ୫୦ହଜାର, ରବି ଓ ଖରିଫ ଋଣ ପାଇଁ ୨୮୪୩ ଜଣ ଚାଷୀଙ୍କୁ ୨୫ କୋଟି ୩୧ ଲକ୍ଷ୮୦ ହଜାର, ୭୪ଟି ଏସଏଚଜିଙ୍କୁ ୧ କୋଟି ୭୦ ଲକ୍ଷ ୬୦ ହଜାର, ୫୩ଟି ଜେଏଲଜିଙ୍କୁ ୪୮ ଲକ୍ଷ ୮୦ ହଜାର ସାର କାରବାରକୁ ମିଶାଇ ପ୍ରାୟ ୪୦ କୋଟିରୁ ଉର୍ଦ୍ଧ୍ୱ ଋଣ ପ୍ରବାଦ କରାଯାଇଛି ବୋଲି ଏହି ବୈଠକରେ ସର୍ବସମ୍ମତ ଗୃହୀତ ହୋଇଥିଲା। ଏହି ବୈଠକରେ ଶତାଧିକ ଚାଷୀ ଯୋଗ ଦେଇ ଲ୍ୟାମ୍ପସ ପରିଚାଳକ ମହାନ୍ତି ଓ ସଭାପତି ଗୋରେଟି କିରୋଙ୍କ ସହ ପରିଚାଳନା ସମିତିକୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୈଠକରେ ଉପସ୍ଥିତ ଅତିଥିମାନେ କୃଷକବନ୍ଧୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବାଇକ୍-ସ୍କୁଟି ଧକ୍କା: ୨ ଗୁରୁତର

ବଡ଼ଗାଁ, ୨୮।୩(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜାଙ୍ଗଲି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା (ଏସ୍‌ଏଚ ୧୦) ରେ ମଙ୍ଗଳବାର ମଧ୍ୟାହ୍ନରେ ସ୍କୁଟି ଓ ବାଇକ ମଧ୍ୟରେ ଧକ୍କା ହେବାରୁ ୨ଜଣ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ହତିବାରି ଗ୍ରାମରୁ ଝାରସୁଗୁଡ଼ାକୁ ସ୍କୁଟିରେ କ୍ରିଷ୍ଣା ବଡ଼ାଇକ, ତାଙ୍କ ସ୍ତ୍ରୀ ସୁନୟନା ଓ ଦୁଇ ବର୍ଷର ପୁଅ ସକ୍ଷମ ଯାଉଥିଲାବେଳେ ବାଇକ୍‌ରେ ଯାଉଥିବା ବାଇବାଇ ଗ୍ରାମର ମଣ୍ଟୁ ପ୍ରଧାନଙ୍କ ସହିତ ଧକ୍କା ଦେଇଥିଲା। ବାଇକ୍ ଓ ସ୍କୁଟି ଚାଳକ ସାମାନ୍ୟ ଆହତ ହୋଇଥିଲାବେଳେ ସୁନୟନା ଓ ତାଙ୍କ ପୁଅ ସକ୍ଷମ ଗୁରୁତର ଆହତ ହୋଇଛନ୍ତି।

# ଜନ୍ମ ମୃତ୍ୟୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ

ଲୋଇସିଂହା,୨୮।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ମିଳିବାରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ବିଳମ୍ବ ଯୋଗୁ ଆବେଦନକାରୀଙ୍କୁ ନିରାଶ ହେବାକୁ ପଡିଛି। ପିଲାଙ୍କ ନାମ ଲେଖାଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟରେ ଏବେ ଜନ୍ମ ପ୍ରମାଣପତ୍ର ଲାଗୁଛି।

# ଶକ୍ତି ସଂରକ୍ଷଣ ସଚେତନତା ଶିବିର

ଲହୁଣୀପଡା,୨୮।୩(ଡି.ଏନ.ଏ.)




ଶକ୍ତି ସଂରକ୍ଷଣ ସଚେତନତା ଶିବିରରେ ଅତିଥି।

ସୁନ୍ଦରଗଡ଼ ଜିଲା ଲହୁଣୀପଡା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ଯୁବ ଇକୋ କ୍ଲବ ତରଫରୁ ଶକ୍ତି ସଂରକ୍ଷଣ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବାଙ୍କୀ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଖେସ, ସମ୍ମାନିତ ଅତିଥି ଭାବେ କୁମାର ଗୌତମ ବାରିକ, ଭୁବନେଶ୍ୱର ବେହେରା, ସିଆରସିସି ଶମ୍ଭୁନାଥ ମହାନ୍ତି, ପ୍ରବୀଣ ଆଚାର୍ଯ୍ୟ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଇଓ ଭଗବାନ ବାଙ୍ଗୀରା ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅପର୍ଣ୍ଣା ସାହୁଙ୍କ ଅଧ୍ୟକ୍ଷତା କରିଥିଲେ। ଇକୋ କ୍ଲବ ଅଧିକାରୀ ଜଳନ୍ଧର ରାଉତ ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦିଲୀପ କୁମାର ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅମରେନ୍ଦ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାଇ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅତିଥି ବୃନ୍ଦ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶକ୍ତିର ଅପବ୍ୟୟ ନ କରି କିଭଳି ଭାବେ ସଂରକ୍ଷଣ କରାଯାଇ ଠିକ ମାର୍ଗରେ ଉପଯୋଗ କରିବା, ବର୍ତ୍ତମାନ ପରିସ୍ଥିତିରେ ପରିବେଶକୁ ସୁରକ୍ଷା ଦେବାପାଇଁ କେଉଁ ପ୍ରକାର ଆବଶ୍ୟକତା ଅଛି ସେ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭା ଶେଷରେ ଗୁଣନିଧି ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଗଣେଶ ବିଶ୍ୱାଳ, ଜୟନ୍ତୀ ମଞ୍ଜରୀ ସାହୁ, କମଳା ମାହାନ୍ତ, ଜ୍ୟୋତ୍ସ୍ନାରାଣୀ ମାହାନ୍ତ, ଦିନେଶ କୁମାର ମାହାନ୍ତ, ସନ୍ତୋଷୀ ଗଞ୍ଜୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
7608962459

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
7325808610

WANTED
Teachers Male/Female for ODIA & ENGLISH Medium School in Bhubaneswar.
Contact:
9337119851
7978084379

REQUIRED
ମିଶନ ରୋଜଗାର ଯୋଜନା (Odisha 2023) ସମସ୍ତ ଜିଲ୍ଲା ପାଇଁ ସହଯୋଗୀ ପୋଷ୍ଟ ଆବଶ୍ୟକ କରୁଅଛି।
ଯୋଗ୍ୟତା- 8th to Graduate
ଦରମା- ୪୦,୦୦୦ ରୁ ୮୫,୦୦୦
(ବର୍ତ୍ତମାନ ପଞ୍ଜିକରଣ ଚାଲୁଅଛି) ଯୋଗାଯୋଗ :
9643414970 / 9821554920

See Career Appointment on every Wednesday & Saturday

ଡ୍ରାଇଭର ଆବଶ୍ୟକ
ଡ୍ରାଇଭର ଜଣକ କଟକ ଚାଉଳିଆଗଞ୍ଜ, ମହାନଦୀ ବିହାର କିମ୍ବା ନୂଆବଜାର ଅଞ୍ଚଳର ହୋଇଥିଲେ ଉତ୍ତମ। ସରକାରୀ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରାଧାନ୍ୟ ଦିଆଯିବ। ଆଗ୍ରହୀ ବ୍ୟକ୍ତି ନିଜ ଅଭିଜ୍ଞତା Whatsapp କିମ୍ବା SMS ମାଧ୍ୟମରେ ପଠାଇପାରିବେ।
Whatsapp/SMS: 9937077222

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
सिजुवा, पोस्ट : डुमुडुमा, भुवनेश्वर -751019
Sijua, Post-Dumuduma, Bhubaneswar-751019

No. AIIMS/BBSR/RECT/DEPUTATION/2022/947/7978 Dated:27.03.2023

VACANCY NOTICE ON DEPUTATION

**All India Institute of Medical Sciences, Bhubaneswar**, an autonomous Institute of National Importance, is one of the new AIIMS and apex healthcare Institute being established by the Ministry of Health & Family Welfare, Government of India under the **Pradhan Mantri Swasthya Suraksha Yojana (PMSSY)** with the aim of correcting regional imbalance in quality tertiary level healthcare in the country, and attaining self-sufficiency in graduate, postgraduate and higher medical education and training.
Applications are being invited in prescribed pro-forma **(Hard Copy Only)** from eligible Officers/Officials of Central/State/U. T. Government/Universities/Statutory/Autonomous Bodies/Public Sector Undertaking/ Research and Development Organisations/Police Departments of Central/State/U.T/Armed Forces including Para Military Forces as applicable for filling up of Group 'A' and 'B' posts on Deputation Basis at All India Institute of Medical Sciences, Bhubaneswar.
**The details of vacant posts at All India Institute of Medical Sciences, Bhubaneswar.**

| Sl. | Name of the post | Group | Pay Scale | Vacancy |
|---|---|---|---|---|
| 1 | Assistant Account Officer | B | Level 7 as per 7th CPC | 02 |
| 2 | Assistant Controller of Examination | A | Level 11 as per 7th CPC | 01 |
| 3 | Assistant Engineer for Vigilance Cell (Civil) | B | Level 7 as per 7th CPC | 01 |
| 4 | Assistant Engineer (AC&R) | B | Level 7 as per 7th CPC | 02 |
| 5 | Chief Dietician (Nutrition Officer) | A | Level 11 as per 7th CPC | 01 |
| 6 | Chief Librarian | A | Level 13 as per 7th CPC | 01 |
| 7 | Chief Medical Social Service Officer | A | Level 11 as per 7th CPC | 01 |
| 8 | Chief Nursing Officer | A | Level 12 as per 7th CPC | 01 |
| 9 | Chief Pharmacist | B | Level 7 as per 7th CPC | 01 |
| 10 | Deputy Chief Security Officer | A | Level 11 as per 7th CPC | 01 |
| 11 | Hospital Architect | A | Level 11 as per 7th CPC | 01 |
| 12 | Junior Administrative Officer | B | Level 6 as per 7th CPC | 15 |
| 13 | Librarian Selection Grade | A | Level 11 as per 7th CPC | 01 |
| 14 | Medical Superintendent | A | Level14 as per 7th CPC | 01 |
| 15 | Nursing Superintendent | A | Level 11 as per 7th CPC | 03 |
| 16 | Principal Private Secretary | A | Level 11 as per 7th CPC | 01 |
| 17 | Private Secretary | B | Level 7 as per 7th CPC | 05 |
| 18 | Security Officer | A | Level 10 as per 7th CPC | 01 |
| 19 | Senior Procurement Cum Store Officer | A | Level 11 as per 7th CPC | 01 |
| 20 | Senior Sanitation Officer | B | Level 7 as per 7th CPC | 01 |
| 21 | Superintending Engineer | A | Level 13 as per 7th CPC | 01 |

Note:
i) Maximum age limit for applying for the aforesaid posts on deputation is 56 years as on last date of receipt of applications.
ii) The period of deputation will be for a period of 3 (three) years and extendable for maximum period of seven years as per DoPT guidelines.
iii) The Officers/Officials, fulfill the specified eligibility criteria may submit their application in the prescribed proforma at **Annexure-I** through proper channel to **"The Assistant Administrative Officer, Recruitment Cell, All India Institute of Medical Sciences, At- Sijua, Po - Dumuduma, Patrapara, Bhubaneswar-751019".**
iv) The last date of receipt of complete application on the prescribed proforma along with required documents through proper channel is **30 days after publication of this advertisement in the Employment News.** The interested candidate may also forward an advance copy of the application alongwith necessary papers, however, their original application should be forwarded by their present employer and the same should reach this office within a period of 15 days from the closing date of the application. Application received after the stipulated time period shall summarily be rejected and in this regard no request shall be entertained.
v) For detailed advertisement including educational qualifications, age and eligibility criteria etc., kindly visit the Institute's website **https://aiimsbhubaneswar.nic.in.**

Sd/-
Executive Director
AIIMS, Bhubaneswar

## ପ୍ରାଧ୍ୟାପକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ନର୍ଲା,(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ମଙ୍ଗଳବାର କଲେଜ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅମୂଲ୍ୟ କୁମାର ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା। ମହାନ୍ତି ଜଣେ ଦକ୍ଷ, ସଚ୍ଚୋଟ, ମେଳାପି, କର୍ମବୀର ବ୍ୟକ୍ତି ଥିଲେ। ଯୁକ୍ତ ୨ କଲେଜ ଗଢ଼ିବା ପାଇଁ ତାଙ୍କର ଅବଦାନ ଅତୁଳନୀୟ ଥିଲା। ମହାନ୍ତି ୧୯୮୯୦ରୁ ୨୦୨୩ ପର୍ଯ୍ୟନ୍ତ ସୁରୁଖୁରୁରେ କାର୍ଯ୍ୟ ତୁଲାଇଥିଲେ। ବିଦାୟକାଳୀନ ସମ୍ବର୍ଦ୍ଧନା ଅବସରରେ ପୂର୍ବତନ ଛାତ୍ରୀଛାତ୍ରଙ୍କ ସହିତ ଅନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମା' ଛୁଟିଗୁଡ଼ିଙ୍କ ଚୈତ୍ର ପର୍ବ ପାଳିତ

**ଖଡ଼ିଆଳ,୨୮।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଏନ୍‌ଏସି ଗୋକୁଳ ନଗରଠାରେ ମା' ଛୁଟିଗୁଡିଙ୍କ ଚୈତ୍ର ପର୍ବ ପାଳିତ ହୋଇଯାଇଛି। ପ୍ରତିବର୍ଷ ପରି ଏ ବର୍ଷ ମଧ ମା'ଙ୍କ ପୀଠରେ ସମସ୍ତ ପଡାବାସୀ ଏକତ୍ର ହୋଇ ନିଜ ମାନସିକ କରିଥିବା ପୂଜା ସାମଗ୍ରୀ ଧରି ମା'ଙ୍କଠାରେ ଅର୍ପଣ କରିଥିଲେ। ପୂଜକ କାହ୍ନୁ ପୋଡ, ଶୁକଦେବ ହାତୀ, ହରୀ ସେଠୀ, ସୁଦାମ କେତକୀ, ପ୍ରଭୃତି ପଡାବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ। ପୂଜା କମିଟି ସଦସ୍ୟମାନଙ୍କ ମଧ୍ୟରୁ ଦୟା ଥପା, ଘନ ଜାଲ, ବନମାଳୀ ନାଗ, ଭୈରାଜ ପଟେଲ, ଡମ୍ବରୁ ନାଗ, ଜୟଲାଲ ବେମାର ଜିତେନ୍ଦ୍ର ବାଗ ବିଷ୍ଣୁ ପୋଡ ଓ ଅନ୍ୟ ସମସ୍ତ ସଦସ୍ୟମାନେ ପୂଜା ପରିଚାଳନାରେ ସହଯୋଗ କରିଥିଲେ।

### ଘାସିରାମ ମାଝି ଜିଲା ସିଭିଲ ବାର୍ ଆସୋସିଏଶନ ସଭାପତି

**ନୂଆପଡ଼ା ଅଫିସ,୨୮।୩:** ଓଡିଶା ରାଜ୍ୟ ବାର ପରିଷଦଙ୍କ ଦ୍ୱର୍ଦ୍ଦେଶକ୍ରମେ ନୂଆପଡା ଜିଲା ସିଭିଲ ବାର ଆସୋସିଏଶନ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଯାଇଛି। ମଙ୍ଗଳବାର ନୂଆପଡା ସିଭିଲ ବାର ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସିଭିଲ ବାର ଆସୋସିଏଶନ ନୂଆପଡା ଜିଲା ସଭାପତି ଘାସିରାମ ମାଝି ହୋଇଥିବା ବେଳେ ସମ୍ପାଦକ ଭାବେ ବିଶ୍ୱମଣୀ ପାଣିଗ୍ରାହୀ, ଉପସଭାପତି ସଞ୍ଜୟ କୁମାର ପାଣିଗ୍ରାହୀ, ସହସମ୍ପାଦକ ହରିଶ ପଟେଲ, କୋଷାଧ୍ୟକ୍ଷ ମେଲୁ ରଣା ନିର୍ବାଚିତ ହୋଇଛନ୍ତି। ସୁଶାନ୍ତ କୁମାର ପତି, ବସନ୍ତ କୁମାର ଆଜାଦ, ସଞ୍ଜୟ ବୋଷ, ଦେବଦତ ଦିକ୍ଷୀତ, ପ୍ରବୀଣ ରଞ୍ଜନ ପଟ୍ଟନାୟକ, ଡମ୍ବରୁଧର ସାହୁ, ଦିଲେସହ ଦାସ ଯାଦବ, ପୁନମ ସାହୁ, ଭୁବନେଶ୍ୱର କଲସାଇ ପ୍ରମୁଖ କାର୍ଯ୍ୟନିର୍ବାହୀ ସଭ୍ୟା/ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି।

### ତମାଖୁ ସଚେତନତା କାର୍ଯ୍ୟକ୍ରମ

**ଖଡ଼ିଆଳ,୨୮।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ତମାଖୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ପ୍ରଦୀପ କୁମାର ବେହେରା ମୁଖ୍ୟବକ୍ତା ଓ ରମାକାନ୍ତ ସିଂ ସାହାଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧକ୍ଷ ଯୁବ ସମାଜକୁ ନିଶା ମୁକ୍ତ ଓ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ମୁଖ୍ୟଅତିଥି ନିଶା ସେବନ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ଓ ସମାଜ ଉପରେ ଏହାର କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ନିଶା ଦ୍ରବ୍ୟରୁ ନିବୃତ ରହିବା ପାଇଁ ସଚେତନତା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନ ସ୍ୱେଚ୍ଛାସେବୀଙ୍କୁ ଏକ ଶୋଭାଯାତ୍ରାରେ ନେଇ ସ୍ଥାନୀୟ ମୁକ୍ତାପର ଅଞ୍ଚଳରେ ନିଶା ନିବାରଣ ସ୍ଲୋଗାନ ମାଧମରେ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସରୋଜ କଲତା, ସୁବାସ ଚନ୍ଦ୍ର ବାଗ, ଶୁଭମ ସିଂ ନିନ୍ନା, ଗୟାଧର ଜଗତ, ସରୋଜ କୁମାର ନାଗ, ନରସିଂହ ମେହେର, ଶକ୍ତିଧର୍ ବେହେରା, ସ୍ନେହ ଦାସ, ସୁନେଲି ତାଣ୍ଡି, ଦିପ୍ତିମୟୀ ବେହେରା ଓ ନନ୍ଦିନୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ଗଣ୍ଡାବାହାଲିରେ ବିଶ୍ୱ ନାଟ୍ୟ ଦିବସ ପାଳିତ

**ସିନାପାଲି,୨୮।୩(ଡି.ଏନ.ଏ.):** ନୂଆପଡ଼ା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲିଠାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଜାଗୃତି ମଣ୍ଡଳୀ ଓ ରାମଗଡ ବିକାଶ କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ କୌଶ୍ୟା ମେହେର ଓ ସମ୍ମାନିତ ଅତିଥି ଭାବେ ରାହାସ ବିହାରୀ ମେହେର, ଟଙ୍କଧର ମେହେର ଓ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସୂର୍ଯ୍ୟକାନ୍ତୀ ଭଉଣୀ, କୃଷ୍ଣ ଭାଇ, ସୁଶାନ୍ତ ଭାଇ, ହୃଷିକେଷ ମେହେର, ଅଭିରାମ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଅଧାପକ ଗୁପ୍ତେଶ୍ୱର ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଭୀଷ୍ମରାଜ ମେହେର ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିର ଭାଇଭଉଣୀ ଭଜନ ଓ ପ୍ରାର୍ଥନା ଗାନ କରିଥିଲେ। ଏଥିସହ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ଏକ ସଚେତନାତ୍ମକ ନାଟକ "ନିଶାରୁ ହିଁ ଦଶା" ପରିବେଷଣ କରାଯାଇଥିଲା। ନାଟକରେ ଜଗନ୍ନାଥ ସେଠୀ, ଅକ୍ଷୟ ସେଠୀ, ତପି ଦୀପ, ବିଘ୍ନେ ମେହେର, ହେତିକ ମେହେର, ଶୁଭମ, ରାଜା ପ୍ରମୁଖ ଅଭିନୟ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ନାଟକ ପ୍ରେମୀ ଉପସ୍ଥିତ ଥିଲେ।

# କ୍ଷତିପୂରଣ, ନ୍ୟାୟ ଦାବିରେ ରାସ୍ତା ରୋକୋ

## ଦାଦନଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

- କ୍ଷତିପୂରଣ ମିଳିବା ପରେ ହଟିଲା ରାସ୍ତା ଅବରୋଧ

**କୋକସରା,୨୮।୩(ଡି.ଏନ.ଏ.)**



ଜାତୀୟ ରାଜପଥ ଅବରୋଧ କରାଯାଇଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ କାଉଡୋଳା ପଞ୍ଚାୟତ ମହାଜନଗୁଡ଼ା ଗାଁର ମହେନ୍ଦ୍ର ବେଶ୍ରା (୨୦)ଙ୍କ ମୃତଦେହ ରବିବାର ସକାଳେ ତାମିଲନାଡୁର କୋଏମ୍ବାଟୁର ଏକ ଠିକାସଂସ୍ଥା ନିକଟ ଗଛରେ ସନ୍ଦେହଜନକ ଅବସ୍ଥାରେ ଠାବ ହୋଇଛି। କମ୍ପାନୀ ପକ୍ଷରୁ ମୃତଦେହ ବ୍ୟବଚ୍ଛେଦ ପରେ ଆମ୍ବୁଲାନ୍ସରେ ପଠାଇଥିବା ବେଳେ ମଙ୍ଗଳବାର ଗାଁରେ ପହଞ୍ଚିଛି। କ୍ଷତିପୂରଣ ଓ ନ୍ୟାୟ ଦାବିରେ ପରିବାର ପକ୍ଷରୁ ମହାଜନଗୁଡାଠାରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଖବର ପାଇ ଘଟଣାସ୍ଥଳରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, କୋକସରା ତହସିଲଦାର ଦେବବ୍ରତ କରାଟି, ଆମପାଣି ଓ କୋକସରା ଥାନା କର୍ମଚାରୀ ପହଞ୍ଚି ରାସ୍ତା ଅବରୋଧରୁ ଓହରିଯିବା ପାଇଁ ଆଲୋଚନା କରିଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲଙ୍କ ଉଦ୍ୟମକ୍ରମେ କମ୍ପାନୀର ମାଲିକ ସହ ଫୋନରେ ଯୋଗାଯୋଗ କରି ଶ୍ରମିକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ କମ୍ପାନୀ ୬୦ ହଜାର, ବ୍ଲକ ଉପାଧ୍ୟକ୍ଷ ୫ ହଜାର ଓ କାଉଡୋଳା ସରପଞ୍ଚ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଆର୍ଥିକ ସହାୟତା କରିବା ସହ ସରକାରୀ ନିୟମ ଅନୁସାରେ କ୍ଷତିପୂରଣ ଯୋଗାଇ ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିବା ଜଣାପଡିଛି। ସକାଳ ୮ ଘଣ୍ଟାରୁ ମଧ୍ୟାହ୍ନ ୧୨ ଘଣ୍ଟା ପର୍ଯ୍ୟନ୍ତ ରାସ୍ତା ଅବରୋଧ ଫଳରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ସୂଚନାଯୋଗ୍ୟ ଯେ, କୋକସରା ବ୍ଲକ କାଉଡୋଳା ପଞ୍ଚାୟତ ମହାଜନଗୁଡା ଗାଁର ମହେନ୍ଦ୍ର ଗତ ଡିସେମ୍ବର ମାସରେ ଘର ଆର୍ଥିକ ସ୍ଥିତି ଆଗରେ ହାର ମାନି ରୋଜଗାର ପାଇଁ ତାମିଲନାଡୁ ଯାଇଥିଲେ। ତାମିଲନାଡୁର କୋଏମ୍ବାଟୁର ଜଗନ୍ନାଥ ଟେକ୍ସ ଟାଇଲ କମ୍ପାନୀରେ କାମ କରୁଥିଲେ। ସେଠାରେ ଠିକାସଂସ୍ଥା ନିକଟରେ ଥିବା ଗଛରେ ସନ୍ଦେହଜନକ ଅବସ୍ଥାରେ ଠାବ ହୋଇଛି। ରବିବାର ସକାଳୁ ଏହି ଦୁଃଖଦ ଖବର ପାଇବା ପରେ ପରିବାର ଲୋକ ଭାଙ୍ଗି ପଡିଥିଲେ।

# କଳାହାଣ୍ଡି ଜିଲାକୁ ମିଳିଲା ୩ ସ୍ୱର୍ଣ୍ଣ ପଦକ



ପଦକ ପାଇଥିବା ୩ ତୀରନ୍ଦାଜ ପ୍ରତିଯୋଗୀ।

## ଦ୍ୱିତୀୟ ରାଜ୍ୟ ର୍ୟାଙ୍କିଙ୍ଗ ତୀରନ୍ଦାଜ ପ୍ରତିଯୋଗିତା

**ଲାଞ୍ଜିଗଡ,୨୮।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ଏସଏସଡି ସ୍କୁଲର ୩ଜଣ ୨ୟ ରାଜ୍ୟ ର୍ୟାଙ୍କିଙ୍ଗ ତୀରନ୍ଦାଜ ପ୍ରତିଯୋଗିତାରେ ୩ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। କୋରାପୁଟ ଜିଲା ସୁନାବେଡାଠାରେ ମାର୍ଚ୍ଚ ୨୫ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ରାଜ୍ୟ ର୍ୟାଙ୍କିଙ୍ଗ ତୀରନ୍ଦାଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଜିଲା କ୍ରୀଡ଼ା ସଂସ୍ଥା ଓ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ୍ ମିଳିତଆନୁକୂଲ୍ୟରେ ଲାଞ୍ଜିଗଡ ବ୍ଲକ ଏସଏସଡି ସ୍କୁଲ ଓ ଲାଞ୍ଜିଗଡ ଡିଏଭି ବେଦାନ୍ତ ଆନ୍ତର୍ଜାତିୟ ସ୍କୁଲର ୧୫ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ବିଭିନ୍ନ ବର୍ଗରେ ୩ଟି ସ୍ୱର୍ଣ୍ଣ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛନ୍ତି। ଲାଞ୍ଜିଗଡ ଏସଏସଡି ସ୍କୁଲର ସଞ୍ଜୟ ମାଝି ସିନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜୁନିୟର ବର୍ଗରେ ବିକ୍ରମ ମାଝି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ଉକ୍ତ ସ୍କୁଲର ସୀମାଞ୍ଚଳ ମାଝି ସବଜୁନିୟର ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ୩ ପ୍ରତିଯୋଗୀଙ୍କୁ ମାନପତ୍ର, ମେଡାଲ ଓ ୭ ହଜାର ଟଙ୍କା ଲେଖାଏଁ ଚେକ ପ୍ରଦାନ କରାଯାଇଛି। ଖେଳାଳିଙ୍କ ସହିତ ତୀରନ୍ଦାଜ କୋଚ ସୀମାଞ୍ଚଳ କାଟ୍ରାକା, ମ୍ୟାନେଜର ବିଳାସିନୀ ସେଠ ଓ ଲାଞ୍ଜିଗଡ ବେଦାନ୍ତ ଲିମିଟେଡ୍ ସିଏସଆର ବିଭାଗର ଅଭିନଭ ପ୍ରତାପ ମଧ ଗସ୍ତ କରିଥିଲେ। ଜିଲା ପାଇଁ ଗୌରବ ଆଣିଥିବା ଯୋଗୁ ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଲିମିଟେଡ୍ ଡେପୁଟି ସିଇଓ ଗୋବିନ୍ଦ ଗୋପାଳ ପାଲ, ସିଏସଆର ମୁଖ୍ୟ ବିଭେଦେନ୍ଦୁ ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି, ଲାଞ୍ଜିଗଡ ଡିଏଭି ସ୍କୁଲ ଅଧକ୍ଷ ସଦାନନ୍ଦ ହୋତା ପ୍ରମୁଖ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

# ଅନ୍ଧାରରେ ଜୁନାଗଡ଼ ପଥପ୍ରାନ୍ତ ସୁବିଧା କେନ୍ଦ୍ର

**ଭବାନୀପାଟଣା,୨୮।୩(ସ୍ୱ.ପ୍ର.)**



ଜୁନାଗଡ ପଥପ୍ରାନ୍ତ ସୁବିଧା କେନ୍ଦ୍ର।

- ଯାତ୍ରୀ ହନ୍ତସନ୍ତ
- ବକେୟା ବିଲ ଥିବାରୁ ଲାଇନ କାଟିଦେଲା ଟିପିଡବ୍ଲୁଓଡିଏଲ

ରାଜ୍ୟ ସରକାର ରାସ୍ତାରେ ଯାଉଥିବା ପଥଚାରୀଙ୍କ ବିଶ୍ରାମ ନେବା ନିମନ୍ତେ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଖୋଲିଛନ୍ତି। ଏହାର ରକ୍ଷାଣବେକ୍ଷଣ ଦାୟିତ୍ୱ ପିଡବ୍ଲୁଡି ଓ ଜାତୀୟ ରାଜପଥ ବିଭାଗର ରହିଥିବାବେଳେ ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏପରି ଏକ ଚିତ୍ର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ସହର ନିକଟସ୍ଥ ଚଞ୍ଚରାବାଡିଠାରେ ଥିବା ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ। ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ପିଡବ୍ଲୁଡି ବିଭାଗ ଅଧୀନରେ ରହିଥିବାବେଳେ ଗତ ୪ ଦିନ ହେଲା ଏଠାରେ ବିଦ୍ୟୁତ ନ ଥିବା ଜଣାପଡିଛି। ଫଳରେ ଏଠାକୁ ଆସୁଥିବା ଯାତ୍ରୀମାନେ ବିଦ୍ୟୁତ, ପାଣିର ସେବା ନ ପାଇଁ ମୁହଁ ମୋଡି ଫେରିଯାଉଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତ ବର୍ଷକର ପ୍ରାୟ ୧ଲକ୍ଷ ୩୦ହଜାର ଟଙ୍କା ପଥପ୍ରାନ୍ତ ସୁବିଧା କେନ୍ଦ୍ରର ବିଦ୍ୟୁତ ବିଲ ବକେୟା ପଡିଥିବାରୁ ଶେଷରେ ବାଧ ହୋଇ ଟିପିଡବ୍ଲୁଓଡିଏଲ ପକ୍ଷରୁ ଲାଇନ କାଟି ଦିଆଯାଇଛି। ଦିନକୁ ପ୍ରାୟ ୫୦ଜଣ ଯାତ୍ରୀ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରକୁ ଆସୁଥିବାବେଳେ ଏବେ ଏପରି ବ୍ୟତିକ୍ରମ ପାଇଁ ନିରାଶ ହୋଇ ସେମାନେ ଫେରି ଯାଉଛନ୍ତି। ୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ର ରାତି ସମୟରେ ସୌନ୍ଦର୍ଯ୍ୟ ଦେଖାଯାଉଥିବାବେଳେ ଏବେ କିନ୍ତୁ ୩ଦିନ ହେଲା ଅନ୍ଧାରରେ ରହିଛି। ଏ ନେଇ ସ୍ଥାନୀୟ ପିଡବ୍ଲୁଡି ଏସଡିଓ ସୁନାରାମ ମୁର୍ମୁଙ୍କୁ ପଚାରିବାରୁ ଏଲୋଟ ନ ଥିବାରୁ ବିଦ୍ୟୁତ ବିଲ ବକେୟା ରହିଥିଲା। ଏବେ ଏଲୋଟ ଆସିଥିବାରୁ ବିକେୟା ବିଲ୍ ମଙ୍ଗଳବାର ପୈଠ କରାଯାଇଛି ବୋଲି କହିଥିଲେ। ହେଲେ ବିଦ୍ୟୁତ୍ ସଂଯୋଗ ହୋଇନାହିଁ।

# ବନାଗ୍ନି ସଚେତନତା କାର୍ଯ୍ୟକ୍ରମ

**ଲାଞ୍ଜିଗଡ,୨୮।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ବନାଞ୍ଚଳ ଅନ୍ତର୍ଗତ ଲାଞ୍ଜିଗଡ ବନ ବିଭାଗ ଆମ ଜଙ୍ଗଲ ଯୋଜନା ପକ୍ଷରୁ ବାତେଲିମା ପଞ୍ଚାୟତ କୁଟେନଡେଲି ଗାଁଠାରେ ବନାଗ୍ନି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ବନପାଳ ଜଗନ୍ନାଥ ନାଗଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଶ୍ୱନାଥପୁର ରେଞ୍ଜର ନରୋତ୍ତମ ମାଝି, ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଏସଓ ସନତ ପ୍ରଧାନ, ହାବିଲଦାର ଦେବରାଜ ପ୍ରଧାନ, ଆମ ଜଙ୍ଗଲ ଯୋଜନା କମିଟି ଟିମ ଲିଡ଼ର ଅମିୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ବନକୁ ନିଆଁରୁ ରକ୍ଷା, ଜଙ୍ଗଲ ସୁରକ୍ଷା ଏବଂ ଏଥିରେ ଆମ ସମସ୍ତଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ରେଞ୍ଜର ଲୋକଙ୍କୁ ସଚେତନ କରାଇଥିଲେ। ଲାଞ୍ଜିଗଡ ଅଗ୍ନିଶମ ବିଭାଗ ଏସଓ ପ୍ରଧାନ ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ଲାଞ୍ଜିଗଡ ବନ ବିଭାଗର ଆମ ଜଙ୍ଗଲ ଯୋଜନାର ଡିଓ ମନୋଜ ପରିଛା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲାଞ୍ଜିଗଡ ବନରକ୍ଷୀ ବିରଞ୍ଚି ନାରାୟଣ ପଣ୍ଡା, ବନରକ୍ଷୀ ଗିରିଧାରୀ ଗଉଡ଼, ବନରକ୍ଷୀ ଅନିତା ବିଶ୍ୱାଳଙ୍କ ସମେତ ଲାଞ୍ଜିଗଡ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ। ଲାଞ୍ଜିଗଡ ବନ ବିଭାଗ ଅଧୀନ ବିଭିନ୍ନ ଜଙ୍ଗଲ ସୁରକ୍ଷା ସମିତି ସଭାପତି ଅଚ୍ୟୁତ ମାଝି, ଚନ୍ଦ୍ର ମାଝି, ଲେମ୍ବୁ ମାଁ, ଚତୁର୍ଭୁଜ ହରିଜନ, ଲକ୍ଷ୍ମଣ ହରିଜନ, ଚଇତ ମାଝି, ଶିକ ମାଝି,ଏଲିଫେଣ୍ଟ ସ୍କ୍ୱାର୍ ସାଣ୍ଡରୁ ମାଝି, ସୁଶାନ୍ତ ହରିଜନ, ତ୍ରିଲୋଚନ ସାହୁ ଫାୟାର ସ୍କ୍ୱାର୍ ରମେଶ ମାଝି, ନରସିଂହ ମାଝିଙ୍କ ଲାଞ୍ଜିଗଡ ବନ ବିଭାଗ ଅଞ୍ଚଳର ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ରହିଥିଲେ। ବନପାଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଖଡ଼ିଆଳରେ ବିଶ୍ୱ ନାଟ୍ୟ ଦିବସ ପାଳିତ


ଉତ୍ସବରେ ଜଣେ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଉଛି।

**ଖଡ଼ିଆଳ,୨୮।୩(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ନାଟ୍ୟକାର ଜିତେନ୍ଦ୍ର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଖଡିଆଳ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ନାଟ୍ୟକାର ବଳଭଦ୍ର ମହାଉତି ମୁଖ୍ୟଅତିଥି, ନୂଆପଡା ନ୍ୟାଶନାଲ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ଡାକ୍ତର ମେଜର ରାମଚନ୍ଦ୍ର ମିଶ୍ର ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ଶିକ୍ଷକ ଜଗବନ୍ଧୁ ବାରିକ ଏବଂ ସତୀଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଶା ନାଟ୍ୟ ଆନ୍ଦୋଳନରେ ଖଡ଼ିଆଳର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଖଡିଆଳ ଅଞ୍ଚଳର ବିଶିଷ୍ଟ ନାଟ୍ୟକାର ତଥା ସଂଗୀତ ନିର୍ଦ୍ଦେଶକ ଚଳାନପଡା-ଗୋଇମୁଣ୍ଡିଗାଁର କ୍ଷୀରପ୍ରସାଦ ରାଉତରାୟଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଖଡିଆଳ ସାଂସ୍କୃତିକ ଅନୁଷ୍ଠାନ, ଧର୍ମେଶ ଏକାଡେମୀ ସମେତ ବିଭିନ୍ନ ଅନୁଷ୍ଠାନର କଳକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ସୁନିଲ ସାହୁ, ବିଭୂତିଭୂଷଣ ବିଶି, ଗଙ୍ଗାଧର ମହାଉତି, ଗୋବିନ୍ଦ ପଣ୍ଡା, ପିୟୁଷ ପଣ୍ଡା, ସୁକେଶ ପଟ୍ଟନାୟକ, ପାର୍ଥବ ବାଗ, ଅମୂଲ୍ୟ ବାରିକ, ବିଜୟ ବାରିକ, ମୁରଲୀଧର ପଟେଲ, ବିଜୟ ବଘେଲ, କ୍ଷୀରସିନ୍ଧୁ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# କ୍ରିକେଟ୍ ଟୁର୍ନାମେଣ୍ଟ: ଡୁକଲା ଚାମ୍ପିୟନ

**ଖଡ଼ିଆଳ,୨୮।୩(ଡି.ଏନ.ଏ.)**


ଉଦ୍‌ଯାପନୀ ମ୍ୟାଚ୍‌ରେ ମଞ୍ଚାସୀନ ଅତିଥି।

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଦୋହେଲପଡା ଗ୍ରାମ ପଞ୍ଚାୟତର ଚାନ୍ଦେଲ ଗ୍ରାମର କ୍ରିକେଟ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ମା' ଲଙ୍କେଶ୍ୱରି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ ଡୁକଲା ଦଳ ଏବଂ ମାଲପଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଡୁକଲା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୭୫ ରନ କରିଥିଲା। ଜବାବରେ ପ୍ରତିପକ୍ଷ ମାଲପଡା ଦଳ ୧୬୩ ରନରେ ଅଲଆଉଟ ହୋଇଯାଇଥିଲା। ମ୍ୟାନ ଅଫ ଦ ମ୍ୟାଚ ଭାବେ ବିଚୁନ ହୋତା ଓ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ ଭାବେ ମଣ୍ଟୁ ପଟେଲଙ୍କୁ ପୁରସ୍କୃତ କରାଯାଇଥିଲା। ବେଦ ମଲ୍ଲିକ ଓ ଅମ୍ବି ପ୍ରସାଦ ବାଗ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଶିଷ୍ଟ ଅତିଥି ଭାବେ ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ମାଲ୍ୟବନ୍ତ ସୁନା, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ ଯୋଗଦେଇ ଗ୍ରାମାଞ୍ଚଳରେ ଏହିପରି ଟୁର୍ନାମେଣ୍ଟ ସବୁ ଆୟୋଜନ ହେଲେ ଖେଳାଳିମାନେ ଭବିଷ୍ୟତରେ ରାଜ୍ୟ ଓ ଦେଶର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇ ପାରିବେ ବୋଲି ଆଶା ପୋଷଣ କରିଥିଲେ। ଗଜପତି ବାଗ, ପ୍ରେମ କୁମାର ମଲ୍ଲିକ, ଝଜେନ୍ଦ୍ର ଦଣ୍ଡସେନା, ବିଜୟ ବେହେରା, ଦେବେନ୍ଦ୍ର ଦଣ୍ଡସେନା, ଗୁପ୍ତେଶର ଦଣ୍ଡସେନା, ନିଲୁ ଦଣ୍ଡସେନା, ନୀଳମଣି ଦଣ୍ଡସେନା, ବିଷ୍ଣୁ ମଲ୍ଲିକ, ଶୋଭିତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**କେସିଙ୍ଗା,୨୮।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ମାଟିଆ ଗ୍ରାମରେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରାଳୟ ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଆନୁକୂଲ୍ୟରେ ସୋମବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିଶକ୍ତି ସେବା ସାଂସ୍କୃତିକ ଅନୁଷ୍ଠାନ ମାଟିଆ ସହଯୋଗରେ କରିଥିଲେ। ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ମିଳନ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଗ୍ରାମର ନଳକୂପ ପରିସର ଏବଂ ବିଭିନ୍ନ ଜାଗାରେ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ଗ୍ରାମର ରାସ୍ତା ଦୁଇ ପାର୍ଶ୍ୱ, ନଳକୂପ ପରିସର, ଡ୍ରେନ ଏବଂ ସ୍କୁଲ ପରିସର ପ୍ରମୁଖ ସଫା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭବେ ଭବାନୀଶଙ୍କର ସା ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟ ଅସୀମ ଭୋଇ ଉପସ୍ଥିତ ଥିଲେ। ଆଦିଶକ୍ତି ସେବା ସାଂସ୍କୃତିକ ଅନୁଷ୍ଠାନ ଉପଦେଷ୍ଟା କମିଟି ସଦସ୍ୟ ସାଧୁ ଚରଣ ଭୋଇ, କୈଳାସ ଚନ୍ଦ୍ର ମାଝି, କେତୁ ମାଝି, ରମେଶ ଚନ୍ଦ୍ର ସୁନାନୀ, କାନ୍ତ ସୁନାନୀ, ମହେଶ୍ୱର ମାଝି, ସଭାପତି ଦୀପକ କୁମାର ଭୋଇ, କୋଷାଧ୍ୟକ୍ଷ ଉଜେନ୍ଦ୍ର ମାଝି ତଥା ଅନୁଷ୍ଠାନ ସଦସ୍ୟ ଅଜିତ ଗଉଡ଼, ଲିଛ ଭୋଇ, ଚୂଡ଼ାମଣି ଭୋଇ, କୁଳମଣି ଗଉଡ଼, ପିଣ୍ଟୁ ଗଉଡ଼ ଏବଂ ଅନୁଷ୍ଠାନ ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।


ମାଟିଆ ଗ୍ରାମରେ ନେହେରୁ ଯୁବକେନ୍ଦ୍ର ସଦସ୍ୟମାନେ ସଫେଇ କରୁଛନ୍ତି।

# ଜାଲ୍ କାଗଜପତ୍ରରେ ଲକ୍ଷାଧିକ ଟଙ୍କା ହଡ଼ପ

## ଲୋୟର ଇନ୍ଦ୍ରଜଳ ସେଚନ ପ୍ରକଳ୍ପ

**ଖଡ଼ିଆଳ,୨୮।୩(ଡି.ଏନ.ଏ.)**


ଥାନାକୁ ଅଭିଯୋଗ କରିବା ପାଇଁ ଆସିଥିବା ହିତାଧିକାରୀମାନେ ।

ନୂଆପଡ଼ା ଜିଲା ଖଡ଼ିଆଳ ଲୋୟର ଇନ୍ଦ୍ରଜଳ ସେଚନ ପ୍ରକଳ୍ପ ଲୋକାର୍ପଣ ହୋଇସାରିଲାଣି। ହେଲେ ବର୍ତ୍ତମାନ ମଧ କିଛି ବଞ୍ଚିତ ହିତାଧିକାରୀଙ୍କୁ ସରକାର ସହାୟତା ରାଶି ପ୍ରଦାନ କରିବାରେ ଲାଗିଛି। ହେଲେ ଏଥିରୁ ବହୁ ନିରୀହ ହିତାଧିକାରୀମାନେ ବଞ୍ଚିତ ରହିଥିବା ବେଳେ ଅନେକ ଆସାଧୁ ଦଲାଲ ଜାଲ କାଗଜ ପତ୍ରଦାଖଲ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହା ଉପରେ ଆଜି ପର୍ଯ୍ୟନ୍ତ କାର୍ଯ୍ୟ ହୋଇ ନ ଥିବା ଯୋଗୁ ଜଳ ସମ୍ପଦ ବିଭାଗ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମରେ ଥାନାରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଆଜକୁ ଏକ ମାସରୁ ଊର୍ଦ୍ଧ୍ୱ ହେଲା ଅଭିଯୋଗଙ୍କ ବିରୋଧରେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟନୁଷ୍ଠାନ ନିଆଯାଇନାହିଁ। ଏହାକୁ ପୋଲିସ ଘଣ୍ଟ ଘୋଡାଉଛି ବୋଲି ଲୋୟର ଇନ୍ଦ୍ରଜଳ ସେଚନ ପ୍ରକଳ୍ପ ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ ସଙ୍ଗଠନର ୫୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଖଡ଼ିଆଳ ଥାନାକୁ ଆସିଥିଲେ।

ସୂଚନାଯୋଗ୍ୟ ଯେ, ଲୋୟର ଇନ୍ଦ୍ର ଡ୍ୟାମରେ ବୁଡି ହୋଇଥିବା ପେଣ୍ଡାରାବନ୍ଧ ଗ୍ରାମପଞ୍ଚାୟତ ଚାନ୍ଦୋପଲା ଗ୍ରାମର ଭାଗିରଥି ହରିଜନଙ୍କ ୨ ପୁଅ ଅଶୋକ ହରିଜନ ଓରଫ ଅଶୋକ ତାଣ୍ଡି, ଏବଂ ସୁଶାନ୍ତ ହରିଜନ ରହିଛନ୍ତି। ହେଲେ ଚଞ୍ଚକତା କରି ତାଙ୍କର ୩ ପୁଅ ଅର୍ଥାତ୍ ଅନ୍ୟ ଜଣେ ସୌରଭ ହରିଜନଙ୍କ ନାମରେ ମିଥ୍ୟ କାଗଜାତ ଦାଖଲ କରି ୪ ଲକ୍ଷ ୮୦ ଟଙ୍କା ଉଠାଣ କରିଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଏ ନେଇ କର୍ଲାକୋଟ ସରପଞ୍ଚ ମଙ୍ଗଳ ସିଂ ମାଝି ଜଳସମ୍ପଦ ବିଭାଗରେ ଅଭିଯୋଗ କରିଥିଲେ। ଜଳ ସମ୍ପଦ ବିଭାଗ ତଦନ୍ତ କରି ଏହା ସତ୍ୟତା ଥିବା ଦର୍ଶାଇ ନିର୍ଦ୍ଦେଶକ ମାମଲା ରୁଜୁ କରିବାକୁ ଗତ ମାସରେ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ଭିତ୍ତିକରି ଭୂ ଅର୍ଜନ ଅଧିକାରୀ କାଳୁ ମାଝି ଖଡ଼ିଆଳ ଥାନାରେ ମାମଲା ଦାୟର କରିଥିଲେ। ଏହାକୁ ନେଇ ଗତ ମାସ ୨୩ ତାରିଖରେ ଏକ ମାମଲା (ନଂ. ୭୯/୨୩) ରୁଜୁ ହୋଇଥିଲା। ଏଥିରେ ଉଲ୍ଲେଖ ରହିଛି ଯେ, ସୌରଭ ନାମକ କୌଣସି ବ୍ୟକ୍ତି ନାହାନ୍ତି। ତାଙ୍କ ନାମରେ ଅନ୍ୟ ଜଣେ ଖଡ଼ିଆଳ ବ୍ଲକ ବଡ଼ମହେଶ୍ୱର ଗ୍ରାମର ଜଣେ ବ୍ୟକ୍ତିଙ୍କ ଆଧାର କାର୍ଡ ସହ ବ୍ୟାଙ୍କରେ ହାଜର କରି ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ପରବର୍ତ୍ତି ସମୟରେ ଅନ୍ୟ ଜଣଙ୍କ ଖାତାକୁ ଏହି ଟଙ୍କା ଚାଲାଣ ହୋଇଥିବା ଜଣାପଡ଼ିଛି। ଏଥିରେ ବିସ୍ଥାପିତ ସହାୟତା ସମିତି ସଭାପତି ନିତ୍ୟାନନ୍ଦ ପ୍ରଧାନ, ଉପଦେଷ୍ଟା ଯଦୁମଣି ପାଣିଗ୍ରାହୀ, ଅମରିଷ ପଟ୍ଟନାୟକ, କରୁଣା କର ହୋତା, ଜୟରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ଜିଲାପାଳଙ୍କୁ ଏହି ଦାବିପତ୍ର ଦେବା ପାଇଁ ସ୍ଥିର ହୋଇଥିଲା।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବରଗଡ଼ ଅଫିସ : ବରଗଡ଼ ସହରରେ ଜଣେ ନାବାଳିକାଙ୍କୁ ମଙ୍ଗଳବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଜଣଙ୍କ ପୀଡିତାଙ୍କ ପଡୋଶୀ ଏବଂ ସେ ଉକ୍ତ ନାବାଳିକାଙ୍କୁ ଏକ ଟ୍ରକ୍ ପାଖକୁ ନେଇ ବଳାତ୍କାର କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ବରଗଡ଼ ଟାଉନ ଥାନା ପୋଲିସ ଏକ ମାମଲା (ନଂ.୨୦୫।୨୩) ରୁଜୁ କରିବା ସହ ତଦନ୍ତ ଚଳାଇଛି। ରିପୋର୍ଟ ଲେଖାଯିବା ଯାଏ (ରାତି ସାଢେ ୧୦ଟା) ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପାରିନାହିଁ।

## ସଂକ୍ଷେପରେ

### ନାବାଳକ ଗାଡ଼ି ଚଳାଇ ୨୭ ହଜାର ଜରିମାନା

**ବରଗଡ଼ ଅଫିସ,୨୮।୩:** ନାବାଳକଙ୍କ ଗାଡ଼ି ଚାଳନା ଉପରେ ରୋକ୍ ଲଗାଇବା ପାଇଁ ମଙ୍ଗଳବାର ପରିବହନ ବିଭାଗ ପକ୍ଷରୁ ରାଜ୍ୟ ସାରା ସ୍ୱତନ୍ତ୍ର ଭାବେ ଚଢାଉ କରାଯାଇଛି। ଏହି କ୍ରମରେ ବରଗଡ଼ ଜିଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଭଟଲିଠାରେ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଜଣେ ନାବାଳକ ବିନା ହେଲମେଟ୍‌ରେ ଦୁଇଚକିଆ ଗାଡ଼ି ଚଳାଇ ଧରାପଡିଥିଲେ। ଫଳରେ ବିଭାଗ ପକ୍ଷରୁ ଉକ୍ତ ଗାଡ଼ି ଉପରେ ୨୭ ହଜାର ଟଙ୍କା ଜରିମାନା କରାଯାଇଥିବା ଆଞ୍ଚଳିକ ପରିବହନ ଅଧିକାରୀ ସାବୁଆ ମାଝି ସୂଚନା ଦେଇଛନ୍ତି।

### ଏଫ୍‌ଏଲ୍‌ଏନ୍ ମେଳା ଉଦ୍‌ଯାପିତ

**ପାଇକମାଲ,୨୮।୩(ଡି.ଏନ.ଏ.):** ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚବିଦ୍ୟାଳୟ ପ୍ରେକ୍ଷାଳୟରେ ପ୍ରଧାନ ଶିକ୍ଷକ ଦ୍ୱାଦଶ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତା ଏଫ୍‌ଏଲ୍‌ଏନ୍ ମେଳା ଉଦଯାପିତ ହୋଇଯାଇଛି। ଏଥିରେ ପାଇକମାଲ ବିଡିଓ ସୁରେନ୍ଦ୍ର ସାହୁ ମୁଖ୍ୟ ଅତିଥି, ସରୋଜ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏବିଇଓ ଶିବ ପ୍ରସାଦ ଯୋଶୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ତ୍ରିଲୋଚନ ନାଏକ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ଶିକ୍ଷକ ତାରାଚାନ୍ଦ ସାହୁ, ପ୍ରେମାନନ୍ଦ ବାରିକ, କିଶୋର ପାତ୍ର, ସୁବାସ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ସିଆରସିସି ରଞ୍ଜନ ବାଗ ଓ ବୈଷ୍ଣବ ପଣ୍ଡା, ଶ୍ରେଷ୍ଠ ପ୍ରକଳ୍ପ ଭାବେ ପ୍ରଥମ ଓ ଦ୍ୱିତୀୟ ସୁବାଷ ଚନ୍ଦ୍ର ସାହୁ, ଅର୍ଚ୍ଚନା ସେଠ ଏବଂ ତୃତୀୟ ସ୍ଥାନରେ ଯୁଗ୍ମ ଭାବେ ସୁନିଲ କୁମାର ପୁରୋହିତ, ସୁଦାମ କନ୍ଧେରଙ୍କୁ ମୁଖ୍ୟ ଅତିଥି ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବିଜେତା ପ୍ରକଳ୍ପ ପାଇଁ ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲକୁ ସମ୍ମାନିତ କରାଯାଇଥିଲା। ଏବିଇଓ ରାଧେଶ୍ୟାମ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

### ୫ କୁଇଣ୍ଟାଲ ଗଞ୍ଜେଇ ଜବତ

**ବୌଦ୍ଧ, ୨୮।୩ (ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଗଞ୍ଜେଇ କାରବାର କମୁନାହିଁ। ନୂତନ ଆରକ୍ଷୀ ଅଧୀକ୍ଷକ ରାଜପ୍ରସାଦ ଯୋଗଦେବା ପରେ ପୋଲିସ ପକ୍ଷରୁ ବ୍ୟାପକ ଗଞ୍ଜେଇ ଧରପଗଡ଼ କରାଯାଉଛି। ଦୁଇ ମାସ ମଧ୍ୟରେ ଜିଲା ପୋଲିସ ପାଖାପାଖି ଏକ ଶହ କୁଇଣ୍ଟାଲ ଗଞ୍ଜେଇ ଜବତ କରିସାରିଲାଣି। ଜିଲାରୁ ପ୍ରତିଦିନ ବାହାରକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ପୋଲିସ ହାତରେ ଧରାପଡୁଥିଲେ ମଧ୍ୟ ବେପାରିମାନେ ଏହାକୁ ଆଦୌ ଖାତିର କରୁନାହାନ୍ତି। ଗତ ସୋମବାର ବୌଦ୍ଧ ପୋଲିସ ବରପଦର ଗାଁ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ୫ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ଏ ନେଇ ପୋଲିସ ପକ୍ଷରୁ ଥାନାରେ ଏକ ମାମଲା (ନଂ.୧୫୫/୨୩) ରୁଜୁ ହୋଇଛି। କିନ୍ତୁ ପୋଲିସ ଅଭିଯୁକ୍ତମାନଙ୍କ ଟେର ପାଇପାରିନାହିଁ।

### ଅତାବିରାରେ ଶିକ୍ଷଣ ସାମଗ୍ରୀ ମେଳା

**ଅତାବିରା,୨୮।୩(ଡି.ଏନ.ଏ.):** ଅତାବିରା ଉଚ୍ଚବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ମେଳା ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ପ୍ରତି କ୍ଲଷ୍ଟରରୁ ୩ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଓ ୭ଜଣ ଛାତ୍ରୀଛାତ୍ର ଏଭଳି ମୋଟ ୪୨ ଶିକ୍ଷୟିତ୍ରୀ ଶିକ୍ଷକ ଓ ୯୮ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ମଛିନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ତ୍ତିକ ବାଗ ଓ ତପନ କୁମାର ଦାଶ ଅତିଥି ଭାବେ ଯୋଗଦାନ କରିଥିଲେ। ଶିକ୍ଷଣ ସାମଗ୍ରୀ ଖେଳଣା ତିଆରି କର୍ମଶାଳା ଓ ପ୍ରଦର୍ଶନୀର ମହତ୍ତ୍ୱ ଉପରେ ସେମାନେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ତଥା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ଆକର୍ଷଣୀୟ ପ୍ରସଙ୍ଗ ଭିତ୍ତିକ ଓ ପିଲାମାନଙ୍କ ବ୍ୟବହାର ଉପଯୋଗୀ ଶିକ୍ଷଣ ସାମଗ୍ରୀ ଖେଳଣା ତିଆରି ହେବା ସହ ପ୍ରଦର୍ଶିତ ହୋଇଥିଲା। ଏହି ଶିକ୍ଷଣ ସାମଗ୍ରୀ ବ୍ୟବହାର କରି କିପରି ଛାତ୍ରୀଛାତ୍ରମାନେ ଉପକୃତ ହେବେ ସେଥିପାଇଁ ପ୍ରଚେଷ୍ଟା କରିବାକୁ ପରାମର୍ଶ ଦିଆଯାଇଥିଲା। ସିଆରସିସି ଋଷଭ ପଣ୍ଡା, ନନ୍ଦିଘୋଷ ଭୁଏ, ରଞ୍ଜନ ବାଗ, ଧରମ ନାଏକ, ରଶ୍ମିରାଣୀ ନନ୍ଦ, କେଶବ ଛନ୍ଦ, ତ୍ରିଲୋଚନ ସେଠ, ରାଜୀବ ବିଶାଳ, କୃତାର୍ଥ ଚନ୍ଦ୍ର ଭୁଏ, ନୃପ ଭୋଇ, ସୀତାପତି ପ୍ରଧାନ, କିଚକ ସୁନା, ଜୟଦେବ ନାଏକ, ଭକ୍ତ କନ୍ହେଇ ଓ ବିଆର୍‌ପି ବଳରାମ ନାଗ ସହଯୋଗ କରିଥିଲେ। ସିଆରସିସି ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଡିଏସ୍ ଚାଉଳରୁ ବଞ୍ଚିତ ହିତାଧିକାରୀ

## ଯୋଗାଣ ବିଭାଗର ଖାମଖିଆଲି ନୀତି

**ଭେଡେନ,୨୮।୩(ଡି.ଏନ.ଏ.)**

ଯୋଗାଣ ବିଭାଗର ଖାମଖିଆଲି ନୀତି ଯୋଗୁ ବରଗଡ ଜିଲା ଭେଡେନ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତର ଅଧିକାଂଶ ହିତାଧିକାରୀ ପିଡିଏସ୍ ଚାଉଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ଗତ ଫେବୃୟାରୀ ମାସ କୋଟାରୁ ପ୍ରାୟ ୨୦ ପ୍ରତିଶତ ଲୋକ ଚାଉଳ ପାଇପାରି ନ ଥିବା ବେଳେ ମାର୍ଚ୍ଚ ମାସର ଚାଉଳ ବଣ୍ଟନ କରାଯାଇନାହିଁ। ଏଥିପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ ଯୋଗାଣ ବିଭାଗକୁ ଦାୟୀ କରୁଥିବା ବେଳେ ଯୋଗାଣ ବିଭାଗ ଯାନ୍ତ୍ରିକ ତ୍ରୁଟି ଥିବା କହିଛି। ତେବେ ଆରୋପ ପ୍ରତ୍ୟାରୋପ ଭିତରେ ହିତାଧିକାରୀମାନେ ଚାଉଳ ପାଇ ପାରୁନାହାନ୍ତି। ଚାଉଳ ନ ଥିବା ବେଳେ କେଉଁଠି ସ୍କାନରରେ ଅପ୍‌ଲୋଡ ହୋଇ ନ ଥିବା ଅଭିଯୋଗ ହେଉଛି। ସୂଚନା ଅନୁସାରେ, ମାସର ଶେଷ ସପ୍ତାହ ଅର୍ଥାତ ୨୫ ତାରିଖ ସୁଦ୍ଧା ହିତାଧିକାରୀ ଚାଉଳ ନେଇ ନ ପାରିଲେ ତାହା ଲାପ୍ସ ହୋଇଯାଉଥିବା ସରକାରୀ ନିୟମ ରହିଥିବା ଯୋଗାଣ ବିଭାଗ କହୁଛି। ଚଳିତ ମାସ ଶେଷ ହେବା ଉପରେ। ମାତ୍ର ଭେଡେନ ବ୍ଲକରେ ପିଡିଏସ୍ ଚାଉଳ ବଣ୍ଟନ ଆରମ୍ଭ କରାଯାଇନାହିଁ। ବିଶେଷ କରି ମହୁଲପାଲି, ମାନପୁର, ଅର୍ଜୁଣ୍ଡା, ସଂକ୍ରୀଡା, ପପଙ୍ଗା ଆଦି ପଞ୍ଚାୟତରେଏହି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ହିତାଧିକାରୀମାନେ ଅଖା, ରାଶନକାର୍ଡ ଧରି ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ଚାଉଳ ନ ପାଇ ନିରାଶରେ ଫେରୁଛନ୍ତି। ଏ ସମ୍ପର୍କରେ ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର କେରକେଟାଙ୍କୁ ଯୋଗାଯୋଗ କରାଯିବାରୁ ଉପର ମହଲରୁ ଯାନ୍ତ୍ରିକ ତ୍ରୁଟି ରହିଥିବା ସ୍ୱୀକାର କରିଥିଲେ ଏବଂ ଅତିଶୀଘ୍ର ଏହାର ସମାଧାନ କରାଯାଇ ଚାଉଳ ବଣ୍ଟନ କରାଯିବ ବୋଲି କହିଥିଲେ। ଉଲ୍ଲେଖଯୋଗ୍ୟ, ଭେଡେନ ବ୍ଲକର ୨୨ଟି ପଞ୍ଚାୟତରେ ୨୯ ହଜାର ୮ଶହ ୩୩ଟି ପରିବାରର ପ୍ରାୟ ୧ ଲକ୍ଷ ୨ ହଜାର ୨୬୫ ଜଣ ଏହି ଯୋଜନାରେ ଅର୍ନ୍ତଭୁକ୍ତ ହୋଇଛନ୍ତି। ଏମାନଙ୍କ ପାଇଁ ପ୍ରତି ମାସରେ ୫ ହଜାର ୮ଶହ ୪୪ କୁଇଣ୍ଟାଲ ଚାଉଳ ଯୋଗାଣ ହେଉଛି।

# ସତଲମାରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ବରଗଡ଼ ଅଫିସ, ୨୮।୩**

ବରଗଡ ଜିଲା ବରପାଲି ବ୍ଲକ ଅନ୍ତର୍ଗତ ସତଲମା ଗ୍ରାମରେ ନାବାର୍ଡ ଓ ସ୍ଥାନୀୟ ନାରାୟଣ ପ୍ରାଥମିକ କୃଷି ଋଣ ସେବା ସମବାୟ ସମିତିର ମିଳିତ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଓ ସମବାୟସ୍ତରୀୟ ବ୍ୟାଙ୍କିଙ୍ଗ ସେବା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି କୁନାଲ ଭୋଇ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟଅତିଥି, ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ କିଶୋର କୁମାର ଦେବତା, ଜିଲା ପରିଷଦ ସଦସ୍ୟା ସଂଯୁକ୍ତା ସାହୁ, ଅନନ୍ତ ସେଠ, ରୀନା ଥଇତ, ଭୁବନେଶ୍ୱର୍ଣ୍ଣନୀ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପୂର୍ବତନ ସଭାପତି ବନବାସ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମ୍ପାଦକ ରମେଶ ସାହୁ ସହଯୋଗ କରିଥିଲେ। ଚଞ୍ଚଳ ପଧାନ ସମବାୟ ବିଷୟରେ ବର୍ଣ୍ଣନା କରିଥିବା ବେଳେ ସୁବୋଧ କୁମାର ସାହୁ ଆର୍ଥିକ ସାକ୍ଷରତା ବିଷୟରେ ଆଲୋକପାତ କରିଥିଲେ। ସମିତିର ସହ ସମ୍ପାଦକ ଦେବେଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଗ୍ରାମବାସୀ ଯୋଗଦାନ କରିଥିଲେ।

# ଘର ଘର ବୁଲି କଂଗ୍ରେସ ପ୍ରାର୍ଥୀଙ୍କ ପ୍ରଚାର



କଂଗ୍ରେସ ପ୍ରାର୍ଥୀ ସଭା କରି ପ୍ରଚାର କରୁଛନ୍ତି।

## ଅତାବିରା ଏନ୍‌ଏସି ନିର୍ବାଚନ

**ସରଣ୍ଡା,୨୮।୩(ଡି.ଏନ.ଏ.)**

ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନ ପାଇଁ ରାଜନୈତିକ ଦଳଗୁଡିକ ଅନ୍ତିମ ପର୍ଯ୍ୟାୟ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏହି କ୍ରମରେ କଂଗ୍ରେସ ପ୍ରାର୍ଥୀମାନେ ଘର ଘର ବୁଲି ପ୍ରଚାର କରିବା ସହ ପ୍ରତି ୱାର୍ଡରେ ସାଧାରଣ ସଭାର ଆୟୋଜନ କରୁଛନ୍ତି। ମଙ୍ଗଳବାର କଂଗ୍ରେସର ଚେୟାରମ୍ୟାନ ପ୍ରାର୍ଥିନୀ ସବିତା ଭୁଏ ଓ ୫ ନମ୍ବର ୱାର୍ଡର କାଉନସିଲର ପ୍ରାର୍ଥୀ ଅକ୍ଷୟ କୁମ୍ଭାର ଭୋଇପୁରା ଗ୍ରାମରେ ପ୍ରଚାର କରିଥିଲେ। ଉକ୍ତ ଗ୍ରାମରେ ଯୁବ ନେତା ମାନସ ତ୍ରିପାଠୀଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଉଭୟ ପ୍ରାର୍ଥୀ ଯୋଗଦେଇ ନିଜ ସପକ୍ଷରେ ଭୋଟ୍ ଦେବାକୁ ନିବେଦନ କରିଥିଲେ। ବରଗଡ଼ ଜିଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ ନିଜ ବକ୍ତବ୍ୟରେ କହିଥିଲେ, ବିଜେଡି ସରକାରଙ୍କ ଅସ୍ୱଚ୍ଛ ନୀତି ଯୋଗୁ ପ୍ରତି ଧାନ ଅମଳ ଋତୁରେ ଚାଷୀମାନଙ୍କୁ ଧାନ ବିକ୍ରି କରିବା ପାଇଁ ଆନ୍ଦୋଳନ କରିବାକୁ ପଡୁଛି। ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଗୋଟିଏ ବି ଡ୍ରେନ ନିର୍ମାଣ ହୋଇନି। ରାସ୍ତା ନିର୍ମାଣରେ ଦୁର୍ନୀତି ଯୋଗୁ ସେଗୁଡ଼ିକର ଅବସ୍ଥା ଶୋଚନୀୟ। ତେଣୁ ସମସ୍ତେ କଂଗ୍ରେସ ଦଳକୁ ବିଜୟୀ କରିବାକୁ ସେ ଅନୁରୋଧ କରିଥିଲେ। ବୈଠକରେ କଂଗ୍ରେସ ନେତା ମଦନ ମୋହନ ତ୍ରିପାଠୀ, ସୁନିଲ ତ୍ରିପାଠୀ, କେ. ପି. ଶ୍ରୀନିବାସ, ରବି ପଣ୍ଡା, ଅବିନାଶ ପ୍ରଧାନ, ଅଶୋକ ପ୍ରଧାନ, ବି. ଶ୍ରୀହରି ଚୌଧୁରି ପ୍ରମୁଖ ଉପସ୍ଥିତ ଥିଲେ। ମୁଜାଫର ହୁସେନ, ଜିତୁ ଭୋଇ, ଅନନ୍ତ ତାଣ୍ଡି, ଦେବୁ ସ୍ୱାଇଁ, ଆଜାଦ ପତି, ଏମ୍‌ଡି ନାସିର, କୁନୁ ସାହୁ ପ୍ରଚାରରେ ସାମିଲ ଥିଲେ।

# ସମବାୟ ବ୍ୟାଙ୍କିଙ୍ଗ୍ ସେବା, ଋଣ କର୍ମଶାଳା

**ବାଉଁଶୁଣୀ, ୨୮।୩(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ତେଲିବନ୍ଧ ସେବା ସମବାୟ ସମିତିକାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସମବାୟ ବ୍ୟାଙ୍କିଂ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତେଲିବନ୍ଧ ସେବା ସମବାୟ ସମିତିର ସଭାପତି ତ୍ରିପୁର ମହାଖୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳକ ଏମ.ସାଇ ସନ୍ତୋଷୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବୌଦ୍ଧ ସମବାୟ କେନ୍ଦ୍ର ବ୍ୟାଙ୍କ ନିରୀକ୍ଷକ ଶିବ ପ୍ରସାଦ ଖମାରି, ତେଲିବନ୍ଧ ପଞ୍ଚାୟତର ସରପଞ୍ଚ ରତ୍ନାକର ନାଏକ ଯୋଗ ଦେଇଥିଲେ। ସେବା ସମବାୟ ସମିତିର ସମ୍ପାଦକ ସିତାରାମ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମବାୟ ସମିତି ଓ ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀମାନଙ୍କୁ ସରକାର ଦେଉଥିବା ପ୍ରୋତ୍ସାହନ ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଇଥିଲା। ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ସ୍ୱାବଲମ୍ବୀ ହେବାକୁ ଉପସ୍ଥିତ ଚାଷୀମାନଙ୍କୁ ଅତିଥିମାନେ ପରାମର୍ଶ ଦେଇଥିଲେ। ତେଲିବନ୍ଧ ଓ ଲକ୍ଷ୍ମୀ ପ୍ରସାଦ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଚାଷୀମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

# ଜିଲା ସରପଞ୍ଚ ସଂଘ ବୈଠକ



ବୈଠକରେ ଜିଲା ସରପଞ୍ଚ ସଂଘର କର୍ମକର୍ତ୍ତାବୃନ୍ଦ।

**ବରଗଡ଼ ଅଫିସ,୨୮।୩**

ବରଗଡ଼ ପଞ୍ଚାୟତ ସମିତି ପରିସରରେ ଜିଲାର ସମସ୍ତ ବ୍ଲକ ସରପଞ୍ଚ ସଂଘ ସଭାପତି, ସମ୍ପାଦକ ଏବଂ ଅନ୍ୟାନ୍ୟ ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫୁଲ୍ଲ ନାୟକ ସଭାପତିତ୍ୱ କରିଥିଲେ। ସରପଞ୍ଚମାନେ ନିର୍ବାଚିତ ଜନପ୍ରତିନିଧି ହୋଇଥିଲେ ମଧ୍ୟ ବିଭିନ୍ନ ସମୟରେ ସେମାନଙ୍କ କଥାକୁ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ଦେଉନାହିଁ। ଅନେକ ପ୍ରକଳ୍ପ ସରପଞ୍ଚମାନଙ୍କ ବିନା ଅନୁମୋଦନରେ କରାଯାଉଛି ଏବଂ ସରପଞ୍ଚମାନଙ୍କୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଥିଲା। ଆଗାମୀ ଦିନରେ ସାଧାରଣ ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ସଂଘ ବିଭିନ୍ନ ବ୍ଲକକୁ ଯାଇ ସେହି ବ୍ଲକର ସରପଞ୍ଚମାନଙ୍କୁ ନେଇ ସ୍ଥାନୀୟ ପ୍ରଶାସନ ସହିତ ଆଲୋଚନା କରି ସମସ୍ୟାର ସମାଧାନର ବାଟ ଫିଟାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବରଗଡ଼ ବ୍ଲକ ସରପଞ୍ଚ ସଂଘ ପରିଚାଳନା କରିଥିବା ବେଳେ ନିରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୁଢେନ ପୋଲିସର ନୂଆ ମନ, ନୂଆ ସପନ କାର୍ଯ୍ୟକ୍ରମ

**ପଦ୍ମପୁର,୨୮।୩।(ଡି.ଏନ.ଏ.)**



ଜୟପୁରଠାରେ ବରଗଡ଼ ଏସ୍‌ପି ଗ୍ରାମବାସୀଙ୍କୁ ଉପକରଣ ବାଣ୍ଟୁଛନ୍ତି।

ବରଗଡ଼ ଜିଲା ପଦ୍ମପୁର ବୁଢେନ ଥାନା ଅଧୀନ ମାଓବାଦୀ ଉପଦ୍ରୁତ ଅଞ୍ଚଳ ଜୟପୁର, ବରଧାପାଲି ଗ୍ରାମବାସୀଙ୍କୁ ନେଇ ଜୟପୁରଠାରେ ପୋଲିସ ପକ୍ଷରୁ ନୂଆ ମନ, ନୂଆ ସପନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବରଗଡ ଏସ୍‌ପି ପ୍ରହଲ୍ଲାଦ ସହିସ ମୀନା, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଯୋଗଦାନ କରି ସୁସ୍ଥ ଓ ଭୟଶୂନ୍ୟ ବାତାବରଣରେ ଜୀବନଚର୍ଯ୍ୟା କରିବାକୁ ଲୋକଙ୍କୁ ଅପିଲ କରିଥିଲେ। ଏହି ଅବସରରେ ବୃଦ୍ଧାବୃଦ୍ଧ, ଛାତ୍ରୀଛାତ୍ର ଓ ଅସହାୟଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବୁଢେନ ସରପଞ୍ଚ ନାରାୟଣ ମେହେର, ୱାର୍ଡମେମ୍ବର ଥବିର ପଧାନ, ତେଜମଣି ସାହୁ, ଜଗନ୍ନାଥ ବରିହା, ରାମନାଥ ସାହୁ, ସୁଭାକର ବନଛୋର, ପ୍ରଦୀପ ମାଝୀ, ସଂକୀର୍ତ୍ତନ ମଲ୍ଲିକ, ଝସ ମାଝୀ, ପୋଲିସ ଅଧିକାରୀ ମନୋଜ କୁମାର ପଧାନ ଉପସ୍ଥିତ ଥିଲେ।

# ବରପାଲି ପ୍ୟାକ୍ସର ସାଧାରଣ ସଭା

**ବରପାଲି,୨୮।୩ (ଡି.ଏନ.ଏ.)**

ବରପାଲି ପ୍ୟାକ୍ସର ସାଧାରଣ ସଭା ସଭାପତି ଗୁରୁ ମେହେରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଶୀତଳ ଭଣ୍ଡାରଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ସଭାରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ବରପାଲି ଶାଖା ପରିଚାଳକ କିଶୋର ଦେବତା ମୁଖ୍ୟ ଅତିଥି, କଣ୍ଟାପାଲି ସମବାୟ ସମିତି ସଭାପତି ଧ୍ରୁବରାଜ ସାହୁ, କୁମ୍ଭାରୀ ସମବାୟ ସମିତି ସଭାପତି ପ୍ରଫୁଲ୍ଲ କୁମାର ପ୍ରଧାନ, ଆଗଲପୁର ସମବାୟ ସମିତି ସଭାପତି ବିରୋସନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ୧୪ଜଣ ବୋର୍ଡ ମେମ୍ବର ଉପସ୍ଥିତ ଥିଲେ। ସମ୍ପାଦକ ଗୋବର୍ଦ୍ଧନ ଭୋଇଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ଚାଷୀଙ୍କ ସମସ୍ୟାର ସମାଧାନ କରିବାକୁ ଆଲୋଚନା ହୋଇଥିଲା। ସଭାରେ ବହୁ ଚାଷୀ ଯୋଗ ଦେଇଥିଲେ।

# କୁଲିତାଟୁକୁରା ମଧ୍ୟଇଂରାଜୀ ସ୍କୁଲରେ ଜଳ ସଂରକ୍ଷଣ କାର୍ଯ୍ୟକ୍ରମ



ଅତିଥିମାନଙ୍କ ଗହଣରେ ପୁରସ୍କୃତ ହୋଇଥିବା ଛାତ୍ରୀଛାତ୍ରଗଣ।

**ଜାମଟିକ୍ରା,୨୮।୩(ଡି.ଏନ.ଏ.)**

ବରଗଡ଼ ଜିଲା କୁଲିତା ଟୁକୁରା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ନେହେରୁ ଯୁବ କେନ୍ଦ୍ର ପକ୍ଷରୁ 'କେଚ ଦ ରେନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଏକ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏଥିରେ କୁଲିତା ଟୁକୁରା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଦନ ସାହୁଙ୍କ ସଭାପତିତ୍ୱରେ ସରଜୁ କୁମାର ସାହୁ, ବୀଣାପାଣି ଲୁହା, ଶରତ ମହାରଣା, ରୁଦ୍ର ପ୍ରସାଦ ଛନ୍ଦ, ଜନତା ଭୋଇ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଜଳ ସଂରକ୍ଷଣ ବିଷୟରେ ବୁଝାଇଥିଲେ। ଶିକ୍ଷକ ଅଭିଷେକ ପଣ୍ଡା କୁଇଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଜାତୀୟ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କନସିଂହା ପ୍ୟାକ୍ସର ବ୍ୟାଙ୍କିଙ୍ଗ ସେବା, ଋଣ କର୍ମଶାଳା

**ପଦ୍ମପୁର,୨୮।୩(ଡି.ଏନ.ଏ.)**

ବରଗଡ ଜିଲା ପଦ୍ମପୁର କନସିଂହା ପ୍ୟାକ୍ସ ଆନୁକୂଲ୍ୟରେ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ସତୀଭଟା ବଜାର ପ୍ରାଙ୍ଗଣରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ୟାକ୍ସ ସଭାପତି ଇନ୍ଦ୍ରଜିତ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପଦ୍ମପୁର ଏସ୍‌ଆର୍‌ସିଏସ୍ ହିମାଂଶୁ ଶେଖର ରାଉତ ମୁଖ୍ୟ ଅତିଥି, ସମ୍ବଲପୁର ସମବାୟ ବ୍ୟାଙ୍କ ଅଧିକାରୀ ପ୍ରଭଞ୍ଜନ ମାଝୀ, ଅତିରିକ୍ତ ଅଧିକାରୀ ମନୋଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମବାୟ ସମିତିର ଋଣ ଓ କୃଷି ଓ କୃଷକଙ୍କ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ସମବାୟ ସମିତିର ଋଣ ନେଇ କୃଷକମାନେ ସ୍ୱାବଲମ୍ବୀ ହେବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଚାଷୀ ଚିତ୍ତ ରଞ୍ଜନ ପାଣ୍ଡେ, ସଞ୍ଜୀବ ବେହେରା, ଡ଼ମ୍ବରୁଧର ସାହୁ, ଭୋଜରାଜ ଭୋଇ ନିଜ ନିଜ ମତାମତ ଦେଇଥିଲେ। ଡାଇରେକ୍ଟର ଶତ୍ରୁଘ୍ନ ତ୍ରିପାଠୀ, ଦେବରାଜ ସାହୁଙ୍କ ସମେତ ଭେଉଁରିଆ, ସତୀଭଟା, ଲୋହାରପାଲି, ପୁରେନା ଗ୍ରାମର ଚାଷୀମାନେ ଯୋଗ ଦେଇଥିଲେ। ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ ବ୍ୟାଙ୍କ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। କାନ୍ତିଲାଲ ଭୋଇ, ଛବିଳ ବେହେରା, ଜଳଧର ପଧାନ, ଡିଲେଶ୍ୱର ଧରୁଆ, ବାସୁଦେବ ପଧାନ, ବେଣୁଧର ସାହୁ, ମଧୁସୂଦନ ସାହୁ ପ୍ରମୁଖ ସହଯୋଗ କରିଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥି ଏବଂ ଉପସ୍ଥିତ ଚାଷୀ, ନିର୍ଦ୍ଦେଶକଗଣ।

# ରଙ୍ଗମଞ୍ଚ ଦର୍ଶକଙ୍କ ରୁଚି, ଅନୁଭୂତି ଭିନ୍ନ

## ବିଶ୍ୱ ରଙ୍ଗମଞ୍ଚ ଦିବସରେ ମତପ୍ରକାଶ

**ବରଗଡ଼ ଅଫିସ,୨୮।୩**




ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଜଣେ ଅଭିନେତା ପାଇଁ ନିଖୁଣ ଅଭିନୟ କରିବାର ପ୍ରକୃଷ୍ଟ ମଞ୍ଚ ହେଉଛି ରଙ୍ଗମଞ୍ଚ। ରଙ୍ଗମଞ୍ଚର ଦର୍ଶକଙ୍କ ରଚି, ଅନୁଭୂତି ଭିନ୍ନ। ଦର୍ଶକଙ୍କ ରଚି, ଅନୁଭୂତିକୁ ସମ୍ମାନ ଜଣାଇ ନିଖୁଣ ଅଭିନୟର ଆବଶ୍ୟକତା ରହିଥିବା ବେଳେ ମଞ୍ଚ କଳାକାର ବଞ୍ଚିଲେ ରଙ୍ଗମଞ୍ଚ ବଞ୍ଚିବ ବୋଲି ପଶ୍ଚିମ ଓଡିଶା କଳାକାର ମହାସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ବିଶ୍ୱ ରଙ୍ଗମଞ୍ଚ ଦିବସ ପାଳନ ଅବସରରେ ମତପ୍ରକାଶ ପାଇଛି। ରାଜ୍ୟ କଳାକାର ମହାସଂଘ ଅଧ୍ୟକ୍ଷ ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମିଳିତ କଳାକାର ମଞ୍ଚର ଅଧ୍ୟକ୍ଷ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଶଙ୍କର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ରଙ୍ଗମଞ୍ଚ ଅଭିନୟକୁ ଶ୍ରେଷ୍ଠ ଅଭିନୟ ବୋଲି କହିବା ସହିତ ରଙ୍ଗମଞ୍ଚକୁ ବଞ୍ଚାଇବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା କଳାକାର ମଞ୍ଚର ସମ୍ପାଦକ ଡ଼ଃ ଡୋଲାମଣି ଶତପଥୀ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶ, ମିଳିତ କଳାକାର ମଞ୍ଚର ସଂଯୋଜକ ପଞ୍ଚାନନ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କ ପାଇଁ ରଙ୍ଗମଞ୍ଚର ଭୂମିକା ଉପରେ ଆଲୋକପାତ କରିଥିଲେ। ପଶ୍ଚିମ ଓଡିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଦସ୍ୟ ସଦାନନ୍ଦ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନାଟ୍ୟଶାସ୍ତ୍ରର ପ୍ରଣେତା ମହର୍ଷି ଭରତ ମୁନିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

## ବାପୁଜୀ ହାଇସ୍କୁଲ ପୁରସ୍କୃତ

ନାକଟିଦେଉଳ(ଡି.ଏନ.ଏ.): ସମ୍ବଲପୁର ଜିଲା ସ୍କୁଲରେ ମଙ୍ଗଳବାର ଆୟୋଜିତ ଜିଲାସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀରେ ନାକଟିଦେଉଳ ବ୍ଲକ ଡ଼ଇଁଚା ସରକାରୀ ବାପୁଜୀ ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ର ଦଳଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ପ୍ରଦର୍ଶନୀରେ ବାପୁଜୀ ଉଚ୍ଚବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ରୀ ଅନିମା ସାହୁ, ରେନୀ ପ୍ରଧାନ ଓ ଛାତ୍ର ବିନାୟକ ସାହୁ ଫାଷ୍ଟଫୁଡ଼ ଏବଂ ମେଦ ବହୁଳତା ପ୍ରକଳ୍ପ ପ୍ରଦର୍ଶନ କରି ଏହି ସଫଳତା ପାଇଛନ୍ତି। ଜିଲା ବିଜ୍ଞାନ ପରିଦର୍ଶକ ପାର୍ଥ ସାରଥୀ ପ୍ରଧାନ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ସଂକ୍ଷେପରେ

### ଟ୍ରେଲର ସହ ଧକ୍କା, ବାଇକ୍ ଚାଳକ ମୃତ

ଜମନକିରା,୨୮।୩(ଡି.ଏନ.ଏ.): ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ବଡରମା ଘାଟିରେ ମଙ୍ଗଳବାର ଏକ ଟ୍ରେଲର ସହ ବାଇକ୍ ମୁହାଁ ମୁହିଁ ଧକ୍କା ହୋଇଛି। ଫଳରେ ଘଟଣାସ୍ଥଳରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରଗଡ଼ ଜିଲା ନିପୁରପେଟ ଅଞ୍ଚଳର ନରେଶ ପ୍ରଧାନ (୨୭)। ବାଇକ୍ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଜମନକିରା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ଡାକ୍ତରଖାନା ପଠାଇ ଅଧିକ ତଦନ୍ତ ଜାରି ରଖିଛି।

### ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

କୁଚିଣ୍ଡା,୨୮।୩(ଡି.ଏନ.ଏ.): ମହୁଲପାଲି ଥାନା କେଶାଇବାହାଲ ପଞ୍ଚାୟତ ପାରିମୁଣ୍ଡା ନିକ୍ତିମାଲ ଗ୍ରାମର ରଞ୍ଜିତ ମୁଣ୍ଡା(୩୫) ଗଛରୁ ପଡି ମୃତ୍ୟୁବରଣ କରିଛନ୍ତି। ରଞ୍ଜିତ ଏକ ତେନ୍ତୁଳି ଗଛରେ ଚଢି ସୋମବାର ତେନ୍ତୁଳି ତୋଳୁଥିବା ସମୟରେ ହଠାତ୍ ଗୋଡ ଖସିଯିବାରୁ ଗଛରୁ ତଳେ ପଡିଯାଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମହୁଲପାଲି ଥାନାରେ ଏକ ମାମଲା ରୁଜୁ କରି ପୋଲିସ ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

### ଖାଉଟି ସାମଗ୍ରୀ ବଣ୍ଟନ ଉପକେନ୍ଦ୍ର ଉଦ୍‌ଘାଟିତ

ରେଙ୍ଗାଲି,୨୮।୩(ଡି.ଏନ.ଏ.): ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ ଅନ୍ତର୍ଗତ ବାଗ ମୁଣ୍ଡିଆପଡାଠାରେ ଖାଉଟି ସାମଗ୍ରୀ ବଣ୍ଟନ ଉପକେନ୍ଦ୍ର ଉଦ୍‌ଘାଟିତ ହୋଇଛି। ରେଙ୍ଗାଲି ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତି ମୁଖ୍ୟଅତିଥି ଓ ରେଙ୍ଗାଲି ଜୋନ ୨ ଜିଲାପରିଷଦ ସଭ୍ୟ ଦେ ନାରାୟଣ ତିୱାରି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଉପକେନ୍ଦ୍ରରେ ଅତିଥିମାନେ ପିଡିଏସ୍ ଚାଉଳ ବଣ୍ଟନର ଶୁଭାରମ୍ଭ କରିଥିଲେ। ଅଜୟ କୁମାର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କତରବଗା ସରପଞ୍ଚ ନିଳାମ୍ବର ରୋହୀଦାଶ, ଯୁବନେତା ଗୋବର୍ଦ୍ଧନ ସାହୁ, ଡୋଳାମଣି ଖମାରୀ ଉପସ୍ଥିତ ଥିଲେ। ଏହି ଉପକେନ୍ଦ୍ର ହେବା ଦ୍ୱାରା କତରବଗା ପଞ୍ଚାୟତର କଦଳୀପିଠା, ବ୍ରାହ୍ମଣୀପାଲି, ପରଦେଶୀ ପାଲି ୱାର୍ଡର ରାଶନକାର୍ଡଧାରୀ ଉପକୃତ ହେବେ।

### ବିଶ୍ୱ ନାଟ୍ୟ ଦିବସ ପାଳିତ

ବେଲପାହାଡ,୨୮।୩(ଡି.ଏନ.ଏ.): ବେଲପାହାଡର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ମିରର ଥିଏଟର ମଞ୍ଚରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। କଳାକାର ସମାଜକୁ ନାଟକ ମାଧ୍ୟମରେ ବାର୍ତ୍ତା ଦେଇଥାନ୍ତି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି ଅବସରରେ ଅତିଥିଙ୍କ ଗହଣରେ ପୌର କାଉନସିଲର କହ୍ନେଇ ଚରଣ ସେଠ, ପୂର୍ବତନ କାଉନସିଲର ରଞ୍ଜିତା ବିଶ୍ୱାଳ, ଡା. ଦିଲୀପ ନାଏକ, ସଚ୍ଚିଦାନନ୍ଦ ପଣ୍ଡା, ଶରତ ସାହୁ, ସୁରେନ୍ଦ୍ର ଭୋଇ, ପୀତବାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ସୌଭାଗ୍ୟ ରଞ୍ଜନ ସାହୁ ଚଳିତ ବର୍ଷର ନାଟ୍ୟ ବାର୍ତ୍ତା ପଠନ ଓ ରଞ୍ଜିତା ବିଶାଳ ଧନ୍ୟବାଦ ଦେଇଥିଲେ। ଆୟୋଜନରେ ସରସ୍ୱତୀ ପ୍ରଧାନ, ସରୋଜ ମିର୍ଦ୍ଧା, ସୌଭାଗ୍ୟ ରଞ୍ଜନ ସାହୁ, ମନୋଜ ମେହେର, ଯୁବରାଜ ସିଂ, ଗୋବିନ୍ଦ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

# ମାନ୍ଦାବସ୍ଥାରେ ନିଯୁକ୍ତିରେ ଆଇଆଇଏମ୍‌କୁ ସଫଳତା

ସମ୍ବଲପୁର,୨୮।୩(ବ୍ୟୁରୋ)

ସମଗ୍ର ବିଶ୍ୱରେ ମାନ୍ଦାବସ୍ଥା ଚାଲିଥିବା ବେଳେ ସମ୍ବଲପୁର ଆଇଆଇଏମ୍‌କୁ ଚଳିତ ଶିକ୍ଷାବର୍ଷରେ ସଫଳତା ମିଳିଛି। ଛାତ୍ରୀଛାତ୍ରଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟ କମ୍ପାନୀରେ ଶତପ୍ରତିଶତ ନିଯୁକ୍ତି ମିଳିଛି। ଦୁଇ ଛାତ୍ରୀ ଆଭା ମାଲହୋତ୍ରାଙ୍କୁ ବାର୍ଷିକ ସର୍ବାଧିକ ୬୪ ଲକ୍ଷ ୧୬ ହଜାର ଓ ରମେୟା ଆର୍‌ଙ୍କୁ ୬୪ ଲକ୍ଷ ୬୧ ହଜାର ଦରମାରେ କମ୍ପାନୀ ନିଯୁକ୍ତି ଦେଇଛି। ଦେଶର ଅନ୍ୟ ଆଇଆଇଏମ୍ ତୁଳନାରେ ସମ୍ବଲପୁର ଆଇଆଇଏମ୍ ବହୁତ ଭଲ ପ୍ରଦର୍ଶନ କରିଛି ବୋଲି ଆଇଆଇଏମ୍ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ କହିଛନ୍ତି। ସେ ଆହୁରି କରିଛନ୍ତି, ଚଳିତ ବର୍ଷ ଡିସେମ୍ବର ମାସରୁ କ୍ୟାମ୍ପସରେ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ମାସରେ ୮୦ ପ୍ରତିଶତ ନିଯୁକ୍ତି ମିଳିଯାଇଥିଲା। ଏଥିରେ ଦେଶ ଓ ଦେଶ ବାହାରର ୧୩୦ ନାମୀଦାମୀ କମ୍ପାନୀ ଯୋଗଦେଇଥିଲେ। ସମସ୍ତ ୧୬୭ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ମିଳିଛି। ଆଇଆଇଏମ୍‌ରେ ୪୮ ପ୍ରତିଶତ କେବଳ ଛାତ୍ରୀଙ୍କ ପାଠ ପଢିବା ପାଇଁ ସୁଯୋଗ ଦିଆଯାଉଛି। କ୍ୟାମ୍ପସରେ ଅତ୍ୟାଧୁନିକ ଶ୍ରେଣୀଗୃହ ସହିତ ଶିକ୍ଷାଦାନ ପାଇଁ ଅନୁକୂଳ ବାତାବରଣ ରହିଛି। ଆମ ଅନୁଷ୍ଠାନ ସହିତ ବାହାରୁ ଶିକ୍ଷକ ଅଣାଯାଇ ପାଠ ପଢାଯାଉଛି। ଅନେକ ସମୟରେ ଅନ୍‌ଲାଇନ ମାଧ୍ୟମରେ




ସମ୍ବଲପୁର ଆଇଆଇଏମ୍ ନିର୍ଦ୍ଦେଶକ ସୂଚନା ଦେଉଛନ୍ତି ।

ଅଧ୍ୟାପକ କ୍ଲାସ କରୁଛନ୍ତି। ହେଲେ ଦୁଇଜଣ ଛାତ୍ର ନିଯୁକ୍ତି ପାଇଥିଲେ ମଧ୍ୟ ଯୋଗଦାନ କରିନାହାନ୍ତି। ସେମାନେ

### ଚାକିରିରେ ଯୋଗ ନ ଦେଇ ଉଦ୍ୟୋଗୀ ହେଲେ ୨ ଛାତ୍ର

ନିଜ ଉଦ୍ୟୋଗ ଆରମ୍ଭ କରିଛନ୍ତି। ଅନ୍ୟ କେତେଜଣ ଛାତ୍ରୀଛାତ୍ର ଉଦ୍ୟୋଗ କରିବାକୁ ଚାହୁଁଥିଲେ ମଧ୍ୟ ବ୍ୟାଙ୍କରେ ଋଣ ଓ ଅନ୍ୟାନ୍ୟ ସମସ୍ୟା ଯୋଗୁ ଚାକିରିରେ ଯୋଗଦାନ କରିଛନ୍ତି। ଖୁବ୍‌ଶୀଘ୍ର ସମ୍ବଲପୁର ଉପକଣ୍ଠ ବସନ୍ତପୁରଠାରେ ନିର୍ମାଣ ହେଉଥିବା ଆଇଆଇଏମ୍‌ର ନୂତନ କ୍ୟାମ୍ପସ ଲୋକାର୍ପଣ କରାଯିବ। ଉକ୍ତ କ୍ୟାମ୍ପସରେ ଆହୁରି ଉନ୍ନତମାନର ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ।

## ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ୍

# ରାଣୀଙ୍କୁ ରୌପ୍ୟ ପଦକ

ସମ୍ବଲପୁର,୨୮।୩ (ବ୍ୟୁରୋ)

୧୪ବର୍ଷ ବୟସରେ ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରୌପ୍ୟ ପଦକ ପାଇ ପରିବାର ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ସମ୍ବଲପୁର ଜିଲା ମାନେଶ୍ୱର ଗ୍ରାମର ଦିବ୍ୟାଙ୍ଗ ରାଣୀ ଗର୍ଡିଆ। ମାର୍ଚ୍ଚ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ ଲକ୍ଷ୍ନୌଠାରେ ଆୟୋଜିତ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ସେ ଭାଗ ନେଇ ରୌପ୍ୟ ପଦକ ଜିତିଛନ୍ତି। ମାନେଶ୍ୱର ଫେରିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

ତାଙ୍କ ସଂଘର୍ଷମୟ ଜୀବନ ବିଷୟରେ ରାଣୀ କହନ୍ତି, ବାପା ମୀନକିତନ ଜଣେ ଅଟୋ ଚାଳକ। ପିଲା ଦିନରୁ ପାଠ ପଢାରେ ବହୁତ ଇଚ୍ଛା ଥିଲା। ଏବେ ମାନେଶ୍ୱର ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଛି। ମାନେଶ୍ୱରଠାରେ ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ହୋଇଥିଲା। ଏହା ଦେଖିବା ସମୟରେ ନିଜେ ଖେଳିବାକୁ ମନ ହୋଇଥିଲା। ସାଙ୍ଗଙ୍କଠାରୁ ରାକେଟ୍ ମାଗି ଖେଳିଥିଲି। କିଛିଦିନ ପରେ ସମ୍ବଲପୁରରେ ଜିଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଗନେଇ




ମା'ବାପା ଓ ଅନ୍ୟମାନଙ୍କ ସହିତ ରାଣୀ।

ଭଲ ପ୍ରଦର୍ଶନ କରିଥିଲି। ପରେ ଚୟନ କମିଟି ରାଜ୍ୟ ବାହାରକୁ ଖେଳିଯିବାକୁ ସୁଯୋଗ ଦେଇଥିଲା। ଉତ୍ତରପ୍ରଦେଶରେ ୪ଦିନ ଧରି ପ୍ରତିଯୋଗିତା ହୋଇଥିଲା। ସେଠାରେ କେତେକ ସେଟ୍‌ରେ କଡା ଟକ୍କର ହୋଇଥିଲା। ଆଗକୁ ଖେଳିବାର ବହୁତ ଇଚ୍ଛା ରହିଛି। ସରକାରଙ୍କ କୌଣସି ଯୋଜନାରେ ସାମିଲ କରି ପାଠ ପଢା ସାଙ୍ଗକୁ ବ୍ୟାଡ୍‌ମିଣ୍ଟନ ପାଇଁ ପ୍ରଶିକ୍ଷଣ ଦେଲେ ଆଗକୁ ଆହୁରି ଭଲ ପ୍ରଦର୍ଶନ କରିବି ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ, ମାନେଶ୍ୱର ଗ୍ରାମର ମୀନକେତନ ଓ ମଞ୍ଜୁରୀଙ୍କ ଝିଅ ହେଉଛନ୍ତି ରାଣୀ। ପିଲା ଦିନରୁ ସେ ପୋଲିଓରେ ପୀଡ଼ିତ ହୋଇଥିଲେ। ବାପା ଅଟୋ ଚଳାଇ ପରିବାର ପୋଷଣ କରୁଥିଲେ। ହେଲେ କିଛିଦିନ ପୂର୍ବରୁ ପକ୍ଷାଘାତରେ ପୀଡ଼ିତ ହୋଇଥିବାବେଳେ ବର୍ତ୍ତମାନ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଆସି ନାହିଁ। ଏବେ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନାହିଁ। ଆଗକୁ ବଢିବାରେ ରାଣୀଙ୍କ ଇଚ୍ଛା ଥିଲେ ମଧ୍ୟ ଅର୍ଥ ବାଧକ ସାଜିଛି।

### ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ

ନାକଟିଦେଉଳ,୨୮।୩(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ଜଗନ୍ନାଥପ୍ରସାଦ ସରସ୍ୱତୀ ଶିଶୁମନ୍ଦିର ଶିଶୁ ବାଟିକା ବିଭାଗ ପକ୍ଷରୁ ମଙ୍ଗଳବାର ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପରମୁଣ୍ଡା ବିଜାଗଡ଼ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାରାଣୀ ସାହୁ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରିଚାଳନା ସମିତି ସଭାପତି ବିରଞ୍ଚି ଶଙ୍କର ସାହୁ ସଂସ୍କାରକ୍ଷମ ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ପ୍ରଶାନ୍ତ କୁମାର ସାହୁ ଅତିଥି ପରିଚୟ ଓ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ସାହୁ ଶିଶୁ ବାଟିକାରେ ସଂସ୍କାର ସମ୍ପର୍କରେ ମା'ମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ଅବସରରେ ମାଆ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା। ଶିଶୁ ବାଟିକା ପ୍ରମୁଖ ବିଜୟ କୁମାର ବେହେରା, ମନସ୍ୱିନୀ ସାହୁ, ରୀତା ଡ଼ାକୁଆ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୪୨ଜଣ ଅଭିଭାବକ/ଅଭିଭାବିକା ଯୋଗଦେଇଥିଲେ। ଶେଷରେ ଆଚାର୍ଯ୍ୟା ମଧୁସ୍ମିତା ରଣା ଧନ୍ୟବାଦ ଦେଇଥିଲେ।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

କୁଚିଣ୍ଡା,୨୮।୩(ଡି.ଏନ.ଏ.)

ବାମରା ବ୍ଲକ ଜରାବଗା ପଞ୍ଚାୟତ ରଙ୍ଗବତୀ ବିଲୁଙ୍ଗ ଗ୍ରାମ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଅନନ୍ତ କୁମାର ପଟେଲ ଏଥିରେ ଅଧ୍ୟକ୍ଷତା କରିଥିଲେ। କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟଅତିଥି, କୁଚିଣ୍ଡା ସଂକୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟବକ୍ତା ଓ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପୂର୍ବତନ ପ୍ରତିଷ୍ଠାତା ସଭାପତି ପୁରୁଷୋତ୍ତମ ପଣ୍ଡା, କୁଚିଣ୍ଡା ସଙ୍କୁଳ ପରିଷଦ ସମ୍ପାଦକ ବାବୁଲାଲ ପୂଜାରୀ, ଭୂମିଦାତା ବିନତା ପଟେଲ, ସମ୍ପାଦକ ବିହାରୀ ଲାଲ ଚୌହାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନ ଗୁରୁଜୀ ସଞ୍ଜୟ ସେନାପତି ଅତିଥି ପରିଚୟ ପ୍ରଦାନ କରି ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କ ଏକ ଗ୍ରନ୍ଥାବଳୀ ଉନ୍ମୋଚନ ହୋଇଥିଲା । ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜିଲା କଂଗ୍ରେସ କମିଟି ପକ୍ଷରୁ ସତ୍ୟାଗ୍ରହ



ସତ୍ୟାଗ୍ରହରେ ସାମିଲ ହୋଇଥିବା ଦଳୀୟ ନେତୃବୃନ୍ଦ ।

ସମ୍ବଲପୁର,୨୮।୩(ବ୍ୟୁରୋ)

ସମ୍ବଲପୁର ଜିଲା ସ୍କୁଲ ଛକରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସତ୍ୟାଗ୍ରହ ହୋଇଥିଲା। ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ନେତୃବୃନ୍ଦ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ଭାଜପା ଷଡ଼ଯନ୍ତ୍ର କରି ରାହୁଲ ଗାନ୍ଧୀଙ୍କ ସଂସଦ ସଭ୍ୟପଦ ରଦ୍ଦ କରିଛି। ରାହୁଲ ବାରମ୍ବାର ଭାଜପା ସରକାରଙ୍କ ଦୁର୍ନୀତି ଓ ଅତ୍ୟାଚାରକୁ ନେଇ ମୁଖା ଖୋଲୁଥିଲେ। କୌଣସି ଉପାୟ ନ ପାଇବାରୁ ଶେଷରେ ସଭ୍ୟପଦ ରଦ୍ଦ କରିବାକୁ ଷଡଯନ୍ତ୍ର କରିଥିଲେ। ସତ୍ୟାଗ୍ରହରେ ନେତାମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ଏଥିରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗରଡିଆ, ରାଜେନ୍ଦ୍ର ଛତ୍ରିଆ, ନିରଞ୍ଜନ ତ୍ରିପାଠୀ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସୁତପା ମିତ୍ର, ବିଜୟଲକ୍ଷ୍ମୀ ବେହେରା, ଜିତେନ୍ଦ୍ରିୟ ପ୍ରଧାନ, ଶିବବ୍ରତ ପ୍ରଧାନ, ଶ୍ରବଣ କୁମାର ମେହେର, ଇନ୍ଦ୍ରମଣି ବାରିକ, ରବି ରାଉତ, ସୁବାସ ବିଶ୍ୱାଳ, ରଘୁମଣି ଦାସ ଜୟନ୍ତ ସାହୁ, ପିନାକୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇଆଇଟି ସଫଳ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହେବା ଅବସରରେ ଛାତ୍ରୀମାନେ।

ସମ୍ବଲପୁର,୨୮।୩(ବ୍ୟୁରୋ)

ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟର ବିଜ୍ଞାନ ସ୍ନାତକର ଆଇଆଇଟି-ଜାମ-୨୦୨୩ ପ୍ରବେଶିକା ପରୀକ୍ଷାରେ କୃତୀ ଛାତ୍ରୀମାନଙ୍କୁ ଅଧ୍ୟକ୍ଷା ପ୍ରଫେସର ରାଜଶ୍ରୀ ବରାଳ ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକାମାନେ ସମ୍ବର୍ଦ୍ଧନା ଦେଇଥିଲେ। ଏହା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆଇଆଇଟି, ଏନ୍‌ଆଇଟି ଭଳି ଜାତୀୟ ସ୍ତରର ଅଗ୍ରଣୀ ଅନୁଷ୍ଠାନରେ ସ୍ନାତକୋତ୍ତର ଶ୍ରେଣୀରେ ନାମ ଲେଖାଇବା ପାଇଁ ଆଇଆଇଟି-ଜାମ ପରୀକ୍ଷା ପ୍ରବେଶ ଦ୍ୱାର। ଉକ୍ତ ପରୀକ୍ଷାରେ ମହିଳା ମହାବିଦ୍ୟାଳୟର ବିଜ୍ଞାନ ବିଭାଗରୁ ୯ ଜଣ ଛାତ୍ରୀ ବିଭିନ୍ନ ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ରସାୟନ ବିଭାଗର ଶିଖାରାଣୀ ବାରିକ, ମମତା ଭୋଇ, ମୁକ୍ତା ପ୍ରଧାନ, ରୋଶନୀ ପାଣ୍ଡେ, ଗଣିତ ବିଭାଗର ପୁନମ ପଟେଲ, ପାୟଲ ବେହେରା, ଅଙ୍କିତା ରଣା, ଉଦ୍ଭିଦ ବିଜ୍ଞାନ ବିଭାଗର ବର୍ଷାରାଣୀ ପ୍ରଧାନ, ପଦାର୍ଥ ବିଜ୍ଞାନ ଭିଭାଗର ଶ୍ୱେତାରାଣୀ ଦାଶ।

# ବୁଢ଼ୀମା' ପୂଜା ଉତ୍ସବ



ପୂଜା ଉତ୍ସବରେ ଆଳତି କରାଯାଉଛି ।

ସମ୍ବଲପୁର,୨୮।୩(ବ୍ୟୁରୋ)

ପରମ୍ପରା ଓ ରୀତିନୀତି ସହ ଚୈତ୍ର ମଙ୍ଗଳବାର ୫୦ତମ ବୁଢ଼ିମା' ପୂଜା ଉତ୍ସବ ପାଳିତ ହୋଇଯାଇଛି। ସମ୍ବଲପୁର ମହାନଗର ନିଗମ ବୁଢ଼ୀମା' ମନ୍ଦିରରେ ସମ୍ବଲପୁର ପୂର୍ବତନ ବିଧାୟିକା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ଓ ପ୍ରବକ୍ତା ଡା. ରାସେଶ୍ୱରୀ ପାଣିଗ୍ରାହୀ ଯୋଗଦେଇ ମା'ଙ୍କ ସମ୍ମୁଖରେ ଆରତି କରି ସମସ୍ତଙ୍କର ମଙ୍ଗଳ କାମନା କରିଛନ୍ତି। ଉତ୍ସବରେ ସାମାଜିକ କର୍ମୀ ହରଦୀପ ସିଂ ଭୂର୍ଜି, ମାୟାଧର ଜେନା, ପ୍ରଶାନ୍ତ ନାୟକ, ହରିହର ପାଣି, ନବୀନ ପଣ୍ଡା, ସୋନୁ ସିଂ, ହରେକୃଷ୍ଣ ସରାଫ, ମହିଳା ନେତ୍ରୀ ସୁରେଖା ସାହୁ, ମମତା ପଣ୍ଡା ପ୍ରମୁଖ ସାମିଲ ଥିଲେ। ବୁଢ଼ୀମା' ପୂଜା କମିଟି ପକ୍ଷରୁ ରାସେଶ୍ୱରୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

# ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ସମିତି କର୍ମକର୍ତ୍ତା।

ନାକଟିଦେଉଳ,୨୮।୩(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକ ବାଟଗାଁ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ମଙ୍ଗଳବାର ସ୍ଥାନୀୟ କରଡ଼ାପାଳ ଆମ୍ବତୋଟାଠାରେ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାଟଗାଁ ସମତି ସଭାପତି ଲମ୍ବୋଦର ଷଣ୍ଢଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମିତି ସମ୍ପାଦକ ଶରତ କୁମାର ପ୍ରଧାନ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟତଃ ଚାଷୀମାନଙ୍କୁ ଠିକ୍ ସମୟରେ ସାର, ଔଷଧ, ବିହନ ଆଦି ଯୋଗାଣ ଉପରେ ଆଲୋଚନା ହୋଇଥିଲା। ଏଥିସହିତ ସରକାରଙ୍କ ପକ୍ଷରୁ ବିନା ସୁଧରେ ଚାଷୀମାନଙ୍କୁ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ପ୍ରଦାନ, ୧ଲକ୍ଷରୁ ଅଧିକା ହେଲେ ୨ପ୍ରତିଶତ ସୁଧରେ ଋଣ, ଭୂମିହୀନଙ୍କୁ ବଳରାମ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସମ୍ପର୍କରେ ସମିତି କର୍ମକର୍ତ୍ତା ସୂଚନା ଦେଇଥିଲେ। କର୍ମଶାଳାରେ ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ନାକଟିଦେଉଳ ଶାଖାର ପ୍ରଶାସନିକ ନିରୀକ୍ଷକ ନିହାର ରଞ୍ଜନ ସାହୁ, ଜାମୁଯୋରୀ ଗ୍ରା.ପ.ର ପୂର୍ବତନ ସରପଞ୍ଚ ହରିହର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଫୁଲ୍ଲ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ନିର୍ଦ୍ଦେଶକ ଉଗ୍ରେସନ ଦେହୁରି, ସନ୍ତୋଷ କୁମାର ପ୍ରଧାନ, ମକୁନ୍ଦ ସାହୁ ମେଘନାଦ ବେହେରା, କୌଶିକ ଦେହୁରି, ସତ୍ୟବ୍ରତ ପ୍ରଧାନ, ଶ୍ରୀମନ୍ତ ରଣାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

# ବିକାଶ କେବଳ ବସ୍ତୁ ଓ ସେବାର ସମାହାର ନୁହେଁ

## କରୁଣାକର ସୂପକାର ସ୍ମାରକୀ ବକ୍ତୃତା

ସମ୍ବଲପୁର,୨୮।୩(ବ୍ୟୁରୋ)

ସେତୁ ପକ୍ଷରୁ ଇଂ କରୁଣାକର ସୂପକାର ଦ୍ୱିତୀୟ ସ୍ମାରକୀ ବକ୍ତୃତା ଓଡ଼ିଶା ସାଂସ୍କୃତିକ ସମାଜ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ସେତୁ ସଭାପତି ଡ. ମୀନକେତନ ପାଠୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ଦୀପକ କୁମାର ମିଶ୍ର ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଅର୍ଥନୈତିକ ବିକାଶର ସାମାଜିକ ଭିତ୍ତି: ଓଡ଼ିଶା ପ୍ରଗତି କାହାଣୀର ଅନୁଶୀଳନ ଉପରେ ଆଲୋଚନା କରିଥିଲେ। ସେ କହିଥିଲେ, ବିକାଶ କେବଳ ବସ୍ତୁ ଓ ସେବାର ସମାହାର ନୁହେଁ। ବରଂ ମଣିଷର କାର୍ଯ୍ୟଦକ୍ଷତା ଓ ଜୀବନଧାରଣ ମାନରେ ଏହା କିଭଳି ପରିବର୍ତ୍ତନ ଆଣୁଛି ତାହା ହେଉଛି ମୂଳକଥା। ସମକାଳୀନ ଅର୍ଥନୀତିରେ ପୁଞ୍ଜିବାଦୀ ବିକାଶକୁ ହିଁ ବିକାଶ ବୋଲି ଧରିନିଆ ଯାଉଛି। ଓଡ଼ିଶାର ବିକାଶରେ ଆଖିଦୃଶିଆ ଉନ୍ନତି ହୋଇଛି ବୋଲି ଦାବି କରାଯାଉଛି। ଏହାର ସାମାଜିକ ଚରିତ୍ର ଉପରେ ଦୃଷ୍ଟି ଦିଆଯିବା ଆବଶ୍ୟକ। ପୁଞ୍ଜିବାଦୀ ବିକାଶ କେବଳ ବଜାର ଉପରେ ଆଶ୍ରୟ କରି ଚଳେ ନାହିଁ, ବରଂ ରାଷ୍ଟ୍ର ଓ ସମାଜ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାନ୍ତି। ପ୍ରକୃତି ଓ ଶ୍ରମର ପଣ୍ୟକରଣ ପୁଞ୍ଜିବାଦୀ ବିକାଶର ଏକ ବିଶେଷ ଦିଗ। ବିଶ୍ୱ ପୁଞ୍ଜିବାଦୀ ବ୍ୟବସ୍ଥାରେ ବିତ୍ତୀୟ ପୁଞ୍ଜି ଅନାୟାସରେ ଦେଶର ସୀମା ଲଙ୍ଘି ଯାଇପାରେ, ଅଥଚ ଶ୍ରମିକ ସେତେ ସହଜରେ ସୀମାନ୍ତ ଅତିକ୍ରମ କରିପାରେ ନାହିଁ। ପୁଞ୍ଜି ପାଇଁ ଆକର୍ଷଣୀୟ ହେବା ଲାଗି ଦେଶ, ରାଜ୍ୟ ଓ ସହର ମଧ୍ୟରେ ଏକ ପ୍ରତିଯୋଗିତା ଚାଲିଛି। ଅଳ୍ପ ବିକଶିତ ଓ ବିକାଶଶୀଳ ଦେଶ ପୁଞ୍ଜିକୁ ଆକର୍ଷିତ କରିବାକୁ ଶସ୍ତା ଶ୍ରମ ଓ ଶସ୍ତା ପ୍ରକୃତିକୁ ହିଁ ବ୍ୟବହାର କରୁଛନ୍ତି। ଏହି ପ୍ରକ୍ରିୟା ଦ୍ୱାରା ସମାଜରେ ଏକ ଅସନ୍ତୁଳନ ଓ ବୈଷମ୍ୟ ସୃଷ୍ଟି ହେଉଛ। ବୋଲି ପ୍ରଫେସର ଦୀପକ କହିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଯୋଗ ଦେଇ ଇଂ କରୁଣାକରଙ୍କ ଜୀବନାଦର୍ଶ ବିଷୟରେ କହିଥିଲେ। ସେତୁ କାର୍ଯ୍ୟକାରୀ ସମିତି ସଭ୍ୟ ହରି ନାରାୟଣ ପଣ୍ଡା ସୂଚନା ଓ ଡ. ସନ୍ତୋଷ କୁମାର ଦାଶ ଅତିଥି ପରିଚୟ ଏବଂ ଯୁଗ୍ମ ସମ୍ପାଦକ ରୀତାରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହୀରାଖଣ୍ଡ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

## ନାଟକ ଝି ଲେଉଟେନ ମଞ୍ଚସ୍ଥ

■ ଡ. ଶ୍ୟାମସୁନ୍ଦରଙ୍କୁ ହୀରାଖଣ୍ଡ ନାଟ୍ୟସମ୍ମାନ

ସମ୍ବଲପୁର,୨୮।୩(ବ୍ୟୁରୋ)

ହୀରାଖଣ୍ଡ ନାଟ୍ୟ ମହୋତ୍ସବ-୨୦୨୩ ରବିବାର ରାତିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଉଦ୍‌ଯାପିତ ହୋଇଯାଇଛି । ଶେଷ ରଜନୀରେ ଆୟୋଜକ ଅଦୃଶ୍ୟ ନାଟ୍ୟ ଆଶ୍ରମ କାଳକାରମାନେ ସମ୍ବଲପୁରୀ ନାଟକ ଝି ଲେଉଟେନ ମଞ୍ଚସ୍ଥ କରିଥିଲେ। ଝିଅଟିଏର ମାନସିକ ଚେତନାକୁ ବୁଝି କୌଣସି ପାର୍ଥିବ ଦ୍ରବ୍ୟର ଉର୍ଦ୍ଧ୍ୱରେ ରହି ତା'ର ମାନବୀୟ




ଡ. ଶ୍ୟାମସୁନ୍ଦର ଧରଙ୍କୁ ହୀରାଖଣ୍ଡ ନାଟ୍ୟ ସମ୍ମାନରେ ସମ୍ମାନିତ କରାଯାଉଛି ।

ମୂଲ୍ୟବୋଧକୁ ସମାଜ ବୁଝିପାରିଲେ ଝିଅ ଜନ୍ମର ସାର୍ଥକତା ମିଳିପାରିବ । ଏପରି ବଥାବସ୍ତୁକୁ ନେଇ ନାଟକଟି ଗତିଶୀଳ। ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟଅତିଥି, ନାଟ୍ୟବିତ୍ ଡ. ଦ୍ୱାରିକାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାରଙ୍କୁ ଶୁଭେଚ୍ଛା ଜଣାଇଥିଲେ। କୁଳସଚିବ ଡ. ନୃପରାଜ ସାହୁ ଉତ୍ସବରେ ସଭାପତିତ୍ୱ କରିଥିଲେ। ଗବେଷକ ତଥା ସଂସ୍କୃତିବିଦ୍ ଡ. ଶ୍ୟାମସୁନ୍ଦର ଧରଙ୍କୁ ହୀରାଖଣ୍ଡ ନାଟ୍ୟ ସମ୍ମାନ -୨୦୨୩ରେ ସମ୍ମାନିତ କରାଯାଇଥିଲା। ୪ଦିନ ବ୍ୟାପୀ ହୋଇଥିବା ମହୋତ୍ସବକୁ ନାଟ୍ୟ ନିର୍ଦ୍ଦେଶକ ଅତୀଶ କୁମାର ଶତପଥୀ ସଂଯୋଜନା କରିଥିଲେ। ନରେନ୍ଦ୍ର ବେହେରା, ସୁବଳ ଚନ୍ଦ୍ର ବାଗ, ଦଧିବାମନ ପଣ୍ଡା, ବଳରାମ ହୋତା, ଶୁଭମ୍ ମେହେର, ରାହୁଲ ଗୁପ୍ତା, ସୁମିତ୍ରା ମହାକୁର, ଶର୍ମିଷ୍ଠା ପ୍ରଧାନ, ପଙ୍କିଜିନୀ ମେହେର ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

**ଖସିଲା ଶେୟାର ବଜାର**

**ନୂଆଦିଲ୍ଲୀ:** ଦିନକ ପରେ ପୁଣି ଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୨ୟ କାର୍ଯ୍ୟଦିବସ(ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ଫଳରେ ମଙ୍ଗଳବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୪୦ (୪୦.୧୪) ପଏଣ୍ଟ ହ୍ରାସ ଘଟି ୫୭,୬୧୪ (୫୭,୬୧୩.୭୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୪ (୩୪.୦୦) ପଏଣ୍ଟ ଖସି ୧୬,୯୫୨ (୧୬,୯୫୧.୭୦) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଅଭିବୃଦ୍ଧି ପଥରେ ରିଅଲ ଇଷ୍ଟେଟ୍ ଉଦ୍ୟୋଗ

## ଆଗାମୀ ୨ବର୍ଷରେ ୧୨ରୁ ୧୩ ବିଲିୟନ ଡଲାର ନିବେଶ ସମ୍ଭାବନା: ରିପୋର୍ଟ

**ନୂଆଦିଲ୍ଲୀ,୨୮।୩**

ବିଗତ କିଛି ବର୍ଷ ହେବ ଭାରତୀୟ ରିଅଲ ଇଷ୍ଟେଟ୍ ଉଦ୍ୟୋଗ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି। ଏପରିକି ବିଗତ ୫ ବର୍ଷ ମଧ୍ୟରେ ରିଅଲ ଇଷ୍ଟେଟ୍ ଉଦ୍ୟୋଗକୁ ୩୨ ବିଲିୟନ ଡଲାରର ଅଧିକ ପରିମାଣର ଇକ୍ୱିଟି କ୍ୟାପିଟାଲ ମିଳିଥିବା ଜଣାପଡ଼ିଛି। ବିଶେଷକରି ରିଅଲ ଇଷ୍ଟେଟ୍ ଉଦ୍ୟୋଗରେ ବର୍ଷକୁ ବର୍ଷ ଉଭୟ ଚାହିଦା ଓ ନିବେଶ ପରିମାଣ ବୃଦ୍ଧି ପାଇଚାଲିଛି। ଫଳରେ ୨୦୨୨ ବର୍ଷ ମଧ୍ୟରେ ରିଅଲ ଇଷ୍ଟେଟ୍ ଉଦ୍ୟୋଗ ପ୍ରାୟ ୩୨% ବଜାର ଅଂଶଧନ ଅଭିବୃଦ୍ଧି ହାସଲ ସହ ପ୍ରାୟ ୮ (୭.୮) ବିଲିୟନ ଡଲାରର ଇକ୍ୱିଟି କ୍ୟାପିଟାଲ ହାସଲ କରିପାରିଛି। ସେହିଭଳି ଆସନ୍ତା ୨ ବର୍ଷ ମଧ୍ୟରେ ରିଅଲ ଇଷ୍ଟେଟ୍ ଉଦ୍ୟୋଗକୁ ପ୍ରାୟ ୧୩ ବିଲିୟନ ଡଲାର ନିବେଶ ଆସିବାର ଆକଳନ କରାଯାଉଛି ବୋଲି ରିଅଲ ଇଷ୍ଟେଟ୍ ପରାମର୍ଶ ଫାର୍ମ ସିବିଆର୍‌ଇ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। ଉଲ୍ଲେଖଯୋଗ୍ୟ, ସିବିଆର୍‌ଇର ନୂତନ ରିପୋର୍ଟରେ ଏ ନେଇ ବିସ୍ତୃତ ଭାବେ ଆଲୋକପାତ କରାଯାଇଛି। ଏପରିକି ଉକ୍ତ ରିର୍ପୋଟରେ ଉଲ୍ଲେଖ କରାଯାଇଛି, ୨୦୨୩ ଏବଂ ୨୦୨୪ ବର୍ଷରେ ରିଅଲ ଇଷ୍ଟେଟ୍ ଉଦ୍ୟୋଗରେ ସର୍ବାଧିକ ନିବେଶ ଓ କାର୍ଯ୍ୟାଳୟ ସ୍ଥଳକୁ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି। ମୋଟ ନିବେଶରେ କାର୍ଯ୍ୟାଳୟ ସ୍ଥଳ ପରେ ଶିଳ୍ପ ଏବଂ ଲଜିଷ୍ଟିକ୍ କ୍ଷେତ୍ର ଓ ଭୂମିକୁ ମିଳିପାରେ ବୋଲି ଆକଳନ କରାଯାଉଛି।



ଏହାବ୍ୟତୀତ ଡାଟା କେନ୍ଦ୍ରକୁ ମଧ୍ୟ ବଡ଼ ନିବେଶ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଫଳରେ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଇକ୍ୱିଟି ପ୍ରବାହ ଆଗକୁ ବଢ଼ିବା ଯଥେଷ୍ଟ ସମ୍ଭାବନା ରହିଛି। ଏପରିକି ଆସନ୍ତା ୨ବର୍ଷ ମଧ୍ୟରେ ରିଅଲ ଇଷ୍ଟେଟ୍ ଉଦ୍ୟୋଗରେ ପ୍ରାୟ ୧୨ରୁ ୧୩ ବିଲିୟନ ଡଲାର ନିବେଶ ଆସିବାର ଯଥେଷ୍ଟ ସମ୍ଭାବନା ଅଛି। ୨୦୨୪ ସୁଦ୍ଧା ରିଅଲ ଇଷ୍ଟେଟ୍ କ୍ଷେତ୍ରରେ ବାର୍ଷିକ ହାରାହାରି ୬ ରୁ ୭ ବିଲିୟନ ଡଲାରର ଇକ୍ୱିଟି ନିବେଶର ଆକଳନ କରାଯାଉଛି। ଅପରପକ୍ଷରେ ସିବିଆର୍‌ଇର ରିପୋର୍ଟ ଅନୁସାରେ ଭାରତର ପ୍ରମୁଖ ସହର ନୂଆଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ କୋଲକାତାରେ ରିଅଲ ଇଷ୍ଟେଟ୍ କ୍ଷେତ୍ରର ଚାହିଦା ଅଧିକ ରହିଛି। ଏପରିକି ଉକ୍ତ କ୍ଷେତ୍ରରେ ଇକ୍ୱିଟି ନିବେଶ ୨୦୧୮ରେ ପ୍ରାୟ ୬ (୫.୯) ବିଲିୟନ ଡଲାର ରହିଥିଲା ବେଳେ ୨୦୧୯ରେ ତା'ର ପରିମାଣ ୬.୪ ବିଲିୟନ ଡଲାର ହୋଇଯାଇଥିଲା। ଏପରିକି ୨୦୨୦ରେ ରିଅଲ ଇଷ୍ଟେଟ୍ ଉଦ୍ୟୋଗରେ ପ୍ରାୟ ୬ ବିଲିୟନ ଡଲାର ନିବେଶ ହୋଇଥିଲାବେଳେ ୨୦୨୧ରେ ମଧ୍ୟ ପ୍ରାୟ ୬ (୫.୯) ବିଲିୟନ ଡଲାର ଏବଂ ୨୦୨୨ ରେ ଏହାର ପରିମାଣ ପ୍ରାୟ ୮ (୭.୮) ବିଲିୟନ ରହିଥିଲା।

# ଡ୍ରିମ୍‌ସ ପକ୍ଷରୁ ବିପିୟୁଟି କୁଳପତିଙ୍କୁ ସମ୍ବର୍ଦ୍ଧନା



**କଟକ,୨୮।୩**

ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ(ବିପିୟୁଟି)ର ନବନିଯୁକ୍ତ କୁଳପତି ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ.ଅମିୟ କୁମାର ରଥଙ୍କୁ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପ୍ରଫେସର ରଥଙ୍କୁ ନିକଟରେ ଏକ ସୌଜନ୍ୟମୂଳକ ସାକ୍ଷାତକରି ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇବା ସହ ରାଜ୍ୟରେ ବୈଷୟିକ ଶିକ୍ଷାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅପରପକ୍ଷରେ 'ଡ୍ରିମ୍‌ସ'ର ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ନୂତନ କୁଳପତିଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି, ଶିକ୍ଷାଦାନ, ଗବେଷଣା ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା, ଉତ୍ସର୍ଗୀକୃତ ଓ ନିଷ୍ଠାପର ସାଧନା ଡ. ଅମିୟ କୁମାର ରଥଙ୍କୁ ଆଜି ଏଭଳି ଏକ ସମ୍ମାନଜନକ ପଦବୀରେ ଅଧିଷ୍ଠିତ କରାଇଛି।

# ଜିଓର ବ୍ରଡ୍‌ବ୍ୟାଣ୍ଡ ବ୍ୟାକ୍‌ଅପ୍ ପ୍ଲାନ୍

**ନୂଆଦିଲ୍ଲୀ,୨୮।୩**

ଦେଶର ପ୍ରମୁଖ ଟେଲିକମ୍ କମ୍ପାନୀ ରିଲାଏନ୍ସ ଜିଓ ପକ୍ଷରୁ ନୂଆ 'ବ୍ରଡ୍‌ବ୍ୟାଣ୍ଡ ବ୍ୟାକ୍ ଅପ୍ ପ୍ଲାନ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମାସିକ ମାତ୍ର ୧୯୮ ଟଙ୍କାରେ ସେକେଣ୍ଡ ପିଛା ୧୦ମେଗାବିଟ୍‌ର ଇଣ୍ଟରନେଟ୍ ସ୍ପିଡ୍ ମିଳିବ। ବିଶେଷକରି ଗ୍ରାହକମାନଙ୍କ ଲାଗି ଇଣ୍ଟରନେଟ୍ ସ୍ପିଡ୍‌କୁ ୧୦ ଏମ୍‌ବିପିଏସ୍‌ରୁ ୩୦ ଏମ୍‌ବିପିଏସ୍ କିମ୍ବା ୧୦୦ ଏମ୍‌ବିପିଏସ୍ ପର୍ଯ୍ୟନ୍ତ ବଢ଼ାଇବାର ସୁଯୋଗ ମିଳିବ। ଅପରପକ୍ଷରେ ଆବଶ୍ୟକ ସମୟରେ ଗ୍ରାହକମାନେ ୧, ୨ ଓ ୭ ଦିନିଆ ଅବଧି ପାଇଁ ମଧ୍ୟ ଇଣ୍ଟରନେଟ୍ ସ୍ପିଡ୍ ବଢ଼ାଇପାରିବେ। ସେହିଭଳି ଉକ୍ତ ପ୍ଲାନ୍ ଜରିଆରେ ଗ୍ରାହକମାନେ ୨୪ ଘଣ୍ଟା ନିରବଚ୍ଛିନ୍ନ ଇଣ୍ଟରନେଟ୍ ସଂଯୋଗ ପାଇପାରିବେ। ସଂଯୋଗ ପହଞ୍ଚି ନ ଥିବା ଘରଗୁଡ଼ିକୁ ଉକ୍ତ ପ୍ଲାନ୍ ଜରିଆରେ ପାଠପଢ଼ା, କାର୍ଯ୍ୟ, ମନୋରଞ୍ଜନ ଆଦିକୁ ନେଇ ବାଧାମୁକ୍ତ ଅନୁଭୂତି ପାଇପାରିବେ। ଏ ସମ୍ପର୍କରେ ଜିଓର ପ୍ରବକ୍ତା କହିଛନ୍ତି, ଆମେ ଭଲ ଭାବେ ବୁଝୁଛୁ ଯେ ଗ୍ରାହକମାନେ ଘରେ ୨୪ ଘଣ୍ଟା ଭରସାଯୋଗ୍ୟ ବ୍ରଡ୍‌ବ୍ୟାଣ୍ଡ ଚାହୁଁଛନ୍ତି। ଏପରିକି ଜିଓ ଫାଇବର ବ୍ୟାକ୍‌ଅପ୍ ପ୍ଲାନ୍ ଜରିଆରେ ଆମେ ସେମାନଙ୍କ ଘରେ ବିକଳ୍ପ ଭରସାଯୋଗ୍ୟ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପହଞ୍ଚାଇବାକୁ ଚାହୁଁଛୁ। ସେହିପରି ବ୍ୟାକ୍ ଅପ୍ କନେକ୍ସନର ଏହି ନୂଆ ଚିନ୍ତାଧାରା ଘରଗୁଡ଼ିକୁ ସୁଲଭ ମୂଲ୍ୟରେ ନିଶ୍ଚିତ ଡାଟା ଯୋଗାଣର ଏକ ବିକଳ୍ପ ବ୍ରଡ୍‌ବ୍ୟାଣ୍ଡ ସଂଯୋଗ ପ୍ରଦାନ କରୁଛି। ଉକ୍ତ ସଂଯୋଗର ଉଲ୍ଲେଖନୀୟ ଲାଭଗୁଡ଼ିକୁ ଜାଣିବା ପରେ ଗ୍ରାହକମାନେ ଇଚ୍ଛାକଲେ ନିରବଚ୍ଛିନ୍ନ ଭାବେ ହାଇ ସ୍ପିଡ୍‌କୁ ଅପ୍‌ଗ୍ରେଡ୍ ହୋଇପାରିବେ। ଉଲ୍ଲେଖଯୋଗ୍ୟ, ନୂଆ ଜିଓ ଫାଇବର ବ୍ୟାକ୍ ଅପ୍ ସଂଯୋଗ ୨୦୨୩ ମାର୍ଚ୍ଚ ୩୦ରୁ ଉପଲବ୍ଧ ହେବ।

# 'କର୍ମଚାରୀ କଲ୍ୟାଣମୂଳକ କାର୍ଯ୍ୟକୁ ଗୁରୁତ୍ୱାରୋପ'

**ଭୁବନେଶ୍ୱର,୨୮।୩**

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦର ୧୧ତମ ତ୍ରୈବାର୍ଷିକ ଅଧିବେଶନ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପରିଷଦର ସଭାପତି ସୌରଭରଞ୍ଜନ ଦାସଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ସେହିଭଳି ସଂଘର ମୁଖ୍ୟ ପରାମର୍ଶଦାତା ତଥା ଅନୁସୂଚିତ ଜାତି ଓ ଜନଜାତି ପରିଷଦର ପୂର୍ବତନ ସାଧାରଣ ସମ୍ପାଦକ ବଂଶୀଧର ସେଠୀ ଅତିଥି ପରିଚୟ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲାବେଳେ ସଂଘର ସାଧାରଣ ସମ୍ପାଦକ ଜିତେନ୍ଦ୍ର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଙ୍ଗଠନର ଅନ୍ତର୍ନିହିତ ଶକ୍ତି ବିଷୟରେ ବିସ୍ତୃତ ଆଲୋକପାତ କରିଥିଲେ। ଏପରିକି ସେ ବ୍ୟାଙ୍କ ଦ୍ୱାରା ସମସ୍ତ କର୍ମଚାରୀଙ୍କ ସର୍ବାଙ୍ଗୀନ କଲ୍ୟାଣମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ଉନ୍ନତ ଗ୍ରାହକ ସଂଯୋଗ ଦ୍ୱାରା ଓଡ଼ିଶାରେ ଷ୍ଟେଟ ବ୍ୟାଙ୍କକୁ ସଫଳତାର ନୂଆ ଶୀର୍ଷକୁ ପହଞ୍ଚାଇବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ବିକାଶ ଅଧିକାରୀ ମନୋଜ କୁମାର ସିଂ, ନେଟ୍‌ୱର୍କ-୧ର ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗାନ, ଭୁବନେଶ୍ୱର ଜୋନ୍‌ର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦେଶର ୮ ରାଜ୍ୟର ସାଧାରଣ ସମ୍ପାଦକ ଓ ସଭାପତିଙ୍କ ସମେତ ଅନ୍ୟମାନେ ମଧ୍ୟ ଯୋଗ ଦେଇଥିଲେ।



ଏସ୍‌ବିଆଇ ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ପରିଷଦର ତ୍ରୈବାର୍ଷିକ ଅଧିବେଶନରେ ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଚନ୍ଦ୍ରଶେଖର ଶର୍ମାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଉଛି।

# ୟୁଏସ୍‌ଟି ଜରିଆରେ ଶତପ୍ରତିଶତ ଛାତ୍ରବୃତ୍ତି

**ନୂଆଦିଲ୍ଲୀ,୨୮।୩**

ଦେଶର ସର୍ବବୃହତ୍ ଶିକ୍ଷଣ ପ୍ଲାଟ୍‌ଫର୍ମ ଅନାକାଡେମି ପକ୍ଷରୁ ନିକଟରେ ଏକ ଅଭିନବ ବୃତ୍ତି ପରୀକ୍ଷା 'ଅନାକାଡେମ ସ୍କଲାରଶିପ୍ ଟେଷ୍ଟ' (ୟୁଏସ୍‌ଟି) ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ବୃତ୍ତି ପରୀକ୍ଷା ୨୦୨୩ ଏପ୍ରିଲ ୧୬ ପର୍ଯ୍ୟନ୍ତ ଜାରି ରହିବ। ପ୍ରତିଦିନ ସକାଳ ୧୧ରୁ ୧୨ ଘଟିକା ଏବଂ ଅପରାହ୍ନ ୪ ରୁ ୫ ଘଟିକା ପର୍ଯ୍ୟନ୍ତ ଉକ୍ତ ପରୀକ୍ଷା ଅନ୍‌ଲାଇନ ମାଧ୍ୟମରେ କରାଯାଉଛି। ୟୁଏସ୍‌ଟି ସହିତ ଅନାକାଡେମି ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ସ୍ୱପ୍ନର ଲକ୍ଷ୍ୟ ହାସଲ କରିବା ସହ ଭାରତର ଶ୍ରେଷ୍ଠ ଶିକ୍ଷାବିତ୍ ଏବଂ ସର୍ବୋତ୍ତମ ଶିକ୍ଷାଦାନରୁ ଶିକ୍ଷା କରିବାର ସୁଯୋଗ ଦେବା ପାଇଁ ଲକ୍ଷ୍ୟ ରଖିଛି। ଯେଉଁ ଶ୍ରେଷ୍ଠ ପ୍ରଦର୍ଶନକାରୀମାନେ ସ୍ପେଶାଲ ର୍‍ୟାଙ୍କ୍ ଗ୍ରୁପ୍‌ରେ ପ୍ରବେଶ କରିବେ। ସେମାନେ ଅନାକାଡେମି ପ୍ଲାଟ୍‌ଫର୍ମ ଏବଂ ଅନାକାଡେମି କେନ୍ଦ୍ରରେ ୧୦୦% ପର୍ଯ୍ୟନ୍ତ ଛାତ୍ରବୃତ୍ତି ସୁରକ୍ଷିତ କରିବାରେ ସକ୍ଷମ ହୋଇପାରିବେ। ସେହିପରି ୟୁଏସ୍‌ଟି ସମସ୍ତ ଯୋଗ୍ୟ ଶିକ୍ଷାର୍ଥୀମାନଙ୍କ ପାଇଁ ୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଛାତ୍ରବୃତ୍ତି ଏବଂ ପୁରସ୍କାର ପ୍ରଦାନ କରୁଛି, ଯାହା ସେମାନଙ୍କୁ ସେମାନଙ୍କର ଶିକ୍ଷାଗତ ଯାତ୍ରାକୁ ପୂର୍ଣ୍ଣ କରିବାରେ ସାହାଯ୍ୟ କରିବ। ଉଲ୍ଲେଖଯୋଗ୍ୟ, ଉକ୍ତ ଛାତ୍ରବୃତ୍ତି ପରୀକ୍ଷା ଆଇଆଇଟି-ଜେଇଇ, ନିଟ୍-ୟୁଜି ଏବଂ ଫାଉଣ୍ଡେଶନ (କ୍ଲାସ୍ ୮ରୁ ୧୨) କ୍ଲାସ୍ ଆଶାୟୀଙ୍କ ପାଇଁ ଖୋଲା ରହିବ।

**ଫୁରସତ୍**



# ୧୦ କୋଟିର କାର୍ କିଣିଲେ ଶାହରୁଖ

**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନଙ୍କ ଫିଲ୍ମ 'ପଠାନ' ବକ୍ସ ଅଫିସରେ ଧମାକାଦାର ଆୟ କରି ସମସ୍ତ ରେକର୍ଡ ଭାଙ୍ଗିଛି, ଯାହାକୁ ନେଇ ସବୁଆଡେ ଚର୍ଚ୍ଚା ଲାଗିରହିଛି। ଏହା ମଧ୍ୟରେ ଶାହରୁଖ ଏକ ନୂଆ କାର୍ କିଣିଥିବା ନେଇ ଚର୍ଚ୍ଚା ହେଉଛି। ନିକଟରେ ଶାହରୁଖଙ୍କୁ ମହଙ୍ଗା କାର୍ ରୋଲ୍ସ-ରୋଏସ କୁଲିନାନ ବ୍ଲାକ ବ୍ୟାଜ ସହିତ ଦେଖିବାକୁ ମିଳିଥିଲା, ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ଅନୁଯାୟୀ, ଶାହରୁଖଙ୍କ ଏହି କାର୍ ବର୍ତ୍ତମାନ ଭାରତରେ ବିକ୍ରି ହେଉଥିବା ସବୁଠାରୁ ମହଙ୍ଗା ଏସ୍‌ୟୁଭି, ଯାହାର ମୂଲ୍ୟ ୧୦ କୋଟିରୁ ଉର୍ଦ୍ଧ୍ୱ ବୋଲି ଜଣାପଡିଛି। ଭାଇରାଲ ଭିଡିଓରେ ଶାହାରୁଖ ଏକ ଧଳା ରଙ୍ଗର ନୂଆ କାର୍‌ରେ ମନତ୍ ଭିତରକୁ ଯାଉଥିବା ନଜର ଆସିଛନ୍ତି। ରିପୋର୍ଟ ମୁତାବକ, ବିଶ୍ୱର ୮ ଜଣ ଧନୀ ଅଭିନେତାଙ୍କ ମଧ୍ୟରେ ଶାହରୁଖ ୪ର୍ଥ ସ୍ଥାନରେ ରହିଛନ୍ତି। ତାଙ୍କ ଉପରେ ଅଛନ୍ତି ଟମ୍ କ୍ରୁଇସି, ଜ୍ୟାକି ଚାନ୍ଦ ଏବଂ ଜିଓର୍ଜ କ୍ଲୋନି। ତେବେ ଶାହରୁଖ ଆଗାମୀ ଫିଲ୍ମ ଅଟଲି କୁମାରଙ୍କ 'ଜୱାନ୍'ରେ ନୟନତାରା ଏବଂ ବିଜୟ ସେଥୁପଥିଙ୍କ ସହ ନଜରକୁ ଆସିବେ, ଯାହା ଆସନ୍ତା ୨ ଜୁନ୍‌ରେ ରିଲିଜ୍ ହେବାର ଅଛି। ଏଥିସହ ସେ ରାଜକୁମାର ହିରାନିଙ୍କ ନିର୍ଦ୍ଦେଶିତ ଫିଲ୍ମ 'ଡୁନ୍‌କି'ରେ ତାପସୀ ପନ୍ନୁଙ୍କ ସହ ଏକାଠି ନଜର ଆସିବେ।

# ୫୨୭ ଦିନରେ ୧୪ ଦେଶ ଭ୍ରମଣ

**ୱାଶିଂଟନ**

ନିକଟରେ ଜଣେ ୧୯ ବର୍ଷୀୟ ଯୁବକ ସାଇକେଲରେ ୧୪ଟି ଦେଶ ଭ୍ରମଣ କରିଛନ୍ତି। ତାଙ୍କୁ ୩୨ ହଜାର କିମିରୁ ଅଧିକ ଦୂରତା ଅତିକ୍ରମ କରିବାକୁ ୫୨୭ ଦିନ ସମୟ ଲାଗିଛି। ଆମେରିକାର କାଲିଫର୍ନିଆ ବାସିନ୍ଦା ଲିଆମ୍ ଗାର୍ନରଙ୍କ ହାଇସ୍କୁଲ ପାଠ ସରିବା ପରେ ସେ ଦେଶ ଭ୍ରମଣରେ ବାହାରି ପଡିଥିଲେ। ସେ ୨୦୨୧ ଅଗଷ୍ଟ ୧ରୁ ତାଙ୍କର ଯାତ୍ରା ଆମେରିକାର ଆଲାସ୍କାରୁ ଆରମ୍ଭ କରିଥିଲେ। ଲିଆମ୍‌ଙ୍କ କହିବା ମୁକତାବକ, ସେ ଯେଡିଡିୟା ଜେନିକିନ୍ସଙ୍କ ଏକ ପୁସ୍ତକ ପଡିଥିଲେ। ସେଥିରେ ସେ ଆର୍ଗନରୁ ବାହାରି ଆର୍ଜେଣ୍ଟିନା ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ଯାହା ଲିଆମ୍‌ଙ୍କୁ ପ୍ରଭାବିତ କରିଥିଲା। ସେଥିରୁ ସେ ତାଙ୍କ ଆଡ୍‌ଭେଞ୍ଚରର ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ତାଙ୍କର ଏହି ଯାତ୍ରା ପାଇଁ ବିଶେଷ ଯୋଜନା କରି ନ ଥିଲେ। କେବଳ ତାଙ୍କ ସହ ଟେଣ୍ଟ, ସ୍ଲିପିଂ ବ୍ୟାଗ୍, ପୋର୍ଟେବଲ ବ୍ୟାଟେରି, ମେଡିକାଲ କିଟ୍, ପାଣି ବୋତଲ ଆଦି ନେଇ ଯାତ୍ରା ଆରମ୍ଭ କରିଥିଲେ। ତାଙ୍କ ସାଇକେଲ ଯାତ୍ରାରେ ସେ ମେକ୍ସିକୋ, ଗ୍ୱାଟେମାଲା, ନିକାରାଗୁଆ, କଲମ୍ବିଆ, ପେରୁ, ଚିଲି, ଆର୍ଜେଣ୍ଟିନା ସମେତ ୧୪ଟି ଦେଶ ଭ୍ରମଣ କରିଛନ୍ତି। ତାଙ୍କର ଏହି ଯାତ୍ରା ସମୟରେ ସେ ୫ ଥର ପାଇଁ ଲୁଟପାଟ୍‌ର ଶିକାର ହେବାକୁ ପଡିଛି। ସେଥିପାଇଁ ତାଙ୍କୁ ଥରେ ହସ୍ପିଟାଲରେ ମଧ୍ୟ ଭର୍ତ୍ତି ହେବାକୁ ପଡିଥିଲା । ହସ୍ପିଟାଲରେ ଏକ ମାସ ବିତାଇବା ପରେ ତାଙ୍କର ସର୍ଜରି ମଧ୍ୟ ହୋଇଥିଲା।




# ଶୁଆ ଖୋଜି ଆଣିଲେ ମିଳିବ ୧ ହଜାର

**ଭୋପାଳ**

ଅନେକ ଲୋକ ଘରେ ଗୃହପାଳିତ ପ୍ରାଣୀ ରଖିବାକୁ ବହୁତ ଭଲ ପାଆନ୍ତି। ସେମାନଙ୍କୁ ଅନେକ ଭଲ ପାଇବା ମଧ୍ୟ ଦେଇଥାନ୍ତି। ଏହା ଭିତରେ ଗୃହପାଳିତ ପ୍ରାଣୀଟି ପରିବାରର ଏକ ସଦସ୍ୟ ପାଲଟିଯାଇଥାଏ। ତା'ର ଅନୁପସ୍ଥିତି ପରିବାର ଲୋକଙ୍କୁ ଅନେକ ଦୁଃଖ ଦେଇଥାଏ। ଏପରି ଏକ ଘଟଣା ମଧ୍ୟପ୍ରଦେଶର ଦମୋହ ସହରରେ ଦେଖିବାକୁ ମିଳିଛି। ଗୋଟିଏ ପରିବାର କିଛି ବର୍ଷ ହେବ ଶୁଆ ପାଳିଥିଲେ, ଯାହାର ନାମ ରଖିଥିଲେ ବିଟ୍ଟୁ। ନିକଟରେ ସେହି ଶୁଆ କେଉଁଆଡେ ପଳାଇଯାଇଛି। ସେଥିପାଇଁ ପରିବାର ଲୋକେ ଅତ୍ୟନ୍ତ ଦୁଃଖରେ ଅଛନ୍ତି। ପରିବାରର ସଦସ୍ୟ ନିଜ କାମ ଛାଡି ସବୁ ଘର ଘର ବୁଲି ତାଙ୍କ ଶୁଆକୁ ଖୋଜୁଛନ୍ତି। ମାଇକ ଲଗାଇ ପ୍ରଚାର କରିବା ସହ ଶୁଆ ହଜିଯାଇଥିବା ପୋଷ୍ଟର କାନ୍ଥରେ ଲଗାଇବା ସହ ଘର ଘର ବୁଲି ବାଣ୍ଟୁଥିବା ଦେଖିବାକୁ ମିଳିଛି। ସେହି ପୋଷ୍ଟରରେ ଶୁଆକୁ ଯିଏ ଆଣି ଫେରାଇବେ ତାଙ୍କ ପାଇଁ ୧ହଜାର ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା ହୋଇଛି। ଏହି ଘଟଣାରୁ ଲୋକଙ୍କ ପଶୁପକ୍ଷୀଙ୍କ ପ୍ରତି ଥିବା ଭଲପାଇବା ଦେଖିବାକୁ ମିଳୁଛି।




# ସୁଟ୍‌ବୁଟ୍‌ରେ ପର୍ବତାରୋହଣ

**ଟୋକିଓ:** ଏକ ଲୋକକଥା ଅଛି, ଯେପରି ଦେଶ ସେପରି ବେଶ । ଲୋକ ଯେଉଁଠାର ହୋଇଥିବ ସେ ସେହିପରି ବେଶପୋଷାକ ପରିଧାନ କରୁଥିବ। ତେବେ ଅଫିସରେ ଜଣେ ବ୍ୟକ୍ତି ସୁଟ୍‌ବୁଟ୍‌ରେ ନଜର ଆସିବା ସାଧାରଣ କଥା। ଯଦି ସେ ଅନ୍ୟ କେଉଁଠାରେ ସୁଟ୍‌ବୁଟ୍‌ରେ ନଜର ଆସନ୍ତି, ତେବେ ତାହା ବହୁତ ଅଜବ ଲାଗିଥାଏ। ନିକଟରେ ଏପରି ଜଣେ ବ୍ୟକ୍ତି ସୁଟ୍‌ବୁଟ୍‌ରେ ପାହାଡ଼ ଉପରେ ନଜର ଆସିଛନ୍ତି, ଯାହାକି ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ଜାପାନର ପ୍ରସିଦ୍ଧ ଦରଜି ଏବଂ ଆଡ୍‌ଭେଞ୍ଚର ନୋବୁଟାକା ସାଦା ବେଶ୍ ଚର୍ଚ୍ଚାରେ ରହିଛନ୍ତି। ସାଧାରଣତଃ ଲୋକେ ପର୍ବତାରୋହଣ ସମୟରେ ବିଭିନ୍ନ ପ୍ରକାର ଜରୁରୀ ସାମଗ୍ରୀ ସହ କାନ୍ଧରେ ବ୍ୟାଗ ଏବଂ ଷ୍ଟିକ୍ ନେଇ ଚଢ଼ିଥାନ୍ତି। ହେଲେ ନୋବୁଟାକା କେବଳ ସୁଟ୍‌ବୁଟ୍ ପିନ୍ଧି ପର୍ବତାରୋହଣ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ମାଲେସିଆର ସବୁଠାରୁ ଉଚ୍ଚ ଶିଖର ମାଉଣ୍ଟ କିନାବାଲୁର ଉଚ୍ଚତା ୪ ହଜାର ୯୫ ମିଟର। ସେ ସୁଟ୍‌ବୁଟ୍‌ରେ କିନାବାଲୁ ଚଢିଛନ୍ତି। ତାଙ୍କର ଏପରି କରିବା ପଛରେ ତାଙ୍କ ବିଜ୍‌ନେସକୁ ପ୍ରମୋଟ କରିବା ସହ ସେ ଜଣେ ଭଲ ଦରଜି ଏବଂ ଭଲ ସୁଟ୍ ତିଆରି କରନ୍ତି ବୋଲି ପ୍ରମାଣିତ କରିଥିବା ସେ କହିଛନ୍ତି। ଏହା ତାଙ୍କର ପ୍ରଥମ ସୁଟ୍‌ବୁଟ୍ ଭ୍ରମଣ ନୁହେଁ। ଏହା ପୂର୍ବରୁ ସେ ୨୯୦୦ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଡ ସିରୋଉମାରେ ମଧ୍ୟ ଚଢିବା ସହ ଟୋକିଓ ମାରାଥନ୍‌ରେ ମଧ୍ୟ ଭାଗ ନେଇଥିଲେ। ସେଥିରେ ମଧ୍ୟ ସେ ସୁଟ୍‌ବୁଟ୍‌ରେ ହିଁ ନଜର ଆସିଥିଲେ।



# ଅଟେଇ ସଂରକ୍ଷିତ ଜଙ୍ଗଲରୁ ଧରାପଡ଼ିଲେ ୯ ଶିକାରୀ



ଧରାପଡ଼ିଥିବା ଶିକାରୀମାନେ।

## ଧନୁ, ତୀର ଓ ଫାଶ ଜବତ

ପାଟଣା,୨୮।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଧୀନ ଅଟେଇ ସଂରକ୍ଷିତ ଜଙ୍ଗଲରେ ବାଘର ଗତିପଥ ଉପରେ ନଜର ରଖିବା ପାଇଁ ବନ ବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ୯ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି। ବଣ ମହୁଲଡିହା, ରୋହିଣୀ ଦୁମା ଓ ଘାଟବାଲି ଯୋଡ଼ି ଅଞ୍ଚଳରୁ ଏହି ଶିକାରୀମାନେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ୬ ଧନୁ, ବିପୁଳ ପରିମାଣର ତୀର ଓ ଏକ ଫାଶ ଜବତ ହୋଇଥିବା ରେଞ୍ଜର ଘସିରାମ ପାତ୍ର କହିଛନ୍ତି। ସେମାନଙ୍କ ମଧ୍ୟରେ ୩ ନାବାଳକ ଅନ୍ତର୍ଭୁକ୍ତ ଥିବା ସୂଚନା ମିଳିଛି। ଧରାପଡ଼ିଥିବା ଶିକାରୀମାନେ ହେଲେ ବଣ ମହୁଲଡିହା ଗ୍ରାମର ପ୍ରଭାକର ମୁଣ୍ଡା(୪୫), କୈଳାସ ମାଝୀ(୫୮), ଲୁନା ମାଝୀ (୪୫), ଗଣେଶ ମାଝୀ(୨୮), ପିଛୁଲାବେଡାର ଜଗ ମୋହନ ମୁଣ୍ଡା(୫୫) ଓ ସାହାରପଡ଼ା ସେକ୍ସନ ବନବୀର ଗ୍ରାମର ବୁଦ୍ଧିଆ ମୁଣ୍ଡା(୩୦)। ୩ ନାବାଳକଙ୍କୁ ଅଟକ ରଖାଯାଇଛି। ଏହି ଚଢ଼ାଉରେ ରେଞ୍ଜର ପାତ୍ର, ବନପାଳ ଚିତ୍ତରଞ୍ଜନ ପରିଡ଼ା, ଗାର୍ଡ ଦେବଜାନୀ ମହାନ୍ତ ଓ ପାରା ସ୍କ୍ୱାଡ୍ ସାମିଲ ହୋଇଥିଲେ। ହରିଣ, ବାରହା ଓ କୁଟୁରା ଭଳି ବନ୍ୟଜନ୍ତୁ ରହିଥିବାରୁ ଏହି ଜଙ୍ଗଲ ଉପରେ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। ଏନେଇ ପରିବେଶବିତ୍ ଓ ପ୍ରାଣୀପ୍ରେମୀମାନେ ଚିନ୍ତା ପ୍ରକଟ କରିଛନ୍ତି। ଉକ୍ତ ଅଞ୍ଚଳରେ ବନ ବିଭାଗ ପାଲା ମାଧ୍ୟମରେ ସୋମବାର ସଚେତନତା କାର୍ଯ୍ୟକ୍ରମ କରିଥିବା ବେଳେ ମଙ୍ଗଳବାର ଶିକାରୀମାନେ ଅସ୍ତ୍ରଶସ୍ତ୍ର ନେଇ ଜଙ୍ଗଲରେ ପଶିବା ଆଶ୍ଚର୍ଯ୍ୟଚକିତ କରିଛି।

# ୨ଦିନିଆ ମାଲକାନଗିରି ଗସ୍ତରେ ୫-ଟି ସଚିବ

ମାଲକାନଗିରି/ମାଥିଲି/ ଚିତ୍ରକୋଣ୍ଡା/ଖଇରପୁଟ, ୨୮।୩ (ଡି.ଏନ୍.ଏ.)

- ବିଭିନ୍ନ କାର୍ଯ୍ୟର ସମୀକ୍ଷାକଲେ, ଜନସାଧାରଣଙ୍କ ସମସ୍ୟା ବୁଝିଲେ
- ବଣ୍ଡା ଜନଜାତି ମହିଳାପୁରୁଷଙ୍କ ସହ ଆଲୋଚନା କଲେ
- ହନ୍ତାଳଗୁଡ଼ା ଭ୍ୟୁ-ପଏଣ୍ଟ ପରିଦର୍ଶନ କଲେ
- ସମସ୍ୟା ସମାଧାନ ନେଇ ଦେଲେ ପ୍ରତିଶ୍ରୁତି



ହନ୍ତାଳଗୁଡାରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଅଭିଯୋଗପତ୍ର ଗ୍ରହଣ କରି ଲୋକଙ୍କ ସହ ଆଲୋଚନା କରୁଛନ୍ତି।

୫-ଟି ସଚିବ ଭି. କାର୍ତ୍ତିକେୟ ପାଣ୍ଡିଆନ ମଙ୍ଗଳବାର ୨ଦୁଇଦିନିଆ ମାଲକାନଗିରି ଜିଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଜନସାଧାରଣଙ୍କୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ୫-ଟି ସଚିବଙ୍କ ସହ ଉନ୍ନୟନ କମିଶନର ଅନୁ ଗର୍ଗ, ସଚିବ ଆର୍. ଭିନିଲ କ୍ରିଷ୍ଣା ପ୍ରମୁଖ ମଧ୍ୟାହ୍ନ ୧ଟାରେ ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ମାଥିଲିଠାରେ ପହଞ୍ଚିଥିଲେ। ସେଠାରେ ବିଭିନ୍ନ ସଙ୍ଗଠନ ଏବଂ ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଲୋଚନାକରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ମାଥିଲି, ଖଇରପୁଟ ଓ କୁଡୁମୁଲୁଗୁମ୍ମା ଅଞ୍ଚଳ ପାଇଁ ହେଉଥିବା ମେଗା ଜଳସେଚନ ପ୍ରକଳ୍ପ କାମ ଖୁବ୍ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ସେ ମାଥିଲିସ୍ଥିତ ଶିବସାଗର ପରିଦର୍ଶନକରି ତାର ଉନ୍ନତୀକରଣ ଲାଗି ପ୍ରଶାସନିକ ଅଧିକାରୀମାନେ ଗୁରୁତ୍ୱ ଦେବାକୁ କହିଥିଲେ। ପରେ ଖଇରପୁଟ ବ୍ଲକ ବଣ୍ଡାଘାଟିର ସୀତାକୁଣ୍ଡ ପର୍ଯ୍ୟଟନ ସ୍ଥଳୀ ପରିଦର୍ଶନ କରିଥିଲେ। ଏହି ପର୍ଯ୍ୟଟନ ସ୍ଥଳୀର ଉନ୍ନତି ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବଣ୍ଡା ଜନଜାତି ମହିଳାପୁରୁଷଙ୍କର ବିଭିନ୍ନ ସମସ୍ୟା ବୁଝିଥିଲେ। ଅପରାହ୍ନରେ ପାଣ୍ଡିଆନ ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ହନ୍ତାଳଗୁଡ଼ା ଗ୍ରାମକୁ ଯାଇଥିଲେ। ସେଠାରେ ଥିବା ଭ୍ୟୁ ପଏଣ୍ଟ ପରିଦର୍ଶନକରି ଅଞ୍ଚଳର ଜନସାଧାରଣଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଭ୍ୟୁ ପଏଣ୍ଟକୁ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା, ଏହାର ଉନ୍ନତୀକରଣ ସମ୍ପର୍କରେ ଆଲୋଚନା କରିଥିଲେ। ସନ୍ଧ୍ୟାରେ ପାଣ୍ଡିଆନ ବଡ଼ପଡ଼ାରେ ପହଞ୍ଚି ସେଠାରେ ଲୋକମାନଙ୍କ ସହ ଆଲୋଚନା କରି ସେମାନଙ୍କ କ'ଣ ସମସ୍ୟା ରହିଛି ପଚାରି ବୁଝିଥିଲେ। ସମସ୍ୟାର ତୁରନ୍ତ ସମାଧାନ ହେବ ବୋଲି ସେ ସମ୍ବନ୍ଧରେ ପ୍ରତିଶ୍ରୁତି ଦେଇଥିଲେ। ରାତିରେ ୫-ଟି ସଚିବ ପାଣ୍ଡିଆନ ବଡପଡାସ୍ଥିତ ଏସ୍‌ସିଏସ୍‌ଟି ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ସହ ବସି ରାତ୍ର ଭୋଜନ କରିଥିଲେ। ମଙ୍ଗଳବାର ରାତିରେ ସେ ବଡ଼ପଡ଼ା ବିଏସ୍ଏଫ୍ କ୍ୟାମ୍ପରେ ରହି ବୁଧବାର କାଳିମେଳା ଓ ମାଲକାନଗିରି ବ୍ଲକର ବିଭିନ୍ନ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ୫-ଟି ସଚିବଙ୍କ ସହ ମାଲକାନଗିରି ଜିଲାପାଳ ବିଶାଳ ସିଂ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ରତ୍ନାକର ସାହୁ, ମାଥିଲି, ଖଇରପୁଟ, ଚିତ୍ରକୋଣ୍ଡା ବିଡିଓ, ତହସିଲଦାରଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଦାୟିତ୍ୱ ଗ୍ରହଣକଲେ ନିକୁଞ୍ଜ

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

ନିକୁଞ୍ଜ ବିହାରୀ ଧଳ ନୂତନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ରହି ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ୱାଗତ କରିଛନ୍ତି। ଧଳ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ, ଶକ୍ତି, ଅବକାରୀ, ଓସ୍‌ଡମା ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ରହି ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିସାରିଛନ୍ତି। ସେହିପରି ବିଦାୟୀ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନିଙ୍କୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଲୋହାନି ଅପରାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀ ପଦବୀରୁ ଭାରମୁକ୍ତ ହୋଇଛନ୍ତି। ତାଙ୍କର କାର୍ଯ୍ୟକାଳ ମଧ୍ୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ଲୋହାନି ୭ଟି ବିଧାନସଭାର ଉପନିର୍ବାଚନ ସୁରୁଖୁରୁରେ ପରିଚାଳନା କରିଛନ୍ତି। ନିର୍ବାଚନ କାର୍ଯ୍ୟରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।


**PANCHAYAT SAMITI, SUBDEGA**
(Panchayatiraj & Drinking Water Deptt., Govt. of Odisha)
e-mail id: ori-subdega@nic.in, PIN - 770014
No. 612 Date: 27.03.2023

**TENDER CALL NOTICE**

No. i-548: Sealed tenders are invited from the interested bidder for the Civil work under BDO, Subdega of Sundargarh district. The details of works, eligibility, estimated cost and cost of tender paper has been uploaded in the district website **www.sundergarh.nic.in**. The bidder should be C & B Class contractor. They have to submit the bid document to the undersign in the address of Office of the B.D.O., Subdega, At/P.O.: Subdega, PIN - 770014, Dist.: Sundargarh (Odisha) through Registered Post/Speed Post only on or before 13.04.2023, 1.30 P.M. The sale of tender paper will be from dated 28.03.2023 to dated 11.04.2023 in the district website **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 15.04.2023 at 10.00 A.M. in the Office of the undersigned in the presence of the bidders or his/her representatives.

Sd./- Block Development Officer, Subdega
OIPR-19344/11/0001/2223



**OFFICE OF SUPERINTENDING ENGINEER MINOR IRRIGATION DIVISION, CUTTACK**
Letter No. 872 / Dt. 20.03.2023
GOVERNMENT OF ODISHA e-Procurement Notice
Bid Identification No. online SECMID-15/2022-23
No.A-1313: eemidcuttack@yahoo.co.in

1. Name of work : Construction of Check Dams in MI Sub-Division, Cuttack
2. Total Number of work : 2 (Two) Nos.
3. Estimated cost : Varies from Rs. 34.51 to 44.38 lakhs
4. Tender paper Cost (Online) : Varies from Rs.6,000/-
5. Bid Security (Online) : As per DTCN
6. Period of Completion : As per DTCN
7. Availability of Bid Document: From 29.03.2023, 10.00 AM to 15.04.2023, 5.00 PM in website (www.tendersorissa.gov.in)
8. Last date & Time of receipt : 15.04.2023 _at 5.00 PM through online Bid through online
9. Date of opening of Bid documents : 17.04.2023_at 11.00 A.M in the office of the SE, M.I. Division, Cuttack.
10. Date of Lottery, if required : 26.04.2023 at 11.00AM in the office of the SE, M.I. Division, Cuttack
11 .Name and address of the OIT: Superintending Engineer, M.I. Division, Cuttack. P.O:- Nayabazar, Cuttack. Phone:-0671-2443622 PINCODE :- 753004

Further details can be seen from the Government of Odisha Website www.tendersorissa.gov.in.

OIPR-32121/11/0015/2223
Sd./- Superintending Engineer M.I. Division, Cuttack



**OFFICE OF THE VYASANAGAR MUNICIPALITY, VYASANAGAR**
Jajpur Road, Jajpur-755019
E-mail:vyasanagarmunicipality@gmail.com
Bid Identification No.05/VNM/2022-23
No.964/ Dt.24.03.2023

**No.C-2758:Executive Officer, Vyasanagar Municipality, Jajpur** on behalf of Governor of Odisha invites Percentage bids in Single cover system for the works details in the table from class of contractors mentioned in Col.7 below registered with the State Government and contractors of equivalent grade/class registered with Central Government/ MES/Railway/Municipal Contractors to be eventually drawn up in form for execution of civil works, on production of definite proof from the appropriate authority. But successful bidder other than State/MES/ Railways/CPWD in equivalent rank has to register under the State PWD before signing the agreement.

1. Name of the Work : Civil Works
2. No. of Works : 105 Nos.
3. Estimated Cost : As per Annexure-I
4. Period of Completion : As per Annexure-I
5. Date & Time of Bidding : From 10.00 AM of 28.03.2023 to 5.00 PM of 12.04.2023
6. Last date & Time for receipt of bids in the portal : 12.04.2023 up to 5.00 PM
7. Bids received online shall be opened on : 13.04.2023 at 11.00 AM onwards

Further details can be seen from the procurement portal i.e. https://tendersodisha.gov.in/nicgep/app.

Sd./- Executive Officer, Vyasanagar Municipality
OIPR-13092/11/0027/2223



**Bhubaneswar Municipal Corporation**
*Progress through Partnership for better Bhubaneswar*
XXXVI-333/2022/98
RFP No. 13647 Date: 22.03.2023

**RFP for "Selection of an Agency for Supply of 03 (Three) Nos. of Funeral Vehicle to Bhubaneswar Municipal Corporation (BMC)"**

No. C-: Bhubaneswar Municipal Corporation (BMC) invites sealed proposal from intending agencies having the requisite qualification as per terms stipulated in the detailed RFP document for undertaking the work of supplying 03 Nos. of Funeral Vehicle to Bhubaneswar Municipal Corporation (BMC). The detailed RFP document shall be made available on the website **bmc.gov.in** from 22.03.2023 at 12.00 Noon onwards. The pre-bid meeting is scheduled to be held on Dt.31.03.2023 at 4.00 P.M. in the Conference Hall located on 4th Floor of new BMC building. The last date of receipt of proposals is till 5.00 P.M. on 11.04.2023. For any clarification, an e-mail may be sent on **bmcpmu@bmc.gov.in**.

By Order
Sd./- Deputy Commissioner, Revenue
Bhubaneswar Municipal Corporation
OIPR-13002/11/0258/2223



**GOVERNMENT OF ODISHA** No.O-2008
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNABEDA**
e-mail: serwsbd2003@yahoo.com

**e-Procurement Notice for Bridge Work**

1. Name of the work : Construction of birdges as per Annexure (6 Nos)
2. Class of contractor : "B", "A" & Special Class contractor of (Odisha PWD) or relevant class of other licencing authority.
3. Estimated Cost : **Varies from Rs.204.62 Lakhs to Rs.877.42 Lakhs (Approximately)**
4. Detail projects as per Annexure attached:

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, R.W. Circle, Sunabeda | CCERWCSBD-Online-53/ 2022-23 | 03.04.2023 at 11.00 A.M. | 24.04.2023 up to 5.30 P.M. | 21.04.2023 Up to 2.00 P.M. | 25.04.2023 at 11.00 A.M. | To be intimated separately |

5. The details of works can be seen from the website **https://www.tendersodisha.gov.in**
6. Any Corrigendum/Addendum will be displayed in the above e-tender websites.

OIPR-25182/11/0067/2223 Sd./- Chief Construction Engineer, Rural Works Circle, Sunabeda



**THE ODISHA STATE POLICE HOUSING & WELFARE CORPORATION LTD.**
(A Government of Odisha Undertaking)
JANAPATH, BHOINAGAR,BHUBANESWAR-22
Ph:0674-2541545, 2542921, Fax:0674-2541543
E-mail:ophwc.od@nic.in, Website:www.ophwc.nic.in
No.CAD-5287: e-procurement notice No.60/OPHWC/2022-23

**INVITATION FOR BIDS (IFB)**

The Chief Engineer (OSPH&WC), Odisha, Bhubaneswar invites Percentage rate bid in Single Cover System in ONLINE MODE only for the works as detailed below.

| Sl No. | Name of the work | Approx. estimated Cost | EMD (to be paid online) | Class of Contractor |
|---|---|---|---|---|
| 1 | Construction of 30 Nos. Day Latrine with Bathing Platform in Male Block at Dist. Jail Bolangir | Rs.49,52,184.00 | Rs. 49,500.00 | B class |
| 2 | Cluster of 1. Construction of 1 No.E type Qtr. 2. Construction of Boundary Wall and 3.Construction of Approach Road at Banapur F.S, Khurda | Rs.45,65,046.00 | Rs. 45,700.00 | B class |
| 3 | Construction of Approach Road & other alienated work at MCP Bhoipalli, Sundargarh | Rs.44,87,141.00 | Rs. 44,900.00 | B class |
| 4 | Cluster of 1. Construction of 1 No.E type Qtr. and 2.Construction of Boundary Wall at Koira F.S, Sundargarh | Rs.44,68,924.00 | Rs. 44,700.00 | B class |
| 5 | Cluster of 1. Construction of 1 No.E type Qtr. and 2.Construction of Boundary Wall at Bheden F.S, Bargarh | Rs.43,40,156.00 | Rs. 43,400.00 | B class |
| 6 | Cluster of 1. Construction of 1 No.E type Qtr., 2. Construction of Boundary Wall and 3. Construction of Approach Road at Oupada F.S, Balasore | Rs.42,18,393.00 | Rs. 42,200.00 | B class |
| 7 | Cluster of 1. Construction of 1 No.E type Qtr. and 2. Construction of Boundary Wall at Paikamal F.S, Bargarh | Rs.37,47,604.00 | Rs. 37,500.00 | C class & B class |
| 8 | Cluster of 1. Construction of 1 No.E type Qtr. and 2.Construction of Approach Road at Jamankira F.S, Sambalpur | Rs.31,09,698.00 | Rs. 31,100.00 | C class & B class |
| 9 | Construction of 1 No.E type Qtr. at Harichandanpur F.S, Keonjhar | Rs.29,82,144.00 | Rs. 29,800.00 | C class & B class |
| 10 | Construction of 1 No.E type Qtr. at Laxmipur F.S, Koraput | Rs.29,68,340.00 | Rs. 29,700.00 | C class & B class |
| 11 | Construction of 1 No.E type Qtr. at Bijepur F.S, Bargarh | Rs.29,47,537.00 | Rs. 29,500.00 | C class & B class |
| 12 | Construction of 1 No.E type Qtr. at Maneswar F.S, Sambalpur | Rs.28,72,384.00 | Rs. 28,700.00 | C class & B class |
| 13 | Cluster of 1. Construction of 1 No.E type Qtr. and 2. Construction of Approach Road at Bangomunda F.S, Bolangir | Rs.26,03,806.00 | Rs. 26,000.00 | C class & B class |
| 14 | Construction of 1 No.E type Qtr. at Dabugaon F.S, Nowrangpur | Rs.25,97,386.00 | Rs. 26,000.00 | C class & B class |
| 15 | Construction of 1 No.E type Qtr. at Baitarani F.S, Jajpur | Rs.25,83,988.00 | Rs. 25,800.00 | C class & B class |
| 16 | Construction of 1 No.E type Qtr. at Sanakhemundi F.S, Ganjam | Rs.25,59,967.00 | Rs. 25,600.00 | C class & B class |
| 17 | Construction of 1 No.E type Qtr. at Lamptaput F.S, Koraput | Rs.25,43,153.00 | Rs. 25,400.00 | C class & B class |
| 18 | Construction of 1 No.E type Qtr. at Jharabandha F.S, Bargarh | Rs.25,30,383.00 | Rs. 25,300.00 | C class & B class |
| 19 | Construction of 1 No.E type Qtr. at Papadahandi F.S, Nowrangpur | Rs.25,15,442.00 | Rs. 25,200.00 | C class & B class |
| 20 | Construction of 1 No.E type Qtr. at Chandahandi F.S, Nowrangpur | Rs.25,08,398.00 | Rs. 25,100.00 | C class & B class |
| 21 | Cluster of 1. Construction of Boundary Wall and 3. Construction of Approach Road at Tiringi F.S, Mayurbhanj | Rs.24,50,049.00 | Rs.24,500.00 | C class & B class |
| 22 | Construction of 1 No.E type Qtr. at Kosagumuda F.S, Nowrangpur | Rs.24,25,083.00 | Rs.24,300.00 | C class & B class |
| 23 | Construction of Boundary Wall at Gaisilet F.S, Bargarh | Rs.24,12,197.00 | Rs.24,100.00 | C class & B class |
| 24 | Cluster of 1 Construction of Boundary Wall and 2. Construction of Approach Road at Baliguda F.S, Kandhamal | Rs.23,30,689.00 | Rs.23,300.00 | C class & B class |
| 25 | Construction of 1 No.E type Qtr. at Kabisuryanagar F.S, Ganjam | Rs.23,17,841.00 | Rs. 23,200.00 | C class & B class |
| 26 | Construction of 1 No.E type Qtr. at Danagadi F.S, Jajpur | Rs.23,15,842.00 | Rs.23,200.00 | C class & B class |
| 27 | Construction of 1 No.E type Qtr. at Balipatna F.S, Khurda | Rs.23,09,403.00 | Rs.23,100.00 | C class & B class |
| 28 | Construction of 1 No.E type Qtr. at Mathili F.S, Malkangiri | Rs.22,59,461.00 | Rs.22,600.00 | C class & B class |
| 29 | Construction of 1 No.E type Qtr. at Basudevpur F.S, Bhadrak | Rs.21,87,799.00 | Rs 21,900.00 | C class & B class |
| 30 | Construction of 1 No.E type Qtr. at Semiliguda F.S, Koraput | Rs.21,11,539.00 | Rs. 21,100.00 | C class & B class |
| 31 | Construction of 1 No.E type Qtr. at Sarangagada F.S, Kandhamal | Rs. 20,37,648.00 | Rs. 20,400.00 | C class & B class |
| 32 | Construction of 1 No.E type Qtr. at Aharpada F.S, Keonjhar | Rs.20,00,313.00 | Rs.20,000.00 | C class & B class |
| 33 | Construction of 1 No.E type Qtr. at Telkoi F.S, Keonjhar | Rs.19,32,288.00 | Rs.19,300.00 | D class & C |
| 34 | Construction of Boundary Wall at Ersama F.S, Jagatsinghpur | Rs.18,37,931.00 | Rs.18,400.00 | D class & C class |
| 35 | Cost of Bid document | Rs. 7,080.00 | (To be paid online) | |
| 36 | Availability of Bid Documents in the website | Dt.28/03/2023 to Dt. 06/04/2023 up to 5.00 P.M | | |
| 37 | Last date /time of Receipt of Bids in the Portal | Dt.06/04/2023 up to 5.00 P.M | | |
| 38 | Date of Opening Bid | Dt.10/04/2023 at 11.00 A.M | | |
| 39 | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website. | | | |

Sd./- Chief Engineer (OSPH@WC)
N.B:- The quoted rate should be all inclusive but excluding G.S.T. as applicable under works contract.
OIPR-12118/11/0045/2223



**BHUBANESWAR MUNICIPAL CORPORATION**
E-PROCUREMENT NOTICE
No.C-2762 E-mail id: ee2@bmc.gov.in.

1. Bid reference No. : BMC-EED-III-03/2022-23, Dt.....
2. Tender Call Notice No. : No.14109, Dt.24.3.23
3. No. of Work : 4 Nos.
4. Bid Value : Rs.23,27,674.00 to Rs.42,32,614.00
5. Period of Completion : 90 to 120 Days

Date and time Schedule

| Start | End | Opening |
|---|---|---|
| 11.00 A.M. of 28.3.2023 | 5 PM of 6.4.2023 | 11.00 A.M. 10.4.2023 |

6. Tender details can be seen for the procurement portal: https://www.tendersodisha.gov.in., BMC website: https://www.bmc.gov.in.

Sd./- Executive Engineer, Div-III
Bhubaneswar Municipal Corporation
OIPR-13002/11/0256/2223



**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୪୬୬୪ IND-II-PH-1144 ତାରିଖ: ୨୪।୦୩।୨୦୨୩

**ବିଜ୍ଞାପନ**

No. CAD-5294: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଆନନ୍ଦ ଏକ୍ସପୋର୍ଟସ ଓଡ଼ିଶାର ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ ଅନ୍ତର୍ଗତ ପଙ୍କପାଳ ପୋଷ୍ଟ ଗୋଲଗାଁ, ନିମାପଲ୍ଲୀ ଗ୍ରାମରେସ୍ଥିତ କ୍ରୋମ ଓର ବେନେଫିସିଏସନ ପ୍ରକଳ୍ପର ବାର୍ଷିକ କ୍ଷମତା ୧,୨୦,୦୦୦ଟନ୍‌ରୁ ବାର୍ଷିକ ୨,୦୦,୦୦୦ଟନ୍ (ଥ୍ରୋପୁଟ)କୁ ବୃଦ୍ଧି କରିବା ସହିତ ବାର୍ଷିକ ୧,୬୦,୮୫୦ ଟିପିଏ କ୍ଷମତାବିଶିଷ୍ଟ ବ୍ରିକ୍ୱେଟ ପ୍ରକଳ୍ପ, ଉଚ୍ଚମାନ ଯୁକ୍ତ କାର୍ବନ/ମଧ୍ୟମ ମାନଯୁକ୍ତ କାର୍ବନ/ନିମ୍ନ ମାନଯୁକ୍ତ କାର୍ବନ ଫେରୋକ୍ରୋମ ୧.୪୫ ଏଲଟିପିଏ (ସର୍ବୋଚ୍ଚ) କିମ୍ବା ସିଲିକୋ ମାଙ୍ଗାନିଜ ୧,୩୪,୬୪୦ ଟିପିଏ, ବାର୍ଷିକ ୧,୮୧,୨୫୦ ଟନ କ୍ଷମତାବିଶିଷ୍ଟ ଧାତୁ ପୁନରୁଦ୍ଧାର ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୮।୦୪।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା କଳିଙ୍ଗ ନଗର, ପଙ୍କପାଳ, ଜେସିଡି-ଏନଆଇଏମଜେଡ ନିକଟ ଜେଡିସିଏଲ ପ୍ରାଙ୍ଗଣଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, କଳିଙ୍ଗନଗର, ଯାଜପୁର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗ ନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ
OSPCB-PH-MISC-0026-2023/4/2023
OIPR-08012/11/0447/2223



See Career Appointment on every Wednesday & Saturday



**GOVERNMENT OF ODISHA FOOD SUPPLIES & CONSUMER WELFARE DEPARTMENT**

**ADVERTISEMENT**

No. H-81: In continuation to this Department No. 4301 Dated 4th March 2023 for appointment to the Post of Chairperson in the 'Odisha State Food Commission', the last date for receipt of applications from eligible candidates is extended upto 06.04.2023. Persons, who have applied earlier for Chairperson, need not apply again.

For complete information on qualification, eligibility criteria, application form and other details, the applicants are requested to visit and download the same from the Department's website: **www.foododisha.in** under **'Important Information'** link.

Special Secretary
OIPR-07001/11/0024/2223

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଟିଟୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିଏସ୍‌ଟିକୁ ସମର୍ଥନ କରି ଭୁଲ କରିଛି: ମମତା

**ନୂଆଦିଲ୍ଲୀ,୨୮।୩**

କେନ୍ଦ୍ର ଉପରେ ପୁଣି ବର୍ଷିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। 'ଜିଏସଟିକୁ ସମର୍ଥନ କରି ମୁଁ ବଡ଼ ଭୁଲ କରିଛି' ମଙ୍ଗଳବାର ସିଙ୍ଗୁରଠାରେ ମମତା ଏଭଳି କହିଛନ୍ତି। ରାଜ୍ୟର ଯୋଜନା ପାଇଁ କେନ୍ଦ୍ର ସରକାର ଟଙ୍କା ଦେଉନାହାଁନ୍ତି। କେନ୍ଦ୍ର ସରକାରଙ୍କ ଉପରେ ୭୦୦୦ କୋଟି ଟଙ୍କା ବାକି ରହିଛି। କେନ୍ଦ୍ର ସରକାରଙ୍କ ଏଭଳି କାର୍ଯ୍ୟକୁ ବିରୋଧ କରି ମୁଁ ଆସନ୍ତାକାଲି ମଧ୍ୟାହ୍ନରୁ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ୪୮ ଘଣ୍ଟିଆ ଧାରଣାରେ ବସିବି। କେନ୍ଦ୍ର ସରକାର ୧୦୦ ଦିନ କାମ ଏବଂ ଓବିସିଙ୍କ ପାଇଁ ଟଙ୍କା ବନ୍ଦ କରି ଦେଇଛନ୍ତି। କିନ୍ତୁ ବର୍ତ୍ତମାନ ସଡକ ନିର୍ମାଣ କାର୍ଯ୍ୟ ୧୦୦ ଦିନ ମଧ୍ୟରେ କରାଯିବ। ଏନେଇ ରାଜ୍ୟ ସରକାରଙ୍କ ଚିନ୍ତା


ମମତା ବାନାର୍ଜୀ

ବଢ଼ିବାରେ ଲାଗିଛି ବୋଲି ସେ କ୍ଷୋଭ ପ୍ରକାଶ କରି କହିଛନ୍ତି। ଅପରପକ୍ଷେ ଯଦି କେହି କେନ୍ଦ୍ର ସରକାରଙ୍କ ବିରୋଧ କିଛି କହୁଛନ୍ତି, ତେବେ ତାଙ୍କ ପଛରେ ଇଡି ଏବଂ ସିବିଆଇ ଲଗାଯାଉଛି। ଏଭଳି କାର୍ଯ୍ୟ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ମମତା କହିଛନ୍ତି।

# ରାଜନୀତି ଛାଡ଼ିବା ସଙ୍କେତ ଦେଲେ ଗଡ଼କରୀ

**ନାଗପୁର, ୨୮।୩**

ରାଜନୀତି ପ୍ରତି ଆଗ୍ରହ କମୁଥିବା କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ପୁଣିଥରେ ସଙ୍କେତ ଦେଇଛନ୍ତି। ତାଙ୍କର ଏଭଳି ମନ୍ତବ୍ୟରୁ ଭାଜପା ଶୀର୍ଷ ନେତୃତ୍ୱରେ ସମ୍ଭାବ୍ୟ ଫାଟ ସୃଷ୍ଟି ହୋଇଥିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଏହା ବ୍ୟତୀତ ୨୦୨୪ ସାଧାରଣ ନିର୍ବାଚନ ଲଢ଼ିବା ଲାଗି ତାଙ୍କୁ ଟିକେଟ ଦିଆଯାଇ ନ ପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି।

ରବିବାର ଏକ ପୁରସ୍କାର ବିତରଣ ଉତ୍ସବରେ ଉଦ୍‌ବୋଧନ ଦେଇ ଗଡ଼କରୀ କହିଥିଲେ, ସେ ଦୁଇଥର ନିର୍ବାଚନ ଜିତିଛନ୍ତି। ଯଦି ସେ ଉପଯୁକ୍ତ ବୋଲି ଲୋକେ ଭାବୁଛନ୍ତି, ତେବେ ଭୋଟ ଦିଅନ୍ତୁ। ସୀମା ବାହାରେ କାହାକୁ ଖୁସି କରାଇବାକୁ ସେ ଚାହାନ୍ତି ନାହିଁ ବୋଲି ଗଡ଼କରୀ କହିଥିଲେ। ଯଦି ତାଙ୍କ ସ୍ଥାନରେ ଅନ୍ୟ କେହି ଆସନ୍ତି, ତେବେ ଠିକ୍ ଅଛି। ବିକଳ୍ପ ଇନ୍ଧନ ସହ ତାଙ୍କ ଭେଞ୍ଚର ସମ୍ପୃକ୍ତ ଏବଂ ନିଜ କାମରେ ଅଧିକ ସମୟ ଦେବାକୁ ଚାହାନ୍ତି ବୋଲି ଗଡ଼କରୀ କହିଥିଲେ। ତେବେ ଗଣମାଧ୍ୟମ ଗଡ଼କରୀଙ୍କ ମନ୍ତବ୍ୟର ଭୁଲ୍ ଉପସ୍ଥାପନ କରିଥିବା ତାଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି। ଭୋଟ ପାଇବା ପାଇଁ ତୁଷ୍ଟୀକରଣ ରାଜନୀତିରେ ସାମିଲ ହେବାକୁ ଗଡ଼କରୀ ଚାହାନ୍ତି ନାହିଁ ବୋଲି କହିଥିବା ଅଧିକାରୀ ଜଣକ ସ୍ପଷ୍ଟ କରିଛନ୍ତି। ଗତ ଜାନୁୟାରୀରେ ହାଲ୍‌ବା ଆଦିବାସୀ ମହାସଂଘ ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବାବେଳେ ଯାହାକୁ ପସନ୍ଦ କରୁଛନ୍ତି, ତାଙ୍କୁ ଭୋଟ ଦିଅନ୍ତୁ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ କହିଥିଲେ। ସେହିପରି ଗତବର୍ଷ ଜୁଲାଇରେ ସେ କହିଥିଲେ, ରାଜନୀତି ଛାଡ଼ିଦେବା ଉଚିତ ବୋଲି ବେଳେବେଳେ ଅନୁଭବ କରେ। ସମାଜ ପାଇଁ ଅନେକ କାର୍ଯ୍ୟ କରିବାକୁ ହେବ ବୋଲି ସେ କହିଥିଲେ। ଏହା ପରେ ତାଙ୍କୁ ଭାଜପା ସଂସଦୀୟ ବୋର୍ଡ ଏବଂ କେନ୍ଦ୍ରୀୟ ନିର୍ବାଚନ କମିଟିରୁ ବାଦ୍


ନୀତୀନ ଗଡ଼କରୀ

ଦିଆଯାଇଥିଲା। ସକ୍ରିୟ ରାଜନୀତିରୁ ଗଡ଼କରୀ ଓହରିଯିବା ସମଗ୍ର ମହାରାଷ୍ଟ୍ର ବିଶେଷ କରି ବିଦର୍ଭ ଅଞ୍ଚଳ ପାଇଁ ବଡ଼ କ୍ଷତି ହେବ ବୋଲି ଜଣେ ବରିଷ୍ଠ ଭାଜପା ନେତା କହିଛନ୍ତି। ସେ ଦେଶ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଥିବାବେଳେ ମାତ୍ର ୮ ବର୍ଷ ମଧ୍ୟରେ ନିଜ ନିର୍ବାଚନ ମଣ୍ଡଳୀ ନାଗପୁରର ଚେହେରା ବଦଳାଇଦେଇଛନ୍ତି। ତାଙ୍କ କାର୍ଯ୍ୟ ପାଇଁ ବିରୋଧୀ ନେତାମାନେ ମଧ୍ୟ ପ୍ରଶଂସା କରିଥାନ୍ତି ବୋଲି ବରିଷ୍ଠ ନେତା ଜଣକ କହିଛନ୍ତି।

# ଇପିଏସ୍ ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ

## ଓପିଏସ୍‌ଙ୍କ ପିଟିଶନ ଖାରଜ

**ଚେନ୍ନାଇ, ୨୮।୩(ପି.ଟି.)**

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଡ଼ାପ୍ପାଡ଼ି କେ. ପାଲାନିସ୍ୱାମୀ (ଇପିଏସ୍)ଙ୍କୁ ଏଆଇଏଡିଏମ୍‌କେର ସାଧାରଣ ସମ୍ପାଦକ ନିର୍ବାଚିତ କରାଯାଇଥିବା ମଙ୍ଗଳବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ଗତବର୍ଷ ଜୁଲାଇରେ ଦଳର ସାଧାରଣ ପରିଷଦରେ ଗୃହୀତ ପ୍ରସ୍ତାବକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନକୁ ମାଡ୍ରାସ ହାଇକୋର୍ଟ ଖାରଜ କରିଦେବା ପରେ ଦଳର ନିର୍ବାଚନ ଅଧିକାରୀ ପୋଲାଚି ଭି. ଜୟରମଣ ଏବଂ ପୂର୍ବତନ ମନ୍ତ୍ରୀ ନାଥମ ଆର୍. ବିଶ୍ୱନାଥନ୍ ଉପରୋକ୍ତ ଘୋଷଣା କରିଛନ୍ତି। ଏଆଇଏଡିଏମ୍‌କେ ସାଧାରଣ ସମ୍ପାଦକ


ଏଡ଼ାପ୍ପାଡ଼ି କେ. ପାଲାନିସ୍ୱାମୀ

ନିର୍ବାଚିତ ହୋଇଥିବାରୁ ପାଲାନିସ୍ୱାମୀ ଦଳୀୟ କ୍ୟାଡର ଓ କାର୍ଯ୍ୟକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନିର୍ବାଚନ ସ୍ଥଗିତ ରଖିବା ଲାଗି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଓ. ପନିର୍‌ସେଲ୍‌ଭାମ (ଓପିଏସ୍) କରିଥିବା ଆବେଦନକୁ ମାଡ୍ରାସ ହାଇକୋର୍ଟ ଖାରଜ କରିଦେଇଥିଲେ।

# ରାହୁଲ ଗାନ୍ଧୀଙ୍କ ସଭ୍ୟ ପଦ ରଦ୍ଦ ପ୍ରସଙ୍ଗରେ ବିଜେଡି ଚୁପ୍ କାହିଁକି: ବିଜୟ

**ଭୁବନେଶ୍ୱର, ୨୮।୩(ବ୍ୟୁରୋ)**

ରାହୁଲ ଗାନ୍ଧୀଙ୍କ ପାଇଁ ଭାରତ ଏକାଠି ହୋଇଛି। ବିରୋଧୀ ଏକସ୍ୱରରେ ଗଣତନ୍ତ୍ରରେ ଏଭଳି ନିଷ୍ପତ୍ତିକୁ ବିରୋଧ କରିବା ସହିତ ନିନ୍ଦା କରିଛନ୍ତି। ଏହି ନିଷ୍ପତ୍ତିର ବିରୋଧରେ ଦେଶବ୍ୟାପୀ ୧୮ଟି ଦଳ ସାମିଲ ହୋଇଛନ୍ତି। ପୁଣି ରାଜ୍ୟରେ ସମସ୍ତ ବିରୋଧୀ ଦଳ ଏକାଠି ହୋଇ ବିରୋଧ କରୁଛନ୍ତି। ମାତ୍ର ଓଡ଼ିଶାରେ ବିଜେଡି ଏହି ପ୍ରସଙ୍ଗରେ ପୁରା ଚୁପ୍। ସନ୍ଦେହ ଯାହା ଥିଲା କି ବିଜେଡି ଓ ଭାଜପା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ, ତାହା ଏବେ ପ୍ରମାଣିତ ହେଲା ବୋଲି କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମଙ୍ଗଳବାର ବିଜୟ ଆହୁରି କହିଛନ୍ତି, ବୋଧ ହୁଏ ବିଜେଡି ଓ ଭାଜପା ଉଭୟଙ୍କ ଚିନ୍ତାଧାରା ସମାନ। ଯଦି ବିଜେଡି ଓ ଭାଜପା ଉଭୟ ପ୍ରତିଦ୍ୱନ୍ଦ୍ୱୀ ତେବେ ବିଜେଡି କାହିଁକି ଏହି ପ୍ରସଙ୍ଗରେ ମୁହଁ ଖୋଲୁନାହିଁ। ଦରକାର ପଡିଲେ ଉଭୟ ଦଳ ବିରୋଧୀଙ୍କ କଣ୍ଠରୋଧ କରିବାକୁ ସିବିଆଇ, ଇଡି, ଭିଜିଲାନ୍ସ, ପୋଲିସ ଲଗାଇଥାନ୍ତି। ଏହା ସ୍ପଷ୍ଟ ଭାବେ ପ୍ରତିପାଦିତ ହେଉଛି ଯେ ଉଭୟ ଦଳ ପରସ୍ପର ପାଇଁ

## ବିଜେଡି-ଭାଜପା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପ୍ରମାଣିତ

କାମ କରୁଛନ୍ତି। ନ ହେଲେ ବିଜେଡି କେବେ ହେଲେ ଚୁପ୍ ରହି ନ ଥାଆନ୍ତା। ଏନେଇ ବିଜେଡି ସ୍ପଷ୍ଟିକରଣ ଦେବା ଦରକାର ବୋଲି ବିଜୟ କହିଛନ୍ତି। ବିଜେଡିର ଜୟ ଜଗନ୍ନାଥ ଏବଂ ଭାଜପାର ଜୟ ଶ୍ରୀରାମ ପ୍ରସଙ୍ଗରେ ବିଜୟ କହିଛନ୍ତି, ସେମାନେ ଭଗବାନଙ୍କ ନାଁ ନେବା ପାଇଁ ଚାହୁଁଛନ୍ତି ମାନେ ଖୁସି ହେବା କଥା। କିନ୍ତୁ ବିଜେଡିକୁ ପ୍ରଶ୍ନ ରତ୍ନ ଭଣ୍ଡାର ବିଷୟରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ସେଠାରେ ଅଳଙ୍କାର ଅଛି ନା ନାହିଁ ଏ ସମ୍ପର୍କରେ ସ୍ପଷ୍ଟ କାହିଁକି ହେଉନି। ରତ୍ନ ଭଣ୍ଡାରର ଚାବି କୁଆଡ଼େ ହଜିଲା ତାହା ବଡ ପ୍ରଶ୍ନ। ବ୍ରହ୍ମ ବିଭ୍ରାଟ ସମ୍ପର୍କରେ ସ୍ପଷ୍ଟୀକରଣ ଆସିବା ଦରକାର। ଠାକୁରଙ୍କୁ ବନ୍ଦନା କରିବାରେ କାହାରି ଆପତ୍ତି ନାହିଁ। ହେଲେ ଧର୍ମକୁ ନେଇ ରାଜନୀତି କରିବା ଉଚିତ ନୁହେଁ। ଭାଜପା କାଳେ ଅଧିକ ମାଇଲେଜ ନେଇଯିବ ତାକୁ ନଜରରେ ରଖି ବିଜେଡି ଏପରି କରୁଥାଇପାରେ। କିନ୍ତୁ କଂଗ୍ରେସ ଧର୍ମ ନିରପେକ୍ଷ ଦଳ ବୋଲି ବିଜୟ କହିଛନ୍ତି।

# ଭାଜପା ବିଧାୟକଙ୍କୁ ଟିକେଟ ଲୋଭ ଦେଖାଉଛି କଂଗ୍ରେସ: ବୋମ୍ମାଇ

**ବେଙ୍ଗାଲୁରୁ,୨୮।୩**

ଚଳିତ ବର୍ଷ କର୍ନାଟକରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ହାତେଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେବେ ରାଜ୍ୟ ମୁଖ୍ୟମନ୍ତ୍ରୀ ବାସବରାଜ ବୋମ୍ମାଇ ମଙ୍ଗଳବାର କଂଗ୍ରେସ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ଭାଜପା ବିଧାୟକଙ୍କୁ କର୍ନାଟକ କଂଗ୍ରେସ ମୁଖ୍ୟ ଡି.କେ ଶିବକୁମାର ଟିକେଟର ପ୍ରଲୋଭନ ଦେଖାଉଛନ୍ତି। ଯେଉଁଠାରେ କଂଗ୍ରେସ ଦଳ ପକ୍ଷରୁ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇ ନାହିଁ ସେହି ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକଙ୍କୁ ଟିକେଟ ଦେବାକୁ ଶିବକୁମାର ଉଦ୍ୟମ କରୁଛନ୍ତି ବୋଲି ସେ ଅଭିଯୋଗ କରୁଛନ୍ତି। ସେ ଗତ ଦୁଇ ତିନି ଦିନ ଧରି ଆମ ବିଧାୟକମାନଙ୍କୁ ପ୍ରଲୋଭନ ଦେଖାଉଛନ୍ତି।


ବାସବରାଜ ବୋମ୍ମାଇ

୧୦୦ଟି ନିର୍ବାଚନମଣ୍ଡଳୀରେ ଟିକେଟ ଦେବାକୁ କଂଗ୍ରେସ ପଦାଧିକାରୀମାନେ ଆମ ବିଧାୟକମାନଙ୍କୁ ଡାକୁଛନ୍ତି। ଯଦି ଭାଜପା ବିଧାୟକମାନେ କଂଗ୍ରେସରେ ଯୋଗ ଦିଅନ୍ତି ତେବେ ସେମାନଙ୍କୁ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଦିଆଯାଇ ନ ଥିବା ନିର୍ବାଚନମଣ୍ଡଳୀରୁ ଟିକେଟ ଦିଆଯିବ ବୋଲି ବୋମ୍ମାଇ କହିଛନ୍ତି।

# ଶଙ୍ଖ ମୋ ଗର୍ବ ପରେ ଏବେ ବିଜେଡିର ଜୟ ଜଗନ୍ନାଥ

**ଭୁବନେଶ୍ୱର,୨୮।୩(ବ୍ୟୁରୋ)**

ବିଜେଡି ନେତାଙ୍କ ମୁହଁରେ ଏବେ ଜୟ ଜଗନ୍ନାଥ ନାରା। ଶଙ୍ଖ ମୋର ଗର୍ବ ପରେ ଜୟ ଜଗନ୍ନାଥ ସ୍ଲୋଗାନକୁ ନେଇ ସୋସିଆଲ ମିଡିଆରେ ବିଜେଡି କ୍ୟାମ୍ପେନ୍ ଆରମ୍ଭ କରିଛି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଜ ସୋସିଆଲ ମିଡିଆରେ ଜୟ ଜଗନ୍ନାଥ ଶେୟାର କରିବା ପରେ ଦଳର ସମସ୍ତ ନେତା ସୋସିଆଲ ମିଡିଆରେ ଜୟ ଜଗନ୍ନାଥ କହି ଭିଡିଓ ଶେୟାର କରୁଛନ୍ତି। ଏହା ପୂର୍ବରୁ ମଧ୍ୟ ଶଙ୍ଖ ମୋ ଗର୍ବ ଜରିଆରେ ଦଳର ନେତା ଏହି କ୍ୟାମ୍ପେନ୍ ଚଳାଇଥିଲେ। ଏବେ ଜୟ ଜଗନ୍ନାଥର ନାରା ଦଳର ନେତାଙ୍କ ମୁହଁରୁ ଶୁଣିବାକୁ ମିଳିଛି। ଲୋକଙ୍କ ମଧ୍ୟରେ ଭାବପ୍ରବଣତା ବଢ଼ାଇବା ପାଇଁ ବିଜେଡି ଏହି ଅଭିଯାନ ଆରମ୍ଭ କରିଥିବା କୁହାଯାଉଛି।

ଏହି ନାରାକୁ ନେଇ ରାଜନୀତି ମଧ୍ୟ ଆରମ୍ଭ ହୋଇଯାଇଛି। ବିଜେଡି ନାରାକୁ କାଉଣ୍ଟର କରି ଭାଜପା ନେତାମାନେ କହୁଛନ୍ତି, ଆମର ଜୟ ଜଗନ୍ନାଥ ଆଉ ଜୟ ଶ୍ରୀରାମ। ଭାଜପା ବିଧାୟକ ସୁବାସ ପାଣିଗ୍ରାହୀ କହିଛନ୍ତି, ଜୟ ଜଗନ୍ନାଥ ଆମର, ଜୟ ଶ୍ରୀରାମ ବି ଆମର।

**ଜୋର ଧରିଲା ରାଜନୀତି**
- ଜୟ ଜଗନ୍ନାଥ ଆମର, ଜୟ ଶ୍ରୀରାମ ବି ଆମର: ଭାଜପା
- ବିଜେଡି- ଭାଜପା କୋଳାକୋଳି: ତାରା

ଅନ୍ୟପକ୍ଷରେ ବିଜେଡିର ଏହି କ୍ୟାମ୍ପେନ୍‌କୁ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କଟାକ୍ଷ କରିଛନ୍ତି। ସେ କହିଛନ୍ତି, ସେମାନେ କହୁଥିଲେ ଶଙ୍ଖ ମୋ ଗର୍ବ, ମୁଁ କହିଲି ଜଗନ୍ନାଥ ଆମର ଗର୍ବ। ସେମାନେ ମୋ କଥାକୁ ଅନୁକରଣ କରିଛନ୍ତି। ଆଗରୁ ଦେଖିଲେ ନମସ୍କାର କରୁଥିଲେ। କିନ୍ତୁ ଏବେ ଦେଖିଲେ ଆଉ ନମସ୍କାର କରୁନାହାନ୍ତି ବରଂ ଜୟ ଜଗନ୍ନାଥ କହୁଛନ୍ତି। ବିଜେଡି ଦଳର ନେତାମାନେ ସ୍ୱର ବଦଳାଉଛନ୍ତି। ଏଥିରୁ ବୁଝିବା ଦରକାର କ'ଣ ଚାଲିଛି। ଦିନକୁ ଦିନ ଭାଜପା-ବିଜେଡି ଏକ ହେଉଛନ୍ତି। ଏଠି ପରସ୍ପର ବିରୋଧରେ ଆକ୍ରମଣ ମୁଦ୍ରାରେ ନଜର ଆସୁଛନ୍ତି। କିନ୍ତୁ ଦିଲ୍ଲୀରେ କୋଳାକୋଳି ହେଉଛନ୍ତି। ଦୁଇଦଳ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଏମାନେ ଏଠି ଗୋଟେ, ଦିଲ୍ଲୀରେ ଆଉ ଗୋଟେ ରୂପରେ ନଜର ଆସୁଛନ୍ତି ବୋଲି ତାରା କହିଛନ୍ତି।


# Classified Everyday
0674-2580101, 2549949


ମନେ ପଡ଼ନ୍ତି


MATRIMONIAL

BRIDE WANTED

Bride for Karan groom 42 well settled Bhubaneswar. Contact-7683912628. D-74703

Karan Boy established businessman settled Bhubaneswar required (34-38). 8658173938, 7008967858. D-71051

GROOM WANTED

ASHRIBAD Weeding:- Any Caste, Any Age, Fresh, Widow, Divorcee candied. Call- 9178392294. D-3099

55 ବୟସ୍କା ଏକାକୀ ରହୁଥିବା ପେନ୍‌ସନ୍ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ମହିଳାଙ୍କୁ ଯେକୌଣସି ଜାତିର ବର ଆବଶ୍ୟକ।9437703488. D-3095

58 ବୟସ୍କା Employment Exchange Dept.ରେ କାର୍ଯ୍ୟରତ ବିଧବା ମହିଳାଙ୍କୁ Anycaste ବରପାତ୍ର ଆବଶ୍ୟକ। 8144532712. D-3093

31 ବୟସ୍କା Central Govt. ଚାକିରିଆ Sikkim ବାସିନ୍ଦା Unmarried ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। 6371586968. D-3094

43 aged Khandayat Govt. Veterinary Doctor ବାପା ମାଁ ନ ଥିବା ଝିଅଙ୍କୁ ବିବାହିତ/ଅବିବାହିତ ପୁଅ ଦରକାର। 7749076723. D-3164


REAL ESTATE

SALE

**2BHK and 3BHK few flats for sale at Kalinga Vihar near Tata Ariana. Contact: 9437309741.** D-2952

ଭୁବନେଶ୍ୱର Retanga Railway Station ପାଖରେ 30ft. ରାସ୍ତା ଥାଇ ଘରବାରି ପ୍ଲଟ୍ କିଣନ୍ତୁ 650/-, 9348767829. D-74834

Gharabari boundary plot for sale at Bhubaneswar Rangabazar Enderapal. Per sqft Rs-1200/-. Electricity & bank loan available. Ph-9040172828. D-3161

House for sale at GGP Colony 3Storied building (10nos of individual quarters). Contact: 7978141625. D-3080

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ : 9090778800. D-74528

ଭୁବନେଶ୍ୱର ଏୟାରଫିଲ୍ଡ ଥାନାରୁ ୧୨ କି.ମି. ଦୂରରେ 1200sqft. ପ୍ଲଟ୍‌କୁ 6,84,000/-, 8,40,000/-ରେ କିଣି ଆଜି ଘର କରନ୍ତୁ। 9938016295. D-74833

**Residential gharabari plot with boundarywall inside 7 Family Complex, Safety, Secured, Brahmin Culture Family Stayed, 6 KM. from Nakhara, Cuttack. 7809525452.** D-74666

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Building for sale at Laxmi Vihar, Laxmi Sagar, Canal Road. G+4 Construction Land Area 1550sqft built up Area 6000sqft Price-1.50 Crore (Negotiable). Ph-7008296684. D-3156

NH side plot (Gharabari, boundarywall). Nakhara to Niali road Cuttack. 8249851363. D-74662




"3.5BHK @20000 PM. and 2BHK @15000 PM at Unit-8, Bhubaneswar. Contact-9861043575". D-3159

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




All types of professional body massage by professional therapy. Contact: 9556924059, 7077933109. D-3163

"Only Professional body massage, Steam-Bath & Body Scrubbing. 9861550765". D-2985

**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Newly open health benefits Spa special offer@999, Nayapalli, 7846814019. D-73694

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74668

Newly open health benefits SPA Special Offer@999 Sahidnagar. 8118028440. D-73695

AFFIDAVIT

By an affidavit sworn before the Executive Magistrate, Angul on 17.03.2023, I Gyanendra Kumar Singh Samant, Vill-Majhika, PO: Jarasingha, PS-Angul Sadar, Dist.-Angul, declare that my Minor Daughter's actual name is Shreya Samant, which is mentioned in her Birth Certificate, School Leaving Certificate & Aadhaar Card. However the records of Indian Airforce show her name as Shreya Singh Samant. Therefore Shreya Samant & Shreya Singh Samant are one and same person. D-74053

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏଇପ୍ସିତା ପଟ୍ଟନାୟକ (ରିଚି)
(ପ୍ରାଚୀ ଏନକ୍ଲେଭ), ଚନ୍ଦ୍ରଶେଖରପୁର
ଆବିର୍ଭାବ: ୧୯୮୯
ତିରୋଧାନ: ୨୦।୦୩।୨୦୨୩
ରିଚ୍ ମମ୍, ତୋର ଅକାଳ ବିୟୋଗ ଆମକୁ ସାରା ଜୀବନ ପାଇଁ ଦେଇଯାଇଛି ଅସହ୍ୟ, ତଥା ଦାରୁଣ ଦୁଃଖ ଯନ୍ତ୍ରଣା। ତୋର ସ୍ମୃତି ଆମ ପାଇଁ ଅମର ଓ ଚିରନ୍ତନ। ଏହା ଆମ ପାଇଁ ଏକ ଅପୂରଣୀୟ କ୍ଷତି। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶିରିଡ଼ି ସାଇବାବା ଏବଂ ଜୟଗୁରୁଙ୍କର ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ଆଇବୋଉ, ଟୁନାମାମୁ, ଲିପିମାଇଁ ଓ ତୋର ଗେହ୍ଲା ତୁଡ଼୍‌ଲୀ।
ଧ-୩୧୫୪

ପଞ୍ଚମ ଶ୍ରାଦ୍ଧ ବାର୍ଷିକ



✓ ଡାକ୍ତର ଦ୍ରୌପଦୀ ଦେବୀ
ଅବସରପ୍ରାପ୍ତ ପ୍ରଫେସର
ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ, କଟକ
ଆବିର୍ଭାବ - ୧୮-୦୫-୧୯୩୯
ତିରୋଧାନ - ୨୪-୦୩-୨୦୧୮
ଆପଣ ଥିଲେ ଯୋଗଜନ୍ମା ଦେବୀପ୍ରତୀମା। ସମସ୍ତଙ୍କୁ ଭଲ ପାଉଥିଲେ, ନିଜର କରିଥିଲେ। ଆପଣଙ୍କ ବିହୁନେ ଆପଣଙ୍କ ପରିବାର, ସ୍ୱପ୍ରତିଷ୍ଠିତ ଦେବୀ ନର୍ସିଂହୋମର ଅଗଣିତ ରୋଗୀ ଆପଣଙ୍କୁ ସଜଳ ନୟନରେ ଝୁରୁଛନ୍ତି। ଆପଣଙ୍କ ଅଧିଷ୍ଠାତ୍ରୀ ଦେବୀ ମା ଚଣ୍ଡୀଙ୍କ କୃପାରୁ ଆପଣ ଶାନ୍ତିରେ ରୁହନ୍ତୁ, ଏଇ ସମସ୍ତଙ୍କ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର ବର୍ଗ
ଜୀବନସାଥୀ- ଲଳିତ ମିଶ୍ର,
ପୁତ୍ର- ଡଃ ତୁଷାର ଓ ଡଃ ସାଗର,
ବୋହୂ- ଡଃ ସସ୍ମିତା ଓ ପ୍ର. ସ୍ୱାତୀ,
ନାତିନାତୁଣୀ ମାନେ।
ଧ-୩୧୬୦

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ କେଦାର ନାଥ ବିଶୋଇ
ଧର୍ମପତ୍ନୀ: ସ୍ୱର୍ଗତା ସୁମିତ୍ରା ବିଶୋଇ
ତିରୋଧାନ: ୨୯।୦୩।୨୦୧୪
ଆଜି ପବିତ୍ର ନବମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଖରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ଶୋକସନ୍ତପ୍ତ: ପୁତ୍ର: ସନ୍ତୋଷ, ସନତ, ବୋହୂ: କୁନି, ଶାନ୍ତି, ସ୍ନେହଲତା, ନାତି, ନାତୁଣୀ- ସୋନୁ, ଚିନୁ, ରୁମୁଲି, ପ୍ରୀତି, ନାତୁଣୀ ଜ୍ୱାଇଁ: ପିଙ୍କୁନ, ନାତୁଣୀ ବୋହୂ: ଶ୍ରୀ।
ଧ-୭୪୬୬୬

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ନିର୍ଦ୍ଦେଶକଙ୍କୁ ୫ବର୍ଷ, ୨କର୍ମଚାରୀଙ୍କୁ ୩ବର୍ଷ ଲେଖାଏଁ ଜେଲ

## ଅନ୍ୱେଷା-ଇନ୍ ଚିଟ୍‌ଫଣ୍ଡ ମାମଲା

ବାଲେଶ୍ୱର ଅଫିସ, ୨୮।୩

ଅନ୍ୱେଷା-ଇନ୍ ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ମଙ୍ଗଳବାର ଓଡ଼ିଶା ପ୍ରୋଟେକ୍ସନ୍ ଇଣ୍ଟରେଷ୍ଟ ଅଫ୍ ଇନ୍‌ଭେଷ୍ଟର୍ସ ଡିପୋଜିଟର(ଓପିଆଇଡି), ବାଲେଶ୍ୱର କୋର୍ଟର ସ୍ୱତନ୍ତ୍ର ବିଚାରପତି ବିଶ୍ୱଜିତ୍ ଦାସ କମ୍ପାନୀ ନିର୍ଦ୍ଦେଶକଙ୍କ ସମେତ ଦୁଇ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। କମ୍ପାନୀ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ସାହୁଙ୍କୁ ୫ବର୍ଷ ଜେଲଦଣ୍ଡ ସହ ୨ଲକ୍ଷ ୪୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଆଉ ୨ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। କମ୍ପାନୀ ବ୍ରାଞ୍ଚ ମ୍ୟାନେଜର ପ୍ରଣୟ କୁମାର ବେହେରାଙ୍କୁ ୩ବର୍ଷ ଜେଲ୍‌ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା ଓ କର୍ମଚାରୀ ଅଭିମନ୍ୟୁ ମହାପାତ୍ରଙ୍କୁ ୩ବର୍ଷ ଜେଲ୍‌ଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରାଯାଇଛି।

୨୦୧୨-୧୩ରୁ ଷ୍ଟେଶନ ଛକଠାରେ ଅନ୍ୱେଷା-ଇନ୍ ଇଣ୍ଡିଆ ଲିମିଟେଡ୍ ନାମରେ ଚିଟ୍‌ଫଣ୍ଡ କମ୍ପାନୀ ଖୋଲି ଅଧିକ ସୁଧ ଦେବାର ଲୋଭ ଦେଖାଇ ଲୋକଙ୍କଠାରୁ କୋଟିକୋଟି ଟଙ୍କା ଠକେଇ କରିଥିଲା। କମ୍ପାନୀର ମୁଖ୍ୟ ଡାଇରେକ୍ଟର ଏବଂ ଚେୟାରମ୍ୟାନ୍ ପ୍ରଦୀପ ପୋଦ୍ଦାର ଥିବାବେଳେ ଅନ୍ୟ ଡାଇରେକ୍ଟରମାନଙ୍କ ମଧ୍ୟରେ କୃଷ୍ଣଚନ୍ଦ୍ର ସାହୁ, ପ୍ରଭାକର ଦାସ, ପ୍ରବୋଧ କୁମାର ପଣ୍ଡା ରହିଥିଲେ। ସେହିପରି ବ୍ରାଞ୍ଚ ମ୍ୟାନେଜର ଭାବେ ପ୍ରଣୟ କୁମାର ବେହେରା, କର୍ମଚାରୀ ଭାବେ ଅଭିମନ୍ୟୁ ମହାପାତ୍ର, ଦିଲୀପ କୁମାର ଭୌମିକ, ପୁଷ୍ପାଲ ରାୟ, ଅନିନ୍ଦ୍ୟ ଚକ୍ରବର୍ତ୍ତୀ ଓ ବସନ୍ତ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟ କରୁଥିଲେ। ଏମାନଙ୍କ ମଧ୍ୟରୁ ଦିଲୀପ, ପୁଷ୍ପାଲ ଓ ଅନିନ୍ଦ୍ୟ ପଶ୍ଚିମବଙ୍ଗ ରାଜ୍ୟର ହୋଇଥିବା ବେଳେ ଅନ୍ୟମାନେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର। ବିଶେଷ କରି ସ୍ଥାନୀୟ ଲୋକଙ୍କୁ ଜମା ଟଙ୍କା ଉପରେ ଅଧିକ ସୁଧର ପ୍ରଲୋଭନ ଦେଖାଇ ଉକ୍ତ ସଂସ୍ଥାରେ ଟଙ୍କା ରଖିବା ପାଇଁ ପ୍ରବର୍ତ୍ତାଉଥିଲେ। ଏହିପରି ଭାବେ ବାଲେଶ୍ୱର ଜିଲା ସଦର ଥାନା ଅଧୀନ ଶେଖପାଟଣା ଅଞ୍ଚଳର ଜଗନ୍ନାଥ ବାରିକ ଓ ତାଙ୍କ ସ୍ତ୍ରୀଙ୍କୁ ପ୍ରଲୋଭିତ କରାଇ ଲକ୍ଷାଧିକ ଟଙ୍କା କମ୍ପାନୀରେ ଆରଡି କରାଇଥିଲେ। ମାଚ୍ୟୁରିଟି ହେବା ପରେ ସମସ୍ତ କାଗଜପତ୍ର ନେଇ କମ୍ପାନୀକୁ ଯିବା ବେଳକୁ ତାହା ଉଠିଯାଇଥିଲା। ପରେ ଡାଇରେକ୍ଟର ପ୍ରବୋଧ ପଣ୍ଡାଙ୍କୁ ରାସ୍ତାରେ ଦେଖି ସମସ୍ତ ଘଟଣା ଜଣାଇଥିଲେ। ତାଙ୍କଠାରୁ ମାଚ୍ୟୁରିଟି ହୋଇଥିବା ସମସ୍ତ ଡକ୍ୟୁମେଣ୍ଟ ନେଇ ଚେୟାରମ୍ୟାନ୍ ପ୍ରଦୀପ ପୋଦ୍ଦାରଙ୍କ ଦସ୍ତଖତ ଥିବା ଏଚ୍‌ଡିଏଫ୍‌ସି ବ୍ୟାଙ୍କର ୬ଟି ଚେକ୍ ମୋଟ୍ ୬ଲକ୍ଷ ୩୬ହଜାର ୩୪୦ ଟଙ୍କା ପ୍ରଦାନ କରିଥିଲେ। ଉକ୍ତ ଚେକ୍‌କୁ ନେଇ ବ୍ୟାଙ୍କରେ ଡିପୋଜିଟ୍ କରିବା ପରେ ତାହା ବାଉନ୍ସ ହୋଇଥିଲା। ଏନେଇ ଜଗନ୍ନାଥ ଗତ ୨୦୧୫ ଫେବୃୟାରୀ ୨୮ ତାରିଖରେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତତ୍କାଳୀନ ଥାନା ଆଇଆଇସି ପରେଶ ରାଉତ ଏନେଇ ଥାନାରେ ମାମଲା (ନଂ. ୬୦/୨୦୧୫) ରୁଜୁ କରିଥିଲେ। ଉକ୍ତ ମାମଲା ବାଲେଶ୍ୱର ଓପିଆଇଡ଼ି କୋର୍ଟରେ ବିଚାରାଧୀନ ଥିଲା। ୧୬ଜଣ ସାକ୍ଷୀ ଓ ୫୪ ଦସ୍ତାବିଜ୍‌କୁ ଆଧାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ୨୭ରୁ ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପ୍‌ର ତୃତୀୟ ବୈଠକ

ଭୁବନେଶ୍ୱର, ୨୮।୩ (ବ୍ୟୁରୋ)



କାର୍ଯ୍ୟକ୍ରମ ସମ୍ପର୍କରେ ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ନିତା ପ୍ରସାଦ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୋନାଲ ମିଶ୍ର ସୂଚନା ଦେଉଛନ୍ତି।

- 'ଉତ୍କଳ ଦିବସ'ରୁ ପ୍ରତି ଜିଲାରେ ଜନ ଭାଗୀଦାରି କାର୍ଯ୍ୟକ୍ରମ
- ୨୩ରୁ ୨୯ ଯାଏ 'ଭବିଷ୍ୟତର କାର୍ଯ୍ୟପନ୍ଥା' ନେଇ ପ୍ରଦର୍ଶନୀ

ଆସନ୍ତା ଉତ୍କଳ ଦିବସରୁ ଏପ୍ରିଲ ୨୯ ତାରିଖ ପର୍ଯ୍ୟନ୍ତ ପ୍ରାୟ ମାସେବ୍ୟାପୀ ଜି-୨୦ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଭାରତ ଜି-୨୦ ସମ୍ମିଳନୀର ଅଧ୍ୟକ୍ଷତାକୁ ସଫଳ ଓ ସୁଦୃଢ଼ କରିବା ଲାଗି 'ଜନ ଭାଗୀଦାରି' ପାଇଁ ପ୍ରୟାସ କରାଯାଉଛି। ଏପ୍ରିଲ ୨୭ରୁ ୨୯ ତାରିଖ ୩ଦିନ ପର୍ଯ୍ୟନ୍ତ ଭୁବନେଶ୍ୱର ମେ' ଫେୟାର ହୋଟେଲରେ 'ଶିକ୍ଷା ୱାର୍କିଂ ଗ୍ରୁପ୍'ର ତୃତୀୟ ବୈଠକ ଆୟୋଜନ କରାଯିବ। ଏଥିରେ ଜି-୨୦ ସମୂହ ଦେଶର ପ୍ରତିନିଧିମଣ୍ଡଳୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମଙ୍ଗଳବାର ଆଇଏମ୍‌ଏମ୍‌ଟିରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶିକ୍ଷା ମନ୍ତ୍ରଣାଳୟର ଯୁଗ୍ମ ସଚିବ ନିତା ପ୍ରସାଦ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୋନାଲ ମିଶ୍ର ସୂଚନା ଦେଇଛନ୍ତି।

ଜି-୨୦ ଶିକ୍ଷା ୱାର୍କିଂ ଗ୍ରୁପର ତୃତୀୟ ବୈଠକକୁ କେନ୍ଦ୍ର ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ସୁଭାଷ ସରକାର ଉଦ୍‌ଘାଟନ କରିବେ। ଏହି ଅଧିକାରୀସ୍ତରୀୟ ବୈଠକରେ ପ୍ରାଥମିକ ସାକ୍ଷରତା ଓ ପରିସଂଖ୍ୟାନ, ପ୍ରଯୁକ୍ତିବିଦ୍ୟା ଆଧାରିତ ଶିକ୍ଷାଦାନ, ଭବିଷ୍ୟତର କାର୍ଯ୍ୟପନ୍ଥା ଏବଂ ଗବେଷଣା ସହଭାଗିତା ଭଳି ୪ଟି ମୁଖ୍ୟ ପ୍ରସଙ୍ଗ ଉପରେ ଆଲୋଚନା ହେବ। ବୈଠକର ପୂର୍ବ ଦିନ ଏପ୍ରିଲ ୨୬ରେ ଭୁବନେଶ୍ୱରସ୍ଥିତ ଆଇଏମ୍‌ଏମ୍‌ଟି ଠାରେ ଜି-୨୦ର ପ୍ରତିନିଧିମଣ୍ଡଳୀ 'ଭବିଷ୍ୟତର କାର୍ଯ୍ୟପନ୍ଥା' ଉପରେ ସେମିନାର ଏବଂ ପ୍ରଦର୍ଶନୀରେ ଯୋଗଦେବେ। ଏହାବ୍ୟତୀତ ଏପ୍ରିଲ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଆଇଏମ୍‌ଏମ୍‌ଟି ଠାରେ 'ଭବିଷ୍ୟତର କାର୍ଯ୍ୟପନ୍ଥା' ଉପରେ ଜି-୨୦କୁ ନେଇ ପୃଥକ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିରେ ଜି-୨୦ ଦେଶ ସମୂହ, ଶିଳ୍ପ, ସରକାରୀ ସଂସ୍ଥା, ଆଇଟି କମ୍ପାନୀ ଏବଂ ଦକ୍ଷତା ବିକାଶ ଭଳି ୭୫ଟି ଅନୁଷ୍ଠାନ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ସମୂହଙ୍କୁ ଯୋଡ଼ିବା ମୁଖ୍ୟ ଉଦ୍ଦେଶ୍ୟ ରହିବ। ଏହି ଅବସରରେ ଏପ୍ରିଲ ୨୩ରୁ ୨୫ ତାରିଖ ମଧ୍ୟରେ ଆଇଆଇଟି ଭୁବନେଶ୍ୱର, ଆଇଆଇଏମ୍ ସମ୍ବଲପୁର, ଆଇଏମ୍‌ଏମ୍‌ଟି ଭୁବନେଶ୍ୱର, ଇଣ୍ଡିଆନ ସ୍କୁଲ ଅଫ ବିଜ୍‌ନେସ୍ ହାଇଦ୍ରାବାଦ, ଡେଲୋଏଟ, ସିଆଇଆଇ, ୟୁଏସଆଇବିସି ଭଳି ଅନୁଷ୍ଠାନ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ। ଅନ୍ତଃରାଷ୍ଟ୍ରୀୟ ସହଭାଗିତାକୁ ସୁଦୃଢ଼ କରିବା ସହ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ଢାଞ୍ଚା ପ୍ରସ୍ତୁତ କରିବା ଦିଗରେ ଏହି ବିଚାରବିମର୍ଶରେ ଅଧିକ ଗୁରୁତ୍ୱ ଦିଆଯିବ। ସେହିପରି ଜି-୨୦ର ବିଭିନ୍ନ ବୈଠକ ଓ କାର୍ଯ୍ୟକ୍ରମରେ ଓଡ଼ିଶାର ଜନଜାତିଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ପ୍ରଦର୍ଶନ କରିବା ଦିଗରେ ବିଶେଷ ଗୁରୁତ୍ୱ ଦିଆଯିବ। ଜି -୨୦ ପାଇଁ ରାଜ୍ୟ ସରକାର ମଧ୍ୟ ସହଯୋଗ ଯୋଗାଇଦେବା ନେଇ ଆଲୋଚନା ହୋଇଥିବା ଯୁଗ୍ମ ସଚିବ ନିତା ପ୍ରସାଦ କହିଛନ୍ତି। ୨୮ ତାରିଖରେ ପ୍ରତିନିଧି ମଣ୍ଡଳୀ କୋଣାର୍କର ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିବେ। ସେମାନଙ୍କୁ ଓଡ଼ିଶାର ଉତ୍କର୍ଷ କଳା, ସଂସ୍କୃତି, ହସ୍ତତନ୍ତ, ହସ୍ତଶିଳ୍ପ ଉପହାର ସ୍ୱରୂପ ପ୍ରଦାନ କରାଯିବ। ରାଜ୍ୟର ଅସ୍ମିତା ସହ ଯୋଡ଼ିବା ପାଇଁ ସମସ୍ତଙ୍କୁ ପାରମ୍ପରିକ ବ୍ୟଞ୍ଜନ ସହ ମାଣ୍ଡିଆଯୁକ୍ତ ଖାଦ୍ୟ ପରଷାଯିବ ବୋଲି ସୂଚନା ଦିଆଯାଇଛି।

# ଡିସେମ୍ବର ସୁଦ୍ଧା ୫ ସହର ବସ୍ତିବାସିନ୍ଦାଙ୍କୁ ଜମି ପ୍ରମାଣପତ୍ର: ମନ୍ତ୍ରୀ

## ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ଖର୍ଚ୍ଚଦାବି ଗୃହୀତ

ଭୁବନେଶ୍ୱର, ୨୮।୩(ବ୍ୟୁରୋ)

୨୦୨୩-୨୪ ଆର୍ଥିକ ବର୍ଷ ଲାଗି ବିଧାନସଭାରେ ଆଗତ ହୋଇଥିବା ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗର ଖର୍ଚ୍ଚଦାବି ମଙ୍ଗଳବାର ଗୃହୀତ ହୋଇଯାଇଛି। ମନ୍ତ୍ରୀ ଉଷା ଦେବୀ ଖର୍ଚ୍ଚଦାବି ଆଲୋଚନା ପରେ ଉତ୍ତରରେ କହିଛନ୍ତି, ମୁଖ୍ୟମନ୍ତ୍ରୀ ୨୦୧୯ରେ ୫-ଟି ଢାଞ୍ଚା ଆଧାରିତ ନାଗରିକ କେନ୍ଦ୍ରିକ ସୁଶାସନର ଆଭିମୁଖ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି। ବିଭାଗ ୫-ଟି ଅଧୀନରେ କାର୍ଯ୍ୟରତ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଦୂରଦର୍ଶୀ ସମ୍ପନ୍ନ ଚିନ୍ତାଧାରାକୁ କାର୍ଯ୍ୟକାରୀ କରିବା ପାଇଁ ମ୍ୟୁନିସିପାଲିଟି ସେବାକେନ୍ଦ୍ର, ଜଳ ଯୋଗାଣ ଏବଂ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଭଳି ବିଭିନ୍ନ କ୍ଷେତ୍ରକୁ ମୁଖ୍ୟ ପଦକ୍ଷେପ ହିସାବରେ ଚିହ୍ନଟ କରାଯାଇଛି। ୨୦୦୦-୨୦୦୧ ତୁଳନାରେ ୨୮ ଗୁଣା ଅଧିକ ବଜେଟ ବ୍ୟବସ୍ଥା ହୋଇଛି। ରାଜ୍ୟରେ ୧,୭୫,୦୦୦ ପରିବାରକୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ୭୪୬ ବସ୍ତି ବିଜୁ ଆଦର୍ଶ କଲୋନିରେ ରୂପାନ୍ତରିତ ହୋଇଛି। ବସ୍ତି ଅଞ୍ଚଳରେ ୩.୮୯ ଲକ୍ଷ ପରିବାର ଟ୍ୟାପ୍ ପାଣି ସଂଯୋଗ ପାଇଛନ୍ତି। ବସ୍ତି ଅଞ୍ଚଳରେ ୩.୯୬ ଲକ୍ଷ ପରିବାର ବିଦ୍ୟୁତ୍ ସଂଯୋଗ ପାଇଛନ୍ତି। ୩.୨୬ ଲକ୍ଷ ପରିବାରର ଯାହାକି ବସ୍ତି ଜନସଂଖ୍ୟାର ପ୍ରାୟ ୮୨ ପ୍ରତିଶତ ବ୍ୟକ୍ତିଗତ ଘରୋଇ ଶୌଚାଳୟ ଅଛି। ୨୯୧୯ ବସ୍ତିବାସିନ୍ଦା ସଂଘର ବ୍ୟାଙ୍କ ଆକାଉଣ୍ଟ ରହିଛି। ଆସନ୍ତା ଡିସେମ୍ବର ସୁଦ୍ଧା ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଏବଂ ରାଉରକେଲାର ବସ୍ତି ଅଞ୍ଚଳରେ ରହୁଥିବା ଲୋକଙ୍କୁ ଜମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ସହରାଞ୍ଚଳ ପାଇପ୍ ଜଳ ଯୋଗାଣ ଏବଂ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ମିଶନରେ ୧୧୫ ସହର ମଧ୍ୟରୁ ୧୦୭ରେ ଘରୋଇ ସଂଯୋଗୀକରଣ ହୋଇଛି। ଡିସେମ୍ବର ୨୦୨୩ ସୁଦ୍ଧା ଅବଶିଷ୍ଟ ସହରଗୁଡ଼ିକରେ ୧୦୦ ପ୍ରତିଶତ ଘରୋଇ ସଂଯୋଗ କରାଯିବ। ଘରୋଇ ସଂଯୋଗୀକରଣ ୩ ଲକ୍ଷରୁ ୯.୯୭ ଲକ୍ଷକୁ ବୃଦ୍ଧି ପାଇଛି। ଓଡ଼ିଶା ଭାରତର ପ୍ରଥମ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ରାଜ୍ୟ ଭାବେ ବିବେଚିତ ହୋଇଛି। ଭୁବନେଶ୍ୱର ୧୦୦ ପ୍ରତିଶତ ଘରୋଇ ସଂଯୋଗ ଥିବା ଭାରତର ପ୍ରଥମ ସହର ଭାବେ ବିବେଚିତ ହୋଇଛି। ଡ୍ରିଙ୍କ ଫ୍ରମ ଟ୍ୟାପ୍ ଜଳ ଯୋଗାଣ ବ୍ୟବସ୍ଥା ୨୪ ଘଣ୍ଟା ପାନୀୟ ଜଳ ଯୋଗାଯାଉଥିବା ପୁରୀ ହେଉଛି ଦେଶରେ ପ୍ରଥମ ସହର। ସେହିପରି ମୁକ୍ତା ଯୋଜନା ଅଧୀନରେ ୫୫୦ କୋଟି ଟଙ୍କା ମୂଲ୍ୟରେ ୫୨୦୦୦ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ୧୮୦ କୋଟି ଟଙ୍କାର ମଜୁରି ପ୍ରଦାନ କରାଯାଇଛି। ମୁକ୍ତା ଅଧୀନରେ ୬୨ ଲକ୍ଷ ବ୍ୟକ୍ତି ଶ୍ରମ ଦିବସ ସୃଷ୍ଟି କରାଯାଇଛି। ୧୮,୫୦୦ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଘ ସମୂହକୁ ୨୨.୫ କୋଟି ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସେହିପରି ଉନ୍ନତି ଯୋଜନା, ଆମ ପୋଖରୀ ଯୋଜନା ଆଦି କାର୍ଯ୍ୟକାରୀ କରାଯାଇଛି। ସେହିପରି ସ୍ମାର୍ଟ ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଯୋଜନା ଶୁଭାରମ୍ଭ କରାଯାଇଥିବା ବିଷୟରେ ସେ ଉଲ୍ଲେଖ କରିଛନ୍ତି।

# ସ୍ତ୍ରୀଙ୍କୁ କଟୁରିରେ ହାଣି ବିଷ ପିଇଲେ ସ୍ୱାମୀ

## ମୋବାଇଲ ଦେଖିବାକୁ ନେଇ କଳି

ବାରିପଦା ଅଫିସ/ବଡ଼ସାହି, ୨୮।୩(ଡି.ଏନ.ଏ/ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ଛେଳିଆ 'ବି' ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ମୋବାଇଲ ଦେଖିବାକୁ ନେଇ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଉପୁଜିଥିବା କଳି ଶେଷରେ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ସ୍ୱାମୀ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ କଟୁରିରେ ହାଣିବା ପରେ ନିଜେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଶାନ୍ତ ବେହେରା(୫୫)। ଗୁରୁତର ଅବସ୍ଥାରେ ସ୍ତ୍ରୀ ମିନତି (୪୫)ଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୂର୍ବାହ୍ନରେ ମିନତି ଘର ସମ୍ମୁଖରେ ବସି ମୋବାଇଲ ଦେଖୁଥିବା ବେଳେ ସ୍ୱାମୀ ପ୍ରଶାନ୍ତ ପଛପଟୁ ଆସି ହଠାତ୍ ଏକ କଟୁରିରେ ତାଙ୍କ ବେକ ଓ ହାତକୁ ଆକ୍ରମଣ କରି ପଳାଇଯାଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ମିନତି ସଂଜ୍ଞା ହରାଇ ସେଠାରେ ପଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାରକରି ପ୍ରଥମେ ବଡ଼ସାହି ଡାକ୍ତରଖାନା ଓ ପରେ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରିଥିଲେ। ଏହି ଘଟଣା ପରେ ପ୍ରଶାନ୍ତ ମାନସିକ ଭାରସାମ୍ୟ ହରାଇ ବିଷ ପିଇ ଆତ୍ମହତ୍ୟା କରିଥିଲେ। ଖବରପାଇ ବଡ଼ସାହି ପୋଲିସ ପ୍ରଶାନ୍ତଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ଅର୍ଦ୍ଧଦଗ୍ଧ ମୃତଦେହ ଜବତ, ହତ୍ୟା ସନ୍ଦେହ

ଭେଡେନ,୨୮।୩(ଡି.ଏନ.ଏ.)

ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ଗୋଡଭଗା-ସୋନପୁର ୫୫ ନମ୍ବର ରାଜ୍ୟ ରାଜପଥର ବଇପୁର-ଖାଇଁଜୋର ପୋଲ ନିକଟ ରାସ୍ତାକଡ଼ରୁ ଏକ ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ ମଙ୍ଗଳବାର ଜବତ କରିଛି। ମୃତଦେହ ଜଣେ ଯୁବକଙ୍କର ବୋଲି ଜଣାପଡୁଥିବା ବେଳେ ପାଖରେ ଏକ କଟୁରି ପଡିଛି। ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ଅନୁମାନ କରିଛି। ହତ୍ୟାକାରୀ ପ୍ରମାଣ ନଷ୍ଟ କରିଦେବାକୁ ନିଛାଟିଆ ବୁଦୁବୁଦିଆ ଗଛଲତା ମଝିରେ ମୃତଦେହକୁ ପେଟ୍ରୋଲ ଢାଳି ପୋଡି ଦେବାକୁ ଚେଷ୍ଟା କରିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ସେହିପରି ମୃତଦେହର ତଣ୍ଟି କଟାଯାଇଥିବା ବେଳେ ବେକରେ ଏକ ମୋଟା କପଡା ଗୁଡାଇ ହୋଇଥିବା ଦେଖିବାକୁ ମିଳିଛି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ମୃତକଙ୍କ ପରିଚୟ ଜଣାପଡିନାହିଁ।

ସୂଚନା ଅନୁସାରେ, ମଙ୍ଗଳବାର ସକାଳ ୮ଟା ସମୟରେ ସ୍ଥାନୀୟ ଗ୍ରାମର ଜଣେ ଚାଷୀ ଧାନ କିଆରୀକୁ ପାଣି ମଡାଇବାକୁ ଯାଇଥିଲେ। ଏହି ସମୟରେ ପୋଲ ନିକଟ ରାସ୍ତା କଡରେ ହଠାତ୍ ହୁତୁ ହୁତୁ ହୋଇ ନିଆଁ ଜଳି ଉଠିଥିଲା। ପ୍ରଥମେ ଶୁଖିଲା ତାଳପତ୍ରରେ କେହି ନିଆଁ ଲଗାଇଥିବା ଅନୁମାନ କରି ଚାଷୀ ଜଣଙ୍କ ଚୁପ୍ ରହିଲେ। ମାତ୍ର କିଛି ସମୟ ପରେ ସେଠାରୁ ଦୁଇ ଜଣ ବ୍ୟକ୍ତି ବାହାରି କିଛି ଦୂରରେ ଛିଡା ହୋଇଥିବା ଏକ ନୀଳରଙ୍ଗ କାର୍‌ରେ ବସି ସୋନପୁର ପଟକୁ ଦ୍ରୁତବେଗରେ ପଳାଇଥିଲେ। ପରେ ସନ୍ଦେହ ହେବାରୁ ଚାଷୀ ଜଣଙ୍କ ଘଟଣାସ୍ଥଳକୁ ଯାଇ ଏକ ମୃତଦେହ ପୋଡୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ରୁଷୁଡା ଫାଣ୍ଡି ଅଧିକାରୀ ସ୍ୱରୂପ କୁମାର ବଡାଇକ, ଭେଡେନ ଥାନାଧିକାରୀ ସଙ୍ଗୀତା ମହାପାତ୍ର ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭେଡେନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡାଙ୍କ ଉପସ୍ଥିତିରେ ଅର୍ଦ୍ଧଦଗ୍ଧ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ଅଧିକ ତଦନ୍ତ ଚଳାଇଛି ।

## କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲା

# ଅଭିଯୁକ୍ତଙ୍କ ଜେରା ତାରିଖ ଘୁଞ୍ଚିଲା

ଭଦ୍ରକ ଅଫିସ, ୨୮।୩

କ୍ୟାମେରାମ୍ୟାନ ମାନସ ସ୍ୱାଇଁ ହତ୍ୟା ମାମଲାରେ ସୋମବାର ଭଦ୍ରକ ଜିଲା ଜଜ୍ କୋର୍ଟରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଛି। ପ୍ରଥମ ସାକ୍ଷୀ ଭାବେ ବାଂଶଡ଼ା ଥାନା ଅଧୀନ ସଦାନନ୍ଦପୁର ଗ୍ରାମର ଦେବାଶିଷ ଜେନାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଅନ୍ୟ ଅଭିଯୁକ୍ତ ବିବେକ ନାୟକ ଅସୁସ୍ଥତା ଦର୍ଶାଇ କୋର୍ଟରେ ହାଜର ହୋଇ ନ ଥିଲେ। ପୂର୍ବରୁ ମାଜିଷ୍ଟ୍ରେଟଙ୍କ ଆଗରେ ବିବେକ ଦେଇଥିବା ୧୬୪ ଦଫାର ବୟାନ କାଗଜପତ୍ର ଅପରପକ୍ଷ ଓକିଲ ପାଇ ନ ଥିବାରୁ ମଙ୍ଗଳବାର ତାଙ୍କୁ ଜେରା ପାଇଁ ତାରିଖ ରଖାଯାଇଥିଲା। ମଙ୍ଗଳବାର ବିବେକ ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର ହେବା ପରେ ଜେରା ଆରମ୍ଭ ହୋଇଥିଲା। ମାତ୍ର କୋର୍ଟ ସମୟ ଅଭାବରୁ ଜେରା ପାଇଁ ଅନ୍ୟଦିନକୁ ରଖାଯାଇଥିବା ସରକାରୀ ଓକିଲ ପ୍ରଦୀପ୍ତ କୁମାର ସାମଲ କହିଛନ୍ତି। ପ୍ରକାଶ ଯେ, ଜେଲରେ ଥିବା ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଓ ସହଯୋଗୀ ଝୁନା ଭୋଇଙ୍କୁ ସୋମବାର ଭିଡିଓ କନ୍‌ଫରେନ୍ସରେ କୋର୍ଟରେ ହାଜର କରାଯାଇଥିଲା।

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୪୭
ବିଜ୍ଞାପନ
ତା:୨୨।୦୩।୨୦୨୩

No. CAD-5308: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ।

| କ୍ର.ନଂ. | ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧. | ୰ପ୍ରଶାନ୍ତ କୁମାର ଦାସ<br>ପିତା: ୰ରାଧାକୃଷ୍ଣ ଦାସ<br>ଗ୍ରା/ପୋ.: ଚଣାହାଟ<br>ଥା.: ବାଲିପାଟଣା,<br>ଜି.: ଖୋର୍ଦ୍ଧା | ଏଫ୍.ଏଲ୍ - ୧୯<br>ବାସନ୍ତୀ କଲୋନୀ<br>ଚତୁର୍ଥ ପର୍ଯ୍ୟାୟ<br>ରାଉରକେଲା | ୧. ଶ୍ରୀମତୀ ଶାନ୍ତିଲତା ଦାସ (ସ୍ତ୍ରୀ)<br>୨. ରଶ୍ମିରେଖା ଦାସ (ବି. କନ୍ୟା)<br>୩. ପ୍ରଭାସମଣି କବିସାରଦ ଦାସ (ପୁତ୍ର)<br>୪. ସ୍ମୃତିରେଖା ଦାସ (ବି. କନ୍ୟା) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0682/2223

OFFICE OF THE PANCHAYAT SAMITI
KUARMUNDA, DIST.: SUNDARGARH
TENDER CALL NOTICE NO. 03/2022-23

No. i-549: Sealed tenders are invited from the interested bidder for the civil work under BDO, Kuarmunda of Sundargarh district. The detail of works, eligibility, estimated cost and cost of tender paper has been uploaded in the district website **www.sundergarh.nic.in**. The bidder should be C or B class contractor. They have to submit the bid document to the undersigned in the address of Office of the B.D.O., Kuarmunda, At/P.O.: Kuarmunda, PIN - 770039, Dist.: Sundargarh (Odisha) through Registered Post/Speed Post only on or before 21.04.2023 upto 01.00 P.M. The sale of tender paper will be from dated 28.03.2023 to dated 19.04.2023 in the district website **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 24.04.2023 at 10.00 A.M. in the Office of the undersigned in the presence of the bidders or his/her authorized representatives.

**Sd./- Block Development Officer**
**Kuarmunda**
OIPR-19217/11/0002/2223

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
OFFICE OF THE CHIEF GENERAL MANAGER (P&C) IDCO,
IDCO TOWER, BHUBANESWAR
No.CAD-5312
Tender Call Notice No.
H.O./P&C/EST-E-2039/01/2022 9245 Dated 23.03.2023
NOTICE INVITING TENDER THROUGH e-Procurement
Name of the Work: Proposed constructions of common facilities center at MSME Park, Ramdaspur, Cuttack.
Estimated Cost: Rs.515.90 lakhs (Approx.)
Period of Completion: 05 (Five) Calendar months

| Procurement Officer | Bid Identification No. | Availability of Tender on-line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager, (P&C), IDCO, Idco Tower, Bhubaneswar | Bid Id No.PC/ EST/E-183/ 2022-23 | 17.00 Hours of 03.04.2023 | 17.00 Hours of 18.04.2023 |

Further details can be seen from the e-Procurement portal www.tendersorissa.gov.in. and corrigendum if any will not be published in news papers and can only be seen in the e-Procurement portal www.tenderorissa.gov.in. and IDCO website www.idco.in.

**Sd./- Chief General Manager (P&C)**
**IDCO, Bhubaneswar**
OIPR-14003/11/0344/2223

OFFICE OF THE PANCHAYAT SAMITI
LAHUNIPARA, DIST.: SUNDARGARH
Letter No. 616 Date: 27.03.2023
TENDER CALL NOTICE NO. 01/2022-23

No. i-553: Sealed tenders are invited from the interested bidder for the civil work under BDO, Lahunipara of Sundargarh district. The detail of works, eligibility, estimated cost, EMD, cost of tender paper has been uploaded in the district website **www.sundergarh.nic.in**. The bidder should be C or B class contractor. They have to submit the bid document to the undersigned in the address of Office of the B.D.O., Lahunipara, At/P.O.: Lahunipara, PIN - 770040, Dist.: Sundargarh (Odisha) through Registered Post/Speed Post only on or before 21.04.2023 upto 01.00 P.M. The sale of tender paper will be from dated 28.03.2023 to dated 19.04.2023 in the district website **www.sundergarh.nic.in**. The authority reserves the right to cancel or reject the entire process without assigning any reason thereof. The tender will be opened on dated 24.04.2023 at 10.00 A.M. in the Office of the undersigned in the presence of the bidders or his/her representatives.

**Sd./- Block Development Officer**
**Lahunipara**
OIPR-19346/11/0001/2223

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: 4779 IND-II-PH-1148
ବିଜ୍ଞାପନ
ତାରିଖ: ୨୭।୦୩।୨୦୨୩

No. CAD-5317: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ତହସିଲଦାର, ରାୟଗଡ଼ା ଓଡ଼ିଶାର ରାୟଗଡ଼ା ଜିଲ୍ଲା ରାୟଗଡ଼ା ତହସିଲ ଅନ୍ତର୍ଗତ କାସିଲି ମୌଜାରେ ୬.୦୭୦ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କାସିଲି ପଥର ଖଣି କ୍ଲଷ୍ଟର ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority (SEIAA), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୯।୦୪।୨୦୨୩ରିଖ ଦିବା ୧୧.୦୦ ଘଟିକା ସମୟରେ ରାୟଗଡ଼ା ଜିଲ୍ଲା, ମଲ୍ଲିଗାଁ ରାଜସ୍ୱ ନିରୀକ୍ଷକ ପରିମଣ୍ଡଳ, କାମ୍ପୋ ମଲ୍ଲିଗାଁସ୍ଥିତ କାସିଲି ଗ୍ରାମରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡ଼ା।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ରାୟଗଡ଼ା।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ରାୟଗଡ଼ା।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ରାୟଗଡ଼ା।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ରାୟଗଡ଼ାସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ
OSPCB-PH-MISC-0029-2023/3/2023
OIPR-08012/11/0451/2223

# ଜାତୀୟ ଶକ୍ତି ଉତ୍ତୋଳନ ପାଇଁ ଓଡ଼ିଶା ଦଳ

ଭୁବନେଶ୍ୱର, ୨୮।୩
(ସ୍ପୋର୍ଟ୍ସ ବ୍ୟୁରୋ)


ଜାତୀୟ ସିନିୟର ଶକ୍ତି ଉତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ଦଳ ଓ କର୍ମକର୍ତ୍ତା।

କେରଳ ରାଜ୍ୟ ଅନ୍ତର୍ଗତ କୋଝିକୋଡ୍‌ଠାରେ ଏପ୍ରିଲ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ପାଇଁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ତରଫରୁ ମନୋନୀତ ୧୫ ଜଣିଆ ଖେଳାଳି ଦଳ ଏବଂ ଦୁଇଜଣ କର୍ମକର୍ତ୍ତା କେରଳ ଗସ୍ତ କରିଛନ୍ତି। ପୁରୁଷ ବିଭାଗରେ ଭାଗନେବା ପାଇଁ ପ୍ରଦୀପ ପାତ୍ର, ରାକେଶ ଶତପଥୀ, ଜାଭେଦ ଅର୍ଶଦ, ଦେବାଶିଷ ମହାନ୍ତି, ଦୀପକ କୁମାର, ମହେନ୍ଦ୍ର ରାଉତ ରଞ୍ଜନ ହାଁସ୍‌ଦା ଓ ଅଭିଷେକ ମହନ୍ତ ମନୋନୀତ ହୋଇଛନ୍ତି। ମହିଳା ପ୍ରତିଯୋଗୀଙ୍କ ମଧ୍ୟରେ ରହିଛନ୍ତି ତନୟା ପଣ୍ଡା, ପ୍ରଭାତୀ ସିଂ, ଦେବୀ ସିଂ, ଦିବ୍ୟଲେଖା ମିଶ୍ର, ନଗ୍‌ମା ଆରା ବେଗମ, ଅନୀତା ବେହେରା ଓ ସ୍ୱାଗତିକା ଖଟେଇ ରହିଛନ୍ତି। ଦଳ ସହ ପ୍ରବନ୍ଧକ ଶକ୍ତି ପ୍ରସାଦ ବାରିକ ଓ କୋଚ୍ ଲଳିତ ସାହୁ ଗସ୍ତ କରିଛନ୍ତି। ସଂଘର ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ, ଚିତରଞ୍ଜନ ସ୍ୱାଇଁ, ଡ. ଗୌରୀ ମହାନ୍ତି, ସମରେନ୍ଦ୍ର ରାଉତରାୟ ଏବଂ ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଓଡ଼ିଶା ଦଳର ସଫଳତା କାମନା କରିଛନ୍ତି।

# ସେମିଫାଇନାଲରେ ମୁକ୍ତେଶ୍ୱର


ପୁରସ୍କାର ଗ୍ରହଣ ଅବସରରେ ସମରପ୍ରୀତ ପଟେଲ (ମଝି)।

ଭୁବନେଶ୍ୱର,୨୮।୩
(ସ୍ପୋର୍ଟ୍ସ ବ୍ୟୁରୋ)

**ପଞ୍ଚମ ରାମେଶ୍ୱର କପ୍**

ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ପଞ୍ଚମ ରାମେଶ୍ୱର କପ୍ ତଥା କମଳା ପରିଡ଼ା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି ମୁକ୍ତେଶ୍ୱର। ମଙ୍ଗଳବାର ଅନୁଷ୍ଠିତ ବର୍ଷା ବାଧାପ୍ରାପ୍ତ ତୃତୀୟ କ୍ୱାର୍ଟର ଫାଇନାଲକୁ ଡର୍କୱର୍ଥ ଲୁଇସ୍ ମେଥଡରେ ଟାଉନ୍ କ୍ଲବକୁ ୭ ଉଇକେଟରେ ପରାସ୍ତ କରିଛି ଦଳ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୩୪.୪ ଓଭରରେ ୧୫୬ ରନ୍‌ରେ ଅଲଆଉଟ ହୋଇଥିଲା। ଜୀବନ ରଣସିଂହ ୫୮ ରନ୍ କରିଥିବା ବେଳେ ମୁକ୍ତେଶ୍ୱର ପକ୍ଷରୁ ସୋମଦେବ ବିଶ୍ୱାଳ ୩ ଓ ଦିବ୍ୟେନ୍ଦୁ ପଣ୍ଡା ୨ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୧୯.୫ ଓଭରରେ ୩ ଉଇକେଟରେ ୧୫୫ ରନ୍ କରିଥିବା ବେଳେ ବର୍ଷା କାରଣରୁ ଖେଳ ବନ୍ଦ ରହିଥିଲା। ସମରପ୍ରୀତ ପଟେଲ ୮୯ ରନ୍ କରିଥିବା ବେଳେ ଶ୍ଲୋକ ସଙ୍କଳ୍ପ ୨ ଉଇକେଟ ନେଇଥିଲେ। ଆଉ ଖେଳ ସମ୍ଭବ ନ ହେବାରୁ ଡର୍କୱର୍ଥ ଲୁଇସରେ ମୁକ୍ତେଶ୍ୱରକୁ ବିଜୟୀ ଘୋଷଣା କରାଯାଇଥିଲା। ସମରପ୍ରୀତଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ପ୍ରଭାତ ରଥ। ଜୟନ୍ତ ପ୍ରଧାନ ଓ ଜଗଦୀଶ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ବୁଧବାର ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଓ ଆଲ୍‌ଫା ସ୍ପୋର୍ଟିଂ ଗଞ୍ଜାମ ମଧ୍ୟରେ ଖେଳାଯିବ।

## ଆଇପିଏଲ୍ ପୂର୍ବରୁ ଇଞ୍ଜେକ୍ସନ ନେବେ ଷ୍ଟୋକ୍ସ

**ଲଣ୍ଡନ, ୨୮।୩ :** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଖେଳିବା ଲାଗି ଭାରତ ଯିବା ପୂର୍ବରୁ ଇଂଲଣ୍ଡ ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କୁ ଏକ ଇଞ୍ଜେକ୍ସନ ନେବାକୁ ପଡ଼ିବ। ଷ୍ଟୋକ୍ସଙ୍କର ଦୀର୍ଘ ଦିନ ହେଲା ବାମ ଆଣ୍ଠୁରେ ସମସ୍ୟା ଦେଖା ଦେଇଛି। ଗତ ଫେବୃୟାରୀରେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମାଚ୍‌ରେ ଖେଳିବାବେଳେ ସେ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ୟୁକେକୁ ଫେରିବା ପରେ ସେ ତାଙ୍କର ସ୍କାନ କରାଇଥିଲେ।

## ସ୍ୱସ୍ତି ସିଂଙ୍କୁ ରୌପ୍ୟ ପଦକ



**ଭୁବନେଶ୍ୱର, ୨୮।୩ (କ୍ରୀଡ଼ା ପ୍ରତିନିଧି):** ପଟିଆଲାସ୍ଥିତ ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସାଇକ୍ଲିଂ ଟ୍ରାକ୍ (ମହିଳା ଓ ପୁରୁଷ) ଚାମ୍ପିୟନଶିପ୍ ମଙ୍ଗଳବାର ଆରମ୍ଭ ହୋଇଛି। ଏହା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ପ୍ରଥମ ଦିବସରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ସ୍ୱସ୍ତି ସିଂ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ବ୍ୟକ୍ତିଗତ ପର୍ଶୁ୍ୟଟ ୩ କିଲୋମିଟର ରେସ୍‌କୁ ୪.୧୦ ସେକେଣ୍ଡରେ ଶେଷ କରି ସେ ଏହି ସଫଳତା ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଏହା ପୂର୍ବରୁ ସ୍ୱସ୍ତି ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି।


ହରିୟାଣାର କର୍ନେଲଠାରେ ଅନୁଷ୍ଠିତ ଜାତୀୟ ହ୍ୱିଲ ଚେୟାର ଫେନ୍‌ସିଂରେ ୨୪ ପଦକ ଜିତି ମଙ୍ଗଳବାର ଭୁବନେଶ୍ୱର ଫେରିବା ପରେ ବିମାନ ବନ୍ଦରରେ ସମ୍ବର୍ଦ୍ଧିତ ହେବା ଅବସରରେ ଓଡ଼ିଶା ଦଳ। ରାଜ୍ୟ କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ସିଦ୍ଧାର୍ଥ ଶଙ୍କର ସାହୁ, ଲିଲିନ ପ୍ରସାଦ ସାହୁ ଓ ପାରା ସ୍ପୋର୍ଟ୍ସ ସଂଘର କର୍ମକର୍ତ୍ତା ଦଳକୁ ସ୍ୱାଗତ କରିଥିଲେ।

# ଭାରତକୁ 'ଫେୟାର ପ୍ଲେ' ପୁରସ୍କାର

ଢାକା, ୨୮।୩


ଟପ୍ ସ୍କୋରର ପୁରସ୍କାର ଗ୍ରହଣ କରୁଛନ୍ତି ଭାରତର ଶିଲ୍‌ଜି ଶାଜି।

**୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ**
- ଶେଷ ମ୍ୟାଚରେ ରୁଷିଆଠାରୁ ପରାସ୍ତ
- ଶିଲ୍‌ଜି ଶାଜି ଟପ୍ ସ୍କୋରର

ଏଠାରେ ମଙ୍ଗଳବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ସାଫ୍ ମହିଳା ଫୁଟବଲ ଟୁର୍ନାମେଣ୍ଟର ଏକ ମ୍ୟାଚରେ ଭାରତ ୦-୨ ଗୋଲରେ ଶକ୍ତିଶାଳୀ ରୁଷିଆ ନିକଟରୁ ହାରି ଯାଇଛି। ରୁଷିଆ ପକ୍ଷରୁ ଭାସିଲିସା ଆଭଲିଏଙ୍କୋ ୧୦ ଓ ଡାରିଆ କୋଟଲୋଭା ପେନ୍ ୧୩ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଏହାପରେ ଭାରତ ଲଢୁଆ ପ୍ରଦର୍ଶନ କରିଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ରୁଷିଆ ୪ ମ୍ୟାଚରୁ ୧୨ ପଏଣ୍ଟ ସହିତ ଚାମ୍ପିୟନ ହୋଇଥିବାବେଳେ ଭାରତ ୬ ପଏଣ୍ଟରେ ରହି ତୃତୀୟ ସ୍ଥାନ ଅଧିକାର କରିଛି। ବାଂଲାଦେଶ ୭ ପଏଣ୍ଟ ସହିତ ତୃତୀୟ ସ୍ଥାନ ପାଇଛି। ଭାରତର ଶିଲ୍‌ଜି ଶାଜି ୮ ଗୋଲ ଦେଇ ଟପ୍ ସ୍କୋରର ହୋଇଛନ୍ତି। ସେହିପରି ଶୃଙ୍ଖଳିତ ପ୍ରଦର୍ଶନ ପାଇଁ ଭାରତୀୟ ଦଳକୁ ଫେୟାରପ୍ଲେ ପୁରସ୍କାର ମିଳିଛି। ନେପାଳ ବିପକ୍ଷରେ ୪-୧ ଗୋଲରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିବା ଭାରତ ନିଜର ଦ୍ୱିତୀୟ ମ୍ୟାଚରେ ବାଂଲାଦେଶଠାରୁ ୦-୧ ଗୋଲରେ ହାରି ଯାଇଥିଲା। ତେବେ ତୃତୀୟ ମ୍ୟାଚରେ ଭୁଟାନକୁ ୯-୦ ଗୋଲରେ ହରାଇ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ଟୁର୍ନାମେଣ୍ଟ ପାଇଁ ପ୍ରିୟା ପି. ଭାଲାପିଲ ଭାରତୀୟ ଦଳର ମୁଖ୍ୟ କୋଚ୍ ଏବଂ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫୁଟବଲ ତାରକା ତଥା ଜାତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସହକାରୀ କୋଚ୍ ଦାୟିତ୍ୱ ନିର୍ବାହ କରିଥିଲେ।

## ବ୍ରୋଞ୍ଜ ଜିତିଲେ ଚନ୍ଦନ କୁମାର

**ଭୁବନେଶ୍ୱର, ୨୮।୩ (କ୍ରୀଡ଼ା ପ୍ରତିନିଧି):** ନୂଆଦିଲ୍ଲୀରେ ଅନୁଷ୍ଠିତ ୨୦ତମ ଜାତୀୟ ସିନିୟର ପାରା ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ଚନ୍ଦନ କୁମାର ବେହେରା ବ୍ରୋଞ୍ଜ ପଦକ ପାଇଛନ୍ତି। ମଙ୍ଗଳବାର ଶେଷ ଦିବସରେ ସେ ୯୭ କେଜି ବର୍ଗରେ ୧୫୫ କେଜି ଶକ୍ତି ଉତ୍ତୋଳନ କରି ଏହି ସଫଳତା ପାଇଛନ୍ତି। ପଞ୍ଜାବର ଯୋଗେନ୍ଦ୍ର ସିଂ ୨୧୦ କେଜି ଉଠାଇ ସ୍ୱର୍ଣ୍ଣ ଏବଂ ଉତ୍ତର ପ୍ରଦେଶର ସୁମିତ କୁମାର ୧୭୦ କେଜି ସହ ରୌପ୍ୟ ପଦକ ପାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ପ୍ରତିଯୋଗିତାର ପ୍ରଥମ ଦିବସରେ ଓଡ଼ିଶାର ଗଦାଧର ସାହୁ ୫୯ କେଜି ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।


ଚନ୍ଦନ କୁମାର ବେହେରା

DSPL - 524
ODISHA
INDIA'S BEST KEPT SECRET.

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା
କଳିଙ୍ଗ ଷ୍ଟାଡିୟମ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ
ଟେନିସ୍ ସେଣ୍ଟର୍‌ର
ଶୁଭ ଉଦ୍‌ଘାଟନ
୨୯ ମାର୍ଚ୍ଚ ୨୦୨୩



"କ୍ରୀଡ଼ା ପାଇଁ ଯୁବଗୋଷ୍ଠୀ
ଭବିଷ୍ୟତ ପାଇଁ ବଡ଼ ଶକ୍ତି"

ଆଇଟିଏଫ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୋର୍ଟ






କ୍ରୀଡ଼ା ଦୃଶ୍ୟପଟ୍ଟର ରୂପାନ୍ତରଣ । କ୍ରୀଡ଼ାବିତଙ୍କ ସଶକ୍ତିକରଣ
OIPR-29001/13/0082/2223

## ଭେଣ୍ଡିର ଉନ୍ନତ କିସମ

**ବ**ର୍ଷସାରା ଭେଣ୍ଡି ଲଗାଯାଇପାରେ। ଉନ୍ନତ କିସମ ବିହନ ଲଗାନ୍ତୁ। ଯଥା-ଉତ୍କଳଗୌରବ,ଅର୍କ,ଅନାମିକା,ଉପହାର,ପର୍ବାଣିକ୍ରାନ୍ତି ଏବଂ ହାଇବ୍ରିଡ୍ ଜାତୀୟ ଯଥା-ବର୍ଷା,ବିଜୟ,ବିଶାଳ,ତାରା,ଆଧୁନିକ, ଅତ୍ୟାଧୁନିକ, ସୁପ୍ରିୟ ମଧ୍ୟ ଲଗାଇପାରିବେ। କିସମ ଅନୁସାରେ ଏକର ପ୍ରତି ୫ରୁ ୭ କି.ଗ୍ରା. ବିହନ(ଉନ୍ନତ କିସମ) ଓ ସଙ୍କର ଜାତୀୟ ପାଇଁ ୧୨୫୦ରୁ ୧୫୦୦ଗ୍ରାମ୍ ବିହନ ଦରକାର ହୁଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ ଶଗଡ଼ ଗୋବରଖତ,୪୫କି.ଗ୍ରା. ଯବକ୍ଷାରଜାନ,୨୫କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ସଙ୍କର ଜାତୀୟ ପାଇଁ ୨୦-୨୫ ଶଗଡ଼ ଗୋବରଖତ,୮୦କି.ଗ୍ରା. ଯବକ୍ଷାରଜାନ ,୪୦କି.ଗ୍ରା. ଫସ୍‌ଫରସ ଓ ୪୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ। ଧାଡ଼ିକୁ ଧାଡ଼ି ୩୦ସେ.ମି. ଓ ଗଛକୁ ଗଛ ୪୫ସେ.ମି ବ୍ୟବଧାନରେ ମଞ୍ଜି ପୋତନ୍ତୁ।



## ଖରିଫ ଫସଲ ଲାଗି ଯୋଜନା

**ବ**ର୍ତ୍ତମାନଠାରୁ ନିଜ ଜମିର ପ୍ରକାର, ମାଟିର ଉର୍ବରତା, ସେଚଜଳର ସୁବିଧା ଓ ଅନ୍ୟାନ୍ୟ କୃଷି ସାମଗ୍ରୀଗୁଡ଼ିକର ଉପଲବ୍ଧତାକୁ ବିଚାରକୁ ନେଇ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ। ସର୍ବଦା ପ୍ରାମାଣିକ ବିହନ ବ୍ୟବହାର କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ପ୍ରତି ୩ବର୍ଷରେ ବିହନକୁ ବଦଳାଇ ଦିଅନ୍ତୁ। ଉନ୍ନତମାନର ବିହନ ବ୍ୟବହାର କରିବା ଦ୍ୱାରା ଅମଳ ୧୫ ପ୍ରତିଶତ ବୃଦ୍ଧି ପାଇଥାଏ। ଘରେ ସାଇତି ରଖୁଥିବା ବିହନ ବ୍ୟବହାର କରୁଥିଲେ ଗଜା ପରୀକ୍ଷା କରାଇ ନିଅନ୍ତୁ। ବୃଷ୍ଟିପୁଷ୍ଟ ଜମିଗୁଡ଼ିକରେ ଧାନ ପରିବର୍ତ୍ତେ ଅଧିକ ଅର୍ଥକରୀ ଅଣଧାନ ଫସଲ, ଯଥା-ଡାଲି ଫସଲ, ତୈଳବୀଜ ଫସଲ, କପା, ସୂର୍ଯ୍ୟମୁଖୀ, ପନିପରିବା ଆଦି ଏକକ ଫସଲ ଭାବରେ ଅଥବା ମିଶ୍ରିତ ଫସଲ ଭାବରେ ଚାଷ କରନ୍ତୁ। ଖାଲ ଜମିଗୁଡିକରେ ଅଧିକ ଘାସ ଥିଲେ ଏହାର ଦମନ ପାଇଁ ତୃଣନାଶକ ବ୍ୟବହାର କରନ୍ତୁ।



## ଆଖୁ: ସାର ପ୍ରୟୋଗ ପରେ...

**ପ୍ର**ଥମ ସାର ପ୍ରୟୋଗର ୩୦ ଦିନ ପରେ ଅର୍ଥାତ୍ ଆଖୁ ଲଗାଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ଦ୍ୱିତୀୟ କିସ୍ତିରେ ପ୍ରୟୋଗକରି ହୁଡ଼ା ଟେକନ୍ତୁ ଓ ଜଳସେଚନ କରନ୍ତୁ। ଆଖୁ ଲଗାଇବାର ୬୦ ଦିନରେ ହେକ୍ଟର ପ୍ରତି ୫ କି.ଗ୍ରା. ଆଜୋସ୍ପିରିଲମ୍ ଓ ୨୫୦ କି.ଗ୍ରା. ଶୁଖିଲା ଗୁଣ୍ଡ ଖତ ମିଶାଇ ପ୍ରୟୋଗ କରନ୍ତୁ। ଫସଲରେ ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧.୫-୨.୦ ଲିଟର ଫିପ୍ରୋନିଲ୍ (୫% ଏସ୍.ସି.) କିମ୍ବା ୩୭୫ ମି.ଲି. କ୍ଲୋରାନ୍‌ଟ୍ରାନିଲିପ୍ରୋଲ୍ (୧୮.୫ ଏସ୍‌ସି) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୫୦,୦୦୦ ଟ୍ରାଇକୋଗ୍ରାମା ଚିଲୋନିସ୍ ହେକ୍ଟର ପ୍ରତି ଛାଡ଼ନ୍ତୁ।



# ନଳିତା ଚାଷ ପାଇଁ ପ୍ରସ୍ତୁତି

### ଏପ୍ରିଲ ମାସର କୃଷି ସୂଚନା



**ନ**ଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ। ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ। ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ।

**ଡାଲୁଅ ଧାନ :** ସମୟୋପଯୋଗୀ ଜଳସେଚନ କରନ୍ତୁ। ସାର ପ୍ରୟୋଗର ୧ ଦିନ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନ କରି ସାର ପ୍ରୟୋଗର ୪୮ ଘଣ୍ଟା ପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ। ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତ୍ରରେ ୩-୫ ସେ.ମି. ପାଣି ବାନ୍ଧି ରଖନ୍ତୁ। ଧାନକେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ।

**ଗହମ :** ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ। ଅମଳ ପରେ ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ।

**ତୈଳବୀଜ ଫସଲ**

**ଚିନାବାଦାମ :** ଚିନାବାଦାମ ଫସଲ ଅମଳକରି ୨-୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତି ରଖନ୍ତୁ। ଆର୍ଦ୍ରତା କମାଇବା ଏବଂ ପୋକ ନ ଲାଗିବା ପାଇଁ ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ।

**ସୂର୍ଯ୍ୟମୁଖୀ :** ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍.ଏଲ୍.) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୨.୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।

**ପନିପରିବା :** ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇପାରିବ। ପୋଟଳଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ। ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇଯାଇଥାଏ। ମାଟିର ବତର ଦେଖି ପାଣି ଦିଅନ୍ତୁ। ତରଭୁଜ ପାଚିଲା ପରେ ତୋଳନ୍ତୁ। ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ।

**ଗୋପାଳନ :** ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ। ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ଉତ୍ତାପରୁ ରକ୍ଷା କରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ପିଇବାକୁ ଦିଅନ୍ତୁ। ଅଧିକ ଗରମରୁ ରକ୍ଷା ପାଇଁ ଗାଈମାନଙ୍କୁ ଦିନ ୧୨ଟାରେ ଥରେ ଓ ଦିନ ୪ଟା ବେଳକୁ ଆଉ ଥରେ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତୁ।

**ଛେଳି ଓ ମେଣ୍ଢା ପାଳନ :** ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଛେଳି ଓ ମେଣ୍ଢାମାନଙ୍କୁ ପଶୁଡାକ୍ତରଙ୍କୁ ଯୋଗାଯୋଗ କରି ନିଶ୍ଚିତ ଭାବେ ଦିଅନ୍ତୁ। ଛେଳି ଓ ମେଣ୍ଢାମାନଙ୍କୁ ସକାଳ ୬ ଘଟିକାଠାରୁ ୧୦ ଘଟିକା ଓ ଅପରାହ୍ନ ୪ ଘଟିକାଠାରୁ ୬ ଘଟିକା ପର୍ଯ୍ୟନ୍ତ ଚରିବାକୁ ବାହାରକୁ ଛାଡ଼ନ୍ତୁ। ଗୁହାଳରେ ଯଥେଷ୍ଟ ପରିମାଣରେ ଥଣ୍ଡା ପାଣି ରଖନ୍ତୁ। ଛେଳି ଓ ମେଣ୍ଢାମାନଙ୍କୁ ନିକଟସ୍ଥ ପଶୁଡାକ୍ତରଙ୍କ ପରାମର୍ଶରେ କୃମିନାଶକ ଔଷଧ ଦିଅନ୍ତୁ। ଏହି ମାସରେ ଛେଳି ଓ ମେଣ୍ଢାମାନେ ଚରିଲେ ମଧ୍ୟ ଯଥେଷ୍ଟ ଘାସ ପାଇ ନ ଥାନ୍ତି। ତେଣୁ ଛେଳି ବା ମେଣ୍ଢା ପିଛା ୧୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ଏବଂ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ।

**ଛତୁଚାଷ :** ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ।

**ମାଛ :** ୧ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତ୍ୟେକ ଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆ କୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏଁ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,ଓୟୁଏଟି, ଭୁବନେଶ୍ୱର-୩

## ଡାଲି ଜାତୀୟ ଫସଲରେ ଜଳସେଚନ

**ଖ**ରାଟିଆ ମୁଗରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟକାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ। ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ ରୋଗ, ସାହେବୀ ରୋଗ ଆଦି ଲାଗିବା ସମ୍ଭାବନା ରହିଛି। ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ। ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ୍ ବା ୧୨୫ ମି.ଲି. ଫାଣ୍ଟାକ୍କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ।



## ବତକଙ୍କୁ ନାଳରକ୍ତ ଝାଡ଼ା ହେଲେ



**କୁ**କୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ। ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ା ଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ। ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ। ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ। ୨ମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପଶୁଡାକ୍ତରଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।

## ହଳଦୀ ଲଗାଇବା ପୂର୍ବରୁ



**ରୋ**ମା, ସୁରମା,ରଙ୍ଗ,ରଶି ନାମରେ ଚାରୋଟି ହଳଦୀ କିସମ ଆମ ରାଜ୍ୟ ପାଇଁ ଉପଯୁକ୍ତ। ଏକ ଏକର ଜମି ପାଇଁ ୮-୧୦କୁଇଣ୍ଟାଲ ହଳଦୀ ଦରକାର ହୁଏ। ଏହି ଖଣ୍ଡଗୁଡ଼ିକୁ ୨-୩ଟି ଆଖି ଥାଇ ୨୦ରୁ ୨୫ଗ୍ରାମ ଓଜନର ହଳଦୀ ମୁଣ୍ଡା ଓ ଏଥିରୁ ବାହାରିଥିବା ପ୍ରଥମ ପୁଆ ବିହନ ଆକାରରେ ଲଗାନ୍ତୁ। ଜମିକୁ ଗୁଣ୍ଡଚାଷ କରି ଏକ ମିଟର ଓସାର, ୧୫ସେ.ମି. ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା ରଖି ପଟାଳିମାନ କରନ୍ତୁ। ଲଗାଇବା ପୂର୍ବରୁ ପ୍ରତି ୧୦ ଲିଟର ପାଣିରେ ୪୦ଗ୍ରାମ ମାଙ୍କୋଜେବ୍ ଗୁଣ୍ଡ,୧୦ଗ୍ରାମ୍ କାର୍ବେଣ୍ଡାଜିମ୍ ଗୁଣ୍ଡ ଓ ୫ ମିଲି ମାଲାଥିଅନ୍ ଗୋଳାଇ ଏଥିରେ ପ୍ରାୟ ୫୦କି.ଗ୍ରା. ହଳଦୀକୁ ବିଶୋଧନ କରନ୍ତୁ। ଏହାପରେ ବିହନକୁ ଛାଇରେ ଶୁଖାନ୍ତୁ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ୧୦ଗାଡ଼ି (୫ଟନ) ଓ ହଳଦୀ ଲଗାହେବା ପରେ ସିଆର ଓ ପଟାଳିରେ ୧୦ଗାଡ଼ି ଗୋବର ଖତ ଦିଅନ୍ତୁ। ଏକର ପ୍ରତି ୨୪କି.ଗ୍ରା. ଯବକ୍ଷାରଜାନ, ୧୨କି.ଗ୍ରା. ଫସ୍‌ଫରସ୍, ୩୬ କି.ଗ୍ରା. ପଟାସ ୩ଥରରେ ଦିଅନ୍ତୁ। ପ୍ରଥମ ଥର ସମୁଦାୟ ସୁପର ଫସ୍‌ଫେଟ ଓ ଅଧା ମ୍ୟୁରିଏଟ ଅଫ୍ ପଟାସ ଦେଇ ହଳଦୀ ଲଗାନ୍ତୁ।

## ରଜନୀଗନ୍ଧା ୩୦ଦିନର ହୋଇଥିଲେ...



**ଆ**ଗରୁ ଲଗାଯାଇଥିବା ରଜନୀଗନ୍ଧା ୩୦ଦିନର ହୋଇଯାଇଥିଲେ ଏକର ପ୍ରତି ୮୫କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ। ରଜନୀଗନ୍ଧା ନ ଲଗାଇଥିଲେ ଏହା ମେ ମାସ ପର୍ଯ୍ୟନ୍ତ ଲଗାଇପାରିବେ। କୋଲକାତା ସିଙ୍ଗଲ, ଶ୍ରୀଙ୍ଗାର, କୋଏମ୍ବାଟୋର ସିଙ୍ଗଲ୍ ଓ ସୁହାସିନୀ (ଡବଲ) ଆଦି କିସମ ଲଗାନ୍ତୁ। ବୁଣିବା ପୂର୍ବରୁ ଅନୁମୋଦିତ ସାରର (ଏକର ପ୍ରତି ୧୭୦କି.ଗ୍ରା. ଯବକ୍ଷାରଜାନ,୮୦କି.ଗ୍ରା. ଫସ୍‌ଫରସ ଓ ୮୦କି.ଗ୍ରା. ପଟାସ ସାର)ର ସବୁତକ ଫସ୍‌ଫରସ୍ ଓ ପଟାସ ସାର ପ୍ରୟୋଗ କରନ୍ତୁ। ଏକର ପ୍ରତି ପ୍ରାୟ ୪୦,୦୦୦କନ୍ଦା ଆବଶ୍ୟକ। କନ୍ଦାଗୁଡ଼ିକ ୨.୫ସେ.ମି. ବ୍ୟାସ ବିଶିଷ୍ଟ ହୋଇଥିବା ଦରକାର। ଶୀତଳ ଭଣ୍ଡାରରେ ୪-୫ ଡିଗ୍ରୀ ସେଲସିଅସ୍‌ରେ ରହିଥିବା କନ୍ଦାଗୁଡିକ ଭଲ ଗଜା ହୋଇଥାଏ। ସୂତ୍ରଜୀବପ୍ରବଣ ଅଞ୍ଚଳରେ ଲଗାଇବା ପୂର୍ବରୁ ଏକର ପ୍ରତି ୧୬୦କି.ଗ୍ରା. ନିମ୍ବ ପିଡ଼ିଆ ପ୍ରୟୋଗ କରନ୍ତୁ।

# ମାଈ ଘୁଷୁରି ପ୍ରଜନନ

(ଶେଷ ଭାଗ)

**ଗର୍ଭଧାରଣର ସମୟ ଓ ପରିଚାଳନା :** ଘୁଷୁରିମାନଙ୍କର ଗର୍ଭଧାରଣର ସମୟ ୫୧୪ଦିନ ହୋଇଥାଏ। ଏହାକୁ ସହଜ ଉପାୟରେ '୩ ମାସ+୩ ସପ୍ତାହ+୩ଦିନ' ମନେ କରାଯାଇପାରିବ। କୃତ୍ରିମ ବା ପ୍ରାକୃତିକ ସଙ୍ଗମ/ପ୍ରଜନନ ହେବାର ୩ସପ୍ତାହ ମଧ୍ୟରେ ଗରମକୁ ନ ଆସିଲେ ମାଈ ଘୁଷୁରି ଗର୍ଭଧାରଣ କରିଛି ବୋଲି ଆଶା କରାଯାଇଥାଏ। ଗର୍ଭଧାରଣର ପ୍ରଥମ ୨୫ଦିନ ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ସମୟରେ ମାଈ ଘୁଷୁରିଙ୍କୁ ଅଧିକ ଏବଂ ଉତ୍ତମ ପୋଷଣ ଦେବା ଅତି ଆବଶ୍ୟକ। ମାଈ ଘୁଷୁରିମାନେ ୪ ଥର ଗର୍ଭଧାରଣ କରିବା ପରେ ୫,୬,୭ ଗର୍ଭଧାରଣରେ ଅଧିକ ପିଲା ଜନ୍ମ କରିବା ବୈଜ୍ଞାନିକମାନେ ଘୋଷଣା କରିଛନ୍ତି। ହିସାବ କରାଯାଇଥିବା ପିଲା ଜନ୍ମ ତାରିଖର ୩ ଦିନ ଆଗରୁ ମାଈ ଘୁଷୁରିମାନଙ୍କୁ ଉପଯୁକ୍ତ ପିଲା ଜନ୍ମ କରିବା କୋଠରିକୁ ନିଆଯାଇଥାଏ। ଯେଉଁଠି ନିର୍ଦ୍ଦିଷ୍ଟ କୋଠରି ନାହିଁ, ମାଈ ଘୁଷୁରି ପିଲା ଜନ୍ମ କରିବାର ସ୍ଥାନ ନିଜେ ବାଛିଥାଏ। ଏହି ସ୍ଥାନକୁ ସବୁବେଳେ ସଫା ଏବଂ ଶୁଷ୍କ ରଖିବା ଦରକାର। ଗର୍ଭଧାରଣ କରିଥିବା ଘୁଷୁରି ପାଇଁ ଉପଯୁକ୍ତ ବିଛଣା ମଧ୍ୟ ପ୍ରସ୍ତୁତ କରିବା ଦରକାର। ମୁଖ୍ୟତଃ ରାତି ସମୟରେ ଘୁଷୁରିମାନେ ପିଲା ଜନ୍ମକରିବା ବୈଜ୍ଞାନିକମାନେ ପ୍ରମାଣ କରିଛନ୍ତି। ସ୍ୱାଇନ୍ ଫିଭର ରୋଗର ଟିକାକରଣ ଗର୍ଭଧାରଣର ପ୍ରଥମ ମାସରେ କରାଯାଇ ନ ଥାଏ। ଉପଯୁକ୍ତ ପରିମାଣରେ ଜୀବସାର 'କ' ଏବଂ କ୍ୟାଲ୍‌ସିୟମ ଦେବା ଦ୍ୱାରା ଘୁଷୁରିଗୁଡ଼ିକ ପିଲା ନଷ୍ଟ ନ କରିବାରେ ସମର୍ଥ ହୋଇଥାଆନ୍ତି। ଗୋଟିଏ ଥର ପିଲା ଜନ୍ମ ମଧ୍ୟରେ ୮-୧୦ ବା ତଦୂର୍ଦ୍ଧ୍ୱ ପିଲା ଜନ୍ମ ହୋଇଥାଆନ୍ତି। ଅନ୍ତର୍ଜନନ ପ୍ରକ୍ରିୟା ଦ୍ୱାରା ପିଲା ଜନ୍ମ ହେବାର ମାତ୍ରା କମିଯାଇଥାଏ। ଘୁଷୁରି ପାଳନ କରୁଥିବା ବ୍ୟକ୍ତିମାନେ ଅତିକମ୍‌ରେ ବର୍ଷକୁ ଦୁଇ ଥର ମାଈ ଘୁଷୁରିମାନଙ୍କଠାରୁ ପିଲା ଜନ୍ମ କରାଇବାରେ ସକ୍ଷମ ହେବା ଉଚିତ। ଏହାଦ୍ୱାରା ଅଧିକରୁ ଅଧିକ ଲାଭ ମିଳିପାରିଥାଏ। ଗ୍ରୀଷ୍ମ ପ୍ରବାହ, ଶାରୀରିକ ଚାପ ଦ୍ୱାରା ଗର୍ଭଧାରଣ କରିଥିବା ଘୁଷୁରିମାନଙ୍କର ଭ୍ରୂଣ ନଷ୍ଟ ହୋଇଥାଏ। ଏହା ମୁଖ୍ୟତଃ ଗର୍ଭଧାରଣ କରିବାର ପ୍ରଥମ ୨୫ଦିନ ମଧ୍ୟରେ ହୋଇଥାଏ। ମୃତ ସନ୍ତାନ ଜନ୍ମ କରିବା ମାଈ ଘୁଷୁରିମାନଙ୍କର ନାକାରାତ୍ମକ ଗୁଣ। ଠିକ୍ ଭାବରେ ଗର୍ଭଧାରଣ ସମୟରେ ପରିଚାଳନା କରିବା ଦ୍ୱାରା ଏହି ସମସ୍ୟାକୁ କମ୍ କରାଯାଇପାରିବ। ଋତୁଗୁଡିକ ମଧ୍ୟରେ ବସନ୍ତଋତୁରେ ସବୁଠାରୁ ଅଧିକ ପିଲା ଜନ୍ମ ହୋଇଥାଆନ୍ତି। ଗ୍ରୀଷ୍ମ ପ୍ରବାହ ତୁଳନାରେ ଶୀତ ଚାପର ମାତ୍ରା ଅଳ୍ପ କ୍ଷତି କରିଥାଏ। ଅତିକମ୍‌ରେ ୪ଟି ଭ୍ରୂଣ ଗର୍ଭରେ ରହିଲେ ଗର୍ଭଧାରଣ ଠିକ୍ ଭାବରେ ହୋଇଥାଏ। ସେହିପରି ଅତିବେଶିରେ ୧୪ଟି ଭ୍ରୂଣରୁ ଅଧିକ ରହିବା ଭ୍ରୂଣର ବିକାଶ ଉପରେ ଚାପ ପକାଇଥାଏ। ମାଈ ଘୁଷୁରିମାନଙ୍କର ବନ୍ଧ୍ୟାତ୍ୱ ମୁଖ୍ୟତଃ ଦୁଇଟି କାରଣରୁ ହୋଇଥାଏ। ପ୍ରଥଟି ହେଲା- ଡିମ୍ବମୟ ନଳୀରେ ଅବରୋଧ ଏବଂ ଦ୍ୱିତୀୟଟି ଡିମ୍ବାଶୟରେ ମୁଣି ସୃଷ୍ଟି ହୋଇ ପାଣି ଜମିବା। ଏହାକୁ ବାଦ୍ ଦେଲେ ବ୍ରମେଲା ସୁଇସ୍ ନାମକ ଏକ ବୀଜାଣୁ ମାଈ ଘୁଷୁରିମାନଙ୍କ ବନ୍ଧ୍ୟାତ୍ୱ ଅବସ୍ଥା କରିଥାଏ।



ଘୁଷୁରି ପାଳନ ଏକ ଲାଭଜନକ ବ୍ୟବସାୟ। ଅଳ୍ପ ଖର୍ଚ୍ଚରେ ଏହି ଚାଷରେ ଅଧିକରୁ ଅଧିକ ଲାଭ ମିଳିଥାଏ। ଯେଉଁ ଅଞ୍ଚଳରେ ଘୁଷୁରି ମାଂସର ଚାହିଦା ରହିଛି ସେଠାରେ ଘୁଷୁରି ପାଳନ ପାଇଁ ସରକାରଙ୍କ ତରଫରୁ ଅଧିକ ପ୍ରୋତ୍ସାହନ ଦିଆଯାଉଛି। ଏ ବିଷୟରେ ଅଧିକ ଜାଣିବା ପାଇଁ ନିକଟରେ ଥିବା ପ୍ରାଣୀ ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସକମାନଙ୍କ ସହ ପରାମର୍ଶ କରିବା ଉଚିତ। ଆମ ଦେଶରେ ଘୁଷୁରି ପାଳନ ମାତ୍ରା ଧୀରେ ଧୀରେ ବୃଦ୍ଧି ହେବାକୁ ଲାଗିଛି।

**-ଡା. ହିମାଂଶୁ ବେହେରା,** ସହକାରୀ ପ୍ରାଧ୍ୟାପକ, ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗ, ଓୟୁଏଟି, ଭୁବନେଶ୍ୱର

# ଆଥ୍ଲେଟଙ୍କୁ ସହାୟତା ଉପରେ ସଂସଦୀୟ କମିଟିର ଗୁରୁତ୍ୱ

ନୂଆଦିଲ୍ଲୀ,୨୮।୩(ପି.ଟି.)

ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ କ୍ରୀଡା ବଜେଟରେ ଅଭିବୃଦ୍ଧି କରାଯାଇଥିବାରୁ ଏସିଆନ୍ ଗେମ୍ସ ୨୦୨୩ ଓ ପ୍ୟାରିସ୍ ୨୦୨୪ ଅଲିମ୍ପିକ୍ସ ପ୍ରସ୍ତୁତିରେ ଆଥଲେଟମାନଙ୍କୁ ପ୍ରଶିକ୍ଷଣ ଆବଶ୍ୟକ ଅର୍ଥ ପ୍ରଦାନ କରିବାକୁ ପରାମର୍ଶ ଦେଇଛି ସଂସଦୀୟ ଷ୍ଟାଣ୍ଡିଂ କମିଟି। ୨୦୨୩-୨୪ ବର୍ଷ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବଜେଟରେ ୨୨.୦୮ ପ୍ରତିଶତର ଅଭିବୃଦ୍ଧି କରାଯାଇଛି। ଏସିଆନ୍ ଗେମ୍ସ ଓ ପ୍ୟାରିସ୍ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ଏହି ଅଭିବୃଦ୍ଧି ଘୋଷଣା କରାଯାଇଛି। ଏହି ଅର୍ଥର ୭୨.୪୯ ପ୍ରତିଶତ କ୍ରୀଡା ବିକାଶ ପାଇଁ ଖର୍ଚ୍ଚ ହେବ ଓ ଅନ୍ୟାନ୍ୟ ୨୭.୫୧ ପ୍ରତିଶତ ଯୁବ ବ୍ୟାପାରରେ ଖର୍ଚ୍ଚ ହେବ। ବଜେଟରେ ପୂର୍ବ ନିର୍ଦ୍ଧାରିତ ଅର୍ଥଠୁ ଅଧିକ ଅର୍ଥ ମଞ୍ଜୁର କରାଯାଇଥିବା ବେଳେ ଏହାକୁ ଉପଯୁକ୍ତ ଆଥଲେଟଙ୍କ ଉପରେ ଖର୍ଚ୍ଚ କରିବା ପାଇଁ ସଂସଦୀୟ ଷ୍ଟାଣ୍ଡିଂ କମିଟି ପରାମର୍ଶ ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ଚୀନାର ହାଙ୍ଗ ଝୌରେ ଏସିଆନ୍ ଗେମ୍ସ ଖେଳାଯିବାକୁ ଥିବା ବେଳେ ୨୦୨୪ରେ ପ୍ୟାରିସ୍‌ରେ ଅଲିମ୍ପିକ୍ସ ଓ ପାରାଲିମ୍ପିକ୍ସ ଅନୁଷ୍ଠିତ ହେବ।

**ଏସିଆନ୍ ଗେମ୍ସ ଓ ଅଲିମ୍ପିକ୍ସ ପ୍ରସ୍ତୁତି**

କ୍ରୀଡା ପାଇଁ ପ୍ରସ୍ତୁତ ବଜେଟର ୭୨.୫୦ ପ୍ରତିଶତ ଅର୍ଥ ଭାରତୀୟ କ୍ରୀଡା ପ୍ରାଧିକରଣ(ସାଇ) ଓ ଖେଲୋ ଇଣ୍ଡିଆ ପାଇଁ ରହିଛି। ଖେଲୋ ଇଣ୍ଡିଆ ପାଇଁ ୧୦୦୦ କୋଟିର ବ୍ୟୟବରାଦ ରହିଥିବା ବେଳେ ସାଇ ପାଇଁ ୭୮୫.୫୨ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଉଲ୍ଲେଖଯୋଗ୍ୟ ଯେ, କ୍ରୀଡା ବିଭାଗର ସମୁଦାୟ ବଜେଟର ପରିମାଣ ହେଉଛି ୨୪୬୨.୫୯ କୋଟି। ଏହି ଦୁଇଟି ବିଭାଗ ନିକଟରେ ଅଲଗା ଦାୟିତ୍ୱ ରହିଥିବା ବେଳେ ଖେଳାଳିଙ୍କ ପ୍ରଶିକ୍ଷଣର ତଦାରଖ ପାଇଁ ଏକ ସ୍ୱତନ୍ତ୍ର ବିଭାଗ ଗଠନ ପାଇଁ ପରାମର୍ଶ ଦେଇଛି ଷ୍ଟାଣ୍ଡିଂ କମିଟି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଓ କ୍ରୀଡା ମନ୍ତ୍ରଣାଳୟ ପରସ୍ପର ସହ ସମନ୍ୱୟ ରକ୍ଷା କରି ଏକ ସ୍ୱତନ୍ତ୍ର ବିଭାଗ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ ନୂତନ ବିଭାଗ ସୃଷ୍ଟି ହେବା ଦ୍ୱାରା ଭବିଷ୍ୟତରେ ଅର୍ଥ ମଞ୍ଜୁର ପାଇଁ ମଧ୍ୟ କୌଣସି ସମସ୍ୟା ରହିବ ନାହିଁ ବୋଲି କମିଟି ମତ ଦେଇଛି। ଉତ୍ତର ପୂର୍ବାଞ୍ଚଳ(ନର୍ଥ ଇଷ୍ଟ) ରାଜ୍ୟ ସମୂହରେ ଖେଲୋ ଇଣ୍ଡିଆର ଅର୍ଥ ବ୍ୟାପକ ଭାବରେ ବିନିଯୋଗ ହୋଇପାରୁ ନ ଥିବା ବେଳେ ଏହି ସମସ୍ୟା ଦୂର କରିବାକୁ ପରାମର୍ଶ ଦିଆଯାଇଛି। ଖେଲୋ ଇଣ୍ଡିଆ ଗେମ୍ସ ଓ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ମାଧ୍ୟମରେ ଏହି ତାରତମ୍ୟକୁ ହ୍ରାସ କରିବା ପାଇଁ ପରାମର୍ଶ ଦେଇଛି କମିଟି। ଖେଲୋ ଇଣ୍ଡିଆକୁ ସମଗ୍ର ଦେଶରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ଆରମ୍ଭ କରାଯାଇଥିବା ବେଳେ ଏଥିରେ ରହିଥିବା ସମସ୍ତ ଅବ୍ୟବସ୍ଥାକୁ ଦୂର କରିବା ପାଇଁ ମଧ୍ୟ କମିଟି ପରାମର୍ଶ ଦେଇଛି।

# ଜାତୀୟ ସିନିୟର ଥ୍ରୋ ବଲ୍: ଓଡ଼ିଶାକୁ ବ୍ରୋଞ୍ଜ




ଜାତୀୟ ସିନିୟର ଥ୍ରୋ ବଲ୍‌ରେ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶା ପୁରୁଷ ଦଳ।

ଭୁବନେଶ୍ୱର, ୨୮।୩
(କ୍ରୀଡ଼ା ପ୍ରତିନିଧି)

ବିହାରର ଗୋପାଳଗଞ୍ଜଠାରେ ଅନୁଷ୍ଠିତ ୪୪ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ନିଜ ପୁଲ୍‌ରେ ସମସ୍ତ ମ୍ୟାଚ ଜିତି ଓଡ଼ିଶା କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ସେଥିରେ ହରିୟାଣାକୁ ୨-୧ ସେଟ୍‌ରେ ହରାଇ ସେମିଫାଇନାଲରେ ପହଞ୍ଚିଥିଲା। ଏହି ପର୍ଯ୍ୟାୟରେ ୬ ଥର ବିଜେତା ଦିଲ୍ଲୀ ନିକଟରୁ ଓଡ଼ିଶା ୦-୨ରେ ହାରି ଯାଇଥିଲା। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଆୟୋଜକ ବିହାରକୁ ହରାଇ ରାଜ୍ୟ ପୁରୁଷ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା ବୋଲି ଓଡ଼ିଶା ରାଜ୍ୟ ଥ୍ରୋ ବଲ୍ ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ପ୍ରକାଶ କରିଛନ୍ତି।

# ସନ୍ତୋଷ କଶ୍ୟପ ଓଏଫ୍‌ସିର ସହକାରୀକୋଚ୍ ନିଯୁକ୍ତ

ଭୁବନେଶ୍ୱର,୨୮।୩
(ସ୍ପୋର୍ଟ୍ସ ବ୍ୟୁରୋ)




ପୂର୍ବତନ ଭାରତୀୟ ଖେଳାଳି ସନ୍ତୋଷ କଶ୍ୟପଙ୍କୁ ମଙ୍ଗଳବାର ଓଡ଼ିଶା ଏଫ୍‌ସି(ଓଏଫ୍‌ସି)ର ସହକାରୀ କୋଚ୍ ଭାବରେ ନିଯୁକ୍ତ କରାଯାଇଛି। ଚଳିତ ସିଜନ ପାଇଁ ମିରାଣ୍ଡା କ୍ଲିଫର୍ଡଙ୍କୁ ମୁଖ୍ୟ କୋଚ୍ ଭାବରେ ପୂର୍ବରୁ ନିଯୁକ୍ତ କରାଯାଇଥିଲା। ୫୬ ବର୍ଷୀୟ ଏହି ପୂର୍ବତନ ଭାରତୀୟ ଖେଳାଳି ଏକାଧିକ ଭାରତୀୟ କ୍ଲବର ମ୍ୟାନେଜର ଦାୟିତ୍ୱ ନିର୍ବାହ କରିଛନ୍ତି। ଆଇ ଲିଗ୍ ଓ ଆଇଏସ୍‌ଏଲ୍‌ରେ ସେ ଏକାଧିକ ଦଳର ପ୍ରଶିକ୍ଷକ ଭାବରେ କାମ କରିଛନ୍ତି। ମୋହନବାଗାନ, ମୁମ୍ବାଇ ଏଫ୍‌ସି ଓ ଆଇଜଲ୍ ଏଫ୍‌ସି ପରି ଦଳର ସେ କୋଚ୍ ରହିଛନ୍ତି। ଓଏଫ୍‌ସିରେ ଯୋଗଦାନକୁ ନେଇ କଶ୍ୟପ ବେଶ୍ ଉତ୍ସାହିତ ଥିବା କହିଛନ୍ତି। ଦଳର ଖେଳାଳି ଓ କୋଚ୍ ମାନଙ୍କ ସହିତ ମିଶି ହିରୋ ସୁପର୍ କପ୍‌ରେ ଭଲ ପ୍ରଦର୍ଶନ ପ୍ରଥମ ଲକ୍ଷ୍ୟ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଓଏଫ୍‌ସିର ଭିତ୍ତିଭୂମିକୁ ମଧ୍ୟ ସେ ବେଶ ପ୍ରଶଂସା କରିଛନ୍ତି। ଏକ ଶକ୍ତିଶାଳୀ ଟିମ୍ ଗଠନ ପାଇଁ ମ୍ୟାନେଜମେଣ୍ଟ ବଦ୍ଧ ପରିକର ବୋଲି ସେ କହିଛନ୍ତି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ